


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-126 ◆SUNDAY ◆2 NOVEMBER 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୧୨୬ ◆ରବିବାର ◆୨ ନଭେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୂରା ସହ)


# ମନ୍ଦିରରେ ଦଳାଚକଟା ୧୨ ଶ୍ରଦ୍ଧାଳୁ ମୃତ





**୨୫ରୁ ଊର୍ଦ୍ଧ୍ୱ ଲୋକ ଆହତ**

■ **ଶ୍ରୀକାକୁଲମ, ୧।୧୧ (ଏଜେନ୍ସି):** ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍‌ସ୍ଥିତ ଭେଙ୍କଟେଶ୍ୱର ମନ୍ଦିରରେ ପ୍ରବଳ ଭିଡ଼ ଯୋଗୁଁ ଦଳାଚକଟାରେ ୧୨ ଜଣ ଭକ୍ତ ପ୍ରାଣ ହରାଇଥିବା ବେଳେ ୫୦ରୁ ଅଧିକ ଆହତ ହୋଇଛନ୍ତି। ପ୍ରାଣ ହରାଇଥିବା ଭକ୍ତଙ୍କ ମଧ୍ୟରେ ମଧ୍ୟରେ ୮ ମହିଳା ଓ ୨ ଜଣ ଶିଶୁ ଅଛନ୍ତି। ବେସରକାରୀ ସଂସ୍ଥା ଦ୍ୱାରା ପରିଚାଳିତ ଏହି ମନ୍ଦିରରେ ଏକକାଳୀନ ଦର୍ଶନ ପାଇଁ ୫ ହଜାର ଲୋକଙ୍କର ବ୍ୟବସ୍ଥା ଥିବା ବେଳେ ଆଜି ପ୍ରାୟ ୨୫ ହଜାର ଲୋକଙ୍କର ସମାଗମ ହୋଇଥିଲା। ଭିଡ଼ ଅସମ୍ଭାଳ ହୋଇପଡ଼ିବାରୁ ଏଭଳି ଦୁର୍ଭାଗ୍ୟପୂର୍ଣ୍ଣ ଘଟଣା ଘଟିଥିବା କୁହାଯାଉଛି। ରାଜ୍ୟ ସରକାର ଏହାର ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ବର୍ଷ ଆନ୍ଧ୍ର ▶ପୃଷ୍ଠା-୭

## ଆଖିବୁଜିଲେ ପାତ୍ରପୁର ଝିଅ ରୁପା

■ **ପାତ୍ରପୁର, ୧।୧୧ (ସମିସ):** ଆନ୍ଧ୍ରପ୍ରଦେଶ ଭେଙ୍କଟେଶ୍ୱର ମନ୍ଦିର ଦଳାଚକଟାରେ ପ୍ରାଣ ହରାଇଥିବା ୧୨ଶ୍ରଦ୍ଧାଳୁଙ୍କ ମଧ୍ୟରେ ଓଡ଼ିଶାର ଜଣେ ଯୁବତୀ ଅଛନ୍ତି। ସେ ହେଲେ, ଗଞ୍ଜାମ ଜିଲ୍ଲା ପାତ୍ରପୁର ଗୁଡ଼ିପଦର ଗ୍ରାମର ଆର. ଦିଲେଶଙ୍କ ଝିଅ ଆର. ରୁପା (୨୧)। ଗ୍ରାମର କିଛି ଲୋକଙ୍କ ସହ ରୁପା ଉକ୍ତ ମନ୍ଦିରକୁ ଯାଇଥିଲେ। ସେଠାରେ ଦଳାଚକଟାରେ ରୁପାଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟମାନେ ସୁରକ୍ଷିତ ଥିବା ଜଣାପଡ଼ିଛି। ଏହି ଖବର ଜଣାପଡ଼ିବା ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ଖବର ପାଇ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରା ଓ ସାଂସଦ ▶ପୃଷ୍ଠା-୭

# ମହିଳା ବିଶ୍ୱକପ୍ କ୍ରିକେଟ ଗ୍ରାଣ୍ଡ ଫାଇନାଲ ଆଜି

## ଭାରତ-ଦ.ଆଫ୍ରିକା ମହାମୁକାବିଲା




■ **ନଭି ମୁମ୍ବଇ, ୧।୧୧ (ଏଜେନ୍ସି):** ଆସନ୍ତାକାଲି ବା ରବିବାର ଏଠାରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ମହିଳା ଦିନିକିଆ ବିଶ୍ୱକପ୍ କ୍ରିକେଟର ଫାଇନାଲ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟର ୧୩ତମ ସଂସ୍କରଣରେ ପ୍ରଥମଥର ଇଂଲଣ୍ଡ କିମ୍ବା ଅଷ୍ଟ୍ରେଲିଆ ଫାଇନାଲ ଖେଳିବାକ ଯୋଗ୍ୟତା ଅର୍ଜନ କରିନାହାନ୍ତି। ସେମିଫାଇନାଲରେ ଦକ୍ଷିଣ ଆଫ୍ରିକା ୧୨୫ ରନ୍‌ରେ ଇଂଲଣ୍ଡକୁ ଓ ଭାରତ ୫ ୱିକେଟରେ ୭ଥର ଏବଂ ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆକୁ ପରାସ୍ତ କରି ବିଶ୍ୱ ମହିଳା କ୍ରିକେଟର ସର୍ବଶ୍ରେଷ୍ଠ ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଦକ୍ଷିଣ ଆଫ୍ରିକାର ଏହା ପ୍ରଥମ ଓ ଭାରତର ତୃତୀୟ ଫାଇନାଲ। ୨୦୦୫ ଓ ୨୦୧୭ରେ ଭାରତ ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। ଏହାର ଅର୍ଥ ଆସନ୍ତାକାଲି ଫାଇନାଲରେ ଯେଉଁ ଦଳ ବିଜୟୀ ହେବ ସେହି ଦଳ ପ୍ରଥମଥର ମହିଳା ଦିନିକିଆ ବିଶ୍ୱକପ୍ କ୍ରିକେଟ ଚାମ୍ପିଅନ ହେବ। ଏହି ଗ୍ରାଣ୍ଡ ଫାଇନାଲ ମୁକାବିଲାଟି ବେଶ ରୋମାଞ୍ଚକର ହେବ ବୋଲି ଆଶା କରାଯାଉଛି।

# ଯୁବତୀଙ୍କୁ ଗଣଦୁଷ୍କର୍ମ; ୨ ଅଟକ



■ **ସୋନପୁର, ୧।୧୧ (ସମିସ):** ସୁବର୍ଣ୍ଣପୁର ଜିଲ୍ଲାର ଏକ ଶିକ୍ଷାନୁଷ୍ଠାନ ପଛରେ ଜଣେ ଯୁବତୀଙ୍କୁ ଗଣଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ବୀରମହାରାଜପୁର ଥାନା ଅଧୀନ ଧର୍ମଶାଳା ଅଞ୍ଚଳରେ ଏକ ଗାଡ଼ି ଶୋ'ରୁମ୍‌ରେ ଯୁବତୀ ଜଣକ କାମ କରନ୍ତି। ଶୁକ୍ରବାର ସନ୍ଧ୍ୟାରେ କାମସାରି ଘରକୁ ଫେରୁଥିବା ସମୟରେ ଏହି ଅଘଟଣ ଘଟିଥିଲା। ପୀଡିତାଙ୍କ ଅଭିଯୋଗ ପରେ ପୋଲିସ ଦୁଇ ଜଣ ସନ୍ଦିଗ୍ଧଙ୍କୁ ଅଟକ ରଖିଛି। ଅଭିଯୋଗ ଅନୁଯାୟୀ, ଏକ ଅଟୋମୋବାଇଲ୍ ସେବା କେନ୍ଦ୍ରରେ କାମ କରୁଥିବା ପୀଡିତା ଜଣକ କାମ ସାରି ଘରକୁ ଫେରୁଥିବା ସମୟରେ ଅଭିଯୁକ୍ତମାନେ ତାଙ୍କ ଉପରେ କିଛି ପଦାର୍ଥ ସ୍ପ୍ରେ କରିଥିଲେ। ସେ ଚେତାଶୂନ୍ୟ ହେବା ପରେ ସେମାନେ ଏହି ଅପରାଧ କରିଥିବା ଜଣାପଡ଼ିଛି। ଅଟକ ଦୁଇ ଜଣଙ୍କୁ ପୁଲିସ ପଚରାଉଚରା କରି ତଦନ୍ତ ଜାରି ରହିଛି।

**ଚେକ୍ ବାଉନ୍ସ ମାମଲା**

## ପୂର୍ବତନ ବ୍ୟାଙ୍କ ମ୍ୟାନେଜରଙ୍କୁ ୨ବର୍ଷ ଜେଲ୍, ୫୦ ଲକ୍ଷ ଜରିମାନା

■ **ବ୍ୟାସନଗର, ୧।୧୧ (ସମିସ):** ଯାଜପୁର ରୋଡ୍ ଅତିରିକ୍ତ ଜିଲ୍ଲା ଦୌରାଜଜ୍‌ଙ୍କ କୋର୍ଟର ସିଭିଲ ଜଜ୍ ତଥା ଫାଷ୍ଟକ୍ଲାସ୍ ମାଜିଷ୍ଟ୍ରେଟ୍ ବିରଜା ପ୍ରସାଦ ପଣ୍ଡା ଶନିବାର ଏକ ଅର୍ଥନୈତିକ ଠକେଇ ମାମଲାର ବିଚାର କରି ଅଭିଯୁକ୍ତ ପୂର୍ବତନ ଅର୍ବାନ କୋ-ଅପରେଟିଭ ବ୍ୟାଙ୍କ ମ୍ୟାନେଜର୍ ଗୌରୀପ୍ରସାଦ ଦାସକୁ ୨ବର୍ଷ ସଶ୍ରମ କାରାଦଣ୍ଡ ସହ ୫୦ ଲକ୍ଷ ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଆଉ ୨ ମାସ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ନିର୍ଦ୍ଦେଶ ରହିଛି।

ସୂଚନାଯୋଗ୍ୟ, ଯାଜପୁର ରୋଡ୍ ଆଦର୍ଶ ଥାନା ଅନ୍ତର୍ଗତ ଦଳା ମହିଳା କଲେଜ ନିକଟରେ ରହୁଥିବା ଉଦୟ ଚନ୍ଦ୍ରିକା ପେସାରେ ଜଣେ ଠିକାଦାର। ସେ ଯାଜପୁର ରୋଡ୍‌ରେ ଥିବା ଅର୍ବାନ କୋ ଅପରେଟିଭ ବ୍ୟାଙ୍କରେ ତାଙ୍କ ଠିକାଦାର କାର୍ଯ୍ୟର ଅର୍ଥନୈତିକ କାରବାର କରିଥାନ୍ତି। ଏହି ଅବସରରେ ସେଠାରେ ପରିଚାଳକ ଭାବେ କାର୍ଯ୍ୟ କରୁଥିବା ଅଭିଯୁକ୍ତ ଗୌର ପ୍ରସାଦ ଦାସ ଉଦୟ ଚନ୍ଦ୍ରିକାଙ୍କ ସଂସ୍ପର୍ଶରେ ଆସିବା ସହିତ ୨୦୧୮ ଅଗଷ୍ଟ ମାସରେ ତାଙ୍କଠାରୁ ▶ପୃଷ୍ଠା-୭

# ବ୍ୟବସାୟୀଙ୍କୁ ଅପହରଣ କରି ୨ କୋଟି ମୁଣ୍ଡ ଜାମିନ

■ **ବାରିପଦା/ବେତନଟୀ/ବୈଶିଙ୍ଗା, ୧।୧୧ (ସମିସ):** ଜଣେ ବ୍ୟବସାୟୀଙ୍କୁ ଅପହରଣ କରି ୨ କୋଟି ଟଙ୍କା ମୁଣ୍ଡ ଜାମିନ ରଖିବା ଅଭିଯୋଗରେ ମୟୂରଭଞ୍ଜ ପୁଲିସ ୪ଜଣ ଅପହର୍ତ୍ତାଙ୍କୁ ଗିରଫ କରିଛି। ସେମାନେ ହେଲେ, ବାଲେଶ୍ୱର ଜିଲ୍ଲା ରୁପ୍ସା ଥାନା ଅନ୍ତର୍ଗତ ଗଡ଼ପଦା ଗ୍ରାମର ଅର୍ମାନ ଖାଁ (୩୪), ଆଗରବେଡା ଗ୍ରାମର ରାଜେଶ ବାରିକ (୩୦), ମିରିଗିମୁଣ୍ଡି ଗ୍ରାମର ଭବେଶ ଚନ୍ଦ୍ର ବେହେରା (୧୯) ଓ ହାଟଡ଼ିହି ଗ୍ରାମର ବଳରାମ ରାଉତ (୨୦)। ସେମାନଙ୍କ ନିକଟରୁ ପୁଲିସ ୮,୬୪,୭୦୦ଟଙ୍କା, ଦୁଇଟି କାର୍, ୭ଟି ମୋବାଇଲ୍ ଓ ୪ଟି ତେଲେଙ୍ଗା କଟୁରି ଜବତ କରିଛି। ଏନେଇ ବୈଶିଙ୍ଗା ପୁଲିସ ଏକ ମାଲା ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ସେହିପରି ଏହି ଘଟଣାରେ ପୁଲିସ ଜଣେ ପ୍ରାକ୍ତନ କନେଷ୍ଟବଲଙ୍କୁ ଅଟକ ରଖି ଅଧିକ ତଦନ୍ତ ଚଳାଇଛି। ଶନିବାର ଅପରାହ୍ଣରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ମୟୂରଭଞ୍ଜ ଏସ୍‌ପି ବରୁଣ




**୪ ଗିରଫ; ୨ଟି କାର୍, ୮ ଲକ୍ଷ ଟଙ୍କା ଜବତ**

**ପ୍ରାକ୍ତନ କନେଷ୍ଟବଲ ଅଟକ**

ଗୁଣ୍ଟୁପାଲ୍ଲି ଏ ସଂପର୍କରେ ବିସ୍ତୃତ ସୂଚନା ଦେଇଛନ୍ତି। ପୁଲିସ୍ ସୂଚନାନୁଯାୟୀ, ବାରିପଦା ସହରର ଷ୍ଟେସନ୍ ବଜାର ଅଞ୍ଚଳର ▶ପୃଷ୍ଠା-୭






# ସେମିକଣ୍ଡକ୍ଟର କ୍ଷେତ୍ରରେ ଆଗେଇଲା ଓଡ଼ିଶା

## ଇନ୍‌ଫୋଭ୍ୟାଲି ଠାରେ ସିକ୍‌ସେମ୍‌ର ଭୂମି ପୂଜନ ସମାରୋହରେ ମୁଖ୍ୟମନ୍ତ୍ରୀ



**୨୦୦୦ କୋଟି ନିବେଶ, ୧୦୦୦ ନିଯୁକ୍ତି**

**ସେମିକଣ୍ଡକ୍ଟର କ୍ଷେତ୍ରରେ ଓଡ଼ିଶା ଦେଶରେ ଏକ ହବ୍ ଭାବେ ପରିଗଣିତ ହେବ: ମୁଖ୍ୟମନ୍ତ୍ରୀ**

**ଆଇ.ଆଇ.ଟି ଭୁବନେଶ୍ୱରରେ ପ୍ରତିଷ୍ଠା ହେବ 'ପାୱାର ଇଲୋକ୍ଟ୍ରୋନିକ୍ସ ହବ୍': ଅଶ୍ୱିନୀ ବୈଷ୍ଣବ**

■ **ଭୁବନେଶ୍ୱର, ୧।୧୧ (ସମିସ):** ପୂର୍ବ ସରକାର ଆରମ୍ଭ କରିଥିବା ସେମିକଣ୍ଡକ୍ଟର ଯାତ୍ରା କ୍ଷେତ୍ରରେ ଓଡ଼ିଶା ଶନିବାର ଆଉ ପାଦେ ଆଗକୁ ବଢ଼ିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଭୁବନେଶ୍ୱରର ଇନ୍‌ଫୋଭ୍ୟାଲିଠାରେ ସିକ୍‌ସେମ୍ ପ୍ରାଇଭେଟ୍ ଲିମିଟେଡର ଭୂମିପୂଜନ ସମାରୋହରେ ଯୋଗ ଦେଇଛନ୍ତି। ୨୦୦୦ କୋଟି ଟଙ୍କାର ପୁଞ୍ଜିନିବେଶରେ ଏହି ମ୍ୟାନୁଫାକ୍ଚରିଂ ୟୁନିଟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେବାଦ୍ୱାରା ପ୍ରାୟ ୧୦୦୦ ପ୍ରଫେସନାଲ(ବୃତ୍ତିଧାରୀ)ଙ୍କୁ ନିଯୁକ୍ତି ମିଳିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ନିଜ ଅଭିଭାଷଣ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସେମିକଣ୍ଡକ୍ଟର କ୍ଷେତ୍ରରେ ଓଡ଼ିଶାର ବିକାଶ ଯାତ୍ରା ଆହୁରି ମଜବୁତ୍ ହେଉଛି। ▶ପୃଷ୍ଠା-୭

# ଟ୍ରମ୍ପଙ୍କୁ କ୍ଷମା ମାଗିଲେ କାନାଡ଼ା ପ୍ରଧାନମନ୍ତ୍ରୀ କାର୍ଣ୍ଣି

ସଓଲ, ୧।୧୧(ଏଜେନ୍ସି): କାନାଡ଼ା ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣି ଶନିବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ କ୍ଷମା ମାଗିଛନ୍ତି। ଫଳରେ ଦୁଇ ନେତାଙ୍କ ମଧ୍ୟରେ ଚାଲିଥିବା ଶୀତଳ ଯୁଦ୍ଧ ଶେଷ ବୋଲି ଅନୁମାନ କରାଯାଉଛି। ଏକ ବିବାଦୀୟ ବିଜ୍ଞାପନ କାରଣରୁ ଦୁହିଁଙ୍କ ମଧ୍ୟରେ ମତପାର୍ଥକ୍ୟ ସୃଷ୍ଟି ହୋଇଥିଲା। ଏଥିରେ ପୂର୍ବତନ ଆମେରିକାର ରାଷ୍ଟ୍ରପତି ରୋନାଲ୍ଡ ରେଗାନଙ୍କ ପୁରୁଣା ଭାଷଣକୁ ବ୍ୟବହାର କରି ଟାରିଫ୍ ବିରୋଧରେ ବାର୍ତ୍ତା ଦେବାକୁ ପ୍ରୟାସ କରାଯାଇଥିଲା। ଦକ୍ଷିଣ କୋରିଆର ଗ୍ୟୁଆନଝୁ ସହରରେ ସାମ୍ବାଦିକମାନଙ୍କ ସହ କଥା ହେବା ବେଳେ କାର୍ଣ୍ଣି ଟ୍ରମ୍ପଙ୍କୁ କ୍ଷମା ମାଗିବା କଥା କହିଛନ୍ତି। ସେ ରାଗିବା ସହ ମୋ ଉପରେ ଅସନ୍ତୋଷ ଜାହିର କରିଥିଲେ। ଯଦି ଆମେରିକା ପ୍ରସ୍ତୁତ ହେବ ତେବେ ବାଣିଜ୍ୟ ନେଇ ପୁଣି କଥାବାର୍ତ୍ତା ଆରମ୍ଭ କରିବାକୁ କାନାଡ଼ା ପ୍ରସ୍ତୁତ ଅଛି ବୋଲି ସେ କହିଛନ୍ତି। ଏହି ବିବାଦୀୟ ବିଜ୍ଞାପନ କାନାଡାର ଓଣ୍ଟାରିଓ ରାଜ୍ୟ ସରକାର ପ୍ରସାରଣ କରିଥିଲେ। ଏଥିରେ ଟାରିଫ ଆମେରିକା ପାଇଁ କ୍ଷତିକାରକ ବୋଲି ରେଗାନ କହୁଥିବାର ଦେଖାଯାଇଥିଲା। ଏଥିରେ ଟ୍ରମ୍ପ ରାଗି ଯାଇଥିଲେ। ଫଳରେ ସେ କାନାଡା ଉପରେ ଅତିରିକ୍ତ ୧୦ ପ୍ରତିଶତ ଟାରିଫ ଲାଗୁ କରିଥିଲେ। ଫଳରେ କାନାଡା ଉପରେ ଆମେରିକାର ଟାରିଫ ୩୫ରୁ ୪୫ ପ୍ରତିଶତରେ ପହଞ୍ଚିଥିଲା। ଭାରତ ଓ ବ୍ରାଜିଲ ପରେ ଏହା ତୃତୀୟ ସର୍ବାଧିକ ଟାରିଫ ବିବେଚିତ ହେଉଛି।

# କେନ୍ଦ୍ର ସରକାର ହିନ୍ଦୀ ଭାଷା ଲଦି ଦେଉଛନ୍ତି: ସିଦ୍ଧରମେୟା

ବେଙ୍ଗାଲୁରୁ, ୧।୧୧(ଏଜେନ୍ସି): କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମେୟା ହିନ୍ଦୀ ଭାଷାକୁ ରାଜ୍ୟରେ ଲଦି ଦେବାକୁ କେନ୍ଦ୍ର ସରକାର ପ୍ରୟାସ କରୁଛନ୍ତି ବୋଲି ଅଭିଯୋଗ କରିଛନ୍ତି। କନ୍ନଡ଼ ଭାଷାକୁ ବିରୋଧ କରୁଥିବାର ଲୋକଙ୍କୁ ବିରୋଧ କରିବାକୁ ସେ ରାଜ୍ୟବାସୀଙ୍କୁ ଆହ୍ୱାନ ଦେଇଛନ୍ତି। କର୍ଣ୍ଣାଟକ ସ୍ଥାପନ ଦିବସର ୭୦ତମ ରାଜ୍ୟ ଉତ୍ସବ ପାଳନ ଅବସରରେ ସେ ଏହି କଥା କହିଛନ୍ତି। କର୍ଣ୍ଣାଟକ ପ୍ରତି କେନ୍ଦ୍ର ସରକାର ବୈମାତୃକ ମନୋଭାବ ପୋଷଣ କରୁଛନ୍ତି ବୋଲି ଅଭିଯୋଗ କରିଛନ୍ତି। ରାଜ୍ୟରେ ହିନ୍ଦୀ ଭାଷା ଲଦି ଦେବାକୁ କ୍ରମାଗତ ପ୍ରୟାସ କରାଯାଉଛି। ହିନ୍ଦୀ ଓ ସଂସ୍କୃତର ବିକାଶ ପାଇଁ ଅର୍ଥ ଦିଆଯାଉଛି। କିନ୍ତୁ ଦେଶର ଅନ୍ୟ ଭାଷାଗୁଡ଼ିକୁ ଜାଣିଶୁଣି ଉପେକ୍ଷା କରାଯାଉଛି। ହିନ୍ଦୀ ଓ ଇଂଲିଶ ଆମ ପିଲାମାନଙ୍କର ପ୍ରତିଭାକୁ ଦୁର୍ବଳ କରିଦେଉଛି ବୋଲି ସେ କହିଛନ୍ତି। ମାତୃଭାଷାକୁ ଶିକ୍ଷାର ମାଧ୍ୟମ କରିବାକୁ ଆଇନ୍ ତିଆରି ହେବା ଆବଶ୍ୟକ। କେନ୍ଦ୍ରକୁ ମାତୃଭାଷାରେ ଶିକ୍ଷାକୁ ବାଧ୍ୟତାମୂଳକ କରିବା ଉଚିତ ବୋଲି ସେ କହିଛନ୍ତି। ଉଲ୍ଲେଖଥାଉ କି, କର୍ଣ୍ଣାଟକ କନ୍ନଡ ଭାଷା ନେଇ ୩ଟି ଆଇନ ଜାରି କରାଯାଇଛି।

# ୩୦ ପାଲେଷ୍ଟାଇନ୍ ନାଗରିକଙ୍କ ମୃତଦେହ ଫେରାଇଲା ଇସ୍ରାଏଲ

ତେଲ ଅଭିଭ୍, ୧।୧୧(ଏଜେନ୍ସି): ଅସ୍ତ୍ରବିରତି ଚୁକ୍ତି ଅନୁସାରେ ଇସ୍ରାଏଲ ୩୦ଜଣ ପାଲେଷ୍ଟାଇନ୍ ନାଗରିକଙ୍କ ମୃତଦେହ ଗାଜାକୁ ଫେରାଇଛି ବୋଲି ଖାନ୍ ୟୁନିସ ସ୍ଥିତ ନାସେର ମେଡିକାଲ କମ୍ପ୍ଲେକ୍ସ ତରଫରୁ କୁହାଯାଇଛି। ପଣବନ୍ଦୀ ପ୍ରତିବଦଳ ଚୁକ୍ତି ଅନୁସାରେ ଇସ୍ରାଏଲ ଏହି ପଦକ୍ଷେପ ନେଇଛି ବୋଲି କୁହାଯାଇଛି। ପ୍ରଥମେ ଜଣେ ମୃତ ପଣବନ୍ଦୀଙ୍କ ବଦଳରେ ଇସ୍ରାଏଲ ୧୫ ଜଣ ପାଲେଷ୍ଟାଇନ୍‌ଙ୍କୁ ଫେରାଇବାର ଚୁକ୍ତି ହୋଇଥିଲା। ଏଥିସହ ଇସ୍ରାଏଲ ଗାଜାକୁ ମୋଟ୍ ଉପରେ ୨୨୫ ଜଣ ନାଗରିକଙ୍କୁ ମୃତ ବା ଜୀବିତ ଅବସ୍ଥାରେ ଫେରାଇ ସାରିଛି। ରେଡ୍ କ୍ରସ୍ ଏହି ମୃତଦେହଗୁଡ଼ିକୁ ନାସେର ଆଣିଥିଲା। ଅକ୍ଟୋବର ୧୦ରେ ଏହି ଅସ୍ତ୍ରବିରତି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ୨୦୨୩ ଅକ୍ଟୋବର ୭ରେ ହମାସ ଇସ୍ରାଏଲ ଉପରେ ଆକ୍ରମଣ କରିଥିଲା। ହମାସ ଏପର୍ଯ୍ୟନ୍ତ ଇସ୍ରାଏଲ ୨୦ଜଣ ପରବନ୍ଦୀଙ୍କୁ ଫେରାଇ ସାରିଛି। ହମାସ ମଧ୍ୟ ଥାଇଲାଣ୍ଡ ଓ ନେପାଳ ଜଣେ ନାଗରିକଙ୍କୁ ଫେରାଇଥିଲା। ଅବଶ୍ୟ ପୂର୍ବରୁ ହମାସ ଅସ୍ତ୍ରବିରତି ଚୁକ୍ତି ଉଲ୍ଲଂଘନ କରୁଛି ବୋଲି ଇସ୍ରାଏଲ ଅଭିଯୋଗ କରି ଗାଜାରେ ଆକ୍ରମଣ କରିଥିଲା ଓ ଏଥିରେ ୩୦ ଜଣ ମୃତ୍ୟୁବରଣ କରିଥିଲେ।

# ଦିଲ୍ଲୀର ନାମ ଇନ୍ଦ୍ରପ୍ରସ୍ଥ ହେଉ: ବିଜେପି ସାଂସଦ

ନୂଆଦିଲ୍ଲୀ, ୧।୧୧(ଏଜେନ୍ସି): ଚାନ୍ଦନୀ ଚୌକରୁ ସାଂସଦ ଭାବେ ନିର୍ବାଚିତ ହୋଇଥିବା ବିଜେପି ନେତା ପ୍ରବୀଣ ଖଣ୍ଡେଲୱାଲ୍ ରାଜଧାନୀ ଦିଲ୍ଲୀର ନାମ ପରିବର୍ତ୍ତନ କରିବାକୁ ଦାବି କରିଛନ୍ତି। ଦିଲ୍ଲୀର ନାମ ବଦଳାଇ ଏହାକୁ ଇନ୍ଦ୍ରପ୍ରସ୍ଥ ରଖିବାକୁ ସେ ପ୍ରସ୍ତାବ ଦେଇଛନ୍ତି। ଏ ନେଇ ସେ ଶନିବାର କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି। ପୁରୁଣା ଦିଲ୍ଲୀ ଷ୍ଟେସନର ନାମ ବଦଳାଇ ଇନ୍ଦ୍ରପ୍ରସ୍ଥ ଜଙ୍କସନ ଓ ଦିଲ୍ଲୀ ବିମାନବନ୍ଦରର ନାମ ବଦଳାଇ ଇନ୍ଦ୍ରପ୍ରସ୍ଥ ବିମାନ ବନ୍ଦର ରଖିବାକୁ ସେ ପ୍ରସ୍ତାବ ଦେଇଛନ୍ତି। ଭାରତର ସର୍ବ ପୁରାତନ ତଥା ପ୍ରାଚୀନ ସାଂସ୍କୃତିକ ପରମ୍ପରା ସହିତ ଦିଲ୍ଲୀ ଜଡ଼ିତ। ଦିଲ୍ଲୀ ମଧ୍ୟ ଭାରତବର୍ଷର ପ୍ରଚୀନତମ ସାଂସ୍କୃତିକ ପେଣ୍ଠସ୍ଥଳୀ ବିବେଚିତ ହେଉଛି। ଏହା କେବଳ ଏକ ମହାନଗର ନୁହଁ, ଏହା ଭାରତୀୟ ସଭ୍ୟତାର ଆତ୍ମା, ଧର୍ମ, ନୀତି ଓ ଜନକଲ୍ୟାଣ ପରମ୍ପରାର କେନ୍ଦ୍ର ରହିଆସିଛି। ଦିଲ୍ଲୀର ଇତିହାସ ମହାଭରାତର ପାଣ୍ଡବମାନଙ୍କ ସହ ଜଡ଼ିତ ରହିଆସିଛି। ପାଣ୍ଡବମାନେ ଯମୁନା ନଦୀ କୂଳରେ ସେମାନଙ୍କ ରାଜଧାନୀ ଇନ୍ଦ୍ରପ୍ରସ୍ଥ ସ୍ଥାପନ କରିଥିଲେ। ତେଣୁ ଦିଲ୍ଲୀର ନାମକୁ ପୁଣିଥରେ ଇନ୍ଦ୍ରପ୍ରସ୍ଥ ରଖାଯାଉ ବୋଲି ପ୍ରବୀଣ କହିଛନ୍ତି।

# ୧୧ ବର୍ଷୀୟ ଶିଶୁ ହେଲା କୋଟିପତି



ଲୁଧିୟାନା, ୧।୧୧ (ଏଜେନ୍ସି): ପଞ୍ଜାବ ଲୁଧିୟାନାରେ ଜଣେ ଶିଶୁଙ୍କୁ ଭାଗ୍ୟ ଅଚାନକ ଖୋଲିଯାଇଛି। ସେ ୧୧ ବର୍ଷ ବୟସରେ କୋଟିପତି ପାଲଟି ଯାଇଛନ୍ତି। ଏହାକୁ ନେଇ ପରିବାର ସଦସ୍ୟ ବହୁତ ଖୁସି ଅଛନ୍ତି। ଘରେ ବ୍ୟାଣ୍ଡବାଜା ବାଜୁଛି। ଲୋକେ ଖୁସିରେ ନାଚୁଛନ୍ତି। ସମସ୍ତେ ଏହି ଶିଶୁକୁ ଭାଗ୍ୟଶାଳୀ କହୁଛନ୍ତି। ଏହି ଶିଶୁ ପାଇଁ ହିଁ ଘରେ ବସି ବସି ଲକ୍ଷ୍ମୀ ଆସିଥିଲେ। ଏହି ଶିଶୁର ନାମ ଆରବ। ସେ ହୋସିୟାରପୁରର ମୂଳ ବାସିନ୍ଦା। ଏବେ ସେ ମାମୁଁ କରନଙ୍କ ସହ ଲୁଧିୟାନାର ହେବୋୱାଲରେ ରହୁଛନ୍ତି। ସେ ଶୁକ୍ରବାର ସନ୍ଧ୍ୟାରେ ବଜାରକୁ ଯାଇଥିଲେ। ଏହି ସମୟରେ ଲଟେରି ଦୋକାନରେ ଭିଡ଼ ଲାଗିଥିବା ଦେଖିବାକୁ ପାଇଥିଲେ। ତେଣୁ ସେ ମାମୁଁଙ୍କୁ ଲଟେରି ଟିକଟ କିଣିବାକୁ କହିଥିଲେ। କିନ୍ତୁ ମାମୁ ମନା କରିବାରୁ ସେ ଜିଦ୍ କରିଥିଲେ। ଶେଷରେ ଆରବଙ୍କ ନାମରେ ମାମୁଁ ଏକ ଟିକଟ କିଣି ଦେଇଥିଲେ। ଏହା ଦୋକାନର ଶେଷ ଟିକଟ ମଧ୍ୟ ଥିଲା। ଏବେ ଫଳାଫଳ ଘୋଷଣା ହେବା ପରେ ଆରବ କୋଟିଏ ଟଙ୍କା ପୁରସ୍କାର ଜିତିଥିବା ଘୋଷଣା କରାଯାଇଥିଲା। ଏହା ଶୁଣି ପରିବାର ଲୋକେ ଭାବବିହ୍ୱଳ ହୋଇ ଯାଇଥିଲେ। ଗାଁ ଏବଂ ପଡ଼ିଶାରେ ମିଠା ବାଣ୍ଟି ଥିଲେ।

# ୧୦୮ ବର୍ଷ ପରେ ରାଜସ୍ଥାନରେ ସର୍ବାଧିକ ବର୍ଷା




ନୂଆଦିଲ୍ଲୀ, ୧।୧୧(ଏଜେନ୍ସି): ରାଜସ୍ଥାନରେ ଦୀର୍ଘ ୧୦୮ ବର୍ଷ ପରେ ଚଳିତ ବର୍ଷ ସର୍ବାଧିକ ବର୍ଷା ହୋଇଛି। ୨୦୨୫ରେ ସର୍ବାଧିକ ବର୍ଷା ହୋଇଥିବାର ରେକର୍ଡ କରାଯାଇଛି। ପୂର୍ବରୁ ୧୯୧୭ରେ ମୌସୁମୀ ଋତୁରେ ସର୍ବାଧିକ ୮୪୪.୨ ମିମି ବର୍ଷା ହୋଇଥିଲା। କିନ୍ତୁ ଏବର୍ଷ ଜୁଲାଇରୁ ସେପ୍ଟେମ୍ବର ମଧ୍ୟରେ ୭୧୫.୨ ମିମି ବର୍ଷା ହୋଇଛି ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ତରଫରୁ କୁହାଯାଇଛି। ଏଥିସହ ଇତିହାସରେ ରାଜସ୍ଥାନରେ ଚଳିତ ବର୍ଷରେ ଦ୍ୱିତୀୟ ସର୍ବାଧିକ ବର୍ଷା ହୋଇଛି। ୧୯୦୧ ପରେ ଅର୍ଥାତ ୧୨୫ ବର୍ଷ ପରେ ରାଜସ୍ଥାନରେ ଚଳିତ ବର୍ଷରେ ଦ୍ୱିତୀୟ ସର୍ବାଧିକ ବର୍ଷା ହୋଇଛି। ରାଜ୍ୟରେ ହାରାହାର ବର୍ଷା ୪୩୫. ୬ ମିମି ଥିବା ବେଳେ ଏଥର ୬୪ ପ୍ରତିଶତ ଅଧିକ ବର୍ଷା ହୋଇଛି। ରାଜସ୍ଥାନରେ ଗତ ୧୫ ବର୍ଷ ମଧ୍ୟରେ ୫ଥର ଅସାଧାରଣ ଭାବେ ସର୍ବାଧିକ ବର୍ଷା ହୋଇଛି ଓ ଏହା ରାଜ୍ୟର ଶ୍ରେଷ୍ଠ-୧୦ ସର୍ବକାଳୀନ ରେକର୍ଡରେ ସାମିଲ ହୋଇଛି। ପୂର୍ବରୁ ୧୯୦୮ ରୁ ୧୯୭୫ ମଧ୍ୟରେ ସ୍ୱାଭାବିକ ମୌସୁମୀ ବର୍ଷାଠାରୁ ଅଧିକ ୫ ଥର ଯଥା ୧୯୦୮, ୧୯୧୭, ୧୯୪୪, ୧୯୭୩ ଓ ୧୯୭୫ରେ ହୋଇଥିଲା। କିନ୍ତୁ ୨୦୧୧ ଓ ୨୦୨୫ ମଧ୍ୟରେ ବର୍ଷାର ରେକର୍ଡ ବାରମ୍ବାର ଭାଙ୍ଗିଥିଲା। ୨୦୧୧, ୨୦୧୯, ୨୦୨୨, ୨୦୨୪ ଓ ୨୦୨୫ରେ ବର୍ଷାର ରେକର୍ଡ ଟପ୍-୧୦ ତାଲିକାରେ ସାମିଲ ହୋଇଛି। ପୁଣି ପ୍ରଥମଥର ପାଇଁ ୧୧୭ ବର୍ଷର ମଧ୍ୟରେ ରାଜସ୍ଥାନରେ କ୍ରମାଗତ ଦୁଇବର୍ଷ ହରାହାରିଠାରୁ ଅଧିକ ବର୍ଷା ହୋଇଛି।

## ଭାରତୀୟ ବଂଶୋଦ୍ଭବ ବ୍ୟବସାୟୀଙ୍କ ବିରୋଧରେ ଠକେଇ ଅଭିଯୋଗ

# ବ୍ୟାଙ୍କରୁ ଠକି ନେଲେ ୪,୪୪୦ କୋଟି

ନୂଆଦିଲ୍ଲୀ, ୧।୧୧ (ଏଜେନ୍ସି): ଆମେରିକାର ଦୂରସଞ୍ଚାର କ୍ଷେତ୍ରରେ କାମ କରୁଥିବା ଏକ କମ୍ପାନୀ ଅଚାନକ ଚର୍ଚ୍ଚାକୁ ଆସି ଯାଇଛି। ଏହି କମ୍ପାନୀ ଶହେ କି ଦୁଇ ଶହ ନୁହେଁ, ପ୍ରାୟ ୫୦୦ ମିଲିୟନ ଡଲାର ଅର୍ଥାତ୍ ପ୍ରାୟ ୪,୪୦୦ କୋଟି ଟଙ୍କା ଠକି ନେଇଛି। ଏହି ବିବାଦର କେନ୍ଦ୍ରରେ ଭାରତୀୟ ବଂଶୋଦ୍ଭବ ସିଇଓ ବଙ୍କିମ ବ୍ରହ୍ମଭଟ୍ଟ ଅଛନ୍ତି। ସେ ଆମେରିକାରେ ବ୍ରଡ୍‌ବ୍ୟାଣ୍ଡ ଟେଲିକମ ଏବଂ ବ୍ରିଜଭଏସର ମାଲିକ ମଧ୍ୟ। ତାଙ୍କ ବିରୋଧରେ ବଡ଼ ଅଭିଯୋଗ ଲାଗିଛି। ସେ ଆମେରିକା କମ୍ପାନୀ ବ୍ଲାକରକ୍‌ର ପ୍ରାଇଭେଟ କ୍ରେଡିଟ ୟୁନିଟ ଏଚ୍‌ପିଏସ ଇନ୍‌ଭେଷ୍ଟମେଣ୍ଟ ପାର୍ଟନର୍ସ ଏବଂ ଫ୍ରାନ୍ସର ବିଏନପି ପିରିବାସ ଭଳି ଗ୍ଲୋବାଲ ବ୍ୟାଙ୍କକୁ ଠକି ଦେଇଛନ୍ତି।







ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲର ରିପୋର୍ଟ ଅନୁଯାୟୀ, ବିଶ୍ୱର ସବୁଠାରୁ ବଡ଼ ନିବେଶ କମ୍ପାନୀ ମଧ୍ୟରୁ ଅନ୍ୟତମ ବ୍ଲାକରକ୍ ଇଙ୍କର ଏକ ଶାଖା ଏବଂ ଅନ୍ୟ କିଛି ଋଣ ଦେଇଥିବା କମ୍ପାନୀ ବ୍ରହ୍ମଭଟ୍ଟଙ୍କଠାରୁ ଏହି ଅର୍ଥ ଫେରସ୍ତ ଚାହୁଁଛନ୍ତି। ବଙ୍କିମ ଜାଲ୍ ଟେଲିକମ ସମ୍ପତ୍ତି, ଇନ୍‌ଭଏସ, ଇମେଲ ଏବଂ ଠିକା ପ୍ରସ୍ତୁତ କରି ଋଣ ନେଇଥିବା ଅଭିଯୋଗ ହୋଇଛି। ଅସଲି ଟେଲିକମ୍ କ୍ଲାଇଣ୍ଟ ଭଳି ଭେକ ୱେବସାଇଟ ମଧ୍ୟ ପ୍ରସ୍ତୁତ କରାଯାଇଥିଲା। ଅଡିଟର୍ସ ଏବଂ ଋଣଦାତାଙ୍କୁ ଅନ୍ଧାରରେ ରଖିବା ପାଇଁ ଏପରି କରାଯାଇଥିଲା। ଗତ ଦୁଇ ବର୍ଷରେ ଯାଞ୍ଚ ପାଇଁ କରାଯାଇଥିବା ପ୍ରତ୍ୟେକ ଇମେଲ ଜାଲ୍ ଥିଲା। ୨୦୧୮ ରୁ ଏହି କଳା କାରନାମା ଚାଲିଥିଲା। ମୋଟ ଋଣ ପରିମାଣ ୫୦୦ ନିୟୁତ ଡଲାରରୁ ଅଧିକ ହେବ ବୋଲି ଆକଳନ କରାଯାଉଛି। ୨୦୨୪ରେ ବଙ୍କିମଙ୍କ ଋଣ ଠକେଇ ବିଷୟରେ ଜଣା ପଡିଥିଲା। ଏହା ପରେ ତାଙ୍କ କମ୍ପାନୀଗୁଡିକ ଏବଂ ସେ ନିଜେ ଦେବାଳିଆ ହୋଇଯାଇଥିଲେ। ଏହି କାରବାରରେ ଫ୍ରାନ୍ସ ବ୍ୟାଙ୍କ ବିଏନପି ପରିବାସର ମଧ୍ୟ ଭୂମିକା ଥିଲା। ଏହି ବ୍ୟାଙ୍କ ବ୍ଲାକରକ୍‌ର ସହଯୋଗୀ ଗୋଷ୍ଠୀ ଏଚିପିଏସ ଇନଭେଷ୍ଟମେଣ୍ଟ ପାଟନର୍ସକୁ ବଙ୍କିମଙ୍କୁ ଋଣ ଦେବାରେ ସହାୟତା କରିଥିଲା। ତେବେ ବିଏନପି ପକ୍ଷରୁ ଏ ନେଇ କୌଣସି ଟିପ୍ପଣୀ ଦିଆଯାଇ ନାହିଁ।

୨୦୨୪ ଜୁଲାଇରେ ଏଚ୍‌ପିଏସର ଜଣେ କର୍ମଚାରୀ କଷ୍ଟମର ଇମେଲ ଆଡ୍ରେସରେ ତ୍ରୁଟି ଥିବା ଦେଖିବାକୁ ପାଇଥିଲେ। ପୁନଃ ଯାଞ୍ଚ ପରେ ବେଲ୍‌ଜିଆନ ଟେଲିକମ୍ କମ୍ପାନୀ ବିଆଇସିଏସ ପକ୍ଷରୁ କୁହାଯାଇଥିଲା ଯେ ବ୍ରିଜଭଏସ ସହ କମ୍ପାନୀର କୌଣସି ଚୁକ୍ତି ହୋଇନାହିଁ। କମ୍ପାନୀ ନାମରେ ଜାଲିଆତି ହୋଇଥିବା ସ୍ପଷ୍ଟ କରାଯାଇଥିଲା। ଏହା ପରେ ଡିଲଏଟ ଏବଂ ସିବିଆଇଜେଡ୍ ଯାଞ୍ଚରେ କଷ୍ଟମର ଡାଟା, ଇନଭଏସ ଏବଂ ଠିକା ସବୁ କିଛି ଜାଲ୍ ଥିବା ଜଣାପଡ଼ିଥିଲା। ଋଣଦାତା ଯୋଗାଯୋଗ କରିବା ପରେ ବ୍ରହ୍ମଭଟ୍ଟ କଲ୍ ଏବଂ ଇମେଲ ବନ୍ଦ କରିଦେଇଥିଲେ। ତାଙ୍କର ନ୍ୟୁୟର୍କ ସ୍ଥିତ ଅଫିସ ବନ୍ଦ ଥିବାବେଳେ ଘର ଖାଲି ଥିଲା। ତେବେ ମହଙ୍ଗା କାର୍‌ଗୁଡିକ ଘର ବାହାରେ ଛିଡ଼ା ହୋଇଥିଲା। ସେ ଭାରତ କିମ୍ବା ମରିସସ୍ ପଳାୟନ କରିଥିବା କୁହାଯାଉଛି। ୨୦୨୪ ଅଗଷ୍ଟରେ ବ୍ରଡବ୍ୟାଣ୍ଡ ଟେଲିକମ, ବ୍ରିଜଭଏସ, କ୍ୟାରିଅକ୍ସ କ୍ୟାପିଟାଲ ୨ ଏବଂ ବିବି କ୍ୟାପିଟାଲ ଏସପିଭି ଦେବାଳିଆ ହୋଇ ଯାଇଥିଲା। ଅଗଷ୍ଟ ୧୨ରେ ବ୍ରହ୍ମଭଟ୍ଟ ବ୍ୟକ୍ତିଗତ ଦେବାଳିଆ ପାଇଁ ଆବେଦନ କରିଥିଲେ। ତେବେ ବ୍ରହ୍ମଭଟ୍ଟଙ୍କ ଓକିଲ ସବୁ ଅଭିଯୋଗକୁ ଭ୍ରମାତ୍ମକ ଏବଂ ଆଧାରହୀନ କହିଛନ୍ତି। କମ୍ପାନୀର ବ୍ୟବସାୟ ବୈଧ ଥିଲା ଏବଂ ଯାଞ୍ଚ ଅଧୁରା ଥିବା କୁହାଯାଇଥିଲା।

# ମହିଳାଙ୍କଠୁ ୪୭ କୋଟିର କୋକେନ୍ ଜବତ

ମୁମ୍ବଇ, ୧।୧୧(ଏଜେନ୍ସି): ମୁମ୍ବଇ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଡାଇରେକ୍ଟୋରେଟ ଅଫ ରେଭେନ୍ୟୁ ଇଣ୍ଟେଲିଜେନ୍ସ (ଡିଆରଆଇ) ଅଧିକାରୀମାନେ ଜଣେ ମହିଳାଙ୍କଠାରୁ ୪୭ କୋଟି ଟଙ୍କାର କୋକେନ ତଥା ନିଶାଦ୍ରବ୍ୟ ଜବତ କରିଛନ୍ତି। ଶନିବାର ଶ୍ରୀଲଙ୍କା ରାଜଧାନୀ କଲମ୍ବୋରୁ ଆସି ମୁମ୍ବଇରେ ପହଞ୍ଚିବା ପରେ ଏହି ମହିଳା ଯାତ୍ରୀଙ୍କଠାରୁ ୪ କେଜି ୭୦ ଗ୍ରାମର କୋକେନ ଜବତ କରାଯାଇଥିଲା। ଏହି ନିଶାଦ୍ରବ୍ୟକୁ ସେ କଫି ପ୍ୟାକେଟ୍‌ରେ ଅତି ଚତୁରତାର ସହ ଲୁଚାଇ ଆଣିଥିଲେ। ଜବତ ହୋଇଥିବା ଏହି ପ୍ୟାକେଟଗୁଡିକ ବିଦେଶରୁ ମୁମ୍ବଇ ଆସି ପହଞ୍ଚିଥିଲା। ଯାଞ୍ଚ ଅବସରରେ ଡିଆରଆଇ ଟିମ୍‌ର ସନ୍ଦେହ ଉପୁଜିଥିଲା। ଏହାପରେ ପ୍ୟାକେଟଗୁଡିକର ସ୍କାନିଂ କରାଯାଇଥିଲା ଓ ଡ୍ରଗ୍ସ ଥିବା ଜଣାପଡ଼ିଥିଲା। ଏହି ମାମଲାରେ ଡିଆରଆଇ ଅଧିକାରୀମାନେ ୫ ଜଣଙ୍କୁ ଗିରଫ କରିଛନ୍ତି। ଏମାନଙ୍କ ମଧ୍ୟରେ ଦୁଇଜଣ ଯାତ୍ରୀ ଓ ୩ ଜଣ ସହଯୋଗୀ ସାମିଲ ରହିଛନ୍ତି। ଅଭିଯୁକ୍ତମାନେ ଏହି ନିଶାଦ୍ରବ୍ୟଗୁଡିକୁ ବିମାନ ବନ୍ଦର ବାହାରକୁ ନେବା ପାଇଁ ପ୍ରୟସା କରୁଥିଲେ। ଏହି ମାମଲା ସହିତ ଏକ ଅନ୍ତର୍ଜାତୀୟ ଡ୍ରଗ୍ସ ଚୋରାଚାଲଣକାରୀ ନେଟ୍‌ୱର୍କ ଜଡିତ ରହିଛି ବୋଲି ପଚରାଉଚରା ପରେ ଜଣାପଡ଼ିଛି। ଜବତ ହୋଇଥିବା କୋକେନର ମୂଲ୍ୟ ଅନ୍ତର୍ଜାତୀୟ ବଜାରରେ ୪୭ କୋଟି ଟଙ୍କା ବୋଲି କୁହାଯାଇଛି। ସବୁ ଅଭିଯୁକ୍ତଙ୍କ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ଓ ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରାଯାଇଛି।

# ବୋମା ଧମକ ପରେ ଜେଦ୍ଦା- ହାଇଦରାବାଦ ବିମାନ ମୁମ୍ବାଇରେ ଅବତରଣ

ହାଇଦରାବାଦ୍, ୧।୧୧(ଏଜେନ୍ସି): ହାଇଦରାବାଦ୍‌ର ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ବିମାନ ବନ୍ଦର (ଆରଜିଆଇଏ) ଶନିବାର ଏକ ଇ-ମେଲ ଜରିଆରେ ବୋମା ଧମକ ପାଇଥିଲା। ସାଉଦି ଆରବର ଜେଦ୍ଦାରୁ ହାଇଦରାବାଦ ଆସୁଥିବା ଇଣ୍ଡିଗୋ ବିମାନରେ ମାନବ ବୋମା ଥିବା ଏହି ମେଲ୍‌ରେ ଦାବି କରାଯାଇଥିଲା। ଧମକ ମିଳିବା ପରେ ଏହି ବିମାନ ହାଇଦରାବାଦ ଯିବା ବଦଳରେ ମୁମ୍ବଇ ଯାଇ ସୁରକ୍ଷିତ ଭାବେ ଅବତରଣ କରିଥିଲେ। ଏ ନେଇ ବିମାନ ବନ୍ଦର କର୍ତ୍ତୃପକ୍ଷ ପୁଲିସ୍‌ରେ ଅଭିଯୋଗ କରିଛି। ଏହି ଇଭେଣ୍ଟ ଶନିବାର ସକାଳ ୫.୩୦ରେ ପହଞ୍ଚିଥିଲା। ଏହି ବିମାନକୁ ହାଇଦରାବାଦ୍‌ରେ ଅବତରଣ କରିବାକୁ ମନା କରାଯାଇଥିଲା। ପୁଣି ଏଲ୍‌ଟିଟିଇ-ଆଇଏସ୍‌ଆଇ କାର୍ଯ୍ୟକର୍ତ୍ତାମାନେ ୧୯୮୪ ମାଡ୍ରାସ ବିମାନ ବନ୍ଦର ମୋଡୁସ ଅପରେଣ୍ଡି ଶୈଳୀରେ ବୋମା ବିସ୍ଫୋରଣ ଘଟାଇବାକୁ ଯୋଜନା କରିଛନ୍ତି ବୋଲି ମେଲ୍‌ରେ ଉଲ୍ଲେଖ କରାଯାଇଥିଲା। ବିମାନ ବନ୍ଦର ସହିତ ଜଡିତ ସବୁ କର୍ମକର୍ତ୍ତାଙ୍କୁ ଏ ନେଇ ସଜାଗ କରାଯାଇଥିଲା ଓ ବିମାନର ଗତିପଥକୁ ମୁମ୍ବଇକୁ ବଦଳାଯାଇଥିଲା।



ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମସ୍ଥିତ ଭେଙ୍କଟେଶ୍ୱର ମନ୍ଦିରରେ ଦଳାଚକଟା

# ସାଉଦି ଆରବରେ ପୁଲିସ ଗୁଳିରେ ଭାରତୀୟ ମୃତ

ନୂଆଦିଲ୍ଲୀ, ୧।୧୧(ଏଜେନ୍ସି): ଝାଡ଼ଖଣ୍ଡରୁ ଶ୍ରମିକ ଭାବେ କାର୍ଯ୍ୟ କରିବାକୁ ସାଉଦି ଆରବ ଯାଇଥିବା ଜଣେ ଭାରତୀୟ ଯୁବକଙ୍କୁ ଗୁଳି କରି ହତ୍ୟା କରାଯାଇଛି। ଯେତେବେଳେ ଝାଡଖଣ୍ଡ ଶ୍ରମ ବିଭାଗ ଯୁବକଙ୍କ ମୃତଦେହ ଫେରାଇ ଆଣିବାକୁ ସାଉଦି ଆରବସ୍ଥିତ ଭାରତୀୟ ଦୂତାବାସ ସହ ଯୋଗାଯୋଗ କରିଥିଲା, ସେତେବେଳେ ହିଁ ଏହି ଘଟଣା ସାମ୍ନାକୁ ଆସିଥିଲା। ସାଉଦି ଆରବରେ ପୁଲିସ ଓ ଜବରଦସ୍ତ ଚାନ୍ଦା ଆଦାୟ କରୁଥିବା ଗ୍ୟାଙ୍ଗ୍ ମଧ୍ୟରେ ଗୁଳିଚାଳନା ହେବାବେଳେ ଏହି ଯୁବକଙ୍କର ମୃତ୍ୟୁ ହୋଇଥିଲା। ଏହି ଯୁବକଙ୍କ ଘର ହେଉଛି ଗିରିଡିହର ଡୁମରୀ ବ୍ଲକରେ। ପୁଲିସ ଓ ଗ୍ୟାଙ୍ଗ୍ ମଧ୍ୟରେ ଗୁଳି ବିନମୟ ବେଳେ ଏହି ଯୁବକ ଫସି ଯାଇଥିଲେ ଓ ଭୁଲ୍‌ରେ ଗୁଳି ବାଜିବା କାରଣରୁ ମୃତ୍ୟୁବରଣ କରିଛନ୍ତି ବୋଲି ଭାରତୀୟ ଦୂତାବାସ ତରଫରୁ କୁହାଯାଇଛି। ଏ ସଂକ୍ରାନ୍ତରେ ଝାଡଖଣ୍ଡ ଶ୍ରମ ବିଭାଗର ଅଧିକାରୀ ମାନେ ଭାରତୀୟ ଦୂତାବାସ ଓ ସାଉଦି ଆରବର ଯେଦ୍ଦା ପୁଲିସ ସହ ଯୋଗାଯୋଗ କରିଛନ୍ତି। ମୃତ୍ୟୁ ସହିତ ଜଡିତ ସବୁ ଆଇନଗତ ପ୍ରକ୍ରିୟା ଶେଷ ପରେ ମୃତଦେହକୁ ଯୁବକଙ୍କ ଗାଁକୁ ଫେରାଇ ଅଣାଯିବ ବୋଲି କୁହାଯାଇଛି। ମୃତ୍ୟୁ ପୂର୍ବରୁ ସମ୍ପୃକ୍ତ ଯୁବକ ନିଜ ପତ୍ନୀ ଓ ପିଲାଙ୍କୁ ହ୍ୱାଟ୍ସଆପ୍‌ରେ ମେସେଜ ଦେଇଥିଲେ। ଗୁଳି ବିନମୟରେ ଫସିଯାଇଛି ଓ ଆହତ ହୋଇଛି ବୋଲି ଯୁବକ ଜଣକ ଉଲ୍ଲେଖ କରିଥିଲେ।

## ଫେରିଲା ୧୫୦ ବର୍ଷର ପରମ୍ପରା 'ଦରବାର ମୁଭ୍'

# ଜମ୍ମୁରୁ ପୁଣି ଚାଲିବ ସରକାର

ଶ୍ରୀନଗର, ୧।୧୧(ଏଜେନ୍ସି): ଜମ୍ମୁ-କଶ୍ମୀରରେ ୧୫୦ ବର୍ଷ ତଳର 'ଦରବାର ମୁଭ' ପରମ୍ପରା ପ୍ରତ୍ୟାବର୍ତ୍ତନ କରିଛି। ୪ ବର୍ଷ ପରେ ପୁଣି ଜମ୍ମୁରୁ ରାଜ୍ୟ ସରକାରଙ୍କ କାର୍ଯ୍ୟାଳୟ ପରିଚାଳିତ ହେବ। ଆଗାମୀ ଶୀତ ଋତୁକୁ ଦୃଷ୍ଟିରେ ରଖି ଏପରି ନିଷ୍ପତ୍ତି ନିଆଯାଇଛି। ଶୁକ୍ରବାର ସବୁ ସରକାରୀ କାର୍ଯ୍ୟାଳୟ ବନ୍ଦ ହେବା ପରେ ସବୁ ଜିନିଷପତ୍ର ଓ କର୍ମଚାରୀ ଶ୍ରୀନଗରରୁ ଜମ୍ମୁ ସ୍ଥାନାନ୍ତର ହେବାର ପ୍ରକ୍ରିୟା ଆରମ୍ଭ ହୋଇଛି। ଜମ୍ମୁରୁ ହିଁ ସବୁ ସରକାରୀ କାର୍ଯ୍ୟ ନଭେମ୍ବର ୩ରୁ ଆରମ୍ଭ ହେବ। ମୁଖ୍ୟମନ୍ତ୍ରୀଙ୍କ ସଚିବାଳୟ, ସିଭିଲ ସଚିବାଳୟ ସହିତ ସବୁ ଅନ୍ୟ ବିଭାଗର ମୋଟ ୩୯ଟି କାର୍ଯ୍ୟାଳୟ ସମ୍ପୂର୍ଣ୍ଣ ଭାବେ ଜମ୍ମୁକୁ ପଠାଯିବ। ସେହିପରି ୪୭ ବିଭାଗର କାର୍ଯ୍ୟାଳୟ ତମ୍ବୁରେ ଚାଲିବ। ଏହି ବିଭାଗଗୁଡ଼ିରେ ୩୩ ପ୍ରତିଶତ କର୍ମଚାରୀ କିମ୍ବା ୧୦ ଜଣ ଅଧିକାରୀଙ୍କ ସହ କାର୍ଯ୍ୟ କରିବେ। ଶୀତ ଯିବା ପରେ ଗ୍ରୀଷ୍ମ ଆରମ୍ଭ ହେବା ପରେ ଏହି ଅସ୍ଥାୟୀ କାର୍ଯ୍ୟାଳୟଗୁଡିକ ପୁଣି ଶ୍ରୀନଗରକୁ ସ୍ଥାନାନ୍ତର ହେବ। ଏହି ପରମ୍ପରା ୧୫୦ ବର୍ଷ ହେବ ଚାଲିଆସୁ ଥିଲେ ମଧ୍ୟ ୨୦୨୧ରେ ଉପ-ରାଜ୍ୟପାଳ ବନ୍ଦ କରିଦେଇଥିଲେ। କିନ୍ତୁ ଏମେ ମୁଖ୍ୟମନ୍ତ୍ରୀ ଉମର ଅବଦୁଲ୍ଲା ପୁଣିଥରେ ଏହି ପରମ୍ପରାକୁ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଫଳରେ ୬ ଲକ୍ଷ କର୍ମଚାରୀ ଏବେ ଜମ୍ମୁ ଯିବେ। ଏହା ଦ୍ୱାରା ଶୀତ ଋତୁରେ ଜମ୍ମୁର ଅର୍ଥ ବ୍ୟବସ୍ଥାକୁ ପୁଣିଥରେ ବଳ ମିଳିବ। ଉଲ୍ଲେଖଥାଉ କି, ୧୮୭୨ରେ ଡୋଗରା ଶାସକ ମହାରାଜା ରଣବୀର ସିଂ ଏହି ପରମ୍ପରା ଆରମ୍ଭ କରିଥିଲେ। ଗ୍ରୀଷ୍ମଋତୁରେ ଶ୍ରୀନଗର ଓ ଶୀତଋତୁରେ ଜମ୍ମୁ ରାଜ୍ୟର ରାଜଧାନୀ ବିବେଚିତ ହେଉଥିଲା। ଦରବାର ମୁଖ ପାଇଁ ନଭେମ୍ବର ୧ ଓ ୨ରେ ଟ୍ରାଫିକକୁ ବନ୍ଦ କରାଯିବ।

# 'ଅପରେସନ ସିନ୍ଦୂର' ହେଉଛି ଧର୍ମଯୁଦ୍ଧ, ଏହା ଜାରି ରହିବ: ସେନାମୁଖ୍ୟ

ନୂଆଦିଲ୍ଲୀ, ୧।୧୧(ଏଜେନ୍ସି): ଭାରତୀୟ ସ୍ଥଳ ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ୫୩ ବର୍ଷ ପରେ ନିଜ ପିଲାବେଳର ବିଦ୍ୟାଳୟ ପରିଦର୍ଶନରେ ମଧ୍ୟପ୍ରଦେଶର ସତନା ଗସ୍ତରେ ଯାଇଛନ୍ତି। ପିଲାମାନଙ୍କୁ ଉଦ୍‌ବୋଧନ ଦେବା ଅବସରରେ ସେ ପାକିସ୍ତାନ ବିରୋଧରେ ହୋଇଥିବା ଅପରେସନ ସିନ୍ଦୂରକୁ ଏକ ଧର୍ମ ଯୁଦ୍ଧର ଆଖ୍ୟା ଦେଇଛନ୍ତି। ଏହା ଆଗକୁ ଜାରି ରହିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ଆମେ କେବେ କୌଣସି ନିର୍ଦ୍ଦୋଷ ନାଗରିକଙ୍କର କ୍ଷତି ପହଞ୍ଚାଇନାହୁଁ। ନମାଜ କିମ୍ବା କୌଣସି ଧାର୍ମିକ ପ୍ରାର୍ଥନା ସମୟରେ ଆମେ କେବେବି ଆକ୍ରମଣ କରିନାହୁଁ ବୋଲି ସେ କହିଛନ୍ତି। ୧୯୭୧ ଯୁଦ୍ଧ ସମୟରେ ସେ ଏହି ସ୍କୁଲର ଚତୁର୍ଥ ଶ୍ରେଣୀରେ ପଢୁଥିଲେ। ଦୀର୍ଘ ୫୬ ବର୍ଷ ପରେ ନିଜ ପିଲାବେଳର ସ୍କୁଲରେ ପହଞ୍ଚି ସେ ଭାବପ୍ରବଣ ହୋଇ ପଡ଼ିଥିଲେ। ଅପରେସନ ସିନ୍ଦୂର ପୂରା ଦେଶକୁ ଏକାଠି କରିବା ସହ ଗୋଟିଏ ସୂତ୍ରରେ ବାନ୍ଧିଥିଲା। ଟେକନିକ୍ ଓ ଦୃଢ଼ ଇଚ୍ଛାଶକ୍ତି କାରଣରୁ ଏହି ମିଶନ ସଫଳ ହୋଇଥିଲା ବୋଲି ସେ କହିଛନ୍ତି। ଏହି ଅବସରରେ ସେ ଛାତ୍ରଛାତ୍ରୀଙ୍କୁ ସଫଳତାର ମନ୍ତ୍ର ଦେଇଥିଲେ। ଗତ ମେ ୭ରେ ଭାରତୀୟ ସେନା ଅପରେସନ ସିନ୍ଦୂର ମାଧ୍ୟମରେ ପାକିସ୍ତାନ ଓ ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ)ରେ ୯ଟି ଆତଙ୍କବାଦୀ ଠିକଣାକୁ ମିସାଇଲ ମାଡ କରି ଧ୍ୱଂସ କରିଥିଲା। ଏଥବରେ ୧୦୦ରୁ ଊର୍ଦ୍ଧ୍ୱ ଆତଙ୍କବାଦୀ ନିହତ ହୋଇଥିଲେ। ସରକାର ସେନାର ଏହି କାର୍ଯ୍ୟାନୁଷ୍ଠାନକୁ ଅପରେସନ ସିନ୍ଦୂର ବୋଲି କହିଥିଲେ।

# ମସ୍କୋରେ ୟୁକ୍ରେନର ଡ୍ରୋନ୍ ଆକ୍ରମଣ

କିଭ୍, ୧।୧୧(ଏଜେନ୍ସି): ରୁଷିଆ ଓ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ଥମିବାର ନାମ ନେଉ ନାହିଁ। ଏବେ ୟୁକ୍ରେନ୍ ରୁଷିଆର ରାଜଧାନୀ ମସ୍କୋ ଉପରେ ଡ୍ରୋନ ଆକ୍ରମଣ କରିଛି। ୟୁକ୍ରେନର ଗୁଇନ୍ଦା ଏଜେନ୍ସି (ହଚ୍‌ୟୁଆର) ଶୁକ୍ରବାର ମସ୍କୋ ନିକଟରେ ଥିବା ଏକ ୪୦୦ କିମି ଦୀର୍ଘ ଫୁଏଲ ପାଇପ୍ ଲାଇନ୍ ଉପରେ ଆକ୍ରମଣ କରିଛି। ଏହି ପାଇପ୍ ଲାଇନ୍‌ର ନାମ 'ରିଙ୍ଗ' ବୋଲି ଜଣାପଡ଼ିଛି। ଏହି ଆକ୍ରମଣ ପରେ ରୁଷ୍‌ର ପେଟ୍ରୋଲ, ଡିଜେଲ ଓ ବିମାନର ଇନ୍ଧନ ଯୋଗାଣ ବନ୍ଦ ହୋଇଛି। ୟୁକ୍ରେନର ଏହି ଆକ୍ରମଣରେ ମସ୍କୋର ଦକ୍ଷିଣ ପୂର୍ବ ଅଞ୍ଚଳରେ ଥିବା ୩ଟି ମୁଖ୍ୟ ପାଇପ୍ ଲାଇନ ଏକାସଙ୍ଗେ ଧ୍ୱଂସ ପାଇଛି। ସେଠାରେ ଡ୍ରୋନ୍‌କୁ ନିଷ୍କ୍ରିୟ କରିବାକୁ ରୁଷିଆ ଅସ୍ତ୍ରଶସ୍ତ୍ର ନିୟୋଜିତ କରିଥିଲା। ତେବେ ସେ ସବୁ ଠିକ୍ ସମୟରେ କାର୍ଯ୍ୟ କରି ନଥିଲା। ଏବେ ରୁଷ୍ ସେନାକୁ ଇନ୍ଧନ ମିଳିବା କଷ୍ଟକର ହୋଇ ପଡ଼ିଛି। ପ୍ରତିବର୍ଷ ଏହି ପାଇପ୍ ଲାଇନ ଜରିଆରେ ପ୍ରତିବର୍ଷ ୩୦ ଲକ୍ଷ ଟନ୍ ଜେଟ୍ ଇନ୍ଧନ, ଲକ୍ଷ ଲକ୍ଷ ଟନ ପେଟ୍ରୋଲ ଓ ଡିଜେଲ ପଠାଯାଇଥାଏ। ଏବେ ଏହି କାରଣରୁ ମସ୍କୋର ଅର୍ଥବ୍ୟବସ୍ଥା ନକାରାତ୍ମକ ଭାବେ ପ୍ରଭାବିତ ହେବାର ଆଶଙ୍କା ସୃଷ୍ଟି ହୋଇଛି। ରାତି ସାରା ହୋଇଥିବା ଡ୍ରୋନ ଆକ୍ରମଣର ଏହା ଏକ ଅଂଶ ଥିଲା ବୋଲି ରୁଷିଆ ତରଫରୁ କୁହାଯାଇଛି। ଅନ୍ୟପଟେ ୧୦ଟି ଅଞ୍ଚଳରେ ୟୁକ୍ରେନର ୯୮ଟି ଡ୍ରୋନକୁ ମାରି ଖସାଇଛୁ ବୋଲି ରୁଷ୍ ସେନା ତରଫରୁ କୁହାଯାଇଛି।

# ଆଜିଠୁ ପଞ୍ଚୁକ ବ୍ରତ

■ ଲକ୍ଷ୍ମୀନାରାୟଣ ବେଶରେ ଦର୍ଶନ ଦେବେ ମହାପ୍ରଭୁ
■ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ସମ୍ଭାବନା
■ ଏଥର ଚାରିଦିନିଆ ପଞ୍ଚୁକ, ବାଙ୍କଚୂଡ଼ା ବେଶ ନାହିଁ

ପୁରୀ,୧।୧୧(ସମିସ): ରବିବାରଠାରୁ ମହାକାର୍ତ୍ତିକର ପଞ୍ଚୁକ ବ୍ରତ। ଚଳିତ ବର୍ଷ ୫ଦିନ ପରିବର୍ତ୍ତେ ୪ଦିନ ପାଳନ ହେବ ପଞ୍ଚୁକ ବ୍ରତ। ଏହି ଉପଲକ୍ଷେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସ୍ୱତନ୍ତ୍ର ବେଶ ଅନୁଷ୍ଠିତ ହେବ। ଦ୍ୱାଦଶୀ ତିଥି କ୍ଷୟ ଯାଉଥିବାରୁ ମହାପ୍ରଭୁଙ୍କ ୪ଟି ବେଶ ଦର୍ଶନର ସୁଯୋଗ ପାଇବେ ଭକ୍ତ। ବାଙ୍କଚୂଡ଼ା ବେଶ ଦର୍ଶନରୁ ଶ୍ରଦ୍ଧାଳୁ ବଞ୍ଚିତ ରହିବେ। ଏହାସହ ଶ୍ରୀମନ୍ଦିରରେ ହରି ଉତ୍ଥାପନ ଏକାଦଶୀ ନୀତି ସମ୍ପନ୍ନ ହେବ। ସେହିପରି ୩ ତାରିଖରେ ଡାଳିକିଆ ବା ତ୍ରିବିକ୍ରମ ବେଶ, ୪ରେ ଲକ୍ଷ୍ମୀନୃସିଂହ ବେଶ ଏବଂ ପଞ୍ଚକର ଶେଷ ଦିନ ଅର୍ଥାତ୍ ନଭେମ୍ବର ୫ରେ ମହାପ୍ରଭୁଙ୍କ ସୁନାବେଶ ତଥା ରାଜାଧିରାଜ ବେଶ ଅନୁଷ୍ଠିତ ହେବ। ମହାପ୍ରଭୁଙ୍କ ସ୍ୱତନ୍ତ୍ର ବେଶ ଦର୍ଶନ ଲାଗି ପ୍ରତିଦିନ ପୁରୀରେ ଲକ୍ଷାଧିକ ଭକ୍ତଙ୍କ ଆଗମନ ହେବାକୁ ଥିବାରୁ ପୁରୀ ପୁଲିସ ପକ୍ଷରୁ ଶୃଙ୍ଖଳିତ ଦର୍ଶନ ଓ ଭକ୍ତଙ୍କ ସୁରକ୍ଷା ଏବଂ ଟ୍ରାଫିକ୍ ପରିଚାଳନା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି।

ପ୍ରଥମ ଦିନ ଅର୍ଥାତ୍ କାର୍ତ୍ତିକ ଶୁକ୍ଳ ଏକାଦଶୀରେ ଶ୍ରୀବିଗ୍ରହମାନଙ୍କର ଅବକାଶ ନୀତି ପରେ ଲକ୍ଷ୍ମୀନାରାୟଣ ବା ଠିଆକିଆ ବେଶ ହୋଇଥାଏ। ଏହି ବେଶ ଥାଇ ଠାକୁରମାନଙ୍କର ଗୋପାଳବଲ୍ଲଭ, ସକାଳଧୂପ, ବାଳଧୂପ, ଭୋଗମଣ୍ଡପ ଇତ୍ୟାଦି ନୀତି ସମ୍ପନ୍ନ ହେବ। ସ୍ୱର୍ଣ୍ଣ ଅଳଙ୍କାର, ପୁଷ୍ପମାଲ୍ୟ, ପାଟବସ୍ତ୍ର ଇତ୍ୟାଦିରେ ପୁଷ୍ପାଳକ ସେବକମାନେ ଶ୍ରୀବିଗ୍ରହଙ୍କୁ ବେଶ କରିବେ। କାର୍ତ୍ତିକରେ ଅନୁଷ୍ଠିତ ରାଧାଦାମୋଦର ବେଶରେ ଠାକୁରମାନେ ଶ୍ରୀହସ୍ତରେ ନଳୀଭୁଜ ଧାରଣ କରୁଥିବା ବେଳେ ଲକ୍ଷ୍ମୀନାରାୟଣ ବେଶରେ ଶ୍ରୀଭୁଜ ଓ ଶଙ୍ଖ, ଚକ୍ର, ହଳ, ମୂଷଳ ଓ କେତେକ ଅଧିକ ସ୍ୱର୍ଣ୍ଣ ଅଳଙ୍କାର ଧାରଣ କରିଥା'ନ୍ତି। ସୁଭଦ୍ରାଙ୍କ ବେଶରେ କିଛି ପରିବର୍ତ୍ତନ ହୁଏ ନାହିଁ।

ଏତଦ୍‌ବ୍ୟତୀତ ସୁନାବେଶ ଭଳି ଏହି ବେଶରେ ଠାକୁରମାନଙ୍କ ମସ୍ତକରେ ସ୍ୱର୍ଣ୍ଣ କିରୀଟ ଶୋଭାପାଏ ଓ କିରୀଟ ପଛ ପାର୍ଶ୍ୱରେ ସୁବର୍ଣ୍ଣ କିଆ ଖଞ୍ଜା ଯାଇଥାଏ। ପଞ୍ଚୁକରେ ଲକ୍ଷାଧିକ ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ବଡ଼ଦାଣ୍ଡର ମାର୍କେଟ୍ ଛକଠାରୁ ହୋଇଥିବା ବ୍ୟାରିକେଡ୍ ଦେଇ ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ଯିବେ। ସେହିପରି ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ, ସୁରକ୍ଷା, ଭିଡ଼ ଓ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ୯୬ ସେକ୍ସନ୍ ଫୋର୍ସ ମୁତୟନ ହୋଇଛନ୍ତି। ୫ ଅତିରିକ୍ତ ଏସ୍‌ପି, ୧୬ ଡିଏସ୍‌ପି, ୩୫ ଇନ୍ସପେକ୍ଟର୍‌ଙ୍କ ସହ ଅନ୍ୟାନ୍ୟ ଅଧିକାରୀ ମଧ୍ୟ ନିୟୋଜିତ ହୋଇଛନ୍ତି। ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତମାନେ ଯେଭଳି କୌଣସି ସମସ୍ୟାର ସମ୍ମୁଖୀନ ହେବେ ନାହିଁ, ତାହା ପୁରୀ ପୁଲିସର ପ୍ରାଥମିକତା ରହିବ ବୋଲି କହିଛନ୍ତି ଏସ୍‌ପି ପ୍ରତୀକ୍ ସିଂ।

**ପଦୋନ୍ନତି କ୍ଷେତ୍ରରେ ବରିଷ୍ଠତାକୁ ଉପେକ୍ଷା ପ୍ରସଙ୍ଗ**

# ଆର୍‌ଆଇ ପଦୋନ୍ନତି ପାଇଥିବା ପ୍ରତିପକ୍ଷଙ୍କୁ ପୂର୍ବ ପଦକୁ ଆଣିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ, ୧।୧୧ (ସମିସ): ବରିଷ୍ଠତାକୁ ଉପେକ୍ଷା ପୂର୍ବକ କେନ୍ଦୁଝର ଜିଲ୍ଲାରେ କେତେକ ସାଧାରଣ ବର୍ଗ ପ୍ରାର୍ଥୀଙ୍କୁ ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ପଦକୁ ବେଆଇନ ପଦୋନ୍ନତି ପ୍ରଦାନ କରାଯାଇଥିବା ଅଭିଯୋଗରେ ରୁଜୁ ମାମଲାରେ ହାଇକୋର୍ଟ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ଏହି ମାମଲାର ପ୍ରତିପକ୍ଷ ତଥା ଆର୍‌ଆଇ ପଦୋନ୍ନତି ପାଇଥିବା କର୍ମଚାରୀଙ୍କୁ ସେମାନଙ୍କ ପୂର୍ବ ପଦକୁ ଫେରାଇ ଅଣାଯିବ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ତେବେ ପଦୋନ୍ନତି ପାଇଁ ପାଇଥିବା ଦରମା ଓ ଅନ୍ୟାନ୍ୟ ଆର୍ଥିକ ଲାଭ ସେମାନଙ୍କ ନିକଟରୁ ଭରଣା କରାଯିବ ନାହିଁ। ଆର୍‌ଆଇ ପଦକୁ ପଦୋନ୍ନତି ପାଇଁ ଏକ ଡିପିସି ଡାକିବାକୁ କର୍ତ୍ତୃପକ୍ଷଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସଂଜୟ କୁମାର ପେରେଇ ଓ ଅନ୍ୟ ଚାରିଜଣଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ୍ ଶଶିକାନ୍ତ ମିଶ୍ର ଏପରି ରାୟ ପ୍ରଦାନ କରିଛନ୍ତି। ଡିପିସିର ଫଳାଫଳ ଆଧାରରେ ସାନି ପଦୋନ୍ନତି ନିର୍ଦ୍ଦେଶନାମା ଜାରି ପ୍ରକ୍ରିୟା ତିନି ମାସ ଭିତରେ ସଂପୂର୍ଣ୍ଣ ହେବ ବୋଲି ହାଇକୋର୍ଟ କହିଛନ୍ତି।

ମାମଲାରୁ ପ୍ରକାଶ, କେନ୍ଦୁଝର ଜିଲ୍ଲାରେ ଗତ ୨୦୧୯ରେ ଗ୍ରେଡେସନ୍ ତାଲିକାରେ ବରିଷ୍ଠତା କ୍ଷେତ୍ରରେ ଆବେଦନକାରୀଙ୍କ ସ୍ଥାନର ତଳେ ଥିବା ପ୍ରତିପକ୍ଷ ସାଧାରଣବର୍ଗର ପ୍ରାର୍ଥୀଙ୍କୁ ପଦୋନ୍ନତି ପ୍ରଦାନ କରାଯାଇଥିଲା। ଏହାକୁ ଚାଲେଞ୍ଜ କରି ଆବେଦନକାରୀ ଓଡ଼ିଶା ପ୍ରଶାସନିକ ଟ୍ରିବ୍ୟୁନାଲର ଦ୍ୱାରସ୍ଥ ହୋଇଥିଲେ। ଟ୍ରିବ୍ୟୁନାଲ ଉଚ୍ଛେଦ ପରେ ମାମଲା ଶୁଣାଣି ପାଇଁ ହାଇକୋର୍ଟକୁ ସ୍ଥାନାନ୍ତର ହୋଇ ଆସିଥିଲା।

■ ୩୬ କଲେଜ ସ୍ୱୟଂଶାସିତ ମାନ୍ୟତା ହରାଇବା ପ୍ରସଙ୍ଗ

# ନବୀକରଣ ପାଇଁ ତାଗିଦ କରୁଛି ବିଭାଗ: ଉଚ୍ଚଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର, ୧।୧୧(ସମିସ): ରାଜ୍ୟର ମୋଟ୍ ୫୩ଟି ସ୍ୱୟଂଶାସିତ ମହାବିଦ୍ୟାଳୟ ମଧ୍ୟରୁ ୩୬ଟି ମହାବିଦ୍ୟାଳୟ ସ୍ୱୟଂଶାସିତ ମାନ୍ୟତା ହରାଇ ସାରିଛନ୍ତି। ଅନେକ ନବୀକରଣ ପାଇଁ ଆବେଦନ କରୁ ନଥିବାବେଳେ ଆଉକିଛି ଆବେଦନ କରିଥିଲେ ମଧ୍ୟ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ପକ୍ଷରୁ ମାନ୍ୟତା ନବୀକରଣ କରାଯାଇନାହିଁ। ଏନେଇ ଖବର ପ୍ରକାଶ ପାଇଲା ପରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରତିକ୍ରିୟା ରଖି କହିଛନ୍ତି ଯେ, ସମସ୍ତ ପ୍ରକାର ତ୍ରୁଟି ସୁଧାରି ମାନ୍ୟତା ଫେରିପାଇବା ପାଇଁ ସରକାର ପ୍ରୟାସ କରୁଛନ୍ତି। ପାଠପଢ଼ା ସହିତ ଅଫିସିଆଲ୍ କାର୍ଯ୍ୟକୁ ମଧ୍ୟ ଗୁରୁତ୍ୱ ଦେବାକୁ କଲେଜ ଅଧ୍ୟକ୍ଷମାନଙ୍କୁ କୁହାଯାଇଛି। ମାନ୍ୟତା ଅବଧି ଶେଷ ହେବା ପରେ ଆବେଦନ କରି ନ ଥିବା ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକୁ ବିଭାଗ ପକ୍ଷରୁ ତାଗିଦ୍ କରାଯାଉଛି। ଆବେଦନ କରି ମଧ୍ୟ ମାନ୍ୟତା ନବୀକରଣ ହୋଇ ନଥିବା ଶିକ୍ଷାନୁଷ୍ଠାନଗୁଡ଼ିକୁ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ କୁହାଯାଇଛି। ଏଥିପାଇଁ ଟାଇମ୍‌ଲାଇନ୍ ସହ ଡେଡ୍ ଲାଇନ୍ ମଧ୍ୟ ଦିଆଯାଉଛି। ସେହିପରି ବିଶ୍ୱବିଦ୍ୟାଳୟ ସହ କଲେଜଗୁଡ଼ିକର ଅଫିଲେସନ୍‌କୁ ମଧ୍ୟ ଗୁରୁତ୍ୱ ଦିଆଯାଇ ନବୀକରଣ କରିବାକୁ ପଦକ୍ଷେପ ନିଆଯାଉଥିବା ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି।

**ଘୋଷଣାକୁ ପୂରିଲା ବର୍ଷେ**

# ଘୋଷଣାରେ ସୀମିତ ଶିଶୁ ସୁରକ୍ଷା ହେଲ୍‌ପଲାଇନ୍ ନମ୍ବର

ଭୁବନେଶ୍ୱର,୧।୧୧(ସମିସ): ଶିଶୁମାନଙ୍କୁ ଶୋଷଣ, ଚାଲାଣ, ନିର୍ଯାତନା ଓ ଯୌନ ଉତ୍ପୀଡ଼ନରୁ ସୁରକ୍ଷା ଦେବା ପାଇଁ ସରକାର ସର୍ବଦା ସମ୍ବେଦନଶୀଳ ଅଛନ୍ତି। ଦାନ୍ତ ବିହୀନ କିମସନକୁ ନୂଆ ସରକାରରେ ଶକ୍ତିଶାଳୀ କରିବାକୁ ସମସ୍ତ ପ୍ରଚେଷ୍ଟା କରାଯିବ। ନୂଆ, ଢାଞ୍ଚାରେ ନୂଆ ନିମୟରେ ପରିବର୍ତ୍ତନ କରାଯିବ। ଏଥିପାଇଁ ରହିଥିବା ଆଇନ ଓ ନିୟମକୁ ମଧ୍ୟ ପରିବର୍ତ୍ତନ କରାଯାଇ ଆୟୋଗକୁ ସୁଦୃଢ଼ କରାଯିବ ବୋଲି ଉପୁମଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ବିଭାଗ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଗତବର୍ଷ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ଅଧିକାର ଆୟୋଗ(ଓଏସସିପିସିଆର)ର ପ୍ରତିଷ୍ଠା ଦିବସ ଅବସରରେ ଘୋଷଣା କରିଥିଲେ। ସେହିପରି ଯୌନ ଉତ୍ପୀଡ଼ନର ପ୍ରଥମ ପ୍ରୟାସକୁ ହିଁ ବିରୋଧ କରାଯିବା ସହ ରାଜ୍ୟର କୌଣସି ବି ସ୍ଥାନରେ ପିଲାମାନେ ଯଦି କୌଣସି ଅସୁବିଧାର ସମ୍ମୁଖୀନ ହୁଅନ୍ତି, ତେବେ ଦେୟମୁକ୍ତ ନମ୍ବର(୧୮୦୦-୩୪୫-୪୪୯୪)ରେ ଯୋଗାଯୋଗ କରିପାରିବେ। ଏହି ନମ୍ବରକୁ ବ୍ଲକ୍ ସ୍ତରରୁ ଜିଲ୍ଲା ସ୍ତରଯାଏଁ ବ୍ୟାପକ କରାଯିବ। ହେଲେ ଉପମୁଖ୍ୟମନ୍ତ୍ରୀଙ୍କ ଘୋଷଣାକୁ ବର୍ଷେ ପୂରିଥିଲେ ମଧ୍ୟ ଏହି ନମ୍ବର ଗାଁ ଗାଁରେ ପହଞ୍ଚିବା ତ ଦୂରର କଥା, ବ୍ଲକ୍ କି ଜିଲ୍ଲା ସ୍ତରକୁ ମଧ୍ୟ ଯାଇ ପାରିଲା ନାହିଁ।

ରାଜ୍ୟରେ ଶିଶୁମାନେ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ବିଷୟରେ ଅବଗତ ହେବା ଏବଂ ଏହାର ସମାଧାନ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ବିଭାଗ ପକ୍ଷରୁ ଜାରି କରାଯାଇଥିବା ଏହି ଟୋଲ୍ ଫ୍ରି ନମ୍ବର ସହ ପୁଲିସ ସହାୟତା ନମ୍ବର, ଚାଇଲ୍ଡ ହେଲ୍‌ପଲାଇନ୍ ନମ୍ବର ବିଷୟରେ ସଚେତନା କରାଯିବାକୁ ଯୋଜନା ରହିଥିଲା। ଶିଶୁ ଚାଲାଣ ରୋକିବା ପାଇଁ ଗାଁ ମାନଙ୍କରେ ଏସ୍‌ଏଚ୍‌ଜି ମହିଳା ଓ 'ଅଦ୍ୱିକା' ଯୋଜନାରେ କିଶୋରୀ ବାଳିକାଙ୍କୁ ଟ୍ରେନିଂ ଦିଆଯିବ। ସେମାନେ ଘର ଘର ବୁଲି ଏ ବାବଦରେ ଅଭିଭାବକମାନଙ୍କୁ ଅବଗତ କରାଇବେ। ଏଥିପାଇଁ ବିଭାଗ ପକ୍ଷରୁ ଅର୍ଥ ଯୋଗାଇ ଦିଆଯିବ। କେବଳ ସେତିକି ନୁହେଁ; ଶିଶୁ ଶ୍ରମିକ, ବାଲ୍ୟ ବିବାହ, ଶିଶୁ ନିର୍ଯାତନା, ଯୌନ ଉତ୍ପୀଡ଼ନ ସମେତ ଶିଶୁମାନଙ୍କ ଅଧିକାର କ୍ଷୁଣ୍ଣ ହେଲା ଭଳି କୌଣସି ଘଟଣା ସାମ୍ନାକୁ ଆସିଲେ ପୁଲିସ


**ସହରରୁ ଗାଁ ଯାଏଁ ବ୍ୟାପିଗଲାଣି ଶିଶୁ ଚାଲାଣ, ଯୌନ ଉତ୍ପୀଡ଼ନ ସମସ୍ୟା**

ପ୍ରଶାସନ ସହାୟତାରେ ତୁରନ୍ତ ପଦକ୍ଷେପ ନିଆଯିବ। ଜିରୋ ଟଲେରାନ୍ସ ବ୍ୟବସ୍ଥାରେ ଦୋଷୀଙ୍କୁ ତୁରନ୍ତ ଦଣ୍ଡ ଦିଆଯିବା ସହ ପୀଡ଼ିତାଙ୍କୁ ଅନୁକମ୍ପା ମୂଳକ ସହାୟତା ରାଶି ମଧ୍ୟ ପ୍ରଦାନ କରାଯିବାର ବ୍ୟବସ୍ଥା ପାଇଁ ବିଭାଗ ଘୋଷଣା କରିଥିଲା। ଏଦିଗରେ ପିଲାମାନଙ୍କୁ ଅଧିକ ସଚେତନ କରିବାକୁ ବିଦ୍ୟାଳୟରେ ଶିକ୍ଷା ଓ ସଚେତନତା ବାର୍ତ୍ତା ଦିଆଯିବ; ଯାହାକି ଏପର୍ଯ୍ୟନ୍ତ ହୋଇପାରି ନାହିଁ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସକାଳ ୧୦ ଟା ରୁ ଅପରାହ୍ନ ୫ ପର୍ଯ୍ୟନ୍ତ ଉପଲବ୍ଧ ରହିଥିବା ଏହି ସରକାରୀ ଟ୍ରୋଲ ଫ୍ରି ନମ୍ବର କେବଳ ସରକାରୀ ବ୍ୟବସ୍ଥା ମଧ୍ୟରେ ସୀମିତ ରହିଯାଇଛି। ବ୍ଲକ ତ ଦୂରର କଥା; ଜିଲ୍ଲା ସ୍ତରରେ ବି ପହଞ୍ଚିପାରି ନାହିଁ। ତେବେ ସରକାର ଏହାକୁ ଗୁରୁତ୍ୱର ସହ ନେଉ ନ ଥିବାରୁ ପ୍ରତିଦିନ ରାଜ୍ୟର ବିଭିନ୍ନ ସ୍ଥାନରୁ ଶିଶୁମାନେ ଗଣଦୁଷ୍କର୍ମ, ଯୌନ ଉତ୍ପୀଡ଼ନର ଶିକାର ହେବା ସହ ଶିଶୁ ଚାଲାଣ ସଂଖ୍ୟା ମଧ୍ୟ ବୃଦ୍ଧି ପାଉଥିବା ବିଭିନ୍ନ ମହଲରେ ଆଲୋଚନା ହେଉଛି। ଏଥିପ୍ରତି ସରକାର ଏବଂ ବିଭାଗୀୟ ତତ୍ପରତା ପ୍ରକାଶ କରିବାର ଆବଶ୍ୟକତା ଥିବା ନେଇ ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

# ଜାଭେଦ ଅଖତର୍ ପାଇବେ 'ସୋଆ ସାହିତ୍ୟ ସମ୍ମାନ-୨୦୨୫'

ଭୁବନେଶ୍ୱର, ୧।୧୧(ସମିସ): ଭାରତୀୟ ଚଳଚ୍ଚିତ୍ର ଓ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଓ ଜୀବନବ୍ୟାପୀ ଅବଦାନ ନିମନ୍ତେ ପ୍ରଖ୍ୟାତ କବି, ସଂଳାପ ଲେଖକ, ଗୀତିକାର ଓ ସମାଜ ଚିନ୍ତକ ପଦ୍ମଭୂଷଣ ଜାଭେଦ ଅଖତରଙ୍କୁ 'ସୋଆ ସାହିତ୍ୟ ସମ୍ମାନ-୨୦୨୫' ପ୍ରଦାନ କରାଯିବ। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିସରରେ ନଭେମ୍ବର ୨୯ ତାରିଖରୁ ଆୟୋଜିତ ହେବାକୁ ଥିବା ଦୁଇଦିନିଆ 'ତୃତୀୟ ସୋଆ ସାହିତ୍ୟ ଉତ୍ସବ'ର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଏହି ପ୍ରଖ୍ୟାତ ସାହିତ୍ୟ ସାଧକଙ୍କୁ ସମ୍ବର୍ଦ୍ଧିତ କରାଯିବ। ସମ୍ବର୍ଦ୍ଧନା ସ୍ୱରୂପ, ୭ଲକ୍ଷ ଟଙ୍କାର ପୁରସ୍କାର ରାଶି ସହ ମାନପତ୍ର, ଦେବୀ ସରସ୍ୱତୀଙ୍କ ରୌପ୍ୟ ମୂର୍ତ୍ତି ଓ ଉତ୍ତରୀୟ ପ୍ରଦାନ କରାଯିବ।



ଅଖତର ଏକାଧାରରେ ଜଣେ ସଂଳାପ ଲେଖକ, ଗୀତିକାର, କବି ଏବଂ ଚିନ୍ତକ। ତାଙ୍କର ଲେଖନୀ ଆଧୁନିକ ଭାରତର ଭାବପ୍ରବଣ ଓ ସାଂସ୍କୃତିକ ଦୃଶ୍ୟପଟ୍ଟକୁ ସମୃଦ୍ଧ କରିଆସିଛି। ଜଣେ ଉଚ୍ଚକୋଟୀର ଗୀତିକାର ଭାବେ ତାଙ୍କର କୃତି ଭାରତୀୟ ସିନେମାକୁ ଆହୁରି ସମୃଦ୍ଧ କରିବାରେ ସହାୟକ ହୋଇଛି। ପାଞ୍ଚଥର ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଏବଂ ୧୫ଥର ଫିଲ୍ମଫେୟାର୍ ପୁରସ୍କାରରେ ସମ୍ମାନିତ ଅଖତରଙ୍କୁ ୧୯୯୯ ମସିହାରେ ପଦ୍ମଶ୍ରୀ, ୨୦୦୭ରେ ପଦ୍ମଭୂଷଣ ଓ ୨୦୧୪ରେ ସାହିତ୍ୟ ଅକାଦେମି ସମ୍ମାନରେ ସମ୍ମାନିତ କରାଯାଇଛି। ତାଙ୍କର କବିତା ସଂକଳନ 'ତର୍କଷ' ଓ 'ଲାଭା' ଆଧୁନିକ ହିନ୍ଦୀ ସାହିତ୍ୟରେ ସର୍ବାଦୃତ ପୁସ୍ତକ ଭାବେ ପରିଗଣିତ ହେବା ସହ ବିଭିନ୍ନ ଭାରତୀୟ ଏବଂ ବିଦେଶୀ ଭାଷାରେ ମଧ୍ୟ ଅନୁବାଦ କରାଯାଇଛି। ଉନ୍ନତ ଚିନ୍ତାଧାରାସମ୍ପନ୍ନ ଅଖତର୍ ହାର୍ଭାର୍ଡ୍, ଅକ୍ସଫୋର୍ଡ ଏବଂ କେମ୍ବ୍ରିଜ୍ ଭଳି ପୃଥିବୀର ଅଗ୍ରଣୀ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଛାତ୍ରଛାତ୍ରୀ ଓ ପ୍ରଫେସର୍‌ମାନଙ୍କୁ ସମ୍ବୋଧିତ କରିଛନ୍ତି। ଭାରତୀୟ ସିନେମାର ଶବ୍ଦର ଯାଦୁକର ଭାବେ ପରିଚିତ ଜାଭେଦ ଅଖତରଙ୍କ ସାହିତ୍ୟକୃତି ଯୁବପିଢ଼ିଙ୍କୁ ଉତ୍ସାହ ପ୍ରଦାନ କରିଆସିଛି।

ସୋଆ ପରିଚାଳିତ ସେଣ୍ଟର୍ ଫର୍ ପ୍ରିଜରଭେସନ୍, ପ୍ରୋପାଗେସନ୍ ଆଣ୍ଡ ରେଷ୍ଟୋରେସନ୍ ଅଫ୍ ଏନ୍‌ସିଏଣ୍ଟ କଲ୍‌ଚର୍ ଆଣ୍ଡ ହେରିଟେଜ୍ ଅଫ୍ ଇଣ୍ଡିଆ (ପ୍ରାଚୀନ) ପକ୍ଷରୁ ଆସନ୍ତା ନଭେମ୍ବର ୨୯ ଓ ୩୦ ଦୁଇଦିନ ଧରି ଆୟୋଜିତ ହେବାକୁ ଥିବା ଏହି ସାହିତ୍ୟ ଉତ୍ସବର ଚଳିତବର୍ଷର ପ୍ରସଙ୍ଗ ହେଉଛି 'କଲ୍‌ଚର, କ୍ରିଏଟିଭିଟି ଆଣ୍ଡ ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସ' ଅର୍ଥାତ ସଂସ୍କୃତି, ସର୍ଜନଶୀଳତା ଓ କୃତ୍ରିମ ବୁଦ୍ଧିମତା। ଏହି ସୂଚନା ଦେଇଛନ୍ତି ପ୍ରାଚୀନର ମୁଖ୍ୟ ତଥା ଉତ୍ସବର ନିର୍ଦ୍ଦେଶିକା ପ୍ରଫେସର ଗାୟତ୍ରୀବାଳା ପଣ୍ଡା। ଚଳିତବର୍ଷର ସାହିତ୍ୟ ଉତ୍ସବରେ ଦେଶର କୋଣଅନୁକୋଣରୁ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ବିଶିଷ୍ଟ ଲେଖକ, କବି, ଚିତ୍ରକାର, ଔପନ୍ୟାସିକ, ଅନୁବାଦକ, ପ୍ରକାଶକ, ଚିନ୍ତକ, ନାଟକ ଏବଂ ଗଣମାଧ୍ୟମ ଜଗତର ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଦୁଇଦିନିଆ ଏହି ଉତ୍ସବରେ ୩୦ଟି ବିଭିନ୍ନ ଅଧିବେଶନ ରଖାଯାଇଛି ବୋଲି ପ୍ରଫେସର୍ ପଣ୍ଡା ସୂଚନା ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ, ସୋଆ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିଷ୍ଠିତ ସୋଆ ସାହିତ୍ୟ ସମ୍ମାନ ଦେଶରେ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ପ୍ରଦାନ କରାଯାଇଥାଏ। ଭାରତୀୟ ସମ୍ବିଧାନ ଅନୁମୋଦିତ ଯେକୌଣସି ଭାରତୀୟ ଭାଷାର ସାହିତ୍ୟିକଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥାଏ। ବିଶିଷ୍ଟ ଲେଖକ, କବି ଓ ଚିନ୍ତକ ଯେଉଁମାନଙ୍କର ଏହି କ୍ଷେତ୍ରରେ ଉତ୍କର୍ଷ, ସୃଜନଶୀଳତା ଓ ବୌଦ୍ଧିକ ଗଭୀରତା ରହିଛି, ସେମାନଙ୍କୁ ସମ୍ମାନିତ କରିବା ହିଁ ସୋଆ ସାହିତ୍ୟ ସମ୍ମାନର ଉଦ୍ଦେଶ୍ୟ।

■ ହାତୀଦାନ୍ତ ବିକ୍ରି ମାମଲା

# ୩ଜଣଙ୍କୁ ୩ବର୍ଷ ଜେଲ୍

ବାଲେଶ୍ୱର,୧।୧୧(ସମିସ): ହାତୀ ଶିକାର କରି ଦାନ୍ତ ବିକ୍ରି ମାମଲାର ବିଚାର କରି ବାଲେଶ୍ୱର ମୁଖ୍ୟ ବିଚାର ବିଭାଗୀୟ ବିଚାରପତି ଜନକ ରାଉତ ଆଜି ୩ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୩ବର୍ଷ ଲେଖାଏଁ ଜେଲ୍ ଓ ୧୦ ହଜାର ଟଙ୍କା ଲେଖାଏଁ ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ, ଅତିରିକ୍ତ ୩ ମାସ ଲେଖାଏଁ ଜେଲ୍‌ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ନିର୍ଦ୍ଦେଶ ରହିଛି। ସେମାନେ ହେଲେ, ସାଇଁକୁଳା ଅଞ୍ଚଳର ଅଶ୍ୱିନୀ କୁମାର ଦେ, ଶାନ୍ତନୁ ସାହୁ ଏବଂ ତରତରୀ ଅଞ୍ଚଳର ଡୁମା ବେହେରା। ଏମାନେ କୁଲଡ଼ିହା ଜଙ୍ଗଲରୁ ହାତୀ ଶିକାର କରି ଦାନ୍ତ ବିକ୍ରି କରିବାକୁ ଯୋଜନା କରୁଥିବା ବେଳେ ବନ ବିଭାଗ ହାତରେ ଧରାପଡ଼ିଥିଲେ। ସୂଚନାନୁସାରେ, ୨୦୦୬ ଡିସେମ୍ବର ୨୭ ରାତିରେ ଫରେଷ୍ଟର ଭାଗୀରଥି ତୁଙ୍ଗ ଓ ଅନ୍ୟମାନେ କୁଲଡହା ଜଙ୍ଗଲର ପଞ୍ଚୁଲିଙ୍ଗେଶ୍ୱରସ୍ଥିତ ସଂରକ୍ଷିତ ଜଙ୍ଗଲ ନିକଟରେ ପାଟ୍ରୋଲିଂ କରୁଥିଲେ। ସାଇଁକୁଳା-ମିତ୍ରପୁର ରାସ୍ତାର ପୁରୁଣାଗାଁଠାରେ ହାତୀଦାନ୍ତ ଡିଲ୍ ଚାଲୁଥିବା ଖବର ପାଇ ଶ୍ରୀ ତୁଙ୍ଗ ସେଠାରେ ଚଢ଼ଉ କରିଥିଲେ। ଚଢ଼ଉ ବେଳେ ଅଶ୍ୱିନୀ କୁମାର ଦେଙ୍କ ଠାରୁ ବ୍ୟାଗ ଜବତ କରି ଯାଞ୍ଚ ପରେ ସେଥିରେ ଦୁଇଟି ହାତୀଦାନ୍ତ ରହିଥିଲା। ଯାହାର ଓଜନ ୨କେଜି ୮୫୦ ଗ୍ରାମ ଓ ୨ କେଜି ୨୫୦୦ ଗ୍ରାମ୍ ଥିଲା। ଏହାସହ ଏକ ବଡ଼ ହାତୁଡ଼ି ମଧ୍ୟ ଜବତ ହୋଇଥିଲା। ଫରେଷ୍ଟ କର୍ମଚାରୀ ଏହି ଘଟଣାରେ ସମ୍ପୃକ୍ତ ଥିବା ତିନି ଅଭିଯୁକ୍ତ ଅଶ୍ୱିନୀ କୁମାର ଦେ, ଶାନ୍ତନୁ ସାହୁ ଏବଂ ତରତରୀ ଅଞ୍ଚଳର ଡୁମା ବେହେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାକୁ ସରକାରୀ ଓକିଲ ପ୍ରଭାତ କୁମାର ଦାସ ପରିଚାଳନା କରୁଥିଲେ।

■ ଅନୁକମ୍ପା ନିଯୁକ୍ତି ପ୍ରଦାନରେ ଅବହେଳା

# ଲକ୍ଷେ ଦଣ୍ଡ ଗଣିବ ଉତ୍କଳ ବିଶ୍ୱବିଦ୍ୟାଳୟ: ହାଇକୋର୍ଟ

କଟକ, ୧।୧୧(ସମିସ): ଜଣେ କର୍ମଚାରୀଙ୍କ ମୃତ୍ୟୁ ପରେ ତାଙ୍କ ଉତ୍ତରାଧିକାରୀଙ୍କୁ ଅନୁକମ୍ପା ନିଯୁକ୍ତି ପ୍ରଦାନରେ ଅବହେଳା ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟ ୧ଲକ୍ଷ ଟଙ୍କା ଦଣ୍ଡ ରାଶି ଗଣିବ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ୧ ମାସ ମଧ୍ୟରେ ଏହା ପଇଠ କରାନଗଲେ, ଦିନକୁ ଅତିରିକ୍ତ ୧ହଜାର ଟଙ୍କା ଦେବାକୁ ପଡ଼ିବ। ଏହି ଦଣ୍ଡରାଶି ସମ୍ପୃକ୍ତ ଦୋଷୀ ଅଧିକାରୀଙ୍କ ଦରମାରୁ ଭରଣା କରାଯିବ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ଡି. ସୁରେଶ ଦାସଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଏପରି ରାୟ ପ୍ରକାଶ କରିଛନ୍ତି।

ହାଇକୋର୍ଟ କହିଛନ୍ତି ଯେ ବାରମ୍ବାର ନିର୍ଦ୍ଦେଶ ପରେ ବି ଆଦେଶ ଅନୁପାଳନ ନହେବା, ନ୍ୟାୟିକ ପ୍ରକ୍ରିୟାରେ ମକଦ୍ଦମାକାରୀଙ୍କ ବିଶ୍ୱାସକୁ ଦୋହଲାଇ ଦେବ। ଏଭଳି ସ୍ଥିତିରେ ନିଜ କର୍ମଚାରୀଙ୍କ ପରିବାର ପ୍ରତି ନିଷ୍ଠୁର ମନୋଭାବ ଦେଖାଇବା ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟର କାର୍ଯ୍ୟ ଦଣ୍ଡମୁକ୍ତ ହୋଇପାରିବ ନାହିଁ। ଏଥିସହ, ଅନୁକମ୍ପା ନିଯୁକ୍ତି ଆବେଦନକୁ ଖାରଜ କରି ବିଶ୍ୱବିଦ୍ୟାଳୟ କୁଳସଚିବଙ୍କ ଦ୍ୱାରା ଗତ ୨୦୨୪ ମାର୍ଚ୍ଚ ୧୧ର ଆଦେଶକୁ ହାଇକୋର୍ଟ ରଦ୍ଦ କରିଦେଇଛନ୍ତି। ଆସନ୍ତା ୩ସପ୍ତାହ ମଧ୍ୟରେ ଆବେଦନକାରୀଙ୍କ ଅନୁକମ୍ପା ନିଯୁକ୍ତିର ଆଦେଶ ଜାରି କରିବା ସହ ଅଦାଲତଙ୍କ ଆଦେଶ ଅନୁପାଳନ ସଂକ୍ରାନ୍ତରେ ରେଜିଷ୍ଟ୍ରାର୍ ଜେନେରାଲଙ୍କୁ ରିପୋର୍ଟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ।

ଆବେଦନକାରୀଙ୍କ ପିତା ବିଶ୍ୱବିଦ୍ୟାଳୟରେ କମନ ରୁମ୍ ଆଟେଣ୍ଡାଣ୍ଟ ଭାବରେ ନିଯୁକ୍ତି ପାଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ତାଙ୍କ ଚାକିରି ଗତ ୨୦୦୪ ନଭେମ୍ବର ୨୭ରୁ ନିୟମିତ କରାଯାଇଥିଲା। ୨୦୧୦ ମାର୍ଚ୍ଚ ୧୦ରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହା ପରେ ଆବେଦନକାରୀ ଅନୁକମ୍ପା ନିଯୁକ୍ତିରୁ ବଞ୍ଚିତ ହେବାରୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ସପକ୍ଷରେ ହାଇକୋର୍ଟ ରାୟ ଦେଇଥିଲେ ସୁଦ୍ଧା ଏହାକୁ ସରକାର କିମ୍ବା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ପାଳନ ନକରିବାରୁ ସେ ଅଦାଲତ ଅବମାନନା ମାମଲା କରିଥିଲେ। ଏହି ମାମଲାରେ ବି ଆବେଦନକାରୀଙ୍କୁ ନିଯୁକ୍ତି ପ୍ରଦାନ ପାଇଁ କୁହାଯାଇଥିଲା। ପ୍ରଚଳିତ ନିୟମ ଅନୁଯାୟୀ, ଏହି ପ୍ରସଙ୍ଗରେ ବିଶ୍ୱବିଦ୍ୟାଳୟ ନିଷ୍ପତ୍ତି ନେବା ଆବଶ୍ୟକ ବୋଲି ସରକାର କହିବା ପରେ ଗତ ୨୦୨୪ ମାର୍ଚ୍ଚ ୧୧ରେ ଆବେଦନକାରୀଙ୍କ ଦାବିକୁ ପ୍ରତ୍ୟାଖ୍ୟାନ କରିଥିଲେ।

# ଆଚରଣ ବିଧି ଉଲ୍ଲଙ୍ଘନ ଅଭିଯୋଗରେ ସିଇଓଙ୍କୁ ଭେଟିଲା ବିଜେଡି

ଭୁବନେଶ୍ୱର,୧।୧୧(ସମିସ): ନୂଆପଡ଼ାରେ ପୁଲିସ ଅଧିକାରୀମାନେ ନିଜକୁ ଶାସକ ବିଜେପିର ଏଜେଣ୍ଟ ପରି ଆଚରଣ କରୁଛନ୍ତି। ପୁଲିସ ପ୍ରଶାସନର ଅପବ୍ୟବହାର କରି ବିଜେପି ନୂଆପଡା ଉପନିର୍ବାଚନକୁ ପ୍ରଭାବିତ କରିବାକୁ



■ ପୁଲିସ ପ୍ରଶାସନକୁ ବ୍ୟବହାର କରି ବିଜେପି ନିର୍ବାଚନ ଜିତିବାକୁ ଅପଚେଷ୍ଟା କରୁଛି
■ ବିଜେପିରେ ଯୋଗଦେବା ପାଇଁ ପୁଲିସ ବିଜେଡି କର୍ମୀଙ୍କ ଉପରେ ଚାପ ପକାଉଛି
■ ବିଜେପିର ଷ୍ଟାର୍ ପ୍ରଚାରକ ଭଳି କାମ କରୁଛନ୍ତି ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ୍

ଚେଷ୍ଟା କରୁଥିବା ଅଭିଯୋଗ କରି ବିଜୁ ଜନତା ଦଳ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ଆଗରେ ଫେରାଦ ହୋଇଛି।

ଦଳର ଏକ ପ୍ରତିନିଧି ମଣ୍ଡଳୀ ଶନିବାର ସିଇଓଙ୍କୁ ଭେଟି ନୂଆପଡ଼ା ଉପନିର୍ବାଚନରେ ବିଜେପି ଦ୍ୱାରା ପ୍ରଶାସନିକ କଳର ଅପବ୍ୟବହାର ଅଭିଯୋଗ କରି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏଥିରେ ବିଜେଡି ଅଭିଯୋଗ କରିଛି ଯେ ଖରିଆର ରୋଡ୍‌ର ବିଜେଡି ଛାତ୍ର ସଭାପତି ମନୀଷ ଦେବଙ୍ଗନଙ୍କୁ ପୁଲିସ ଦ୍ୱାରା ଚାପ ପକାଯାଇ ବିଜେପିରେ ଯୋଗଦାନ କରାଯାଇଛି। ମନୀଷ ବିଜେପିରେ ଯୋଗଦାନ କରିବାର ପୂର୍ବ ସନ୍ଧ୍ୟାରେ ସାମାଜିକ ଗଣମାଧ୍ୟମରେ ସେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱକୁ ପ୍ରଶଂସା କରିବା ସହିତ ସେ ବିଜେଡିରେ ଅଛନ୍ତି ବୋଲି କହିଥିଲେ। ଏହାର କିଛି ଘଣ୍ଟା ପରେ ସେ ହ୍ୱାଟ୍ସଆପରେ ମେସେଜ୍ ଦେଇ ତାଙ୍କୁ ପୁଲିସ ଉଠାଇ ନେଇଛି ଓ ବିଜେପିରେ ଯୋଗଦେବା ପାଇଁ ତାଙ୍କ ଉପରେ ଚାପ ପକାଉଛି ବୋଲି କହିଥିଲେ। ଏହାର ପରଦିନ ମନୀଷ ବିଜେପିରେ ଯୋଗ ଦେଇଥିଲେ। ଏହି ଘଟଣାରୁ ବିଜେପି ପୁଲିସ ପ୍ରଶାସନକୁ ବ୍ୟବହାର କରି ନିର୍ବାଚନକୁ ପ୍ରଭାବିତ କରୁଥିବା ସ୍ପଷ୍ଟ ପ୍ରମାଣିତ ହେଉଛି ବୋଲି ବିଜେଡି ଅଭିଯୋଗ କରିଛି।

ସ୍ମାରକପତ୍ରରେ ଆହୁରି କୁହାଯାଇଛି ଯେ ଜିଲ୍ଲାରେ କାର୍ଯ୍ୟରତ ଏସ୍‌ପି ଅମ୍ରିତପାଲ ସିଂହଙ୍କ କାର୍ଯ୍ୟକଳାପକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ପୂର୍ବରୁ ଦକ୍ଷିଣ-ପଶ୍ଚିମାଞ୍ଚଳ ଡିଆଇଜି କନୱର ବିଶାଳ ସିଂହଙ୍କୁ ଛୁଟିରେ ପଠାଯାଇ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ୍‌ଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଆଇଜି ଏବେ ବିଜେପିର ଷ୍ଟାର୍ ପ୍ରଚାରକ ଭଳି କାର୍ଯ୍ୟ କରୁଥିବା ବିଜେଡି ପକ୍ଷରୁ ଅଭିଯୋଗ ହୋଇଛି। ବିଜେପି ଦ୍ୱାରା ପ୍ରଶାସନିକ କଳର ଅପବ୍ୟବହାର କରି ବିଜେପି ନିର୍ବାଚନର ଆଦର୍ଶ ଆଚରଣ ବିଧିକୁ ଉଲ୍ଲଙ୍ଘନ କରୁଥିବାର ଦଳ କହିଛି।

ସ୍ମାରକପତ୍ର ପ୍ରଦାନ କରିବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ବିଜେଡିର ମୁଖପାତ୍ର ଡ. ଲେନିନ ମହାନ୍ତି କହିଥିଲେ ଯେ ପରାଜୟ ଭୟରେ ବିଜେପି ଆତଙ୍କିତ ହୋଇ ପ୍ରଶାସନକୁ ବ୍ୟବହାର କରି ନିର୍ବାଚନ ବୈତରଣୀ ପାର ହେବାକୁ ଉଦ୍ୟମ କରୁଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ବାଚନୀ ଗସ୍ତ କାର୍ଯ୍ୟକ୍ରମ ସ୍ଥିର ହୋଇଯିବା ପରେ, ବିଜେପି ଭୟଭୀତ ହୋଇପଡିଛି । କିନ୍ତୁ ବିଜେପିର କୌଣସି ଚାଲ ଚଳିବ ନାହିଁ । ନୂଆପଡ଼ାବାସୀ ବିଜୁ ଜନତା ଦଳ ସହିତ ଅଛନ୍ତି ସେ କହିଛନ୍ତି।

**ସମୁଦ୍ର ତଟ ସୁରକ୍ଷା ବାହିନୀର ରୋଡ୍ ମ୍ୟାପ୍**

# ସାବାଡ଼ ହେବେ ଜଳଦସ୍ୟୁ

ଭୁବନେଶ୍ୱର,୧।୧୧(ସମିସ): ବେଆଇନ ଅସ୍ତ୍ରଶସ୍ତ୍ର ଚାଲାଣ ହେଉ କିମ୍ବା ଜାଲ୍ ନୋଟ କାରବାର, ଅଥବା ବାଂଲାଦେଶ ଅନୁପ୍ରବେଶକାରୀ ଅପରାଧୀଙ୍କୁ ବେଶ୍ ସୁହାଉଛି ଓଡ଼ିଶାର ଜଳପଥ। ସ୍ଥଳପଥରେ ଚେକିଂ ବ୍ଲକିଂକୁ ଭୟ କରୁଥିବା ଆନ୍ତରାଜ୍ୟ ମାଫିଆ ଆପଣାଇଛନ୍ତି ଜଳପଥର ବିସ୍ତିର୍ଣ୍ଣ ରାସ୍ତା। ଗୋଟିଏ ବୋଟ ଜରିଆରେ ସେମାନେ ନିଜ ଗନ୍ତବ୍ୟସ୍ଥଳରେ ପହଞ୍ଚିବାରେ ସକ୍ଷମ ହେଉଛନ୍ତି, ଆଉ ତିଆରି କରୁଛନ୍ତି ଅପରାଧର ନୀଳ ନକ୍ସା। ଏଭଳି ରାସ୍ତାକୁ ବନ୍ଦ କରିବା ସହ ଜଳଦସ୍ୟୁଙ୍କୁ ସାବାଡ଼ କରିବା ପାଇଁ ଆହ୍ୱାନ ମୋଡ୍‌କୁ ଆସିଛି ଓଡ଼ିଶା ତଟ ସୁରକ୍ଷା ବାହିନୀ।

ଅନୁପ୍ରବେଶ ଦ୍ୱାରା ଦେଶର ଅର୍ଥନୀତି ପ୍ରଭାବିତ ହେବାରୁ ବିଭିନ୍ନ ମହଲରୁ କ୍ଷୋଭ ପ୍ରକାଶ ପରେ ଏଭଳି ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରାଯାଇଛି। ଓଡ଼ିଶାରେ ରହିଛି ୫୭୪ କିଲୋମିଟର ସମୁଦ୍ର ତଟ ଓ ଜଳପଥ। ସୁରକ୍ଷା ଦାୟିତ୍ୱରେ ରହିଛନ୍ତି ୧୮ଟି ମେରାଇନ ଥାନା। ଯେଉଁ ଥାନା ଅଧୀନରେ ରହିଛି ୧୫ଟି ବୋଟ। ହାଇ ଟେକ୍ନୋଲୋଜିର ଫାଷ୍ଟ ଇଣ୍ଟରସେପ୍ଟର ବୋଟ୍ ମଧ୍ୟ ବିନା ଅନୁମତିରେ ପଶି ଆସୁଥିବା ପାଣିଜାହାଜ ଓ ବେଆଇନ ମାଛ ଧରାଳିଙ୍କ ଉପରେ ନଜର




ରଖିଛି। ତେବେ ବର୍ତ୍ତମାନ ମେରାଇନ ପୁଲିସିଂକୁ ଅଧିକ କ୍ରିୟାଶୀଳ କରିଛି ହାଇପ୍ରୋଫାଇଲ ଡ୍ରୋନ୍। ଯେଉଁ ଡ୍ରୋନ୍ ମାଧ୍ୟମରେ ୫ ମିନିଟ ମଧ୍ୟରେ ୧୫ କିଲୋମିଟର ପର୍ଯ୍ୟନ୍ତ ମଝି ଦରିଆର ଭିଡିଓ ଉତ୍ତୋଳନ କରାଯାଇପାରୁଛି। କଣ୍ଟ୍ରୋଲ ରୁମ୍ ଡ୍ରୋନ୍ରୁ ସଂଗୃହୀତ ଭିଡିଓ ଜରିଆରେ ମତ୍ସ୍ୟଜୀବୀଙ୍କୁ ଉଦ୍ଧାର ଠାରୁ ଆରମ୍ଭ କରି ବେଆଇନ ଟ୍ରଲର ଚାଳନା ପର୍ଯ୍ୟନ୍ତ ମେରାଇନ ପୁଲିସ କାମ କରିପାରୁଛି। କୋଷ୍ଟଗାର୍ଡ, ଭାରତୀୟ ନୌସେନା ସହ ସମନ୍ୱୟ ରକ୍ଷା କରି ଓଡ଼ିଶା ପୁଲିସ ନିତିଦିନ ଅପରେସନ ଚଳାଇଛି। ସେପଟେ ଜଳପଥରେ ଏରିଏଲ ସର୍ଭେ କରି ରିପୋର୍ଟ ଦେବାକୁ

■ ପେଟ୍ରୋଲିଂ ପାଇଁ ମିଳିବ ନୌସେନା ଅଧିକାରୀଙ୍କୁ ନିଯୁକ୍ତି
■ ଅନୁପ୍ରବେଶ ଓ ମାନବ ଚାଲାଣ ପାଲଟିଛି ମୁଣ୍ଡବିନ୍ଧା

ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। ଫିସିଂ ଟ୍ରେନିଂ ସେଣ୍ଟର ଉପରେ କଡ଼ା ନଜର ରଖାଯାଇଛି। ୧୦ ନୂଆ ଫିସିଙ୍ଗ କ୍ରାଫ୍ଟ ପାଇଁ ରାଜ୍ୟ ସରକାରଙ୍କ ସହ ଆଲୋଚନା ହୋଇଛି। ଉପକୂଳ ତଥା ସମୁଦ୍ର ତଟରେ ପାଟ୍ରୋଲିଂ ପାଇଁ ଅଭିଜ୍ଞ ଅବସରପ୍ରାପ୍ତ ନୌସେନା ଅଧିକାରୀଙ୍କୁ ନିଯୁକ୍ତି ମିଳିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ବ୍ରାହ୍ମଣୀ ଓ ମହାନଦୀ ଡେଲ୍ଟା ଓ ପୂର୍ବତଟ କେନାଲରେ ଜାତୀୟ ଜଳପଥ (ଏନ୍ଡବ୍ଲ୍ୟୁ)-୫, ବ୍ରାହ୍ମଣୀ ନଦୀରେ ଏନ୍ଡବ୍ଲ୍ୟୁ-୧୪, ବିରୂପା-ଗେଙ୍ଗୁଟି-ବ୍ରାହ୍ମଣୀ ନଦୀରେ ଏନ୍ଡବ୍ଲ୍ୟୁ-୨୨, ବୁଢ଼ାବଳଙ୍ଗ ନଦୀରେ ଏନ୍ଡବ୍ଲ୍ୟୁ-୨୩, ମହାନଦୀରେ ଏନ୍ଡବ୍ଲ୍ୟୁ-୬୪ ଓ ସୁବର୍ଣ୍ଣରେଖା ନଦୀରେ ଏନ୍ଡବ୍ଲୁ-୯୬ ବିକାଶ କରାଯାଉଛି।

ଓଡ଼ିଶାରେ ବନ୍ଦର, ଟର୍ମିନାଲ୍, ଡକ୍ ଓ ଦିଗ ନିର୍ଣ୍ଣୟ ବ୍ୟବସ୍ଥା ଆଦି ବ୍ୟାପକ ଜଳ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକ ଉପରେ କାମ ଚାଲିଥିବା ବେଳେ ଏସବୁକୁ ସୁରକ୍ଷା ଦେବା ଏବେ ବଡ଼ ଚ୍ୟାଲେଞ୍ଜ ପାଲଟିଛି। ଧାମରା ଓ ପାରାଦୀପ ବନ୍ଦର ମଧ୍ୟରେ ପରିବହନ ପାଇଁ ଏକାଧିକ ଜାହାଜ ଚଳାଚଳ କରୁଛି। ପୂର୍ବରୁ ସର୍ଭେଲାନ୍ସକୁ କଡ଼ାକଡ଼ି କରିବା ପାଇଁ ସ୍ଥାନୀୟ ଯୁବକମାନଙ୍କୁ ନେଇ ଗଠନ ହୋଇଥିବା "ସାଗର ରକ୍ଷକ ଦଳ'କୁ ମଧ୍ୟ ଅଧିକ ସଜାଗ କରାଯାଇଛି। ଯେଉଁମାନେ ତଟରକ୍ଷା ନିୟମର ଖିଲାପ କରୁଛନ୍ତି ସେମାନଙ୍କ ବିରୋଧରେ ଦେଶଦ୍ରୋହ ଦଫା ଲଗାଯାଇ ଗିରଫ କରିବାକୁ କଡା ନିର୍ଦ୍ଦେଶ ଦିଆଯାଇଥିବା ପୁଲିସ ପକ୍ଷରୁ କୁହାଯାଇଛି।

# ଦୁଇ ଦିନିଆ ହସ୍ତତନ୍ତ ଓ ହସ୍ତଶିଳ୍ପ ସମ୍ମିଳନୀ ଉଦଯାପିତ




ଭୁବନେଶ୍ୱର,୧।୧୧(ସମିସ): ହସ୍ତତନ୍ତ ଓ ହସ୍ତଶିଳ୍ପ କ୍ଷେତ୍ରର ବିକାଶ ତଥା ବୁଣାକାର ଓ ହସ୍ତଶିଳ୍ପୀଙ୍କ କଲ୍ୟାଣ ହିଁ ପ୍ରାଥମିକତା। ସେମାନଙ୍କୁ ଉନ୍ନତ ଉପକରଣ ପ୍ରଦାନ ଦ୍ୱାରା ସେମାନଙ୍କ ସମୟ, ଶକ୍ତି ଓ ଶ୍ରମ ହ୍ରାସ ହେବା ସହ ଉନ୍ନତମାନର ସାମଗ୍ରୀ ପ୍ରସ୍ତୁତ ହୋଇପାରିବ ବୋଲି ଭାରତ ସରକାରଙ୍କ ବୟନଶିଳ୍ପ ମନ୍ତ୍ରାଳୟର ସଚିବ ନୀଲମ ଶମ୍ମି ରାଓ କହିଛନ୍ତି। ଭୁବନେଶ୍ୱର ତାଜ ଭିଭାନ୍ତା ହୋଟେଲଠାରେ ଆୟୋଜିତ ଦୁଇ ଦିନିଆ ଜାତୀୟ ହସ୍ତତନ୍ତ ଏବଂ ହସ୍ତଶିଳ୍ପ ସମ୍ମିଳନୀର ଉଦଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସେ ଏହା କହିଛନ୍ତି। ଏହି କ୍ଷେତ୍ରର ବିକାଶ ପାଇଁ ମିଳିତ ପ୍ରୟାସ, କ୍ଲଷ୍ଟର-ଆଧାରିତ ଅଭିବୃଦ୍ଧି, ଉନ୍ନତ ଡିଜାଇନ୍, ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ, ଡିଜିଟାଲ୍ ମାର୍କେଟିଂକୁ ସେ ଗୁରୁତ୍ୱାରୋପ କରିଥିଲେ। ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏହି ଉଦଯାପନୀ କାର୍ଯ୍ୟକ୍ରମରେ ଯୋଗ ଦେଇ ପାରମ୍ପରିକ କୌଶଳ ସହ ନବସୃଜନର ମିଶ୍ରଣ କରି ସମୟ ଉପଯୋଗୀ ସାମଗ୍ରୀ ପ୍ରସ୍ତୁତି ଉପରେ ଗୁରୁତ୍ୱାରୋପ କରିଥିଲେ। ହସ୍ତତନ୍ତ ଏବଂ ହସ୍ତଶିଳ୍ପ କେବଳ ଗ୍ରାମୀଣ ଭାରତର ଆର୍ଥିକ ମେରୁଦଣ୍ଡ ନୁହେଁ ବରଂ ଦେଶର ସାଂସ୍କୃତିକ ଏବଂ ଆଧାତ୍ମିକ ଐତିହ୍ୟର ଜୀବନ୍ତ ପରିଚୟ। କାରିଗର ଓ ବୁଣାକାରଙ୍କ ସମ୍ମାନ ଏବଂ କଲ୍ୟାଣର ଆହ୍ୱାନ ଦେଇ ସେ ଭିତ୍ତିଭୂମି ବିକାଶ, କଞ୍ଚାମାଲ ଯୋଗାଣ ଶୃଙ୍ଖଳର ସୁଦୃଢ଼ୀକରଣ, ନୂତନ ଗୋଦାମ ନିର୍ମାଣ, ପ୍ରଶିକ୍ଷଣ, ସଂରକ୍ଷଣ ଏବଂ ବଜାର ସଂଯୋଗ ଉପରେ ଆଲୋକପାତ କରିଥିଲେ। ଏମ୍. ବୀଣା, ଉନ୍ନୟନ ଆୟୁକ୍ତ (ହସ୍ତତନ୍ତ) ଏବଂ ଅମୃତା ରାଜ, ଉନ୍ନୟନ ଆୟୁକ୍ତ (ହସ୍ତଶିଳ୍ପ) ଭାରତୀୟ ସାମଗ୍ରୀର ବିଶ୍ୱସ୍ତରୀୟ ବ୍ରାଣ୍ଡିଂକୁ ଅଧିକ ଧ୍ୟାନ ଦେବାକୁ କହିଥିବାବେଳେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କମିଶନର ଗୁହା ପୁନମ ତାପସ କୁମାର ବୁଣାକାର ଏବଂ କାରିଗରଙ୍କ ମଙ୍ଗଳ ପାଇଁ ଓଡ଼ିଶା ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ।

# ନିର୍ବାଚନ ମଣ୍ଡଳୀସ୍ତରୀୟ ଉନ୍ନୟନ କମିଟି ବୈଠକ

ଜଳେଶ୍ୱର, ବ୍ଲକ,୧।୧୧(ସମିସ): ଜଳେଶ୍ୱର ନିର୍ବାଚନ ମଣ୍ଡଳୀସ୍ତରୀୟ ଉନ୍ନୟନ କମିଟି ବୈଠକ ଜଳେଶ୍ୱର ପଞ୍ଚାୟତ ସମିତି



ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଅଶ୍ୱିନୀ କୁମାର ପାତ୍ର ଏହି ବୈଠକରେ ଅଧ୍ୟକ୍ଷତା କରିଥିବାବେଳେ ନିର୍ବାଚନ ମଣ୍ଡଳୀର ବିଭିନ୍ନ ଲାଇନ ଡିପାର୍ଟମେଣ୍ଟ ଦ୍ୱାରା ଚାଲିଥିବା ଉନ୍ନୟନ କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ତେବେ ବନ ବିଭାଗର କାର୍ଯ୍ୟକୁ ନେଇ ବୈଠକରେ ଅସନ୍ତୋଷ ବ୍ୟକ୍ତ କରିଥିଲେ ବିଧାୟକ ବୈଠକରେ ବ୍ଲକ୍ ଅଧକ୍ଷ ମାନସ କୁମାର ଜେନା, ଏଡିଏମ(ରାଜସ୍ୱ) ସୁଧାକର ନାୟକ, ଜଳେଶ୍ୱର ଏବିଡିଓ ସୁଧାକର ସାହୁ, ଜଳେଶ୍ୱର ଓ ବସ୍ତା ବ୍ଲକ୍‌ର ବିଭିନ୍ନ ବିଭାଗୀୟ ଅଧିକାରୀ, ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ଭୀଷ୍ମଚରଣ ପରିଡ଼ା, ଜିକେ ଭଟ୍ଟର ହସ୍ପିଟାଲ ମୁଖ୍ୟ ଚିକିତ୍ସାଧିକାରୀ ଡା. ଦିଲ୍ଲୀପ ପାତ୍ର, ଜଳେଶ୍ୱର ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗବନ୍ଧୁ ଜେନା, ବ୍ଲକ୍ ପ୍ରାଣୀ ଚିକିତ୍ସକ ଶିଶିର କୁମାର ଲେଙ୍କା, ସିଡିପିଓ ମିନତି ସିଂ, ପାନୀୟ ଜଳ ଯୋଗାଣ ଉପଖଣ୍ଡ ଯନ୍ତ୍ରୀ ଶେଷନାଗ ପ୍ରଧାନ, ବିଦ୍ୟୁତ ବିଭାଗର ନିର୍ବାହୀ ଯନ୍ତ୍ରୀ ରତିରଞ୍ଜନ ରାଉତ, ଗଦାଧର ଭୂୟାଁ, ଯୋଗାଣ ନୀରିକ୍ଷକ ଅବନ୍ତିକା ସାହୁ କୃଷି ବିଭାଗର ଜିଲ୍ଲାକୃଷି ଅଧିକାରୀ ତୁଷାରକାନ୍ତି ତୁଙ୍ଗ, ବ୍ଲକ କୃଷୀ ଅଧିକାରିଣୀ ରଞ୍ଜିତା ପାତ୍ର, ଗ୍ରାମ୍ୟ ଉନ୍ନୟନ ବିଭାଗ, ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

# ଅବକାରୀ ଚଢ଼ଉ; ୩ ଗିରଫ

ସୋର,୧।୧୧(ସମିସ): ସୋର ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ମିଳିତ ଚଢ଼ଉ କରି ଦେଶୀମଦ ଏବଂ ବିୟର



ଜବତ କରିଥିବା ବେଳେ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୋର ଆଦର୍ଶ ଅବକାରୀ ଥାନାଧିକାରୀ ସୁରଜ କୁମାର ଟୀଗା ଏବଂ ନୀଳଗିରି ରେଞ୍ଜ ଅବକାରୀ ଅଧିକାରୀ କେଶବ ଦାସଙ୍କ ନେତୃତ୍ୱରେ ଏକ ଟିମ ମୂଳିସିଂ ଗ୍ରାମରେ ଚଢ଼ଉ କରି ମନୋରଞ୍ଜନ ଷେଣ୍ଢ ନିକଟରୁ ୮୦ ଲିଟର ଦେଶୀମଦ, ଜାତପଦା ଗ୍ରାମର ରାମ ଟୁଡୁ ନିକଟରୁ ୭୦ ଲିଟର ଦେଶୀମଦ ଏବଂ ଖଇରା ଥାନା ଅଚ୍ୟୁତପୁର ଗ୍ରାମର କ୍ଷେତ୍ରମୋହନ ଜେନା ନିକଟରୁ ୭.୮୦୦ ଲିଟର ବିୟର ଜବତ କରିବା ସହିତ ସମସ୍ତଙ୍କୁ ଗିରଫ କରିଥିଲେ। ଅପରାହ୍ନରେ ସୋର ମେ?କାଲରେ ସମସ୍ତଙ୍କ ଡାକ୍ତରୀ ମାଇନା ପରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଏଏସଆଇ ବସନ୍ତ ବାରିକ, କନେଷ୍ଟବଳ ଶଶୀକାନ୍ତ ସାହୁ, ମିନତି ପରିଡାଙ୍କ ସମେତ ନୀଳଗିରି ରେଞ୍ଜ ଅବକାରୀ ବିଭାଗର କର୍ମଚାରୀ ମାନେ ସାମିଲ ହୋଇଥିଲେ।

# କଣ୍ଟେନରର ଧକ୍କାରେ ବାଇକ୍‌ଚାଳକ ମୃତ; ଜଣେ ଗିରଫ

ସୋର,୧।୧୧(ସମିସ)

ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ କଲେଜଛକ ନିକଟରେ ଏକ କଣ୍ଟେନର୍ ଧକ୍କାରେ ସୋର ଥାନାରେ କାର୍ଯ୍ୟରତ ଜଣେ ହୋମଗାର୍ଡଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ ରୂପଖଣ୍ଡ ଆଡ଼ିଆ ଗ୍ରାମର ସୁଶାନ୍ତ ସେଠୀ ସୋର ଥାନାରେ ହୋମଗାର୍ଡ ଭାବେ କାର୍ଯ୍ୟରତ ଥିଲେ।ଗତକାଲି ରାତିରେ ସୋର ଥାନାରେ ଡ୍ୟୁଟି ସାରି ଆଜି ସକାଳେ ଚା' ପିଇବା ପାଇଁ କଲେଜ ଛକ ନିକଟକୁ ଯାଇ ସେଠାରୁ ଫେରିବା ସମୟରେ ଏନ ଏଲ ୦୧ ଏଜେ ୬୭୦୯ ନମ୍ବର ବିଶିଷ୍ଟ ତେଜପତ୍ର ବୋଝେଇ କଣ୍ଟେନରଟି ତାଙ୍କ ବାଇକ୍‌କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ସୁଶାନ୍ତ ରାସ୍ତାରେ ପଡ଼ିଯିବାରୁ କଣ୍ଟେନରର ପଛ ଚକ ତାଙ୍କ ଉପରେ ଚଢ଼ି ଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁହୋଇ



ଯାଇଥିଲା। ଖବର ପାଇ ଜାତୀୟ ରାଜପଥ ପାଟ୍ରୋଲିଂ ପୁଲିସ କଣ୍ଟେନର ଟିକୁ ପିଛା କରି ସିମୁଳିଆ ନିକଟରୁ ଜବତ କରିବା ସହିତ ସୋର ପୁଲିସକୁ ହସ୍ତାନ୍ତର କରିବା ପରେ ପୁଲିସ କଣ୍ଟେନର ଡ୍ରାଇଭର ପଶ୍ଚିମବଙ୍ଗ କୁଚବିହାର ଜିଲ୍ଲା ଅଞ୍ଚଳର କ୍ରିଷ୍ଟା ଦାସ(୩୩) କୁ ପୁଲିସ ଥାନାରେ ଅଟକ ରଖି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଅନ୍ୟ ପଟେ ସୋର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ସୁଶାନ୍ତଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ସୋର ମେଡିକାଲକୁ ଆଣିଥିଲା। ଏ ବାବଦରେ ସୁଶାନ୍ତଙ୍କ ପରିବାର ତରଫରୁ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ୮୯୦/୨୫ ରେ ଏକ ମାମଲା ରୁଜୁ କରିଛି। ସୋର ମେଡିକାଲରେ ସୁଶାନ୍ତଙ୍କ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। କଣ୍ଟେନର ଚାଳକ କ୍ରିଷ୍ଟାକୁ ଗିରଫ କରି କୋର୍ଟ ଚାଲାଣ କରି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି ପୁଲିସ।

# ଏଆଇଟିୟୁସିର ପ୍ରତିଷ୍ଠା ଦିବସ




ବାଲେଶ୍ୱର,୧।୧୧(ସମିସ): ଶ୍ରମିକ ସଂଗଠନ ଏଆଇଟିୟୁସି (ଅଲ୍ ଇଣ୍ଡିଆ ଟ୍ରେଡ୍ ୟୁନିୟନ୍ କଂଗ୍ରେସ୍)ର ୧୦୬ ତମ ପ୍ରତିଷ୍ଠା ଦିବସ ବାଲେଶ୍ୱର ଜିଲ୍ଲା କମିଟି ପକ୍ଷରୁ ପାଳିତ ହୋଇଯାଇଛି। ପଢୁଆଁପଦା ସ୍ଥିତ ଉଠାଜଳସେଚନ କର୍ମଚାରୀ ଭବନରେ ଅନୁଷ୍ଠିତ ସଭାରେ ଜିଲ୍ଲା ଏଆଇଟିୟୁସି ସଭାପତି ଭାଗବତ ପ୍ରତିହାରୀ ଅଧ୍ୟକ୍ଷତା କରିଥିଲେ। ରାଜ୍ୟ ଉପସଭାପତି ଗୌରାଙ୍ଗ ପାଣିଗ୍ରାହୀ ୧୯୨୦ ମସିହା ଅକ୍ଟୋବର ୩୧ ତାରିଖରେ ଦେଶର ପ୍ରଥମ ସର୍ବଭାରତୀୟ ଶ୍ରମିକ ସଂଗଠନ ଓ ଦୀର୍ଘ ୧୦୬ ବର୍ଷର ଗୌରବମୟ ସଂଗ୍ରାମର ସୂଚନା ଦେଇଥିଲେ। ନିଜ ପେଟପାଟଣା ଦାବି ସହ ବ୍ରିଟିଶ୍ ସରକର ବିରୋଧରେ ଦେଶର ସ୍ୱାଧୀନତା ଆନ୍ଦୋଳନକୁ ତ୍ୱରାନ୍ୱିତ କରିବାରେ ଶ୍ରମିକମାନେ ସେମାନଙ୍କର ଗୁରୁଦାୟିତ୍ୱ ବହନ କରିଥିଲେ। ଦେଶ ସ୍ୱାଧୀନତା ପୂର୍ବରୁ ଓ ପରେ ଶ୍ରମିକମାନଙ୍କ ସ୍ୱାର୍ଥରେ ପ୍ରଣୀତ ଆଇନଗୁଡ଼ିକୁ ବର୍ତ୍ତମାନର ଡବଲ ଇଞ୍ଜିନ୍ ସରକାର ସଂଶୋଧନ କରି ପୁଞ୍ଜିପତି ମାଲିକମାନଙ୍କ ସପକ୍ଷରେ ନେବାକୁ ଉଦ୍ୟମ କରୁଛନ୍ତି। ରାଜ୍ୟ ସରକାର ଗତ ମାସରେ ଦୈନିକ କାର୍ଯ୍ୟସମୟ ଆଠଘଣ୍ଟାରୁ ଦଶ ଘଣ୍ଟାକୁ ବୃଦ୍ଧି କରିଛନ୍ତି ଓ ମହିଳାମାନେ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନରେ ରାତ୍ରି ସମୟରେ କାମ କରିବାକୁ ଅଧ୍ୟାଦେଶ ଜାରି କରିଛନ୍ତି। ଏହାକୁ ଏଆଇଟିୟୁସି ସମେତ ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନମାନେ ବିରୋଧ କରୁଛନ୍ତି। ଆସନ୍ତା ଡିସେମ୍ବର ୩ ରୁ ୫ ତାରିଖ ପର୍ଯ୍ୟନ୍ତ ୩ଦିନ ବ୍ୟାପୀ ବିଧାନସଭା ସମ୍ମୁଖରେ ଶ୍ରମିକ ସମାବେଶ ପାଇଁ କେନ୍ଦ୍ରୀୟ ଶ୍ରମିକ ସଂଗଠନମାନେ ଆହ୍ୱାନ ଦେଇଛନ୍ତି। ଏହି ସମାବେଶରେ ସମସ୍ତ ଶ୍ରମଜୀବୀ ଜନଗଣ ଯୋଗଦେବାକୁ ଶ୍ରୀ ପାଣିଗ୍ରାହୀ ନିବେଦନ କରିଛନ୍ତି। ପ୍ରତିରକ୍ଷା କର୍ମଚାରୀ ନେତା ଜଗଦୀଶ ବାରିକ, ବିଦ୍ୟୁତ୍ ଶ୍ରମିକ ନେତା ଭରତ ଚନ୍ଦ୍ର ସେଠୀ, ଉଠାଜଳ ସେଚନ ନିଗମରୁ ଶରତ ଚନ୍ଦ୍ର ଦଳାଇ, ପ୍ରତିରକ୍ଷା ଠିକା କର୍ମଚାରୀ ସଂଘରୁ ଅରୁଣ ମଣ୍ଡଳ, ଉତ୍କଳ ମହିଳା ସମିତି ନେତ୍ରୀ ବନ୍ଦନା ବିଶ୍ୱାସ, ବିର୍ଲା ଟାୟାର୍ସ ଶ୍ରମିକନେତା ଦୁକୁଲ ଚନ୍ଦ୍ର ଘଡ଼ାଇ, ରିକ୍ସା ଚାଳକ ସଂଘରୁ ସୁଦର୍ଶନ ବାରିକ, ଏମ୍.ଇ.ଏସ୍. ସଂଘର ସଭାପତି ଦେବବ୍ରତ ଜେନା ଓ ଆଇନଜୀବୀ ନିରଞ୍ଜନ ପରିଡ଼ା ପ୍ରମୁଖ ସରକାର ଜନବିରୋଧୀ ନୀତି ବିରୋଧରେ ଶ୍ରମଜୀବୀମାନେ ଐକ୍ୟବଦ୍ଧ ହେବାକୁ ଆହ୍ୱାନ ଦେଇଥିଲେ। ଆରମ୍ଭରେ ଏଆଇଟିୟୁସିର ଦିବଂଗତ ସାଧାରଣ ସମ୍ପାଦକ ତଥା ପୂର୍ବତନ ସାଂସଦ ଗୁରୁଦାସ ଦାସଗୁପ୍ତାଙ୍କ ୬ଷ୍ଠ ଶ୍ରାଦ୍ଧବାର୍ଷିକୀ ଅବସରରେ ତାଙ୍କ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ପ୍ରଦାନ ପୂର୍ବକ ପୁଷ୍ପ ପ୍ରଦାନ କରିଥିଲେ। ଶେଷରେ ଜିଲ୍ଲା ସଂପାଦକ ଶ୍ୟାମସୁନ୍ଦର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

ବାଲେଶ୍ୱର,୧।୧୧(ସମିସ): ମ୍ୟୁନିସିପାଲିଟି ମାନସିଂ ବଜାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ବରିଷ୍ଠ ଉପଦେଷ୍ଟା ଲକ୍ଷ୍ମୀନାରାୟଣ ମହାନ୍ତି ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସିଆର୍‌ସିସି ସସ୍ମିତା ପଣ୍ଡା, ଶିକ୍ଷୟିତ୍ରୀ ଗୀତାଞ୍ଜଳି ଶତପଥୀ ଓ ସୁଜିତ କୁମାର ପ୍ରଧାନ ଯୋଗଦେଇ ପିଲାମାନଙ୍କୁ ସାମ୍ପ୍ରତିକ ସମାଜରେ ବିଜ୍ଞାନର ଉପାଦେୟତା ବିଷୟରେ ମାର୍ଗ ଦର୍ଶନ କରାଇଥିଲେ। ବିଦ୍ୟାଳୟର ସଭାପତି ରାଧାକୃଷ୍ଣ ଆଚାର୍ଯ୍ୟ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ବିଦ୍ୟାଳୟର ସମ୍ପାଦକ ଗୟାଧର କର ଅତିଥି ପରିଚୟ ପ୍ରଦାନକରି କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ। ଅତିଥିମାନେ ଛାତ୍ରଛାତ୍ରୀଙ୍କ ଉଚ୍ଚକୋଟିର ପ୍ରକଳ୍ପ ଦେଖି ପ୍ରଶଂସିତ ହେବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।ଏହି ମେଳାରେ ବିଭିନ୍ନ ବର୍ଗର ୮୦ଜଣ ଛାତ୍ରଛାତ୍ରୀ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ବିଜ୍ଞାନ ପ୍ରମୁଖ ନିରୁପମା ନାୟକ ସଂପୂର୍ଣ୍ଣ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିଥିବା ବେଳେ ସହ ପ୍ରଧାନ ଆଚାର୍ଯ୍ୟା ମାନିନୀ ମହାନ୍ତି, ହରପ୍ରିୟା ଭୂୟାଁ,ପ୍ରୀୟଙ୍କା ସାହୁ, ଆରତୀମଣି ପାତ୍ରଙ୍କ ସମେତ ସମସ୍ତ ଆଚାର୍ଯ୍ୟାମାନେ ସହଯୋଗ କରିଥିଲେ। ଏଥିରେ ସଫଳତା ପାଇଥିବା ଛାତ୍ରଛାତ୍ରୀମାନ ଆସନ୍ତା ନଭେମ୍ବର ୮ ତାରିଖରେ ଜିଲ୍ଲା ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳାରେ ଅଂଶଗ୍ରହଣ କରିବେ।

# ଦେଢ଼ଶୁର ଓ ଯାଆ ଆକ୍ରମଣରେ ମହିଳା ଗୁରୁତର

ରାଜଘାଟ,୧।୧୧(ସମିସ): ବସ୍ତା ଥାନା ବରୁଣଗଡ଼ିଆ ପଞ୍ଚାୟତ ସଦାନନ୍ଦପୁର ଗ୍ରାମରେ ରୋଷେଇ କରିବା ସମୟରେ ଆଇଁଷ ଛିଟିକି ପଡ଼ିବାରୁ ଦୁଇ ଯାଆ ମଧ୍ୟରେ ପାଟିତୁଣ୍ଡ ଘଟି ତାହା ଉଗ୍ରରୂପ ଧାରଣ କରିଛି। ଫଳରେ ଦେଢ଼ଶୁର ଓ ଯାଆର ଆକ୍ରମଣରେ ମହିଳା ଜଣକ ଗୁରୁତର ହୋଇଛନ୍ତି। ଅଭିଯୋଗ ଅନୁସାରେ ଏହି ଗ୍ରାମର ନରୋତ୍ତମ ମଲ୍ଲିକ ଓ ଗୌତମ ମଲ୍ଲିକ ଦୁଇ ଭାଇ। ଗୌତମଙ୍କ ସ୍ତ୍ରୀ ମିନତି ଗ୍ୟାସଚୂଲାରେ ଆଜି ଆମିଷ ରୋଷେଇ କରୁଥିଲେ। ଏହି ସମୟରେ ତରକାରୀ ଛିଟକି ନରୋତ୍ତମଙ୍କ ସ୍ତ୍ରୀ ପ୍ରତିମାଙ୍କ ଗ୍ୟାସ ଚୂଲାରେ ପଡ଼ିଥିଲା। କାର୍ତ୍ତିକ ମାସ ଯୋଗୁଁ ପ୍ରତିମା ନିରାମିଷ ପାଳୁଥିବାରୁ ଆମିଷ ତରକାରୀ ଛିଟିକିବା ଘଟଣା ସମ୍ପର୍କରେ ସେ ଶ୍ୱଶୁରଙ୍କୁ ଜଣାଇଥିଲେ। ପରେ ଦୁଇ ଯାଆଙ୍କ ମଧ୍ୟରେ ପାଟିତୁଣ୍ଡ ଲାଗିଥିଲା। ଏହି ସମୟରେ ମିନତି ରାଗିଯାଇ ଗୋଟିଏ ଷ୍ଟିଲ୍ ଖୁସୁଣିରେ ପ୍ରତିମାଙ୍କ ମୁଣ୍ଡକୁ ବାରମ୍ବାର ଆକ୍ରମଣ କରିଥିଲେ। ଏହା ଦେଖି ଦେଢ଼ଶୁର ଗୌତମ ପ୍ରତିମାଙ୍କୁ ମଧ୍ୟ ମାଡ଼ ମାରିଥିଲେ। ପଡ଼ୋଶୀ ଆସି ପ୍ରତିମାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବସ୍ତା ହସ୍ପିଟାଲକୁ ନେଇଥିଲେ। ଖବର ପାଇ ସ୍ୱାମୀ ନରୋତ୍ତମ ସ୍କୁଲରୁ ହସ୍ପିଟାଲରେ ପହଞ୍ଚିଥିଲେ। ଘଟଣା ସମ୍ପର୍କରେ ଅଭିଯୋଗ ପାଇବା ପରେ ପୁଲିସ ୪୩୯/୨୫ ମୂଳେ ଏକ ମାମଲା ରୁଜୁ କରି ଗୌତମକୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଗାଈ ଚୋରକୁ ଧରି ପୁଲିସ ଜିମାଦେଲେ

କାଳିପଦା,୧।୧୧(ସମିସ): ବାଲିଆପାଳ ବ୍ଲକ୍ ରେମୁ ଶନି ମନ୍ଦିର ନିକଟରେ ରହୁଥିବା ବି ବେହେରା ଗତକାଲି ରାତି ୨ଟା ବେଳେ ବାହାରକୁ ପରିସ୍ରା କରିବାକୁ ଉଠିଥିଲେ। ରାସ୍ତାରେ ବସ୍ତା ବ୍ଲକ୍ କାଦରୟାଁ ଗ୍ରାମର ଦୁଇ ଜଣ ଗାଈ ଚୋର ଅନୁୱାର ତୁଲ୍ଲା ଓ ଶେକ ବାଞ୍ଛା ଗୋଟିଏ ଗାଈକୁ ନେଇଯାଉଥିବା ଦେଖି ଅଟକାଇଥିଲେ। ପଚରା ଉଚରା କରିବାରୁ ଗାଈଟିକୁ ସେମାନେ ବୀରପାଲିଆ ଗ୍ରାମ ନିକଟ ନାଲ ପୁର ଗାଁ ବାଙ୍ଗରା ଟୁଡୁଠାରୁ କିଣି ଆଣିଥିବା



କହିଥିଲେ। ବି ବେହେରାଙ୍କ ସନ୍ଦେହ ହେବାରୁ ବାଲିଆପାଳ ବଜରଙ୍ଗ ଦଳ କର୍ମୀଙ୍କୁ ସେ ଖବର ଦେଇଥିଲେ। ବଜରଙ୍ଗ କର୍ମୀମାନେ ସକାଳକୁ ବାଲିଆପାଳ ପୁଲିସକୁ ଖବର ଦେବାରୁ ପୁଲିସ ଗାଈ ସହ ସେମାନଙ୍କୁ ଗିରଫ କରି ଥାନାକୁ ନେଇ ଯାଇଥିବା ଜଣାପଡ଼ିଛି। ପୂର୍ବରୁ ପାଳସାହି ଗ୍ରାମର ପ୍ରଦୀପ ମହାପାତ୍ରଙ୍କ ଘରୁ ମଧ୍ୟ ଦୁଇଟି ଗାଈ ଚୋରି ହୋଇ ଥିଲା। ପ୍ରଦୀପ ଏମାନଙ୍କୁ ସନ୍ଦେହ କରୁଥିବା ପ୍ରକାଶ। ତେବେ ପୁଲିସ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି କହିଛି।

## ହୃଦ୍‌ଘାତରେ ସମାଜସେବୀଙ୍କ ପରଲୋକ

ଜଳେଶ୍ୱର,୧।୧୧(ସମିସ): ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ବ୍ଲକ୍ ଗୋପ ଗ୍ରାମର ସମାଜସେବୀ ଦିଲ୍ଲୀପ କୁମାର



ପ୍ରଧାନଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ଗତ ୩୦ ତାରିଖ ସନ୍ଧ୍ୟା ସମୟରେ ଘରେ ଅସୁସ୍ଥ ହୋଇ ପଡିଥିଲେ। ତାଙ୍କୁ ସଙ୍ଗେ ଜଳେ୍ୱର ଜି କେ ଭଟ୍ଟର ହସ୍ପିଟାଲରେ ଭର୍ତ୍ତି କରା ଯାଇଥିଲା। କିନ୍ତୁ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ମୃତ୍ୟୁବେଳକୁ ତାଙ୍କୁ ୬୧ ବର୍ଷ ବୟସ ହୋଇଥିଲା। ସେ ଏହି ଅଞ୍ଚଳରେ ଜଣେ ଉଦାର ମଣିଷ ଭାବେ ପରିଚିତ ଥିଲେ। ସେ ଅଞ୍ଚଳର ବିଭିନ୍ନ ସାମାଜିକ କାମରେ ନିଜକୁ ନିୟୋଜିତ କରିଥିଲେ। ତାଙ୍କର ମୃତ୍ୟୁରେ ଅଞ୍ଚଳବାସୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି।

# ବରିଷ୍ଠ ନାଗରିକଙ୍କୁ ଗୋଟିଏ ମଞ୍ଚରେ ମିଳିତ ହେବାକୁ ଆହ୍ୱାନ

ଭୋଗରାଇ,୧।୧୧(ସମିସ): ଭୋଗରାଇ ବ୍ଲକ୍ ଦେହୁର୍ଦା ପଞ୍ଚାୟତର ଥାନାଛକଠାରେ ଭୋଗରାଇର ବରିଷ୍ଠ ନାଗରିକ ବିଚାର ମଞ୍ଚ ପକ୍ଷରୁ ଏକ ଜରୁରୀ



ବୈଠକ ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ସ୍ଥାୟୀ ସଭାପତି ଭୃଗୁରାମ କର ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ। ପ୍ରଥମେ ମଞ୍ଚର ସମ୍ପାଦକ ଚିତ୍ତରଞ୍ଜନ ଦାସ ବରିଷ୍ଠ ନାଗରିକଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିବାକୁ ଯାଇ କିପରି ପ୍ରଶାସନ ପକ୍ଷରୁ ସେମାନଙ୍କ ପ୍ରତି ଅବହେଳା କରାଯାଉଛି ସେବାବଦରେ ବଖାଣି ଥିଲେ। ଆୟୁଷ୍ମାନ ସ୍ୱାସ୍ଥ୍ୟ କାର୍ଡ ନମିଳିବା, ଅଧିକାଂଶ ବରିଷ୍ଠ ନାଗରିକ ରାସନ କାର୍ଡ ପାଇବାରେ ବଞ୍ଚିତ ହେବା, ୮୦ ବର୍ଷ ବୟସର ବରିଷ୍ଠ ନାଗରିକଙ୍କୁ ୩ ହଜାର ୫ ଶହ ଟଙ୍କା ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନରେ ପାତର ଅନ୍ତର ନୀତି ଗ୍ରହଣ କରିବା, ପୁଲିସ ପ୍ରଶାସନ ପକ୍ଷରୁ ଅସହାୟ ବରିଷ୍ଠ ନାଗରିକ ମାନଙ୍କୁ ପରିଚୟ ପତ୍ର ପ୍ରଦାନରେ ବିଳମ୍ବ କରିବା ଆଦି ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ଉପସ୍ଥିତ ସମସ୍ତ ବରିଷ୍ଠ ନାଗରିକମାନେ ଭୋଗରାଇ ବ୍ଲକରେ ସମସ୍ତ ବରିଷ୍ଠ ନାଗରିକମାନଙ୍କୁ ଗୋଟିଏ ମଞ୍ଚରେ ନଭେମ୍ବର ୧୦ ତାରିଖ ସୋମବାର ଦିନ ସକାଳେ ଥାନା ଛକ ଠାରେ ମିଳିତ ହେବାକୁ ଆହ୍ୱାନ ଦେଇଥିଲେ। ଉକ୍ତ ବୈଠକରେ ବରିଷ୍ଠ ନାଗରିକ ବିଚାର ମଞ୍ଚର କାର୍ଯ୍ୟକାରୀ ସଭାପତି ଅନାଦି ରଞ୍ଜନ ଦାସମହାପାତ୍ର, କୋଷାଧ୍ୟକ୍ଷ ଜାମେସେଦ ଅଲ୍ଲି ଖାଁ, ସୁବୋଧ ପାତ୍ର, ତାପସ କୁମାର ଚନ୍ଦ୍ର, ମନ୍ମଥ କୁମାର ଦାଶ, ନିଶେଷ ଦେବ, ଜୟନ୍ତ ପାତ୍ର, କୃଷ୍ଣ ପ୍ରସାଦ ମଣ୍ଡଳ, ପ୍ରଦୀପ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଜଳେଶ୍ୱର ମହୋତ୍ସବ କମିଟି କର୍ମକର୍ତ୍ତା ମନୋନୀତ



ଜଳେଶ୍ୱର ବ୍ଲକ୍,୧।୧୧(ସମିସ): ଜଳେଶ୍ୱର ମହୋତ୍ସବ କମିଟି ୨୦୨୬ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଏ ନେଇ ଆୟୋଜିତ ବୈଠକରେ ୨୦୨୫ର ସଭାପତି ବରିଷ୍ଠ ଆଇନଜୀବୀ ଜିତାଂଶୁ ଶେଖର ନନ୍ଦୀ ସଭାପତିତ୍ୱ କରିଥିଲେ। ପ୍ରଥମେ ଦିବଂଗତ ସ୍ୱର୍ଗତ ଗୟା ପରିଡ଼ାଙ୍କ ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା। ପରେ ଜଳେଶ୍ୱର ମହୋତ୍ସବର ପ୍ରତିଷ୍ଠାତା ସ୍ୱର୍ଗତ ଗୌର ଗୋପାଳ ଦାସଙ୍କ ସ୍ମୃତିଚାରଣ କରାଯାଇଥିଲା।୨୦୨୫ର ସମସ୍ତ ଆୟବ୍ୟୟ ହିସାବ କୋଷାଧ୍ୟକ୍ଷ ଗୋପାଳ ଚନ୍ଦ୍ର ସାହୁ ଦେଇଥିବାବେଳେ ସମ୍ପାଦକ ସୁଶାନ୍ତ କୁମାର ଦାସ ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ଉପସ୍ଥାପନ କରିଥିଲେ। ନୂତନ ସଭାପତି ଭାବେ ସମୀର କୁମାର ପାତ୍ରଙ୍କ ନାମ ପୂର୍ବ ସଭାପତି ଜିତାଂଶୁ ଶେଖର ନନ୍ଦୀ ପ୍ରସ୍ତାବ ରଖିଥିଲେ। ପରେ ଏହାକୁ ଗୃହୀତ କରାଯାଇଥିଲା। କାର୍ଯ୍ୟକାରୀ ସଭାପତି ଭାବରେ ଗୋବିନ୍ଦ ଚନ୍ଦ୍ର ସାହୁ, ଉପ ସଭାପତି ସୁବ୍ରତ କୁମାର ରଣା, ଅନ୍ୟତମ ଉପ ସଭାପତି ଭାବରେ ଦିଗମ୍ବରୀ ଦେବୀ ଶିକ୍ଷାନୁଷ୍ଠାନ ସମୂହର ସମ୍ପାଦିକା ମଧୁଛନ୍ଦା ମହାନ୍ତି, ସମ୍ପାଦକ ସୁଶାନ୍ତ କୁମାର ଦାସ, ଯୁଗ୍ମ ସମ୍ପାଦକ ଅଭିଜିତ କରଣ, ଅନ୍ୟତମ ସହ ସମ୍ପାଦକ ଆଇନଜୀବୀ ସବିତା ସାହୁ, ସାଂସ୍କୃତିକ ସମ୍ପାଦକ ରାମନାରାୟଣ ଦାସ, କୋଷାଧ୍ୟକ୍ଷ ଗୋପାଳ ଚନ୍ଦ୍ର ସାହୁ, ହିସାବ ରକ୍ଷକ ନବେନ୍ଦୁ କୁମାର ପ୍ରଧାନ, ମହୋତ୍ସବ କମିଟିର କନ୍‌ଭେନର ତଥା ବରିଷ୍ଠ ଆଇନଜୀବୀ ସତ୍ୟସୁନ୍ଦର ଦାସ, ଦିଲ୍ଲୀପ ଗିରି, ପ୍ରାକ୍ତନ ସଭାପତି ଜିତାଂଶୁ ଶେଖର ନନ୍ଦୀ, ଦିଗମ୍ବରୀଦେବୀ ଶିକ୍ଷାନୁଷ୍ଠାନ ସମୂହର ଚେୟାରମ୍ୟାନ ଶିକ୍ଷାବିତ୍ ଡଃ ଅଜିତ କୁମାର ମହାନ୍ତି, ଶିଶିର କୁମାର ହୁଇ, ଆଇନଜୀବୀ ନିତ୍ୟ ଗୋପାଳ ଦାସ, ଜ୍ଞାନ ବିକାଶ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ଲେଲିନ୍ କୁମାର ପ୍ରଧାନ, ଅଶୋକ କୁମାର ପାତ୍ର , ରାଜ କୁମାର ପରିଡ଼ା, ବଳରାମ ସାହୁ, ଅମିତାଭ ପାତ୍ର, ଜଳେଶ୍ୱର ମ୍ୟୁନିସିପାଲିଟିର ୬ ନମ୍ବର ୱାର୍ଡର କାଉନସିଲର ଚନ୍ଦନ କୁମାର ଦାସଙ୍କୁ ଚୟନ କରାଯାଇଛି। ପ୍ରଭୃତି ଉପସ୍ଥିତ ଥିଲେ। ଓ ମେଳା ର ସଫଳତା ସମ୍ପର୍କରେ ଅବଗତ କରାଇଥିଲେ। ଏଥିସହ ମହୋତ୍ସବକୁ ସୁଚାରୁରୂପେ ପରିଚାଳନା ନେଇ ଆଲୋଚନା ହୋଇଥିଲା।



# ୧୪ଟି ଭାଷାର କବିତା ପାଠକଲେ ଛାତ୍ରଛାତ୍ରୀ



ବାଲେଶ୍ୱର,୧।୧୧(ସମିସ): 'ପ୍ରଜାପତି' ସଙ୍ଗଠନର ସାହିତ୍ୟ ଶାଖା 'ଅକ୍ଷର'ର 'ହରାଇଜନ' ମାତୃଭାଷା ସହ, ଲେଖକ, ପାଠକ, ଛାତ୍ରଛାତ୍ରୀଙ୍କୁ ଆଞ୍ଚଳିକ, ଜାତୀୟ, ଅନ୍ତର୍ଜାତୀୟ ଭାଷା ପ୍ରତି ଆଗ୍ରହ ସୃଷ୍ଟି କରିବା ଉଦ୍ଦେଶ୍ୟ ନେଇ ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଛି। ପ୍ରଥମଥର ପାଇଁ ହରାଇଜନର ବିଭିନ୍ନ ଭାଷାଭାଷୀର ଛାତ୍ରଛାତ୍ରୀଙ୍କୁ ନେଇ ଭାଷା ସମ୍ପର୍କ ଯାତ୍ରାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ହରାଇଜନ ମଲ୍ଟି ଲିଙ୍ଗୁଆଲ ଚିଲଡ୍ରେନସ ପୋଏଟ୍ରି ଫେଷ୍ଟିଭାଲସ' ସ୍ଥାନୀୟ ଆତିଥ୍ୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବହୁ ଛାତ୍ରଛାତ୍ରୀ ଯୋଗଦାନ କରି ଓଡ଼ିଆ, ହିନ୍ଦୀ, ଇଂରାଜୀ, ସଂସ୍କୃତ, ବଙ୍ଗଳା, ତେଲଗୁ, ଭୋଜପୁରୀ, ପଞ୍ଜାବୀ, ଉର୍ଦ୍ଦୁ, ନାଗମି (ନାଗାଲାଣ୍ଡ), ଅଲ୍‌ଚିକି ପ୍ରଭୃତି ଭାଷାରେ ଶିଶୁ କବିତା ପାଠ କରିଥିଲେ। ଶତାଧିକ ଅଭିଭାବକ, ଭାଷାପ୍ରେମୀ ଉକ୍ତ ଉତ୍ସବରେ ଉପସ୍ଥିତ ରହି ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ। ହରାଇଜନ'ର ଏହି ଭାଷାର ମିଳନ ଉତ୍ସବକୁ ଡିଆରଡିଓର ଆଡିସ୍‌ନାଲ ଡାଇରେକ୍ଟର ବୈଜ୍ଞାନିକ ଡ ନୀଳାଦ୍ରି ରାୟ ଉଦ୍‌ଘାଟନ କରିଥିଲେ। ହରାଇଜନ ପ୍ରତିଷ୍ଠାତା କବି ପ୍ରଶାନ୍ତ ଦାସ ପୌରୋହିତ୍ୟ କରିଥିଲେ। ପ୍ରାରମ୍ଭରେ 'ହରାଇଜନ'ର ଆବାହକ ବିପ୍ଳବ ଦାସ ମହାପାତ୍ର ଆୟୋଜନର ଆଭିମୁଖ୍ୟ ବର୍ଣ୍ଣନା କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସ୍ୱତନ୍ତ୍ର ଅତିଥିଭାବେ ସିଦ୍ଧି ବିନାୟକ ପବ୍ଲିକ ସ୍କୁଲର ଅଧ୍ୟକ୍ଷ ସୁଧାଂଶୁ ପଣ୍ଡା, ଶିଶୁ ବିଦ୍ୟା ମନ୍ଦିରର ଅଧ୍ୟକ୍ଷ ମଧୁସୂଦନ ମିଶ୍ର ଓ ସୁଲଗ୍ନା ପବ୍ଲିକ ସ୍କୁଲର ଅଧ୍ୟକ୍ଷା ମଧୁସ୍ମିତା ଦାସ ଯୋଗଦାନ କରିଥିଲେ। ଉକ୍ତ କବିତା ପାଠୋତ୍ସବରେ ସିଦ୍ଧିବିନାୟକ ପବ୍ଲିକ ସ୍କୁଲ, ଝାଡ଼େଶ୍ୱର ଇଣ୍ଟରନ୍ୟାସନାଲ ସ୍କୁଲ, ସାଇ ଶିଶୁ ବିଦ୍ୟାମନ୍ଦିର, ଭି ଫାଉଣ୍ଡେସନ, ସୁଲଗ୍ନା ପବ୍ଲିକ ସ୍କୁଲର କେନ୍ଦ୍ରୀୟ ବିଦ୍ୟାଳୟ ଶିକ୍ଷା ଅନୁଷ୍ଠାନର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ 'ହରାଇଜନ ରେନବୋ୨୦୨୫' ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ରାଜେଶ ଗିରି ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଅମରଜିତ ଦାସ, ପାର୍ଥସାରଥୀ ସାହୁ, ପ୍ରତିମା ତ୍ରିପାଠୀ ଓ ସରସ୍ୱତୀ ଭୋଇ ପ୍ରମୁଖ ସହଯୋଗ କରିଥିଲେ।

## କ୍ରିଷ୍ଣା ଉଦ୍ୟୋଗର ପରିବହନ ଟେଣ୍ଡର ରାତି ଅଧିଆ ବାତିଲ କଲା ବାଲେଶ୍ୱର ଆଲୋଏଜ

# ପରିବହନ ଫାଟକ ସମ୍ମୁଖରେ ଉତ୍ତେଜନା

ବାଲେଶ୍ୱର,୧।୧୧(ସମିସ)





**ବକେୟା ଦୁଇକୋଟି ନ ମିଳିଲେ ଆତ୍ମହତ୍ୟା ଚେତାବନୀ**

ବାଲେଶ୍ୱର ବାଲଗୋପାଳପୁରସ୍ଥିତ ଆଲୋଏଜ କାରଖାନା ସମ୍ମୁଖରେ ଆଜି ଅଘଟଣ ଦେଖିବାକୁ ମିଳିଛି। କମ୍ପାନୀ ପକ୍ଷରୁ ଟେଣ୍ଡରକୁ ରାତି ଅଧିଆ ବାତିଲ କରିଦେବା ଫଳରେ କମ୍ପାନୀ ସମ୍ମୁଖରେ ଉତ୍ତେଜନା ଦେଖାଦେଇଛି। ସୂଚନାଅନୁସାରେ, ମେସର୍ସ କ୍ରିଷ୍ଣା ଉଦ୍ୟୋଗ ପୂର୍ବରୁ ଏହି କମ୍ପାନୀର ମାଲ ପରିବହନ କରୁଥିଲା। କିନ୍ତୁ କମ୍ପାନୀ ପକ୍ଷରୁ ଏହି ପରିବହନ ସଂସ୍ଥାର ଟେଣ୍ଡରକୁ ରାତି ଅଧିଆ ବାତିଲ କରିବା ସହ ମାଲ ପରିବହନ କରୁଥିବା ଗାଡ଼ିଗୁଡ଼ିକ ଉପରେ କଟକଣା ଲଗାଇ ଦେଇଛନ୍ତି। କେବଳ ସେତିକି ନୁହେଁ ରାତି ଅଧିଆ କେନ୍ଦୁଝର ଓ ବାରିପଦାରେ ଜିଏସଟି ପଞ୍ଜିକୃତ ହୋଇଥିବା ତେଜବୀର ମିନେରାଲ ଆଣ୍ଡ ପ୍ରାଇଭେଟ ଲିମିଟେଡ୍‌କୁ କମ୍ପାନୀକୁ ଏବେ ପରିବହନ କାମ କରିବା ପାଇଁ ଅନୁମତି ଦେଇଛନ୍ତି। କେବଳ ସେତିକି ନୁହେଁ ବରଂ କ୍ରିଷ୍ଣା ଉଦ୍ୟୋଗର କିଛି ଭଡ଼ା ଗାଡ଼ିକୁ ମଧ୍ୟ ତଞ୍ଚକତା କରି ତେଜବୀର ମିନେରାଲ ପାଇଁ ପରିବହନ କାମରେ କମ୍ପାନୀ ଅଧିକାରୀ ଲଗାଇଥିବା ଅଭିଯୋଗ କରଯାଇଛି। କ୍ରିଷ୍ଣା ଉଦ୍ୟୋଗର ଟେଣ୍ଡରକୁ ବାତିଲ କରିଦିଆ ଯାଇଥିବାରୁ ତିରିଶରୁ ଊର୍ଦ୍ଧ୍ୱ ବିଭିନ୍ନ ଗାଡ଼ିର ଶତାଧିକ ଡ୍ରାଇଭର ଓ ହେଲପର ବେକାର ହୋଇଯିବା ଆଶଙ୍କା କରି ଆଜି ଭୋରଠାରୁ କାରଖାନାର ପରିବହନ ଫାଟକ ସମ୍ମୁଖରେ ଠୁଳ ହୋଇଥିଲେ ଏହାକୁ ବିରୋଧ କରୁଛନ୍ତି।

ଏପରିକି ପରିବହନ ସଂସ୍ଥାର ମାଳିକ ଜ୍ୟୋତ୍ସ୍ନା ଘୋଷ ଓ ତାଙ୍କ ପ୍ରତିନିଧି ଓ ପରିବାର ଲୋକେ ସେଠାରେ ପହଞ୍ଚି କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବା ପାଇଁ ଉଦ୍ୟମ କରିଥିଲେ ମଧ୍ୟ ସୁରକ୍ଷା କର୍ମଚାରୀ ସେମାନଙ୍କୁ ଯିବାକୁ ଦେଇନଥିଲେ। ତେବେ ପରିବହନ ସଂସ୍ଥାର ଡ୍ରାଇଭର ଓ ହେଲପର ପାଟି ତୁଣ୍ଡ କରିବାରୁ ବହୁ ବିଳମ୍ବରେ କମ୍ପାନୀର ଲଜିଷ୍ଟିକ୍ ମ୍ୟାନେଜର ସଞ୍ଜୀବ ମଲ୍ଲିକ ପହଞ୍ଚି ପରିବହନ ସଂସ୍ଥାର ମାଳିକ ଶ୍ରୀମତୀ ଘୋଷଙ୍କ ସହ ଆଲୋଚନା କରିଥିଲେ ଓ କମ୍ପାନୀର ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ଯାହାକିଛି ପ୍ରତିଶ୍ରୁତି ଦେବେ ବୋଲି କହିଥିଲେ। ଅନ୍ୟପଟେ ଶ୍ରୀମତୀ ଘୋଷ ଓ ତାଙ୍କ ସ୍ୱାମୀ ଅଭିଯୋଗ କରିଛନ୍ତି ଯେ ଜଣେ ନେତାଙ୍କ ଷଡ଼ଯନ୍ତ୍ର ଯୋଗୁଁ କମ୍ପାନୀ କର୍ତ୍ତୃପକ୍ଷ ଜାଣିଶୁଣି ତାଙ୍କ ପରିବହନ ସଂସ୍ଥାକୁ ସମୟସୀମା ପୂର୍ବରୁ ବାଦ ଦେଇଛନ୍ତି। ଏହାଛଡ଼ା କ୍ରିଷ୍ଣା ଉଦ୍ୟୋଗକୁ ୨୯ ମଇ ୨୦୨୫ରୁ ୩୦ଏପ୍ରିଲ ୨୦୨୬ ପର୍ଯ୍ୟନ୍ତ ପରିବହନ ପାଇଁ ଟେଣ୍ଡର ଦିଆଯାଇଥିଲା ବୋଲି କହିଛନ୍ତି। ହେଲେ ରାତି ଅଧିଆ ତାକୁ ବାତିଲ କରିଦିଆ ଯାଇଛି ବୋଲି ଅଭିଯୋଗ କରିଛନ୍ତି। ଏହାଛଡ଼ା ବିଗତ ପାଞ୍ଚ ମାସରେ ଦୁଇ କୋଟି ଟଙ୍କା କମ୍ପାନୀ ବକେୟା ଅର୍ଥ ଦେଇ ନାହିଁ। ତେଣୁ ଶତାଧିକ ଡ୍ରାଇଭର, ହେଲପର ଓ ସୁପରଭାଇଜରଙ୍କୁ ଦରମା ଦେଇହେଉ ନାହିଁ। ତୁରନ୍ତ ବକେୟା ଅର୍ଥ ପ୍ରଦାନ ଓ ଆଗାମୀ ଅପ୍ରେଲ ପର୍ଯ୍ୟନ୍ତ କାମ କରିବାକୁ ଅନୁମତି ନ ମିଳିଲେ ସଂସ୍ଥାର ମାଲିକାଣି ସପରିବାରେ କାରଖାନା ଫାଟକ ସମ୍ମୁଖରେ ଆତ୍ମହତ୍ୟା କରିବୁ ବୋଲି ଶ୍ରୀମତୀ ଘୋଷ କହିଛନ୍ତି। ଅପର ପକ୍ଷରେ କମ୍ପାନୀର ଲଜିଷ୍ଟିକ୍ ମ୍ୟାନେଜର ଶ୍ରୀ ମଲ୍ଲିକ କହିଛନ୍ତି ଯେ, ଦୁଇ ଘଣ୍ଟା ମଧ୍ୟରେ ମ୍ୟାନେଜମେଣ୍ଟ ସହ ଆଲୋଚନା କରି ସେ ଘଟଣାର ଫଳାଫଳ ସମ୍ପର୍କରେ ଅବଗତ କରାଇବେ ବୋଲି କହିଥିଲେ। ପରେ ସେ କହିଥିଲେ ଯେ, କାରଖାନା କର୍ତ୍ତୃପକ୍ଷ, ରେମୁଣା ଥାନାଧିକାରୀ ବିମଳ କୁମାର ନାୟକ, ଏସଡିପିଓ ପ୍ରମୋଦ ମଲ୍ଲିକ ମିଳିତଭାବେ ଶ୍ରୀମତୀ ଘୋଷଙ୍କ ସହ ଆଲୋଚନା କରିଛନ୍ତି ଏବଂ କିଛି ନିଷ୍ପତ୍ତି ନିଆଯିବ ବୋଲି କହିଛନ୍ତି।

# 'ଭଲ କବିତାର ଖୋଜ୍' ପକ୍ଷରୁ ରାଜେନ୍ଦ୍ର ପଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି

ବାଲେଶ୍ୱର,୧।୧୧(ସମିସ): କବି ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ସ୍ମୃତିରେ ଆଜି ସ୍ଥାନୀୟ ରାଜାବଗିଚାସ୍ଥିତ କଲ୍ୟାଣ ମଣ୍ଡପ ଠାରେ 'ଭଲ କବିତାର ଖୋଜ୍' ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଏବଂ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭା ପ୍ରାରମ୍ଭରେ 'ଭଲ କବିତାର ଖୋଜ୍'ର ଅନ୍ୟତମ ଆବାହକ କବି କୃଷ୍ଣକୁମାର ମହାନ୍ତି କବି ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ପରେ ଗାଳ୍ପିକ ଗଙ୍ଗାଧର ବିଶ୍ୱାଳ କବିଙ୍କ କବିତା ପାଠ କରିଥିଲେ। ଏହି ସ୍ମୃତି ସଭାରେ ସଭାପତିତ୍ୱ କରି ଶ୍ରୀ ମହାନ୍ତି କବି ରାଜେନ୍ଦ୍ର କିଶୋର ପଣ୍ଡାଙ୍କ କବିତାର ଶୈଳୀ ଓ ଭିନ୍ନତା ବିଷୟରେ ଆଲୋଚନା କରିଥିଲେ। ଶବ୍ଦ ନିର୍ମାଣର ଜଣେ ଅସାଧାରଣ ଶିଳ୍ପୀ ଥିଲେ କବି ରାଜେନ୍ଦ୍ର ପଣ୍ଡା। 'ଭଲ କବିତାର ଖୋଜ୍' ପକ୍ଷରୁ କବି ଉତ୍ପଳ ମହାନ୍ତି ଏହି ଅବସରରେ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ କବି ପ୍ରଶାନ୍ତ ଦାସ, ଗଙ୍ଗାଧର ବିଶ୍ୱାଳ, ଅଭୟ ଦାସ, ଶୁଭେନ୍ଦୁ ଦାସ, ସୀତାଂଶୁ ଲେଙ୍କା, ରଞ୍ଜନ ବାଗ, ଦୀପିକା ସେନାପତି, ଶୁଭଶ୍ରୀ ଦାଶ, ଦେବଯାନୀ ଦାସ, ପ୍ରୀତିଲେଖା ଦାସ୍, କମଳିନୀ କାନ୍ତ, ମଧୁସୂଦନ ମିଶ୍ର, ହିମାଂଶୁ ଦାସ, ଉତ୍ପଳ ମହାନ୍ତି ଓ କୃଷ୍ଣ କୁମାର ମହାନ୍ତି ନିଜ ନିଜର କବିତା ଆବୃତ୍ତି କରିଥିଲେ। ଶେଷରେ ଉତ୍ପଳ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।



# ଡିଏସପି ଓ ଇନ୍ସପେକ୍ଟରସ୍ତରରେ ଅଦଳବଦଳ

ବାଲେଶ୍ୱର,୧।୧୧(ସମିସ): ବାଲେଶ୍ୱର ଜିଲ୍ଲାରେ ୩ଜଣ ଡିଏସ୍‌ପି ଏବଂ ୧୧ଜଣ ଇନ୍ସପେକ୍ଟରଙ୍କୁ ଅଦଳବଦଳ କରାଯାଇଛି। ସଦର ଥାନାରେ କାର୍ଯ୍ୟରତ ଇନ୍ସପେକ୍ଟର ମୁକୁନ୍ଦ ମୁରାରୀ ପାତ୍ରଙ୍କର ସୋର ଥାନାକୁ ବଦଳି ହୋଇଥିବାବେଳେ ଗୋପାଳପୁର ଥାନାରେ କାର୍ଯ୍ୟରତ ଇନ୍ସପେକ୍ଟର ଅଶୋକ ବାରିକଙ୍କୁ ଜଳେଶ୍ୱର ଥାନାକୁ ବଦଳି କରାଯାଇଛି। ସେହିପରି ସୋର ଥାନାରେ କାର୍ଯ୍ୟରତ ଇନସପେକ୍ଟର ସୁବର୍ଣ୍ଣ ବେହେରାଙ୍କୁ ଖନ୍ତାପଡ଼ା ଥାନାକୁ ବଦଳି କରାଯାଇଥିବା ବେଳେ ଖନ୍ତାପଡ଼ା ଥାନାରେ କାର୍ଯ୍ୟରତ ଇନ୍ସପେକ୍ଟର ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କୁ କମର୍ଦ୍ଦା ଥାନାକୁ ବଦଳି କରାଯାଇଛି। ସେହିପରି ଟାଉନଥାନାରେ କାର୍ଯ୍ୟରତ ଇନସପେକ୍ଟର ବିରଞ୍ଚି ସାହୁଙ୍କୁ ସହଦେବଖୁଣ୍ଟା ଥାନାକୁ ବଦଳି କରାଯାଇଛି। ସେହିପରି ଚାନ୍ଦିପୁର ଥାନାରେ କାର୍ଯ୍ୟରତ ଇନସକେପ୍ଟର କ୍ରିଷ୍ଣା ପିଙ୍ଗୁଆଙ୍କୁ ସିମୁଳିଆ ଥାନାକୁ ବଦଳି କରାଯାଇଥିବା ବେଳେ ଖଇରା ଥାନାରେ କାର୍ଯ୍ୟରତ ସୁଚିନ୍ଦ୍ର ମହାଳିକଙ୍କୁ ସିଂଲା ଥାନାକୁ ବଦଳି କରାଯାଇଛି। ସିମୁଳିଆ ଥାନାରେ କାର୍ଯ୍ୟରତ ଇନ୍ସପେକ୍ଟର ଶ୍ରବଣ କୁମାର ମହାରଣାଙ୍କୁ ତାଳସାରୀ ମେରାଇନ ଥାନାକୁ ବଦଳି କରାଯାଇଥିବା ବେଳେ ତାଳସାରୀ ମେରାଇନ ଥାନାରେ କାର୍ଯ୍ୟରତ ଥିବା ଇନସପେକ୍ଟର ଚମ୍ପାବତୀ ସୋରେନଙ୍କୁ ରାଇବଣିଆ ଥାନାକୁ ବଦଳି କରାଯାଇଛି। ସେହିପରି ସିଂଲା ଥାନାରେ କାର୍ଯ୍ୟରତ ଇନ୍ସପେକ୍ଟର ଆଲୋକ କୁମାର ବେହେରାଙ୍କର ଜିଲ୍ଲା ମୁଖ୍ୟାଳୟକୁ ବଦଳି ହୋଇଥିବା ବେଳେ ଶିଳ୍ପାଞ୍ଚଳ ଥାନାରେ କାର୍ଯ୍ୟରତ ଇନସପେକ୍ଟର ଶ୍ୟାମଘନ ବେହେରାଙ୍କର ଗୋପାଳପୁର ଥାନାକୁ ବଦଳି ହୋଇଛି। ସେହିପରି ସୋର ଥାନାରେ କାର୍ଯ୍ୟରତ ଥିବା ଡିଏସ୍‌ପି ସୁଦୀପ୍ତ କୁମାର ସାହୁ, ଜଳେଶ୍ୱର ଥାନାରେ କାର୍ଯ୍ୟରତ ଡିଏସପି ଜୟନ୍ତ କୁମାର ବେହେରା ଏବଂ ବାଲିଆପାଳ ଥାନାରେ କାର୍ଯ୍ୟରତ ଡିଏସ୍‌ପି ଗୋବିନ୍ଦ ଚନ୍ଦ୍ର ବେହେରାଙ୍କୁ ଜିଲ୍ଲା ମୁଖ୍ୟାଳୟକୁ ବଦଳି କରାଯାଇଛି।

# ବଳଦେବ ବିଦ୍ୟାଭୂଷଣଙ୍କ ଜୟନ୍ତୀ ନେଇ ପ୍ରସ୍ତୁତି ବୈଠକ

ବାଲେଶ୍ୱର,୧।୧୦(ସମିସ): ନଭେମ୍ବର ୨୧ ତାରିଖ ଭାଷ୍ୟକାର ବଳଦେବ ବିଦ୍ୟାଭୂଷଣଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଡ଼. ସତ୍ୟରଞ୍ଜନ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ଡ. ଭାଗବତ ପ୍ରସାଦ ଦାସ ଚଳିତବର୍ଷର ରୂପରେଖ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୋଷାଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ପାଢ଼ୀ, ନିରଞ୍ଜନ ସାହୁ, ଗିରିଶ କୁମାର ଷଡଙ୍ଗୀ, ଡଃ. ରତ୍ନାକର ସିଂହ, ଯୋଗେଶ ଚନ୍ଦ୍ର ବେହେରା, ମଧୁସୂଦନ ମାଝୀ, ନାଟ୍ୟକାର ପ୍ରଦୀପ କୁମାର ମିଶ୍ର, ପ୍ରଭାକର ସାହୁ, ତପନ କୁମାର ଦାସ, ପଦ୍ମଲୋଚନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଗର୍ଗପଦ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଟାଉନ ହାଇସ୍କୁଲ ଆଲୁମିନିର ବିବିଧ ପ୍ରତିଯୋଗିତା



ବାଲେଶ୍ୱର,୧।୧୧(ସମିସ): ବାଲେଶ୍ୱର ସହରସ୍ଥିତ ଟାଉନ ହାଇସ୍କୁଲର ପିଲାମାନଙ୍କ ମଧ୍ୟରେ କବାଡ଼ି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଆଲୁମିନି ଓ ପ୍ରଧାନ ଶିକ୍ଷକ ସତ୍ୟ ରଞ୍ଜନ ଭୂୟାଁଙ୍କ ତତ୍ତ୍ୱାବଧାନରେ ସପ୍ତମ ଓ ଅଷ୍ଟମ ଏବଂ ଦଶମ(କ) ଓ ଦଶମ(ଖ) ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ଖେଳରେ ଜୁନିୟରରେ ସପ୍ତମ ଓ ସିନିୟରରେ ଦଶମ(ଖ) ବିଜୟୀ ହୋଇଥିଲେ। ଆରମ୍ଭରେ ପ୍ରଧାନ ଶିକ୍ଷକ ଶ୍ରୀ ଭୂୟାଁ, ଆଲୁମିନି ସଭାପତି ସୁବ୍ରତ କର, ସମ୍ପାଦକ ରବୀନ୍ଦ୍ର କୁମାର ମହାନ୍ତି, ଆଲୁମିନି ତଥା ସ୍ଥାନୀୟ କାଉନସିଲର ପଦ୍ମଲୋଚନ ଲେଙ୍କା, ଅତିଥି ଶିକ୍ଷକ ଅକ୍ଷୟ କୁମାର ପାତ୍ର, ଦାମୋଦର ପଣ୍ଡା, ପୂର୍ବତନ ଶିକ୍ଷକ ପରେଶନାଥ କର, ଆଲୁମିନି ସଭ୍ୟ ହଡିକ ପାୟକ, ପ୍ରଶାନ୍ତ ଦାସ, ଶ୍ୟାମସୁନ୍ଦର ମିସ୍ତ୍ରୀ, ମୋହିମ ଚାନ୍ଦ ନନ୍ଦୀ ପ୍ରମୁଖ ଉପସ୍ଥିତ କ୍ରୀଡ଼ାବିତଙ୍କୁ ଉତ୍ସାହିତ କରିଥିଲେ। ଏହି ଖେଳକୁ ବିଦ୍ୟାଳୟର ଖେଳ ଶିକ୍ଷକ ପ୍ରତିମ କୁମାରୀ ଦାସ ଏବଂ ଅନ୍ୟ ସହଯୋଗୀ ଶିକ୍ଷକ ଚକ୍ରଧର ମିଶ୍ର, ଗୋପୀନାଥ ପାଢ଼ୀ, ଭାରତୀ ରାଉଳ ପ୍ରମୁଖ ପରିଚାଳନା କରିଥିଲେ। ଏହାଛଡ଼ା ଆଲୁମିନି ସହଯୋଗରେ ପୂର୍ବରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ ଏବଂ ରଙ୍ଗୋଲି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶିକ୍ଷୟିତ୍ରୀ ସୁମତି ରାଉତ, ମଧୁସ୍ମିତା ବାରିକ, ଜୟନ୍ତୀ ଚାଷୀ, ସୁସ୍ମିତା ପଣ୍ଡା, ସସ୍ମିତା ଗିରି, ସୁଲୋଚନା ଜେନା, ସତ୍ୟ ସାଗରିକା ରାଉତ, ଶିଖାରାଣୀ ପାତ୍ର, ନମିତା ନାୟକ, ତନୁଶ୍ରୀ କର, ଅଫିସ ସହକର୍ମୀ ରାଜେନ୍ଦ୍ର ଦେ, ରାମକୃଷ୍ଣ ପଣ୍ଡା, ଶଶଧର ନାୟକ, କାର୍ତ୍ତିକ ଜେନା, ଅଜିତ ପଟ୍ଟନାୟକଙ୍କ ମିଳିତ ସହଯୋଗରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

# ଛିନ୍‌ତାଇ ଘଟଣାରେ ଦୁଇ ଅଭିଯୁକ୍ତ ଗିରଫ

ବାଲେଶ୍ୱର,୧।୧୧(ସମିସ): ଏକ ଛିନ୍‌ତାଇ ଘଟଣାରେ ଚାନ୍ଦିପୁର ଥାନା ପୁଲିସ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ମଦରର ସେକ୍ ତାଜୁଦ୍ଦିନ (୨୪) ଏବଂ ଚାନ୍ଦିପୁର ରୋଡ୍ ସେକ୍ ବୁରହାନ। ସୂଚନାଯୋଗ୍ୟ, ଗତ ସେପ୍ଟେମ୍ବର ମାସ ୨୨ ତାରିଖ ଦିନ ସେକ ସକିଲ ବଳାରାମଗଡ଼ି ବରଫ କଳ ମାଲିକ ସେକ୍ ସକିଲ ରାତିରେ ଘରକୁ ଫେରୁଥିଲେ। ବାଲେଶ୍ୱର ସହରର ସୁନହଟସ୍ଥିତ ସକିଲଙ୍କ ଘର। ସକିଲ ରାତିରେ ଘରକୁ ଫେରିଲା ବେଳେ ଗଛମାଳିଆ ନିକଟରେ ତାଙ୍କୁ ଦୁର୍ବୃତ୍ତ ଆକ୍ରମଣ କରିଥିଲେ। ଭୁଜାଲି ଦେଖାଇ ତାଙ୍କଠୁ ଛିନତାଇ କରିଥିଲେ। ତାଙ୍କ ମୋବାଇଲ ଓ ଟଙ୍କା ଆଦି ନେଇଯାଇଥିଲେ। ଏହି ନେଇ ସକିଲ୍ ଚାନ୍ଦିପୁର ଥାନାରେ ଅଭିଯୋଗ କରିଥିଲେ।

# ସଫେଇ କର୍ମଚାରୀଙ୍କୁ ସଫେଇ ଉପକରଣ ପ୍ରଦାନ



ବାଲେଶ୍ୱର,୧।୧୧(ସମିସ): ରେମୁଣା ଏନ୍‌ଏସିରେ ସଫେଇ କର୍ମଚାରୀମାନଙ୍କୁ ପୋଷାକ, ଜୋତା, ଝାଡୁ, କୋଦାଳ,ଦାଆ ଆଦି ବିଭିନ୍ନ ସଫେଇ ଉପକରଣ ପ୍ରଦାନ କରାଯାଇଛି। ଏନେଇ ଏନ୍‌ଏସି ଚେୟାରମ୍ୟାନ ତୁନଜା ଗିରିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତଏକବୈଠକରେଏହାସମସ୍ତସଫେଇ କର୍ମଚାରୀମାନଙ୍କୁ ପ୍ରଦାନ କରାଯାଇଛି। ସୂଚନା ଅନୁସାରେ,୨୦୨୧ମସିହାରେ ରେମୁଣା ଏନଏସସି ଗଠନ ହେବା ଠାରୁ ସଫେଇ କର୍ମଚାରୀମାନଙ୍କୁ ସେମାନଙ୍କର ଆବଶ୍ୟକ ଉପକରଣ ପ୍ରଦାନ କରାଯାଇନଥିଲା। ଏଣୁ ସଫେଇ କର୍ମଚାରୀମାନେ ଏହି ସମସ୍ତ ଉପରକଣ ପ୍ରଦାନ କରିବା ପାଇଁ ଦୀର୍ଘଦିନ ଧରି ଦାବି କରିଆସୁଥିଲେ। ଏହି ଦାବି ଅନୁସାରେ ନୂତନ କରି ଏଠାରେ ସଫେଇ ପାଇଁ ନେଇଥିବା ଏଜେନସି ବିମଳରାଜ ଆଉଟସୋର୍ସି ପକ୍ଷରୁ ଆଜି ପାଖାପାଖି ୭୦ଜଣ ସଫେଇ କର୍ମଚାରୀଙ୍କୁ ଏହି ସବୁ ଉପରକଣ ପ୍ରଦାନ କରିଛନ୍ତି। ଏହି ଉପକରଣ ପ୍ରଦାନ ସମୟରେ ଏନଏସି କାର୍ଯ୍ୟ ନର୍ବାହୀ ଅଧିକାରୀ କମଳ ବିହାରୀ ଦାସ,ଉପାଧ୍ୟକ୍ଷ ଏହେସାନ ଖାନ, ଏଜେନସିର ତପନ ପାତ୍ର ଓ ଅନ୍ୟାନ୍ୟ କକର୍ମଚାରୀମାନେ ଉପସ୍ଥିତ ଥିଲେ।

# ରାସ୍ତା ଓ ଡ୍ରେନ୍ ଉପରୁ ଜବରଦଖଲ ଉଚ୍ଛେଦ

ବାଲେଶ୍ୱର,୧।୧୧(ସମିସ)




ସହରରେ ଦିନକୁ ଦିନକୁ ବର୍ଷା ପାଣି ନିଷ୍କାସନ ସମସ୍ୟା ବଢୁଛି। ବର୍ଷା ହେଲେ ସହରର ବିଭିନ୍ନ ତଳିଆ ଅଞ୍ଚଳ ସହ ମୁଖ୍ୟ ରାସ୍ତା ଜଳମଗ୍ନ ହୋଇ ରହୁଛି। ଏହାରି ଭିତରେ କିଛି ବର୍ଷ ହେବ ବାଲିଆ ନୂଆସାହି ରାସ୍ତାରେ କୃତ୍ରିମ ବନ୍ୟା ସୃଷ୍ଟି ହେଉଛି। ଫଳରେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ନୂଆସାହି ରାସ୍ତାରେ ୧୦ କୋଟି ଟଙ୍କାର ପ୍ରକଳ୍ପର କାମ ଆରମ୍ଭ ହୋଇଛି। ଏବେ ତିନି ଦିନ ହେଲା ରାସ୍ତାର ଉଭୟ ପାଶ୍ୱର୍ରେ ଉଚ୍ଛେଦ କରାଯାଉଛି। ଆଜି ନୂଆସାହି ଛକ ପର୍ଯ୍ୟନ୍ତ ଉଚ୍ଛେଦ ପ୍ରକ୍ରିୟା ଶେଷ ହୋଇଥିବା ବାଲେଶ୍ୱର ପୌରପାଳିକା ପକ୍ଷରୁ ସୂଚନା ମିଳିଛି।

ସୂଚନାଯୋଗ୍ୟ, ସହରର ବିଭିନ୍ନ ଡ୍ରେନ୍ ଉପରେ ଦୋକାନ ଖୋଲି ଲୋକେ ବ୍ୟବସାୟ କରୁଛନ୍ତି। ଫଳରେ ଡ୍ରେନ୍ ଜାମ୍ ହେବା ସହ ଜଳ ନିଷ୍କାସନ ବାଧାପ୍ରାପ୍ତ ହେଉଛି। ଅନେକ ଡ୍ରେନ୍ ଉପରେ ସ୍ଲାବ୍ ନାହିଁ। ଫଳରେ ସହରବାସୀ ଡ୍ରେନ୍ ଭିତରେ ଅଳିଆ ଆବର୍ଜନା ପକାଉଛନ୍ତି। ଯାହାଦ୍ୱାରା ବର୍ଷା ପାଣି ଡ୍ରେନ୍‌ରେ ଭର୍ତ୍ତି ହୋଇ ରାସ୍ତାରେ ଭାସୁଛି। ସେହିପରି ସହଦେବଖୁଣ୍ଟାରୁ ରେମୁଣାକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ବର୍ଷା ପାଣି ଜମା ହେଉଛି। ଜଳବନ୍ଦୀ ସମସ୍ୟା ଓ ଲୋକଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ଏହି ନୂଆସାହି ରାସ୍ତାରେ ୧୦ କୋଟି ଟଙ୍କାର କାମ ହେବା ନେଇ ନିଷ୍ପତ୍ତି ହୋଇଛି। ଶୋଭାରାମପୁର ଛକରୁ ରାସ୍ତାର ଦୁଇ ପାଶ୍ୱର୍ରେ ଡ୍ରେନ୍ ନିର୍ମାଣ ହେବ। ଏହି ଡ୍ରେନ୍ ହରିପୁରରେ ଶେଷ ହୋଇ ନୁଣିଆଯୋଡିରେ ସଂଯୋଗ ହେବ। ରାମେଶ୍ୱର ମନ୍ଦିର ନିକଟରୁ ଏହି ଡ୍ରେନ୍ ନୁଣିଆଯୋଡିକୁ କଟିଯିବ। ସହରର ବର୍ଷା ପାଣି ସେହିପଟ ଦେଇ ନୁଣିଆଯୋଡ଼ିରେ ମିଶିବ। ଫଳରେ ଜଳ ନିଷ୍କାସନ ସମସ୍ୟା ସମାଧାନ ହେବା ନେଇ ଆଶା କରାଯାଇଛି। ତେବେ ନିକଟରେ ମୋନ୍ଥା ପ୍ରଭାବରେ ବାଲେଶ୍ୱର ସହରରେ ବର୍ଷା ଲାଗିରହିଥିଲା। ଫଳରେ ସହର ସମେତ ନୂଆସାହି ରାସ୍ତା ପାଣି ଭର୍ତ୍ତି ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ଏହି ରାସ୍ତାର ଜବରଦଖଲ ଉଚ୍ଛେଦ କାମ ଗୁରୁବାରଠାରୁ ଆରମ୍ଭ ହୋଇଛି। ରାସ୍ତାର ଦୁଇ ପାଶ୍ୱର୍ରେ ଥିବା ଡ୍ରେନ୍ ଉପରେ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ଡ୍ରେନ୍ ସଫେଇ କାମ ଜାରି ରହିଛି। ଯେହେତୁ ନୂଆସାହି ରାସ୍ତା ପିଡବ୍ଲୁଡି ହୋଇଥିବାରୁ ଏହି ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ପିଡବ୍ଲୁଡି ପୌରପାଳିକା ସହଯୋଗରେ କରାଯାଉଛି। ଏହି ଉଚ୍ଛେଦ ପ୍ରକ୍ରିୟାରେ ପିଡବ୍ଲୁଡି ବିଭାଗ କର୍ମଚାରୀ, ପୌରପାଳିକା କର୍ମଚାରୀ, ଆର୍‌ଆଇ ପ୍ରମୁଖ ଉପସ୍ଥିତ ରହିଥିଲେ।

## ରାସ୍ତା ପାର୍ଶ୍ୱରୁ ଘର ଭାଙ୍ଗିଦେବାକୁ ବାରମ୍ବାର ଧମକ


# ଜିଲ୍ଲାପାଳଙ୍କୁ ଫେରାଦ ହେଲେ ଆଦିବାସୀ ମହିଳା

ବାଲେଶ୍ୱର,୧।୧୧(ସମିସ): ରାସ୍ତା ପାର୍ଶ୍ୱର୍ ସରକାରୀ ଜାଗାରେ ନିଜର ଭିନ୍ନକ୍ଷମ ପୁତ୍ର ସହ ଦୀର୍ଘବର୍ଷ ଧରି ବସବାସ କରି ଆସୁଥିବା ଆଦିବାସୀ ମହିଳାଙ୍କ ଘର ଭାଙ୍ଗିଦେବାକୁ ବାରମ୍ବାର ଧମକ ଦେଉଥିବା ବ୍ୟକ୍ତିଙ୍କ ବିରୋଧରେ ସେ ଜିଲ୍ଲାପାଳଙ୍କ ଠାରେ ଫେରାଦ ହୋଇଛନ୍ତି। ମହିଳା ଜଣକ ହେଲେ କୁନୀ ସିଂ। ତାଙ୍କ କହିବା ଅନୁସାରେ ସ୍ୱାମୀ ତାଙ୍କୁ ଛାଡ଼ି ଚାଲିଯିବା ପରେ ସେ ଫୁଲାଡ଼ି କାଳୀପୁର ଗ୍ରାମର ରାସ୍ତାପାଶ୍ୱର୍ ନୟନଯୋରିରେ ଏକ ଛୋଟିଆ ଝାଟିମାଟି ଘର କରି ଭିନ୍ନକ୍ଷମ ପୁଅ ଓ ଗୋଟିଏ ଝିଅକୁ ନେଇ ବସବାସ କରୁଥିଲେ। ସେଠାରେ ବସବାସ କରିବା ମଧ୍ୟରେ ଝିଅର ମୃତ୍ୟୁ ହୋଇଯାଇଥିଲା। ଏବେ ଦିନ ମଜୁରିଆ ଭାବେ ଲୋକଙ୍କ କାମ କରି ଏକମାତ୍ର ଭିନ୍ନକ୍ଷମ ପୁଅକୁ ନେଇ ସେ ସେଠାରେ ରହୁଛନ୍ତି। ତେବେ ଗତ କିଛିଦିନ ପୂର୍ବରୁ ସେ ରହୁଥିବା ଜାଗାର ପଛପାଖ ଜମିକୁ ସେ ଅଞ୍ଚଳର ଦୁଇଜଣ ବ୍ୟକ୍ତି ବାଡ଼ ଘେରିବା ସହିତ କୁନୀ ସିଂକୁ ସେଠାରୁ ଉଠିଯିବାକୁ କହିଛନ୍ତି। ସେ ଜମିକୁ ଯିବା ପାଇଁ ସମ୍ମୁଖରେ ପର୍ଯ୍ୟାପ୍ତ ସ୍ଥାନ ଥିଲେ ବି ତାଙ୍କୁ ସେଠାରୁ ଉଚ୍ଛେଦ ପାଇଁ ସେମାନେ ବାରମ୍ବାର ଧମକ ଚମକ ଦେଉଛନ୍ତି। ଏମିତିକି ତାଙ୍କୁ ଓ ତାଙ୍କ ପୁଅକୁ ଜୀବନରୁ ମାରିଦେବା ସହ ଡୋଜର ଚଳାଇ ଘର ଭାଙ୍ଗିଦେବେ ବୋଲି ଚେତାବନୀ ଦେଇଥିବା କୁନୀ ସିଂ ପ୍ରକାଶ କରିଛନ୍ତି। ଏ ବାବଦରେ କ୍ଷେତ୍ର ତଦନ୍ତ ସହ ତାଙ୍କୁ ନ୍ୟାୟ ଦେବାକୁ ସେ ଜିଲ୍ଲାପାଳଙ୍କୁ ଗୁହାରି କରିଛନ୍ତି। ଏ ନେଇ ସେ ଏକ ନିବେଦନପତ୍ର ଜିଲ୍ଲାପାଳ ଓ ସଦର ଥାନା ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି।



# ଶିଖର ମାତ୍ରେ ଇ ଆରୋହ୍ୟ...

**ରାଜେନ୍ଦ୍ର କିଶୋର ପଣ୍ଡା । ଓଡ଼ିଆ କବିତାର ଏକ ଉଦାତ୍ତ ଉଚ୍ଚାରଣ । ଶବ୍ଦ ନିର୍ମାଣରେ ଧୂରୀଣ । ଆବେଗର ଐଶ୍ୱର୍ଯ୍ୟରେ ବିତ୍ତବାନ୍ । ଭାବ, ଭାଷା, ଶୈଳୀରେ ଚିର ନୂତନ । ପ୍ରତ୍ୟେକ କବିତା ପ୍ରତ୍ୟେକଠୁ ଭିନ୍ନ, ନିରୁତା କାବ୍ୟଦୃଷ୍ଟି, ତୀବ୍ର ସୂକ୍ଷ୍ମାନୁଭବର ସହଜ ଉନ୍ମୀଳନ । ତାଙ୍କ କବିତା କେବେ ବୋମା ପରି ତ କେବେ କଢ଼ ପରି ଫୁଟିଯାଏ । ସବୁ ବାଦ, ଆଦର୍ଶ ଓ ପକ୍ଷର ବାହାରେ ଛିଡ଼ା ହୋଇଥାନ୍ତି ସେ । କେତେ ଆଲୋକବର୍ଷ ଦୂରରେ ଏଇ ପୃଥିବୀରେ କୋଉଠି ଗୋଟାଏ ମହୋତ୍ସବ ହେଉଥାଏ, ଧିମା ଆଲୁଅ ଦିଶୁଥାଏ ଦିଗନ୍ତ ପାଖ ଦୂର ବିନ୍ଦୁରେ, ଅତି କ୍ଷୀଣଧ୍ୱନିର ଆଭାସ ଶୁଭୁଥାଏ ହୃତ୍‌ପିଣ୍ଡ ଭିତରେ । ଆଜି ହୁଏତ ନୀରବି ଯାଇଛି ରାଜେନ୍ଦ୍ରୀୟ କାବ୍ୟ ସ୍ୱର । କବି ବିଦାୟ ନେଇ ସାରିଛନ୍ତି ଆମ ଗହଣରୁ । ତାଙ୍କର ଦଶାହ ଅବସରରେ ବିନମ୍ର ଶ୍ରଦ୍ଧାଞ୍ଜଳି ଜଣାଇବା ଉଦ୍ଦେଶ୍ୟରେ 'ସକାଳ'ର ସ୍ୱତନ୍ତ୍ର ଉପସ୍ଥାପନା ।**




## ଝିଅ ପାଇଁ ଗୋଟିଏ କବିତା

ରାଜେନ୍ଦ୍ର କିଶୋର ପଣ୍ଡା

ଯିବାକୁ ହବ ଦୂର ବହୁ ଦୂର ।
କାହାକୁ ମାନ କରିଚୁ ଝିଅ ମୋର, ସୁନାଝିଅ ମୋର?
ତୋ' ରୁଷାଘର ଆଗରେ ତତେ ଅପେକ୍ଷା କରୁଚି ଜୀବନ
ଖୋଲିଦେ କବାଟ, ଆ, ଯିବାକୁ ହବ ଦୂର ବହୁ ଦୂର
ଯା, ମା, ତୁ ପରା ଘର କରିବୁ, ଘର ॥

କଳ୍ପବୃକ୍ଷ ହେଲି ବୋଲି ଭାବି ନେବାଟା ଇ ପ୍ରାୟ
କଳ୍ପବୃକ୍ଷ ହେବା ।
ଭାବିନେବୁ ॥

ଲାଜକୁଳୀ ବୁଦା ପରି ମୁଦି ହୋଇ ସଂକୁଡ଼ିଯାଇ
କୁଜୀ ହୋଇ ରହିବୁ କାହିଁକି?
ଛୁଆଁ ବାଜିବା ମାତ୍ରକେ ଠିଆ ହେବୁ ସିଧା ହୋଇ, ତରୁ ପରି,
ପଲ୍ଲବିବୁ,
ମେଲିଦେବୁ ଫୁଲମେଢ଼, ଫଳଭାର, ପକ୍ଷୀବସା ଡାଳ ଡାଳ
ପୁଣି କିଛି କଂଟାର ସଂଭାର, ମେଲିଦେବୁ...
ଦେବୁ ଆଉ ଦିଆଇବୁ, ଦେ ପଦ ବୋଲିବୁ ॥

ତୋ' ଆକାଶରେ ଶକୁନ ଉଡ଼ିବେ,
ଶକୁଂତ ରହିବେ ଡେଣା ଫଡ଼କେଇ
ଲହୁଲୁହାଣ ହବୁ କେବେ ତ ମହୁମୁହାଣ ହବୁ ॥

କେତେ ସରାଗରେ ରାଂଧି ତୁ ପରିଷିଥିବା ସୁଆଦିଆ ତିଅଣକୁ
ଥୁ ଥୁ କରିଦେଲେ ପ୍ରିୟଜନଟିଏ,
କୋହ ଚାପି ସ୍ମିତ ଖେଳାଇବୁ
ଅମୃତ ଗିନାକ ତୋର ବିଷ ହବ ନାଇଁ, ଝିଅ,
ଅମୃତ ତ କେବେ ଅଇଁଠା ହୁଏ ନାଇଁ, ଝିଅ!
ଯୋଗ୍ୟତମ ଦେଖି ସମର୍ପିବୁ ।
କାହାଣୀର ବୁଢ଼ୀ ଅସୁରୁଣୀ
ଗୋଟିଏ ଗୋଡ଼କୁ ତା'ର ଚୁଲୀରେ ପୂରାଇ ଜାଳି
ଆରଟି ସେକିଲା ପରି ତୁ ବି ବଂଚିବୁ ॥

ମାଟିକୁ ଫାଟିଯା ବୋଲି କେବେ କହିବୁନି, ମା,
ପୋତି ହୋଇଯିବ ଆକାଶ ॥

ତତଲା ତାୱା ଉପରେ ମାଛଖଣ୍ଡେ ଭାଜିହବା ପରି,
ଅଂଧାର ହିଁ କାଂଥ ଯହିଁ ଛାତ ଯହିଁ ଚଟାଣ ଯହିଁ ବିଛଣା ଯହିଁ
ସେଇଠି ଜହ୍ନ ବି କଳା, ସେଇଠାରେ ରାତି ତୋର ପୁହାଇଦବୁ
ଶରତର ଜହ୍ନରାତି ।
ପାହାଂତାରେ ନିଦ ମଳମଳ ଆଖିରେ ବଗିଚାକୁ ଆସି ଦେଖିବୁ
କାରୁପର୍ଣ୍ଣ କୋଣରେ
ଉର୍ଣ୍ଣାଜାଲରେ ବିଂଦୁ ବିଂଦୁ ଶିଶିର
ପ୍ରତିଟି ବୁଂଦାରେ ଝଲମଲ ସୂର୍ଯ୍ୟବିଂବ....
ଶିରିଶିରି ପବନରେ ଶିହରିଗଲା ଜାଲ ଭାବୁ ଭାବୁ
ନିଘା ପଡ଼ିଯିବ ଶିକାରରତ ରତ୍ନବୁଢ଼ିଆଣୀ ଉପରେ
ମାୟା ଘନଘୋର ଏ ସଂସାର ବଡ଼ ବିଚିତ୍ର, ମା,
ଛଟପଟ ପତଂଗଟି ଭିତରେ ନିଜକୁ ଥାପି ଅନୁଭବ କରି
ଜାଣିବୁ ତୁ ଶିହରି ଉଠୁବୁ
ଯନ୍ତ୍ରଣାରେ ଯେତିକି
ଉଲ୍ଲାସରେ ତତୋଽଧିକ !!

ଶତେକ ଶରତ ଥିବୁ, ବୁଢ଼ୀ ହବୁ ନାଇଁ ଝିଅ!
ସଂପାକଟା କରିବୁନି, ନିଜକୁ ନୁହେଁ କି ନିୟତିକି ନୁହେଁ,
କେତେ ଝୀନ କେତେ ସୂକ୍ଷ୍ମ ତୋର ଜୀବନ
ଉଭେଇଯିବ କବିତା, ଚହଲିଯିବ ମିଳେଇଯିବ ସ୍ୱପ୍ନ ।
ଦାରୁଣତମ ଦୁଃଖରେ ବି
ମାଟିକୁ ଫାଟିଯା ବୋଲି କେବେ କହିବୁନି, ମା,
ପୋତିହୋଇଯିବ ଆକାଶ ॥

ବରଂ, ଯଦି ପାରୁ, ପଦ୍ମାମୟ ହୋଇଯିବୁ
ନିଜକୁ ଟିକେ ଉଖାରିଦବୁ ।
ଆଂଚୁଡ଼ାରେ ପାତାଳଗଂଗାର ଫୁଆର, ମା,
ଅଂଧାର ଘନେଇ ପାଷାଣ ହୋଇ ବିଦୀର୍ଣ୍ଣ ହୋଇଗଲେ
ସିଂଦୂରା ଆକାଶରେ ଫଜେରା ଫାଟିବାର ଦୃଶ୍ୟ ॥

ମାଟିକୁ ଫାଟିଯା ବୋଲି କେବେ କହିବୁନି ଝିଅ,
ବରଂ ତୁ ଦେବକୀ ପରି ନିଜେ ଫାଟିଯିବୁ
ଈଶ୍ୱରଂକ ଜନ୍ମ ପାଇଁ ଦ୍ୱାରା ଖୋଲିଦେବୁ ॥ ■

## ରାଜେନ୍ଦ୍ରୋକ୍ତି



କହିଦିଏ ଆଉ ଥରେ:
ପକ୍ଷ କଥା ଉଠୁଚି ତ
ମୋତେ ରଖ ଅପର ପକ୍ଷରେ
'ବହୁ' ନୁହେଁ 'ଏକ' ବଚନରେ ॥
'ଅପରପକ୍ଷ', (ନିଜ ପାଇଁ ନାନାବାୟା)

ମୁକ୍ତି ନାହିଁ ସ୍ୱପ୍ନ ଆଉ ସ୍ୱପ୍ନଭଂଗରୁ
ମୁକ୍ତି ନାହିଁ ପ୍ରତିଶ୍ରୁତି ଦେବାରୁ ଆଉ ଭାଙ୍ଗିଦେବାରୁ
କୃତଘ୍ନତାରୁ, ବିଶ୍ୱାସଘାତରୁ ।
ବାଲି ମାଟି କଂକରରେ ହିମରେ ଅଶ୍ମରେ
ରକ୍ତ ମାଂସ ଅଛି ମଜ୍ଜା ଶୁକ୍ର ମନ ଚୈତନ୍ୟ ପ୍ରାଣରେ
ଗତି ମୋର ପାଦ-ବେଡ଼ି,
ମୁକ୍ତି ନାହିଁ
ମୁକ୍ତ ନାହିଁ ନାହିଁ ନାହିଁ ନିଜର ସୁଅରୁ ॥
'ଉପନଦୀ ପ୍ରତି ନଦୀ', (ଶୈଳକଳ୍ପ)


ମତେ ଏଇ ବର ଦେରେ ଜୀବନ୍!
ଥରକୁ ଥର ମୁଁ ଯେମିତି ତୋର
ଅଥଳ ଅଥୟ ଡଅଁର ଭିତରେ
ଅତି ଛୋଟ ଏକ ହୁଲିଡଂଗା ପରି
ଏମ୍ତି ଉଲ୍ଲାସରେ ବେଦନାରେ
ନାଚୁଥିବି ଡେଉଁଥିବି ଘୂରୁଥିବି ଛିଟ୍‌କୁଥିବି
ମୋକ୍ଷ ଫୋକ୍ଷ ମୋର ଲୋଡ଼ା ନାହିଁ ॥
'ଜୀବନ ପ୍ରତି', (ଶୈଳକଳ୍ପ)

ସଂବିଧାନରେ
ଅଂଧାର ପାଇଁ କୌଣସି ଧାରା ନାହିଁ
ଖବରକାଗଜରେ
ଅଂଧାର ଆଉ ବ୍ୟବହୃତ ହଉନି
ଛପା କାଳି ଭାବରେ;
ସମ୍ରାଟଂକ ନୂତନ ଅକ୍ଷର
ଅଦୃଶ୍ୟ ଇ
ହବାର କଥା!
- 'ଷଡ଼ଯନ୍ତ୍ର', (ନିଜପାଇଁ ନାନାବାୟା)

ତୁମକୁ ଭେଟିବା ପୁଣ୍ୟ ଏତେ ଅଧିକ ଯେ
ଭୟ ହୁଏ ମୋକ୍ଷ ଯିବି ପାଇ
ଆଉ ଥରେ ପୁନର୍ଜନ୍ମ ଦେବାକୁ ସକ୍ଷମ
ସବୁଠୁ ସାନ ପାପଟି ଦିଅ ଗୋ ବତାଇ ॥
'ସବୁଠୁ ସାନ ପାପଟି', (ଅନ୍ୟା)

ନକ୍ଷତ୍ର ନୁହେଁ କି ନିର୍ବାଣ ନୁହେଁ-
ଗୋଟା ପଣେ ଈଶ୍ୱର ହୋଇଯିବା ହିଁ
ମଣିଷର ତପସ୍ୟାର ଧ୍ରୁବ ଲକ୍ଷ୍ୟ
ଏକମାତ୍ର ଲକ୍ଷ୍ୟ ॥
'ଶଂବୁକର ତପସ୍ୟା', (ନିଜ ପାଇଁ ନାନାବାୟା)

ଅମୃତ ଆଣନା କି ହଳାହଳ ଆଣନା
ପ୍ରିୟତମ,
ମୋହିନୀ ନୁହେଁ ବାରୁଣୀ ପରି ଉଠିଆସ ଏଥର
ମୃଦୁ-ମୃଦୁ ମତ୍ତ କରିରଖ ଚିରକାଳ-
ସୁର ଅସୁର ନର
କବି କରିଦିଅ ସଭିଙ୍କୁ!
'ବାରୁଣୀ ପରି ଉଠିଆସ ଏଥର', (ଅନ୍ୟା)




ଗୋଟିଏ ଗୋଟିଏ ଭୂମି ଆସେ
ଜୀବନରେ,ଯେତେବେଳେ
ପହଞ୍ଚିବାର ଭ୍ରମ ଜାଗେ ଅର୍ଦ୍ଧ
ପଥରେ । ସେଇ ମାୟାଭୂମିରୁ
ଦିଶିଯାଏ ଶିଖର ଆଉ ଦିଶିଯାଏ
ସୁଗଭୀର ତଳ ବିତଳ, ଦ୍ୱିଧା
ବିଭକ୍ତ ହୋଇ ମୁଁ ମାଡ଼ିଯାଏ
ସେତେବେଳେ, ଅଲୌକିକ
ଗୋଟିଏ ପକ୍ଷୀ ଆଉ ପ୍ରଖର
ଗୋଟିଏ ଗିରି ନିର୍ଝର ପରି,
ଉତ୍‌ଥାନ ଓ ପତନ ଉଭୟ ଆଡ଼େ,
ସମାନ ବେଗରେ, ସେଇ ଗତି,
ସେଇ ଦୁର୍ଗତି କିନ୍ତୁ ବସାଇ ଦେଇ
ପାରେନା ମୋତେ ଶିଖରରେ
କି ନିପାତ କରି ଦେଇପାରେନା
କଚାଡ଼ି ଦେଇ ସବାତଳ
ବିନ୍ଦୁରେ । ଫେରିଆସେ ମୁଁ ଉଭୟ
ଆଡ଼ୁ । ପୁଣିଥରେ, ବିପରୀତ
ଗତିରେ । ରେ ମାୟାଭୂମି!
'ଶୈଳକଳ୍ପ' ମୋର ନିବେଦିତ
ହେଉ ତୋ'ରି ଉଦ୍ଦେଶ୍ୟରେ ।
ତୁ ଏମିତି ଆସିଯାଉଥା
ବେଳେବେଳେ, ଯାତ୍ରା ପଥରେ ।
-'ଉତ୍ସର୍ଗଲିପି', (ଶୈଳକଳ୍ପ)




ବେଳେବେଳେ, ରହସ୍ୟ ହେଉ କି ପ୍ରେମ ହେଉ କି ବିଦ୍ରୋହ ଭାବ ହେଉ, କବିର ଅବଧାରଣା ଏତେ ପବିତ୍ର ଓ ଏକାନ୍ତ ଭାବରେ ତା'ର ନିଜସ୍ୱ ହୋଇଥାଏ ଯେ ତା'ର ସାର୍ବଜନନୀକରଣ ହୋଇପାରେନା । ବେଳେବେଳେ ପକ୍ଷଭୁକ୍ତ ହେବା ବି କଷ୍ଟକର ହୁଏ । ତୁମେ ଯଦି ପକ୍ଷଭୁକ୍ତ ହେବାର ପ୍ରଶ୍ନ ଉଠାଅ, ମୁଁ ଗୋଟିଏ କବିତାରେ ଲେଖିଛି, "ପକ୍ଷ କଥା ଉଠୁଛି ତ/ ମୋତେ ସାମିଲ୍ କରି ଅପରପକ୍ଷରେ/ ବହୁବଚନରେ ନୁହେଁ/ ପ୍ରଥମ ପୁରୁଷ ଏକବଚନରେ । ଗୋଟିଏ କଥା ସ୍ପଷ୍ଟ କବିର ସାନ୍ଦ୍ର ଉପଲବ୍ଧିର ନିଷ୍ଠାପର ଉଚ୍ଚାରଣ । କିଏ ଜଣେ କହିଥିଲେ, 'ଆମେ ବସ୍ତୁ ସକଳର Passion ପ୍ରତି, କବିତାର ବିଦ୍ରୋହ ଭାବ ପ୍ରତି ଜାଗ୍ରତ ହୋଇ ରହିବା ଉଚିତ୍ ।"

x x x

ମୋର ପ୍ରଥମ କବିତାଟି ଏକ ହାତ ଲେଖା ପତ୍ରିକାରେ ୧୯୫୫-୫୬ରେ ପ୍ରକାଶ ପାଇଥିଲା । କିନ୍ତୁ ଉଚ୍ଚାଙ୍ଗ ପତ୍ରିକାରେ ମୁଦ୍ରିତ ଭାବରେ ମୋ କବିତାର ପ୍ରକାଶନ ୧୯୫୯ରେ ଆରମ୍ଭ ହୋଇଥିଲା । ଯାହା ମନେ ପଡୁଚି, ମୋର ପ୍ରଥମ କବିତାଟି ଈଶ୍ୱରଙ୍କ ପ୍ରତି ପ୍ରାର୍ଥନାମୂଳକ ଏକ ଅସଫଳ କବିତା ଥିଲା । xxx ପିଲାଦିନୁ ମା'ଙ୍କର ଭାଗବତ, ମହାଭାରତର ସେଟ୍ ମୁଁ ପଢ଼ିଥିଲି । ଏ ସମସ୍ତ ପ୍ରକ୍ରିୟା ହୁଏତ ମୋ ଚେତନାର ନିର୍ମାଣରେ ସହାୟକ ହୋଇଥିଲା ।

x x x

ଭଲ କବିତାର ସଂଜ୍ଞା ନିରୂପଣ ବା ସ୍ୱରୂପ ବଖାଣ ପାଇଁ ମୁଁ ଅପାରଗ । ମନେ ହୁଏ, ପ୍ରତ୍ୟେକ ଭଲ କବିତା ଗହୀରେଇଦିଏ, ପ୍ରସାରିଦିଏ ବା ଡେଣେଇଦିଏ ଏବଂ ଅନୁଭବକୁ ଉପଲବ୍ଧି ଆଡ଼କୁ ନିଏ ।

ଭାବର ଭିତ୍ତିରେ କବିତା ତା'ର ଅଂଗ ଆଉ ବସ୍ତ୍ର ନେଇ ଆସେ । ଧ୍ୱନି ନେଇ ଆସେ । ବହିର୍ଚ୍ଛନ୍ଦ ଓ ଅନ୍ତର୍ଚ୍ଛନ୍ଦ: ଉଭୟ ମାଧ୍ୟମ ନେଇ ମୁଁ କବିତା ଲେଖିଛି ।

କବିତା ତା'ର ବସ୍ତ୍ର ପିନ୍ଧି ଜନ୍ମନିଏ । ଯେଉଁ କବିତା ଛନ୍ଦରେ ଗୁଞ୍ଜରିତ, ମୁଁ ତାକୁ ସେମିତି ଆସିବାକୁ ଦେଇଛି, କୃତ୍ରିମ ଗଦ୍ୟ ରୂପ ଦେଇନି । ଏପରିକି ସମ୍ପୂର୍ଣ୍ଣ – ଗଦ୍ୟର କବିତା ବି ଲେଖିଛି ।

-ରାଜେନ୍ଦ୍ର କିଶୋର ପଣ୍ଡା (ଅନ୍ୟା,ପୂଜା ବିଶେଷାଙ୍କ)

### ରାଜେନ୍ଦ୍ରଙ୍କ କବିତା ଯୁବପିଢ଼ି ପାଇଁ ପ୍ରେରଣାପ୍ରଦ

ରାଜେନ୍ଦ୍ର କିଶୋର ପଣ୍ଡା ମୋର ଅତି ପ୍ରିୟ କବି । ଗୁରୁ ପ୍ରସାଦ ମହାନ୍ତି, ସଚ୍ଚି ରାଉତରାୟଙ୍କ ପରେ ଓଡ଼ିଆ କବିତାକୁ ଜୀବନ୍ୟାସ ଦେଇଥିବା କବିଙ୍କ ମଧ୍ୟରେ ରମାକାନ୍ତ ରଥ, ସୀତାକାନ୍ତ ମହାପାତ୍ର ଏବଂ ରାଜେନ୍ଦ୍ର କିଶୋର ପଣ୍ଡା ରହିଛନ୍ତି । ଏହି ତ୍ରୟୀ ଓଡ଼ିଆ କବିତାର ଦିଗ ପରିବର୍ତ୍ତନ କରି ଦେଇଛନ୍ତି । ବିଶେଷକରିରାଜେନ୍ଦ୍ରକିଶୋରପଣ୍ଡାନିପଟ ମଫସଲରଓଡ଼ିଆ ଶବ୍ଦ ତାଙ୍କ କବିତାରେ ବ୍ୟବହାର କରିଥାନ୍ତି, ଯାହାର କୌଣସି ତୁଳନା ନାହିଁ। ତାଙ୍କ ସହ ମୋର ସମ୍ପର୍କ କେବଳ ବ୍ୟକ୍ତିଗତ ନୁହେଁ, ସାହିତ୍ୟିକ ଦୃଷ୍ଟିକୋଣରୁ ମଧ ବେଶ୍ ଭଲ ଥିଲା । ଯେତେବେଳେ ମୁଁ ଆଣ୍ଠୁଗଣ୍ଠି ବାତରୋଗରେ ପୀଡ଼ିତ ହୋଇ ଗୃହବନ୍ଦୀ ହୋଇଥିଲି, ସେଇ ସମୟରେ ତାଙ୍କର ଆକସ୍ମିକ ବିୟୋଗ ହୋଇଥିଲା । ତାଙ୍କ ଲେଖା କେବଳ ଏହି ପିଢ଼ି ପାଇଁ ନୁହେଁ, ଆଗାମୀ ପିଢ଼ିର ଯୁବ ଲେଖକଲେଖିକାମାନଙ୍କ ପାଇଁ ମଧ ଦିଗଦର୍ଶନ ଓ ପ୍ରେରଣାପ୍ରଦ ହେବ । ମୁଁ ତାଙ୍କ ବିୟୋଗରେ ନିରବ ପ୍ରାର୍ଥନା କରୁଛି ।

- ବିଭୂତି ପଟ୍ଟନାୟକ, କଥାଶିଳ୍ପୀ

### କବିତାର ପ୍ରେମିକ: ରାଜେନ୍ଦ୍ର-କିଶୋର

କବିତାର ପ୍ରେମିକ ହେବାକୁ ହେଲେ ଯେ ଚତୁର୍ବର୍ଗର ଉର୍ଦ୍ଧ୍ୱରେ ରହିବାକୁ ପଡ଼େ, ତଥାକଥିତ ପାପ-ପୁଣ୍ୟ, ସତ୍ୟ-ମିଥ୍ୟା, ଜନ୍ମ-ମୃତ୍ୟୁର ଦେହଳୀକୁ ଲଂଘିବାକୁ ପଡ଼େ । ଏକ ଅନବତାରର ଅଧିକାରରେ ଚୌକାଠରେ ଚିରକାଳ ଏକପାଦରେ ଦଣ୍ଡାୟମାନ ରହି 'ଶିଖର ମାତ୍ରେ ଇ ଆରୋହ୍ୟ'ର ମନ୍ତ୍ର ଜପି ଶୈଳକଳ୍ପ ହୋଇଯିବାକୁ ପଡ଼େ ।

କବି ରାଜେନ୍ଦ୍ର କିଶୋର ପଣ୍ଡାଙ୍କ କବିତାର ଅରଣ୍ୟରେ ହଜିବାକୁ ଆରମ୍ଭ କରିବା ଅର୍ଥ ନିଜକୁ ହିଁ ଖୋଜି ପାଇବା । ଆଦିମା, ମଧମା, ଅନ୍ତିମା ଓ ପରମା ଯେଉଁମାନେ ମୋ ଭିତରେ ହିଁ ଲୁଚି ରହିଥିଲେ ସେମାନେ କ୍ରମଶଃ ନିଜକୁ ବ୍ୟକ୍ତ କରୁଥିଲେ । କବିତା ନାରୀରେ ଓ ନାରୀ କବିତାରେ ରୂପାନ୍ତର ହୋଇଯାଉଥିଲେ । ନାରୀ ଓ କବିତାକୁ ଏକାକାର କରି ଜୀବନ-ମରଣ-ରମଣ- ନିର୍ବାଣକୁ ପ୍ରେମରେ ସଜାଉଥିବା କବି ସୃଜନର ମନ୍ତ୍ରପାଠ କରୁଥିଲେ ।

କେଉଁ ଅନୁପମ ଲଗ୍ନରେ ପିତାମାତା କ'ଣ ଭାବି ନାମ ରଖିଥିଲେ ରାଜେନ୍ଦ୍ର-କିଶୋର । ରାଜେନ୍ଦ୍ରର ତୁଙ୍ଗ ସ୍ୱାଭିମାନ, ତପୋନିଷ୍ଠ ଦାୟିତ୍ୱବୋଧ ଓ କିଶୋରର ପାରଦର୍ଶୀ ନିସର୍ଗ ପ୍ରେମପ୍ରବଣତା – ଏ ଦୁଇଟି ଯାକ ପ୍ରବୃତ୍ତି ଗୋଳାଗୋଳି ହୋଇ କବିତାର ପରମ ପ୍ରେମିକ, ଏପରି ଅର୍ଦ୍ଧନାରୀଶ୍ୱର ଶିବମୟ କାବ୍ୟପୁରୁଷଟିଏ ନିର୍ମିତ ହେବାକୁ ଅଛି ବୋଲି ସେମାନେ ଅନୁମାନ କରିଥିଲେ କି??

- ଅପର୍ଣ୍ଣା ମହାନ୍ତି, କବି

### ବିଦାୟ ରାଜେନ୍ଦ୍ର

ରାଜେନ୍ଦ୍ର କିଶୋର ପଣ୍ଡା ଆମ ସମୟର ପ୍ରଖର ଓ ଶକ୍ତିଶାଳୀ କବି । ରାଜେନ୍ଦ୍ର କିଶୋର ତାଙ୍କ ସମଗ୍ର ଜୀବନ କବିତା ପାଇଁ ସମର୍ପିତ କରିଥିବା ବିରଳ ବ୍ୟକ୍ତିତ୍ୱ । ଜୀବନର ଶେଷ ପର୍ଯ୍ୟନ୍ତ ସେ କବିତାକୁ ବ୍ରତ ଓ ମନ୍ତ୍ର ଭାବରେ ବିବେଚନା କରିଆସିଥିଲେ ।

ଅନନ୍ୟ ଭାବସମ୍ପଦ, ଚମତ୍କାର ଉପସ୍ଥାପନା ଶୈଳୀ, ଶବ୍ଦର ଦୀପ୍ତି ଓ ବିଷୟ ବିନ୍ୟାସରେ ଅଳଙ୍କୃତ ତାଙ୍କର କବିତା । ତାଙ୍କ କବିତାରେ କେତେବେଳେ ଗୀତିମୟତା ତ କେତେବେଳେ ଅସାଧାରଣ ଛନ୍ଦୋବଦ୍ଧତା ଦେଖିବାକୁ ମିଳେ । ତୀକ୍ଷ୍ଣ ଉପଲବ୍ଧି, ଅନୁଭବ ଓ ଅନ୍ତର୍ଦୃଷ୍ଟିସଂପନ୍ନ ତାଙ୍କ କବିତା ସବୁ ଆଙ୍ଗିକ ତଥା ଆତ୍ମିକ ଦୃଷ୍ଟିରୁ ତାତ୍ପର୍ଯ୍ୟପୂର୍ଣ୍ଣ । ବହୁବିଧ ପରୀକ୍ଷାନିରୀକ୍ଷାରେ ସମୃଦ୍ଧିତ ତାଙ୍କର କବିତା କେତେବେଳେ କୌଣସି ବାଦ ପାଖରେ ବନ୍ଧା ପଡ଼ିନାହିଁ । ସେ କବିତାକୁ 'ନିଜ ସହିତ, ଅପର ସହିତ, ନିଖିଳ ସହିତ ବା ଈଶ୍ୱରଙ୍କ ସହିତ ଆଳାପନା' ବୋଲି ବିଚାର କରିଥାନ୍ତି । କବିତାକୁ ଅନ୍ତହୀନ ଯାତ୍ରା ଭାବରେ ବରଣ କରି ସେ କୁହନ୍ତି- ପହଞ୍ଚି ଯିବାଟା ମରିଯିବା । କବିତାକୁ ସେ ନିଆରା ଉପଲବ୍ଧିର ଜଗତ ଭାବରେ ଗ୍ରହଣ କରିଥାନ୍ତି । ଆପଣା ଉଚ୍ଚାରଣରେ ମୁକ୍ତ, ସ୍ୱଚ୍ଛନ୍ଦ ଓ ପ୍ରତିବଦ୍ଧ କବି ରାଜେନ୍ଦ୍ର କିଶୋର ତାଙ୍କ ସର୍ଜକ ସତ୍ତା କାହାର ଅନୁଗତ ନୁହେଁ ବୋଲି ଦୃଢ଼ ଘୋଷଣା କରିଥାନ୍ତି ।

ବିଦାୟ ରାଜେନ୍ଦ୍ର । ଓଡ଼ିଆ କବିତାରେ ଆପଣ ରହିବେ ବର୍ଣ୍ଣୋଜ୍ୱଳ ହୋଇ ।

- ସୂର୍ଯ୍ୟ ମିଶ୍ର, କବି

### କବିତାର ରାଜା ଓ ଇନ୍ଦ୍ର : ରାଜେନ୍ଦ୍ର

ଆମ ସମୟର ଅନ୍ୟତମ ଶ୍ରେଷ୍ଠ କବି ରାଜେନ୍ଦ୍ର କିଶୋର ପଣ୍ଡା । ନିଜ କବିତାରେ ମଣିଷକୁ ଆଶ୍ୱସନା ଓ ଆଶ୍ରୟ ଦେବାରେ ଏକ ନୂଆ ଦିଗ ଦେଇଛନ୍ତି ଓଡ଼ିଆ ସାହିତ୍ୟକୁ । ନୂଆ ନୂଆ ଶବ୍ଦ ନିର୍ମାଣ ଏବଂ ଶବ୍ଦ ବସାଣରେ ଧୁରନ୍ଧର କବି କବିତାକୁ ଦେଇଛନ୍ତି ନୂଆ ରୂପ । ତାଙ୍କର ଅକସ୍ମାତ ଏମିତି ବିଦାୟ ନେଇ ଚାଲିଯିବା ସ୍ତବ୍ଧ କରିଦେଇଛି ଓଡ଼ିଆ ସାହିତ୍ୟକୁ । ତାଙ୍କ ଅବର୍ତ୍ତମାନରେ ସୃଷ୍ଟି ହେଇଚି ଅପୂରଣୀୟ ଶୂନ୍ୟସ୍ଥାନ । ତେବେ ସେଇ ଶୂନ୍ୟସ୍ଥାନକୁ ପୂରଣ କରିପାରିବ କେବଳ ତାଙ୍କରି ସ୍ୱର ଓ ତାଙ୍କର ଶବ୍ଦ ।

ତାଙ୍କ କବିତାର ଠାଣୀ ସ୍ୱତନ୍ତ୍ର । ଅନନୁକରଣୀୟ । କେତେ ସଂଭ୍ରାନ୍ତ ତାଙ୍କର ଶୈଳୀ । ଗୁରୁଗମ୍ଭୀର ସ୍ୱରରେ ସାଧାରଣ ମଣିଷର ଅସହାୟତା ଓ ସାଧାରଣ ମଣିଷର ସୀମିତତାକୁ ପ୍ରକାଶ କରିପାରନ୍ତି ସେ । ଅସହାୟ ମଣିଷ ପାଇଁ ସାନ୍ତ୍ୱନାର ସ୍ୱରଟିଏ ଶୁଭେ ପୁଣି କେତେବେଳେ ଯୁଦ୍ଧ ପାଇଁ ଉଦାତ୍ତ ଗୁରୁଗମ୍ଭୀର ସ୍ୱର । ନିଜେ କବି ରାଜେନ୍ଦ୍ର ପଣ୍ଡା ମତ ଦିଅନ୍ତି -କବିତା ମାଧ୍ୟମରେ ଯେ ଏକ ବିରାଟ ବିପ୍ଳବ ସଂଘଟିତ ହେଇଯିବ ଏପରି ଦମ୍ଭ ପୋଷଣ ନ କରିବା ହିଁ ଉଚିତ । କିନ୍ତୁ ଏ କଥା ବି ସ୍ୱୀକାର କରନ୍ତି ଯେ, ଏଇ କବିତାର ସୌନ୍ଦର୍ଯ୍ୟ ଟିକକ ହିଁ କବିକୁ ସବୁ ଅପମାନକୁ, ସବୁ ଲାଞ୍ଛନାକୁ ଅତିକ୍ରମ କରିବାକୁ ଶକ୍ତି ଯୋଗାଏ ।

ଜୀବନକୁ ଓ ଜଗତକୁ ଗଭୀର ଭାବରେ ଭଲପାଉଥିବା କବି ଆଜି ସମସ୍ତଙ୍କୁ ଛାଡ଼ି ଦେଇ ଅନ୍ୟ ଏକ ଜଗତରେ । ହୁଏତ ସେଇଠି ସେ କବିତା ଲେଖୁଥିବେ ପ୍ରିୟ ସହକବିମାନଙ୍କ ପାଇଁ ଆଉ କହୁଥିବେ -

"କଲମ ଛାଡ଼ି ବଲମ ଉଠେଇବା କିଆଁ
ବୁନ୍ଦାଏ, କଣାଏ, ଦାନାଏ - ବସୁଧାକୁ ମଣିଷକୁ
କ'ଣ ବା ଦେଇପାରିଚେ ନୂଆ ?"

- ପ୍ରୀତିଧାରା ସାମଲ, କବି

### ସ୍ମୃତି ରାଜେନ୍ଦ୍ର

ଭଞ୍ଜକଳା ମଣ୍ଡପରେ 'ଟାଇମପାସ୍'ର ସାହିତ୍ୟ ଉତ୍ସବରେ ପ୍ରଥମ ଥର ତାଙ୍କ ସହ ସାକ୍ଷାତ ଆଜକୁ ସାତ ବର୍ଷ ତଳେ । ପ୍ରଥମ ସାକ୍ଷାତ ଦିନ, ମୋ' କାନ୍ଧରେ ସେ ହାତ ପକେଇ ଠିଆ ହେଇଥିବା ବେଳର ଯେଉଁ ଫଟୋଟି ଉଠେଇଥିଲି, ସେଇଟି ମୋତେ ଖୁବ୍ ପ୍ରିୟ, ଏବଂ ମୋ ଦୃଷ୍ଟିରେ, ବିରଳ । କାରଣ ତାଙ୍କ ପାଖରେ ଠିଆହେବା, ତାଙ୍କ ସହିତ ଫଟୋ ଉଠେଇବା ବା ତାଙ୍କୁ ଭେଟିବାକୁ ଯାଇ ତାଙ୍କ ସହିତ କଥା ହେବା ପାଇଁ ମୁଁ (ମୋରି ଭଳି ଆହୁରି ଅନେକ) ସବୁବେଳେ କୁଣ୍ଠିତ । ଏ କୁଣ୍ଠାର କାରଣ ତାଙ୍କ ପ୍ରତି ଗଭୀର ସମ୍ମାନବୋଧ ଓ ଭଲପାଇବା । 'ବର୍ଣ୍ଣମାଳା' ପାଇଁ 'ଫୁଟ୍‌ପ୍ରିଣ୍ଟସ' ସଂକଳନ ପ୍ରସ୍ତୁତ କରିବା ବେଳେ ତାଙ୍କ ସହ ଦୀର୍ଘ ଆଲୋଚନା ହେଇଚି ଓ ଅନେକ ଥର ଆମର ମତାନ୍ତର ବି ଘଟିଛି । କିନ୍ତୁ ସବୁଥର, ତାଙ୍କ ଉଦାରତା ଓ ସ୍ନେହ ଆଗରେ ମୁଁ ଛୋଟ ହେଇଯାଇଛି ।

'ଇନ୍ଦ୍ରଧନୁ' ସିନେମାର ପର୍ଦ୍ଦାୟନ ବେଳେ ଅସୁସ୍ଥତା ସତ୍ତ୍ୱେ ସେ ଜୟଦେବ ଭବନକୁ ଆସିବା ଓ ଅଢ଼େଇ ଘଣ୍ଟା ଆମ ସହିତ ବିତେଇବା, ମତେ ସବୁବେଳେ ଭାବପ୍ରବଣ କରିବ । ଆହୁରି ବି ଅଧିକ ଭାବପ୍ରବଣ ଓ ଲୁହ ଛଳଛଳ କରିବ ଏ ସ୍ୱୀକାରୋକ୍ତି, ଯେ ତାଙ୍କ ଅସୁସ୍ଥତା ବେଳେ ତାଙ୍କୁ ଥରୁଟିଏ ଦେଖିପାରିଲିନି ମୁଁ । ଏପରିକି, ଶେଷ ଦର୍ଶନରୁ ବି ବଞ୍ଚିତ ହେଲି ମୁଁ ହତଭାଗା । ତାଙ୍କର କିନ୍ତୁ ମୃତ୍ୟୁ ନାହିଁ, ଏକଥା ମୁଁ ଖୁବ୍ ଦମ୍ଭର ସହ କହିପାରେ । ଅନ୍ତତଃ ଓଡ଼ିଆ କବିତାକୁ ଭଲପାଉଥିବା ପ୍ରତିଟି ପାଠକ ପାଇଁ ସେ ଚିର ଜୀବନ୍ତ ହେଇ ରହିବେ ।

- ସୂର୍ଯ୍ୟସ୍ନାତ ତ୍ରିପାଠୀ, କବି



# 'କଳିଙ୍ଗ'ରେ କଳଙ୍କ

## ଷ୍ଟାଡିୟମ ଭିତରେ ଗଦାଗଦା ମଦ ବୋତଲ, ମେଞ୍ଚାମେଞ୍ଚା କଣ୍ଡୋମ୍

ଭୁବନେଶ୍ୱର, ୧।୧୧ (ସମିସ): ନବୀନ ସରକାର ସମୟରେ କଳିଙ୍ଗ ଷ୍ଟାଡିୟମରେ ଉଡୁଥିଲା ବିଭିନ୍ନ ଦେଶର ଜାତୀୟ ପତାକା। ବିଭିନ୍ନ ସମୟରେ ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ା ଆୟୋଜିତ ହେଉଥିଲା। କଳିଙ୍ଗର ଅନ୍ତର୍ଜାତୀୟ ସ୍ତରର ଟ୍ରାକ୍ ଓ ଟର୍ଫ ବିଦେଶୀ କ୍ରୀଡ଼ାବିତ୍‌ମାନଙ୍କୁ ଆକର୍ଷିତ କରୁଥିଲା। ଏହି ଷ୍ଟାଡିୟମକୁ ପ୍ରଶଂସାରେ କ୍ରୀଡ଼ାବିତ୍‌ମାନେ ପୋତି ପକାଉଥିଲେ। ମାତ୍ର ୧୬ ମାସ ମଧ୍ୟରେ ବଦଳିଯାଇଛି କଳିଙ୍ଗ ଷ୍ଟାଡିୟମର ଚିତ୍ର ଓ ଚରିତ୍ର। ଏବେ ଷ୍ଟାଡିୟମ ପରିସରରେ କେଉଁଠି ମଦ ବୋତଲ ଗଦା ହୋଇଥିବା ଦେଖିବାକୁ ମିଳୁଛି ତ ଷ୍ଟାଡିୟମର ବିଭିନ୍ନ ଶୌଚାଳୟ ଓ ଫ୍ଲସ୍ ଭିତରେ ମେଞ୍ଚାମେଞ୍ଚା ବ୍ୟବହୃତ କଣ୍ଡୋମ ଭର୍ତ୍ତି ହୋଇଥିବା ଦେଖାଯାଇଛି। କଡ଼ା ସୁରକ୍ଷା ବଳୟ ଭେଦକରି ଷ୍ଟାଡିୟମ ପରିସରରେ କିଏ ମଦ୍ୟପାନ କରୁଛି ଓ ଏପରି ଅସାମାଜିକ କାର୍ଯ୍ୟ କରିବାକୁ ସାହସ କରୁଛି, ତାହାକୁ ନେଇ ଏବେ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି। ଥରେ ଅଧେ ଗୋଟାଏ ବା ଯୋଡ଼ିଏ ନୁହେଁ; ଗଲା ୮ ମାସ ହେବ ଷ୍ଟାଡିୟମର ବିଭିନ୍ନ ଶୌଚାଳୟରୁ ମେଞ୍ଚାମେଞ୍ଚା କଣ୍ଡୋମ ବାହାରିବା ରାଜ୍ୟର ଏହି ଗରିମାମୟ କ୍ରୀଡ଼ା ପ୍ରତିଷ୍ଠାନର ସୁନାମରେ କାଳିମା ବୋଳିଦେଇଛି।

ଦେଶ ବିଦେଶରେ କଳିଙ୍ଗ ଷ୍ଟାଡିୟମର ପ୍ରସିଦ୍ଧି ରହିଛି। ଅନେକ ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତା ଏଠାରେ ଆୟୋଜିତ ହୋଇଛି। ଓଡ଼ିଶାକୁ ଦେଶର କ୍ରୀଡ଼ା କ୍ୟାପିଟାଲରେ ପରିଣତ କରିବାରେ କଳିଙ୍ଗର ଅବଦାନ ଅନେକ। ଏଠାରେ ଥିବା ଉନ୍ନତମାନର ହାଇ ପର୍‌ଫର୍ମାନ୍ସ ସେଣ୍ଟରରେ ନୀରଜ ଚୋପ୍ରାଙ୍କ ଭଳି ବହୁ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଆଥଲେଟ୍‌ଙ୍କ ସହ ଭାରତୀୟ ପୁରୁଷ ଓ ମହିଳା ହକି ଦଳର କ୍ରୀଡ଼ାବିତ୍‌ମାନେ ମଧ୍ୟ ଏଠାରେ ପ୍ରଶିକ୍ଷଣ ନେଇଛନ୍ତି। ଏହା ସହ ରାଜ୍ୟର ଅନେକ ଛୋଟଛୋଟ ପିଲା କଳିଙ୍ଗ ଷ୍ଟାଡିୟମ ପରିସରରେ ସନ୍ତରଣ, ବ୍ୟାଡ୍‌ମିଣ୍ଟନ ପ୍ରଶିକ୍ଷଣ ନେଇ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ଆଥଲେଟ୍ ହେବାର ସ୍ୱପ୍ନ ଦେଖୁଛନ୍ତି।



ଏଠାରେ ଟେନିସ୍, ଆଥଲେଟିକ୍, ଜିମ୍ନାଷ୍ଟିକ୍, ୱେଟ ଲିଫ୍ଟିଂ, ସୁଟିଂ, ଫୁଟବଲ୍ ଖେଳିବା ପାଇଁ ସୁବିଧା ରହିଛି। ଭୁବନେଶ୍ୱର ତଥା ରାଜ୍ୟର ଅନେକ ସ୍ଥାନରୁ ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ଉନ୍ନତ କ୍ରୀଡ଼ା ତାଲିମ ପାଇଁ କଳିଙ୍ଗ ଷ୍ଟାଡିୟମ୍‌ର ହଷ୍ଟେଲ୍‌ରେ ଛାଡ଼ିଛନ୍ତି। ହେଲେ ଏହି ଷ୍ଟାଡିୟମ ପରିସରରେ ଥିବା ଅଧିକାଂଶ ଶୌଚାଳୟରେ ମାଳମାଳ ବ୍ୟବହୃତ କଣ୍ଡୋମ୍ ବାହାରିବା ପରେ ଏବେ ପିଲାମାନଙ୍କ ପାଇଁ ଅଭିଭାବକଙ୍କ ମନରେ ଚିନ୍ତା ବଢ଼ିଛି।

କଳିଙ୍ଗ ଷ୍ଟାଡିୟମ ସମ୍ପୂର୍ଣ୍ଣ ରୂପେ ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ ଦ୍ୱାରା ପରିଚାଳିତ ହେଉଛି। ଏହାର ପରିସର ମଧ୍ୟରେ କୌଣସି ବାସଭବନ ନାହିଁ ଓ ଷ୍ଟାଡିୟମକୁ ବାହାର ଲୋକଙ୍କ ଯିବା ଆସିବା ଉପରେ ସମ୍ପୂର୍ଣ୍ଣ କଟକଣା ରହିଛି। ବୈଧ ଅନୁମତିପତ୍ର ବିନା ଏଠାକୁ କେହି ଯାଇପାରିବେ ନାହିଁ। ଷ୍ଟାଡିୟମର ୯ଟି ଫାଟକରେ ସବୁବେଳେ ନିରାପତ୍ତା ରକ୍ଷୀ ମୁତୟନ ହୋଇଛନ୍ତି। ସାଧାରଣ ଲୋକ ଭିତରକୁ ଯିବା ପ୍ରାୟତଃ ନିଷେଧ। ଏହା ସତ୍ତ୍ୱେ ଷ୍ଟାଡିୟମ ଭିତରକୁ ଏତେ ପରିମାଣର ମଦ ବୋତଲ କିପରି ଯାଉଛି ଓ ଏହାକୁ କିଏ ପିଉଛି ତାକୁ ନେଇ ନେଇ ସନ୍ଦେହ ସୃଷ୍ଟି ହୋଇଛି। କଳିଙ୍ଗ ନିର୍ମାଣ ଆରମ୍ଭରୁ ତତ୍କାଳୀନ ସରକାର ଏହାର ସବୁଜିମାକୁ ଗୁରୁତ୍ୱ ଦେଇଛନ୍ତି। ଷ୍ଟାଡିୟମର ସୁରକ୍ଷା ଓ ସୁପରିଚାଳନାକୁ ସୁନିଶ୍ଚିତ କରିବା ପାଇଁ ଏଠାରେ କ୍ରୀଡ଼ା ବିଭାଗର ନିର୍ଦ୍ଦେଶକଙ୍କଠାରୁ ଆରମ୍ଭ କରି ସଚିବଙ୍କର କାର୍ଯ୍ୟାଳୟ ମଧ୍ୟ ରହିଛି। ପ୍ରଶିକ୍ଷାର୍ଥୀଙ୍କ ରହଣି ପାଇଁ

### ଅନ୍ତେବାସୀଙ୍କ ସୁରକ୍ଷାକୁ ନେଇ ଉଠିଲା ପ୍ରଶ୍ନ

ଅଲଗା ଅଲଗା ହଷ୍ଟେଲ୍ ନିର୍ମାଣ କରାଯାଇଛି। ଏହା ସତ୍ତ୍ୱେ ଷ୍ଟାଡିୟମ୍ ଭିତରେ ଏପରି ଅବ୍ୟବସ୍ଥାକୁ ବୁଦ୍ଧିଜୀବୀ ମହଲ ସହଜରେ ଗ୍ରହଣ କରିପାରୁନାହିଁ।

କିଛି ମାସ ତଳେ କଳିଙ୍ଗ ଷ୍ଟାଡିୟମ୍‌ର ସିନ୍ଥେଟିକ୍ ଟ୍ରାକ୍‌ରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଗାଡ଼ି ଚାଲୁଥିବାର ଏକ ଭିଡିଓ ଭାଇରାଲ୍ ହୋଇଥିଲା। ଏହି ଭିଡିଓ ଆସିବା ପରେ ରାଜ୍ୟ ତଥା ଜାତୀୟ ସ୍ତରରେ କ୍ରୀଡ଼ାବିତ୍ ଓ କ୍ରୀଡ଼ା ବିଶେଷଜ୍ଞମାନେ ଏହାକୁ ନାପସନ୍ଦ କରିଥିଲେ। ମେଡ଼ିକାଲ ଇମରଜେନ୍ସି କଥା କହି ସେତେବେଳେ ଏହାକୁ ଚାପି ଦେବାକୁ ଉଦ୍ୟମ ହୋଇଥିଲା। ମାତ୍ର ଏବେ ଷ୍ଟାଡିୟମ ପରିସରରେ ଏପରି ଆପତ୍ତିଜନକ ସାମଗ୍ରୀ ମିଳିବା 'କଳିଙ୍ଗ'ର ସୁନାମରେ କେବଳ କଳଙ୍କ ଲଗାଇନାହିଁ, ଷ୍ଟାଡିୟମ ପରିସରରେ ତାଲିମ ନେଉଥିବା ଛାତ୍ରୀମାନଙ୍କ ସୁରକ୍ଷା ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗତ ୮ ମାସ ହେବ ଏଭଳି ଘଟଣା ବଢ଼ିଚାଲିଥିବା ନଜରକୁ ଆସିଛି। ଖୋଦ୍ ସରକାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହେଉଥିବା ଏଭଳି ଏକ ଅନ୍ତର୍ଜତୀୟସ୍ତରରେ ଷ୍ଟାଡିୟମ୍‌ର ଅଧୋଗତି ରାଜ୍ୟବାସୀଙ୍କୁ ବ୍ୟଥିତ କରିଛି ଓ ଏହି ଖ୍ୟାତିସମ୍ପନ୍ନ କ୍ରୀଡ଼ା ପ୍ରତିଷ୍ଠାନର ଭବିଷ୍ୟତକୁ ନେଇ କ୍ରୀଡ଼ବିତ୍‌ମାନେ ଆଶଙ୍କା ପ୍ରକଟ କରିଛନ୍ତି।

# ପ୍ରତିଷ୍ଠା ହେଲା ୪୪ଟି ନୂଆ ଉପ-ନିବନ୍ଧନ କାର୍ଯ୍ୟାଳୟ

ଭୁବନେଶ୍ୱର,୧।୧୧(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାରରାଜ୍ୟର୧୩ଟିଜିଲ୍ଲାର୪୪ଟିତହସିଲରେନୂଆଉପ-ନିବନ୍ଧନ କାର୍ଯ୍ୟାଳୟ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ପର୍ଯ୍ୟାୟକ୍ରମେ ସବୁ ତହସିଲରେଉପ-ନିବନ୍ଧନ କାର୍ଯ୍ୟାଳୟଖୋଲାଯିବ। ସରକାରୀ ସେବା ସୁବିଧାରେ ପାଇବା ହେଉଛି ଲୋକଙ୍କ ଅଧିକାର। ଲୋକଙ୍କୁ ସମ୍ମାନର ସହିତ ଉତ୍ତମ ସେବା ଯୋଗାଇଦେବାକୁ ମୁଖ୍ୟମନ୍ତ୍ରୀ ରାଜସ୍ୱ ବିଭାଗ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ ରାଜ୍ୟର ଆଜିସୁଦ୍ଧା ସମୁଦାୟ ୩୧୭ ତହସିଲ ମଧ୍ୟରୁ ୨୬୧ ତହସିଲରେ ଉପ-ନିବନ୍ଧନ କାର୍ଯ୍ୟାଳୟଖୋଲାଯାଇଛି। ବାକି ୫୬ଟି ପର୍ଯ୍ୟାୟକ୍ରମେ ଚଳିତବର୍ଷ ଶେଷ ସୁଦ୍ଧା ଖୋଲିବାପାଇଁ ଯୋଜନା ରଖାଯାଇଛି।

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଗତ ୧୬ ମାସ ଧରି ଆମ ସରକାର ପ୍ରଶାସନିକ ବ୍ୟବସ୍ଥାରେ ଅନେକ ସଂସ୍କାର ଆଣିଛନ୍ତି। ବର୍ତ୍ତମାନ ରାଜ୍ୟ ସରକାର ୩୨ଟି ବିଭାଗର ୪୩୩ଟି ସେବାକୁ ଅନ୍‌ଲାଇନ ଜରିଆରେ ଯୋଗାଇ ଦେଉଛନ୍ତି। ନିକଟରେ ଜମିଜମା ପଞ୍ଜୀକରଣ ପାଇଁ ସ୍ଲଟ୍ ବୁକିଂ ନିମନ୍ତେ ଇ-ରେଜିଷ୍ଟ୍ରେସନ ମୋବାଇଲ୍ ଆପ୍‌ର ମଧ୍ୟ ଶୁଭାରମ୍ଭ ହୋଇଥିଲା। ଏଥିରେ ସ୍ଲଟ ବୁକିଂ ସହିତ ଇ.ସି ଏବଂ ଅନ୍ୟାନ୍ୟ ଜରୁରୀ କାଗଜପତ୍ର ମଧ୍ୟ ମିଳିପାରୁଛି। ସ୍ମାର୍ଟ ସର୍ଭେଲାନ୍‌ସ ଜରିଆରେ ସମସ୍ତ ଉପ-ନିବନ୍ଧନ କାର୍ଯ୍ୟାଳୟକୁ ସିସିଟିଭି ଜରିଆରେ ନୀରିକ୍ଷଣ କରାଯାଉଛି। ଏହାଦ୍ୱାରା କର୍ମଚାରୀ ମାନଙ୍କର ସମୟାନୁବର୍ତ୍ତୀତା ଏବଂ ପାରଦର୍ଶିତାକୁ ସୁନିଶ୍ଚିତ କରାଯାଇ ପାରୁଛି। ଉପନିବନ୍ଧନ କାର୍ଯ୍ୟାଳୟକୁ ଦୁର୍ନୀତି ମୁକ୍ତ ଓ ମଧ୍ୟସ୍ଥି ମୁକ୍ତ କରିବା ଦିଗରେ ଏହି ବ୍ୟବସ୍ଥା ଖୁବ୍ ଉପଯୋଗୀ ହୋଇପାରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେ ଆହୁରି ମଧ୍ୟ କହିଥିଲେ ଯେ ନୂଆ ସରକାର ଆସିବା ପରେ ଇତି ମଧ୍ୟରେ ୨, ୧୮,୬୧,୦୬୩ଟି ସେବା ଅନଲାଇନ ଜରିଆରେ ଯୋଗାଇଦେଇଥିବା ବେଳେ ୨୫ ହଜାରରୁ ଅଧିକ ବାସଗୃହହୀନ ଲୋକଙ୍କୁ ଘରବାଡି ପଟ୍ଟା ଦିଆଯାଇଛି। ୨୭ ଲକ୍ଷ ଖାତାକୁ ସର୍ବେକ୍ଷଣ କରାଯାଇ ମୃତ ଲୋକଙ୍କ ଜମିବାଡିକୁ ସେମାନଙ୍କ ଉତ୍ତରାଧିକାରୀଙ୍କ ନାମରେ ରେକର୍ଡ କରାଯାଇଛି। ଏହା ସହିତ ଗତ ଏକ ବର୍ଷ ମଧ୍ୟରେ ୨୩ ହଜାର ୯୮୮ଟି ସରକାରୀ ଶିକ୍ଷାନୁଷ୍ଠାନକୁ ସ୍ଥାୟୀ ପଟ୍ଟା ପ୍ରଦାନ କରାଯାଇ ପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଲେ ଯେ ଜମି କିଣାବିକା ସମୟରେ ସାଧାରଣତଃ ଭାବେ ଲୋକମାନେ ବହୁତ ହନ୍ତସନ୍ତ ହୁଅନ୍ତି। ଏଥି ପାଇଁ ବିଭାଗରେ ସଂସ୍କାର ଅଣାଯାଇ ସବୁ ତହସିଲରେ ସବ୍ ରେଜିଷ୍ଟ୍ରେସନ୍ ଖୋଲାଯିବା, କିଣାବିକା ପ୍ରକ୍ରିୟାକୁ ସରଳ କରିବା, ରାଜସ୍ୱ ରେକର୍ଡକୁ ସଂଶୋଧନ କରିବା, କ୍ୟାସଲେସ୍ ଅର୍ଥ ନେଣ-ଦେଣ ଏବଂ ତ୍ୱରିତ ପଟ୍ଟା ପ୍ରଦାନ ପାଇଁ ବ୍ୟବସ୍ଥା କରାଯାଉଛି। ବ୍ୟବସ୍ଥାକୁ ସହଜ, ସରଳ ଓ ସମୟୋପଯୋଗୀ କରିବା ଦିଗରେ ରାଜସ୍ୱ ବିଭାଗ ପକ୍ଷରୁ ଉଦ୍ୟମ କରାଯାଉଛି ବୋଲି ସେ କହିଥିଲେ।

## ଚନ୍ଦକାରୁ ନରକଙ୍କାଳ ମିଳିବା ଘଟଣାର ପର୍ଦ୍ଦାଫାସ

# ଗୁଣି ସନ୍ଦେହରେ ବୃଦ୍ଧଙ୍କୁ ହତ୍ୟା

ଭୁବନେଶ୍ୱର,୧।୧୧(ସମିସ): ଚନ୍ଦକା ଜଙ୍ଗଲରୁ ନରକଙ୍କାଳ ମିଳିବା ଘଟଣାରୁ ପରଦା ହଟିଛି। ୨୪ଘଣ୍ଟା ଭିତରେ ମୃତକଙ୍କୁ ଚିହ୍ନଟ କରିବା ସହ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି ଚନ୍ଦକା ଥାନା ପୁଲିସ। ମୃତକ ହେଉଛନ୍ତି, ପିତାଗାଡ଼ିଆ ଗାଁର ବଳରାମ ଦେଓଗାମ୍ (୭୨)। ବଳରାମଙ୍କ ପୁଅ ରାମ ଚରଣ ଦେଓଗାମଙ୍କ ଅଭିଯୋଗକ୍ରମେ ଏକ ହତ୍ୟା ମାମଲା ରୁଜୁ କରିବା ସହ ଅଭିଯୁକ୍ତ ଫରେଷ୍ଟ ୱାଚମ୍ୟାନ କହ୍ନେଇ ହେମ୍ବ୍ରମ (୨୭) ଓ ରାମ ସାମଦା (୨୫)କୁ ଗିରଫ କରିଛି ପୁଲିସ।

ପୁଲିସ ସୂଚନାନୁସାରେ, ଗତ ସେପ୍ଟେମ୍ବରରେ ବଳରାମଙ୍କ ନାତୁଣୀ ତଥା ରାମଚରଣଙ୍କ ଝିଅର ଏକୋଇଶିଆକୁ କହ୍ନେଇର ବାପା ପର୍ଶୁରାମ ହେମ୍ବ୍ରମ ଯାଇଥିଲେ। ସେଠାରୁ ସାରି ଫେରିବା ବେଳେ ବଳରାମଙ୍କ ଘର ଠାରୁ ମାତ୍ର ୫୦ ମିଟର ଦୂରରେ ପର୍ଶୁରାମଙ୍କର ମୃତ୍ୟୁ ହୋଇଥିଲା। ବଳରାମ ଗୁଣିଗାରେଡ଼ି କରି ତାଙ୍କ ବାପାଙ୍କୁ ହତ୍ୟା କରିଥିବା ସନ୍ଦେହ କରି କହ୍ନେଇ ପ୍ରତିଶୋଧ ପରାୟଣ ହୋଇ ଉଠିଥିଲା। ଘଟଣା ବିଷୟରେ ଅନ୍ୟତମ ଅଭିଯୁକ୍ତ ରାମ ସାମଦାକୁ ଜଣାଇବା ସହ ବଳରାମଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲା। ଦୁଇ ବର୍ଷ ପୂର୍ବରୁ ରାମର ବାପା ମଧ୍ୟ ଅଚାନକ ମୃତ୍ୟୁବରଣ କରିଥିବାବେଳେ ତାଙ୍କ ମୃତ୍ୟୁ ପଛରେ ବଳରାମର ଗୁଣିଗାରେଡ଼ି ଥିବା ରାମ ସନ୍ଦେହ କରିଥିଲା। ଏହାପରେ କହ୍ନେଇ ଓ ରାମ ମିଶି ବଳରାମଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ।

ସେପ୍ଟେମ୍ବର ୩୦ ତାରିଖ ରାତିରେ ବଳରାମ ତାଙ୍କ ବିଲକୁ ଯାଇଥିବା ବେଳେ ପୂର୍ବ ଯୋଜନା ମୁତାବକ କହ୍ନେଇ ଓ ରାମ ସେଠାରେ ଲୁଚି ରହିଥିଲେ। ବଳରାମ ମଞ୍ଚା ଉପରକୁ ଯାଉଥିବା ବେଳେ କହ୍ନେଇ ତାଙ୍କୁ ଗୋଇଠା ମାରି ତଳେ ପକାଇ ଦେଇଥିଲା। ରାମ ତାଙ୍କ ଗୋଡ଼ ଦୁଇଟାକୁ ଧରିଥିବା ବେଳେ କହ୍ନେଇ ତାଙ୍କ ତଣ୍ଟିଚିପି ହତ୍ୟା କରିଥିଲା। ଉଭୟ ମିଶି ବଳରାମଙ୍କ ମୃତଦେହକୁ ଜଙ୍ଗଲଭିତରକୁନେଇଗାତଖୋଳିମୃତଦେହକୁପୋତିଦେଇଥିଲେ। ବଳରାମ ସାଙ୍ଗରେ ଆଣିଥିବା ଟର୍ଚ୍ଚ, ପାଣି ବୋତଲ ଓ ଠେଙ୍ଗାକୁ ଅଭିଯୁକ୍ତମାନେ ନିକଟସ୍ଥ ଏକ ପୋଖରୀକୁ ଫୋପାଡ଼ି ଦେଇଥିଲେ। ଏହାପରେ କହ୍ନେଇ ଓ ରାମ ନିଜ ନିଜ ଘରକୁ ପଳାଇ ଯାଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୧୨ ଶ୍ରଦ୍ଧାଳୁ...

ପ୍ରଦେଶରେ ମନ୍ଦିରକୁ ନେଇ ଏଭଳି ଘଟଣାରେ ୨୪ ଜଣ ଭକ୍ତ ପ୍ରାଣ ହରାଇଲେଣି। ମିଳିଥିବା ସୂଚନା ଅନୁଯାୟୀ ମନ୍ଦିର ସିଡ଼ିରେ ଲୋକଙ୍କ ପ୍ରବଳ ଭିଡ଼ ହୋଇଥିଲା। ଏଥିରେ ଅଧିକାଂଶ ମହିଳା, ଛୋଟପିଲା ଓ ବୟସ୍କ ଲୋକ ରହିଛନ୍ତି। ଏତିକି ବେଳେ ରେଲିଂ ଭାଙ୍ଗିବାରୁ ଲୋକେ ତଳକୁ ପଡ଼ିବାକୁ ଆରମ୍ଭ କରିଥିଲେ। କେତେକ ଲୋକ ୬ ଫୁଟ ଉପରୁ ପଡୁଥିବାରୁ ଦେଖାଯାଇଥିଲା। ମହିଳା ଓ ପିଲାମାନେ ବାହାରକୁ ବାହାରିବା ପାଇଁ ଚିତ୍କାର କରିଥିଲେ। କେତେକ ଲୋକ ନିଜର ଜୀବନ ବଞ୍ଚାଇବାକୁ ଲୋକଙ୍କ ଉପରେ ହିଁ ଚଢ଼ି ବାହାରକୁ ବାହାରି ଯାଇଥିଲେ। ଏହାକୁ ନେଇ ସେଠାରେ ଦଳାଚକଟା ହୋଇଥିଲା।

ପ୍ରତି ସପ୍ତାହରେ ପାଖାପାଖି ୧୫୦୦ରୁ ୨୦୦୦ ଶ୍ରଦ୍ଧାଳୁ ଦର୍ଶନ ପାଇଁ ଏହି ମନ୍ଦିରକୁ ଆସିଥାନ୍ତି ବୋଲି ଆନ୍ଧ୍ର ପ୍ରଦେଶ ଗୃହମନ୍ତ୍ରୀ ଅନୀତା କହିଛନ୍ତି। କିନ୍ତୁ ଶନିବାର ଏକାଦଶୀ ହେବା କାରଣରୁ ଶ୍ରଦ୍ଧାଳୁଙ୍କ ସଂଖ୍ୟା ବୃଦ୍ଧି ପାଇଥିଲା। ମନ୍ଦିର ପ୍ରଥମ ମହଲାରେ ସ୍ଥିତ ଓ ସେଠାକୁ ଯିବା ପାଇଁ ୨୦ଟି ସିଡ଼ି ଅଛି। ଶ୍ରଦ୍ଧାଳୁ ଚଢିବା ବେଳେ ଠେଲାପେଲା ହେବା କାରଣରୁ ରେଲିଂ ଭାଙ୍ଗିଥିଲା ଓ ଦଳଚକଟା ହୋଇଥିଲା ବୋଲି ସେ କହିଛନ୍ତି। ଏହି ମନ୍ଦିର ବେସରକାରୀ ସଂସ୍ଥା ଦ୍ୱାରା ପରିଚାଳିତ। ସେମାନେ ଆଜିର କାର୍ଯ୍ୟକ୍ରମ ପାଇଁ ପ୍ରଶାସନ ଠାରୁ ଅନୁମତି ନେଇନଥିଲେ। ତେଣୁ ଏହାର ଯାଞ୍ଚ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ଦୁଃଖଦ ଘଟଣା ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ଶୋକ ପ୍ରକାଶ କରିଛନ୍ତି।

### ଆଖିବୁଜିଲେ ପାତ୍ରପୁର...

ପ୍ରତିନିଧି ମୀନା ଦ୍ୟାନସାମନ୍ତରା ଶୋକପ୍ରକାଶ କରିଛନ୍ତି। ଗାଁରେ ରୂପାଙ୍କ ଶବ ପହଞ୍ଚିଥିବା ବେଳେ ସମ୍ପର୍କୀୟମାନେ ପହଞ୍ଚିବା ପରେ ରବିବାର ତାଙ୍କ ସଂସ୍କାର ହେବ। ପ୍ରକାଶଯୋଗ୍ୟ, ରୂପାଙ୍କ ମା' ପୂର୍ବରୁ ପ୍ରାଣ ହରାଇଥିଲେ। ରୂପାଙ୍କ ମୃତ୍ୟୁ ପରେ ତାଙ୍କ ବାପା ଦିଲେଶ ଏବେ ସଂପୂର୍ଣ୍ଣ ବେସାହାରା ହୋଇପଡ଼ିଛନ୍ତି।

### ପୂର୍ବତନ ବ୍ୟାଙ୍କ ମ୍ୟାନେଜର୍‌ଙ୍କୁ...

୨୫ଲକ୍ଷ ଟଙ୍କା ସହାୟତା କରଜ ରାଶି ନେବା ସହିତ ୨୦୧୮ ନଭେମ୍ବର ମାସରେ ଏହି ଅର୍ଥ ଫେରାଇବାକୁ ପ୍ରତିଶ୍ରୁତି ଦେଇଥିଲେ। ଏନେଇ ସେ ଅର୍ବାନ ବ୍ୟାଙ୍କ କଟକ ତିନିକୋଣିଆ ବଗିଚାର ୧୨୩୦୯୦ ନଂ. ଚେକ୍ ତା ୯-୧୧-୨୦୧୮ର ସମ୍ପୃକ୍ତ ମହିଳା ଠିକାଦାରଙ୍କୁ ପ୍ରଦାନ କରିଥିଲେ। ତେବେ ସମ୍ପୃକ୍ତ ଠିକାଦାର ବ୍ୟାଙ୍କ ମ୍ୟାନେଜର ଦେଇଥିବା ଚେକ୍ ନିଜ ଖାତାରେ ଲଗାଇବାରୁ ଏହା ବାଉନ୍ସ ହୋଇଯାଇଥିଲା। ଏନେଇ ସମ୍ପୃକ୍ତ ମହିଳା ଠିକାଦାର ଚିଠି ପଠାଇବା ପରେ କିଛି ସୁଫଳ ନ ମିଳିବାରୁ ବାଧ ହୋଇ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ।

ଅଦାଲତ ଏହି ମାମଲାର ଶୁଣାଣି କରି ଅଭିଯୁକ୍ତ ପୂର୍ବତନ ବ୍ୟାଙ୍କ ମ୍ୟାନେଜର ଗୌରୀ ପ୍ରସାଦ ଦାସଙ୍କୁ ୫୦ଲକ୍ଷ ଟଙ୍କା ଜରିମାନା ସମେତ ୨ ବର୍ଷ କାରାଦଣ୍ଡ, ଅନାଦେୟ ଆଉ ୨ମାସ ସଶ୍ରମ କାରାଦଣ୍ଡ ନିର୍ଦ୍ଦେଶ ଦେଇଥିଲେ। ଠିକାଦାର ଉଦୟ ଚନ୍ଦ୍ରିକାଙ୍କ ତରଫରୁ ଯାଜପୁର ରୋଡ୍ କୋର୍ଟର ବରିଷ୍ଠ ଆଇନଜୀବୀ ଜଗନ୍ନାଥ ପ୍ରସାଦ ପତି ମାମଲା ପରିଚାଳନା କରୁଥିବା ବେଳେ ଅଭିଯୁକ୍ତ ପୂର୍ବତନ ବ୍ୟାଙ୍କ ମ୍ୟାନେଜରଙ୍କ ତରଫରୁ ଆଇନଜୀବୀ ସୁବାସ ଚନ୍ଦ୍ର ନନ୍ଦ ମାମଲା ପରିଚାଳନା କରୁଥିଲେ।

### ବ୍ୟବସାୟୀଙ୍କୁ ଅପହରଣ...

ସୁନୀଲ ଅଗ୍ରୱାଲଙ୍କ ବୈଶିଙ୍ଗା ଅଞ୍ଚଳରେ ଏକ ରାଇସ୍ ମିଲ୍ ରହିଛି। କିଛି ଲୋକଙ୍କ ସହ ମିଶି ସେ ବେତନଟୀ ବ୍ଲକ ଅଞ୍ଚଳରେ ଏକ ଜମି କାରବାର କରିଥିଲେ। ଉକ୍ତ ଜମି କାରବାର ଭାଗ ଟଙ୍କା ଦେବେ ବୋଲି ଡିଲ୍ ହୋଇଥିଲା। କିନ୍ତୁ ଜମି କାରବାର ପରେ ସୁନୀଲ ଟଙ୍କା ଦେଇନଥିଲେ। ଏହାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଏହାକୁ ନେଇ ମାରପିଟ୍, ଗଣ୍ଡଗୋଳ ହୋଇ ଥାନାରେ ଅଭିଯୋଗ ହୋଇଥିଲା। ତେବେ ଡିଲ୍ ଟଙ୍କା ଆଦାୟ କରିବା ପାଇଁ ସମସ୍ତ ଗ୍ରୁପ୍ ସଦସ୍ୟମାନେ ତାଙ୍କୁ ଅପହରଣ କରି ମୁଣ୍ଡ ଜାମିନରେ ଟଙ୍କା ଆଦାୟ କରିବାର ଯୋଜନା କରିଥିଲେ। ତେଣୁ ସୁନୀଲକୁ ଯୋଜନା କରି ଅପହରଣ କରିନେଇଥିଲେ।

ଗତ ଅକ୍ଟୋବର ୨୩ରେ ସୁନୀଲ କାର୍‌ରେ ବାରିପଦାରୁ ବାଲେଶ୍ୱର ଯାଉଥିବା ବେଳେ ଦୁର୍ବୃତ୍ତମାନେ ଦୁଇଟି କାର ଓ ଦୁଇଟି ବାଇକରେ ତାଙ୍କୁ ପିଛା କରିଥିଲେ। ୧୮ ନମ୍ବର ଜାତୀୟ ରାଜପଥର ପଦ୍ମନାଭପୁର ଟୋଲଗେଟ୍ ନିକଟରେ ସେମାନେ ତାଙ୍କୁ ଜୋରଜବରଦସ୍ତ ଅଟକାଇଥିଲେ। ତାଙ୍କ ମୁଣ୍ଡକୁ ଆକ୍ରମଣ କରି ଚେତାଶୂନ୍ୟ କରିବା ପରେ ଅପହରଣ କରି ରୁପ୍ସା ନେଇଯାଇଥିଲେ। ସେଠାରେ ସେମାନେ ସୁନୀଲଙ୍କୁ ବନ୍ଧୁକ ଓ କଟୁରି ଦେଖାଇ ଭୟଭୀତ କରିବା ସହ ମୁକ୍ତ କରିବା ପାଇଁ ତାଙ୍କ ପରିବାରଲୋକଙ୍କୁ ୨ କୋଟି ଟଙ୍କା ଦାବି କରିଥିଲେ। ତେବେ କଥା ୮୦ଲକ୍ଷରେ ଛିଡ଼ିଥିଲା। ପରିବାରଲୋକେ ଶୁକ୍ରବାର ୮୦ଲକ୍ଷ ଟଙ୍କା ନେଇ ସୁନୀଲଙ୍କୁ ଉଦ୍ଧାର କରିବା ପାଇଁ ଯାଇଥିଲେ। ଅପହରଣକାରୀମାନେ ଟଙ୍କା ନେଇ ସୁନୀଲଙ୍କୁ ଛାଡ଼ି ଦେଇଥିଲେ। କିନ୍ତୁ, ପରେ ଅପହରଣକାରୀମାନେ ଜାଣିବାକୁ ପାଇଥିଲେ ଯେ ସୁନୀଲଙ୍କ ପରିବାରଲୋକ ତାଙ୍କୁ ୮୦ ଲକ୍ଷ ବଦଳରେ ୪୦ଲକ୍ଷ ଟଙ୍କା ଦେଇ ଠକି ଦେଇଛନ୍ତି। ତେଣୁ ସେମାନେ ବାକି ଟଙ୍କା ଦେବାକୁ ପୁଣି ଫୋନ୍‌ରେ ଧମକ ଦେଇଥିଲେ। କିନ୍ତୁ ପରିବାରଲୋକେ ଏ ସଂପର୍କରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଜଣାଇଥିଲେ।

ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଏସପି ଓ ବେତନଟୀ ଏସ୍‌ଡିପିଓଙ୍କ ନେତୃତ୍ୱରେ ବେତନଟୀ, ବୈଶିଙ୍ଗା, ମୋରଡା, ରାସଗୋବିନ୍ଦପୁର ଥାନା ଅଧିକାରୀକୁ ନେଇ ଗଠିତ ପୁଲିସ ଟିମ ଚଢ଼ଉ କରି ରୁପ୍‌ସା ଅଞ୍ଚଳରୁ ୪ଜଣ ଅପହରଣକାରୀକୁ ଧରିଥିଲେ। ଘଟଣାର ତଦନ୍ତ ଜାରି ଥିବାବେଳେ ମୁଖ୍ୟ ସୂଚନାଦାତା ପ୍ରାକ୍ତନ କନେଷ୍ଟବଳ ଦାମା ଓରଫ ଦାମୋଦର ପାତ୍ର ସହିତ ୫ଜଣ ସମ୍ପୃକ୍ତ ରହିଛନ୍ତି। ଦାମ ପାଖରେ ବାକି ଟଙ୍କା ଥିବା କୁହାଯାଉଛି। ସେ ସ୍ୱେଚ୍ଛାକୃତ ଅବସର ନେଇ ଜମି କାରବାରରେ ଲିପ୍ତ ରହିଛନ୍ତି। ଅନ୍ୟ ସମସ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଏସପି କହିଛନ୍ତି।

ଏହି ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସପି ଦୀପକ କୁମାର ଗୋଛାୟତ, ବେତନଟୀ ଏସ୍‌ଡିପିଓ ମିନତୀ ବିଶ୍ୱାଳ, ବୈଶିଙ୍ଗା ଥାନା ଅଧିକାରୀ ବାରୁଣୀ ଦାସ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

### ସେମିକଣ୍ଡକ୍ଟର କ୍ଷେତ୍ରରେ...

ରାଜ୍ୟରେ ଯେଉଁ ସେମିକଣ୍ଡକ୍ଟର ନିର୍ମିତ ହେବ, ତାହା କ୍ଷେପଣାସ୍ତ୍ର, ବୈଦ୍ୟୁତିକ ଗାଡି, ପ୍ରତିରକ୍ଷା ଉପକରଣ, ରେଳବାଇ ଓ ସୌରଶକ୍ତି ଭଳି ଆଧୁନିକ କ୍ଷେତ୍ରରେ ବ୍ୟବହାର କରାଯିବ। ଆଜି ଭୁବନେଶ୍ୱର ଆଇଆଇଟିରେ ମଧ୍ୟ ସିକସେମ କମ୍ପାନୀ ୬୪ କୋଟି ଟଙ୍କା ବିନିଯୋଗରେ ଏକ ଗବେଷଣା ଓ ନବସୃଜନ କେନ୍ଦ୍ର ସ୍ଥାପନ କରିଛି। କେନ୍ଦ୍ର ରେଳମନ୍ତ୍ରୀ ତାଙ୍କ ସାଂସଦ ପାଣ୍ଠିରୁ ୫ କୋଟି ଟଙ୍କା ବିନିଯୋଗ କରି ଆଇଆଇଟି ଭୁବନେଶ୍ୱରରେ ଏକ 'ନମୋ ସେମିକଣ୍ଡକ୍ଟର ଲାବୋରେଟୋରି' ସ୍ଥାପନ ପାଇଁ ଅନୁମୋଦନ ଦେଇଛନ୍ତି। ଏହା ସ୍ଥାପନ ହେବା ଦ୍ୱାରା ଛାତ୍ରଛାତ୍ରୀ ମାନେ ସେମିକଣ୍ଡକ୍ଟର ସମ୍ପର୍କରେ ଅଧିକ ଗବେଷଣାର ସୁଯୋଗ ପାଇବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ଚିପ୍ ରୁ ସିପ୍ ପର୍ଯ୍ୟନ୍ତ ସମସ୍ତ ମିଶନରେ ଆଗକୁ ବଢୁଛି। ସେମିକଣ୍ଡକ୍ଟର ଏବଂ ଇଲେକ୍ଟ୍ରୋନିକ୍ସ ଉତ୍ପାଦନରେ ଆତ୍ମନିର୍ଭଶୀଳତାର ଓଡ଼ିଶା ଏକ ନୂତନ କାହାଣୀ ସୃଷ୍ଟି କରୁଛି। ଆଗାମୀ ଦିନରେ ସେମିକଣ୍ଡକ୍ଟର କ୍ଷେତ୍ରରେ ଦେଶରେ ଓଡ଼ିଶା ଏକ ହବ୍ ଭାବେ ପରିଗଣିତ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ ଯୋଗଦେଇ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱପ୍ନ ସାକାର ହେଉଛି, ଓଡ଼ିଶା ପୂର୍ବୋଦୟର ଗେଟ୍-ୱେ ଭାବେ ବିକଶିତ ହେଉଛି। ଅତ୍ୟାଧୁନିକ ଜ୍ଞାନକୌଶଳ ଦ୍ୱାରା ଶିଳ୍ପ ଏବଂ ଶିକ୍ଷାକୁ ସମନ୍ୱୟ କରି ଆଜି ଆଇ.ଆଇ.ଟି ଭୁବନେଶ୍ୱରରେ 'ନମୋ ସେମିକଣ୍ଡକ୍ଟର ଲାବୋରେଟୋରି' ସ୍ଥାପନ କରାଯିବ। ଆଜି ଯୁବ ପିଢି ପାଇଁ ଏ କ୍ଷେତ୍ରରେ ନିଜର ଅଧିକ ଜ୍ଞାନ ଆହରଣ ଓ ଗବେଷଣ ପାଇଁ ଏକ ସୁବର୍ଣ୍ଣ ସୁଯୋଗ ହେବ ବୋଲି ସେ ଆଶାବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ମୁଖ୍ୟ ଶାସନ ସଚିବ ନୋଜ ଆହୁଜା, ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ଶ୍ରୀପଦ କର୍ମଲ୍‌କର୍, ଆର୍କେନ୍ କେମିକାଲ୍ ଇଣ୍ଡଷ୍ଟ୍ରୀଜ୍‌ର ପରିଚାଳନା ନିର୍ଦ୍ଦେଶକ ରଞ୍ଜିତ ପେଣ୍ଡୁର୍ଥୀ, ସିକ୍‌ସେମ୍ ପ୍ରା.ଲିର ପରିଚାଳନା ନିର୍ଦ୍ଦେଶକ ଗୁରୁ ଥାଲ୍ଲାପାନେନୀ ପ୍ରମୁଖ ଉପସ୍ଥିତ ଥିଲେ।

PUJA OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

AFFIDAVIT
I, KAMAL KUMAR PALEI, aged about 38 years, S/o- Sathi Prasad Palei, Resident of At: Sipai, PO: Badajhada, PS: Krushnaprasad, Dist.: Puri, PIN-752030, Odisha, declared by this Affidavit No.1331/2025, Dated: 31.10.2025. That now onwards I shall be known as **KAMAL PALEI** for all future Purposes.

Notice
(Above 18 years of age)
By virtue of an affidavit sworn before Executive Magistrate, Kutra, Dtd.01.11/2025, I, MAGDALI EKKA, Address Vill.- Khatkurbahal (Malipada), P.O.- Khatkurbahal, P.S.- Kutra, Dist.- Sundargarh (Odisha), PIN-770018 declare that I have changed my name from MAGDALI TIRKEY to MAGDALI EKKA. Henceforth I shall be known as MAGDALI EKKA for all purposes.
Sd/- MAGDALI EKKA

SALE
1 Number of TRACTOR - SWARAJ 735 FE TRACTOR, Registration No.- OD-22-U-9417 Model- 2022, ENGINE NO - CJ1354NF004743, CHASSIS NO - MBNAJ48AFNTF15516, For Details, contact - 8895995989, 9437355692, Second floor, Plot No-353/2585, Building No-723/1793,At-Bypass Chhaka, Above Punjab National Bank, Po-Salandi Bypass,Via-Kuansa, BHADRAK-756100, PH. NO- 06784-250703

AFFIDAVIT
By virtue of an affidavit sworn before Executive Magistrate, Baripada, Mayurbhanj, I, Rajib Lochan Ratha, S/o- Niranjan Ratha, resident of Po/Ps-Bhanjpur, Baripada, Mayurbhanj, Pin-757002, Odisha declare by this affidavit No. 1373 dtd- 31/10/25 that I will be known and signed as Rajib Lochan Ratha for all purposes instead of Rajib Lachan Ratha, that reflects in my Matric Certificate.

AFFIDAVIT
By virtue of an affidavit sworn before Notary Public, Bhubaneswar, Affidavit on dated 29-10-2025 I, **SULOCHANA JENA,** permanent resident of Vill. At.- Baradia, Po-Nurtanga, PS- Mahanga, Dist-Cuttack, State- Odisha, Pin-754204, declare that I have changed my daughter's name from **NAMITA JENA** (Old name) to **RASHMITA JENA** (New name), Henceforth, she shall be known as **RASHMITA JENA** for all future purposes.
Sd-**(SULOCHANA JENA)**

AFFIDAVIT
I, AJMER KHAN, aged about 46 years, S/o- SAIDU KHAN, Resident of At: Balisahi, PO: Balikuda, Dist.: Jagatsinghpur, PIN-754108, Odisha,declared by this Affidavit No.1330/ 2025, Dated: 31.10.2025. That now onwards I shall be known as **AJMEER KHAN** for all future Purposes.

AFFIDAVIT
By virtue of an affidavit sworn before the Executive Magistrate, Berhampur on dtd.30.10.2025, I, Tapas Ranjan Sahoo, S/o- Pramod Kumar Sahoo, At- Chakamadhupur, P.O.- Madhupur, P.S.-Mahanga, Dist.- Cuttack do hereby declare that my father's correct name is Pramod Kumar Sahoo but in my H.S.C. Certificate it wrongly mentioned as Pramoda Kumar Sahoo. That both the names are one and same person.
Sd/- Tapas Ranjan Sahoo

AFFIDAVIT
By virtue of an affidavit sworn before Executive Magistrate, Kutra, dated. 29.10.2025, I, Lili Toppo, W/o - Late Alexander Toppo, permanent resident of Vill.-Kukuda, P.O.- Kukuda, P.S.- Rajgangpur, Dist.- Sundargarh (Odisha), PIN-770023 declare that I have changed my son's name from AMARDEEP TOPPO to AMARJEET TOPPO. Henceforth, he shall be known as AMARJEET TOPPO for all purposes.
Sd/- LILI TOPPO

AFFIDAVIT
By virtue of an affidavit sworn before the Executive Magistrate, Nandapur, vide no.95 dated 29.10.2025 I, Asha Pangi, D/o- Sabana Pangi, W/o- Budra Khilo resident of Vill.- Totaguda, Po.- Hatibari, Ps.- Padwa, Dist.- Koraput, Pin- 764038, Odisha state that, I have changed my name from **Asha Pangi** to **Asha Khilo**. Henceforth I shall be known as **Asha Khilo** for all future purposes.

AFFIDAVIT
By virtue of an affidavit Sl. No.- 1291/2025, dtd. 31.10.2025 before the Notary Public, Tentuli Khunti, Dist.- Nabarangpur, I, Bapuni Subudhi, At/Po/Ps.- Khatiguda, Dist.- Nabarangpur have changed my minor daughter's name from Ausharani Subudhi to Aisha Subudhi. Henceforth she will be known as **Aisha Subudhi** for all purposes.
Sd/- Bapuni Subudhi

AFFIDAVIT
By virtue of an affidavit Sl. No.- 1087, dtd. 22.10.2025 in the court of the Executive Magistrate, Nabarangpur, I, Jasoda Gouda, At- Goudakostiguda, Po- Manchagaon, Dist.- Nabarangpur have changed my name from Yashoda Gauda to Jasoda Gouda. Henceforth I shall be known as Jasoda Gouda for all purposes.
Sd/- Jasoda Gouda

AFFIDAVIT
By virtue of an affidavit No- 6008 sworn before the Executive Magistrate, Champua on dtd- 31/10/2025, I **Anil Kumar Mahanta**, S/o- Karttika Mahanta, resident of At/Po- Raikala, Ps- Ghagarbeda, Dist- Mayurbhanj, Pin-757035. I am the deponent, I have changed my minor daughter's name from **Khusi Mohanta** (old name) to **Khusirani Mahanta** (new name). Henceforth both name **Khusi Mohanta** and **Khusirani Mahanta** is one & same person she will be known as **Khusirani Mahanta** for all future purposes.
**Anil Kumar Mahanta**

AFFIDAVIT
I, Sakyasingha Satapathy, S/o- Sarat Chandra Satapathy, resident of Nabinabag, Sarat Nivas, Lane-2, Near Swapneswar Temple, Dist- Khurda PIN- 752055, Odisha declared by this affidavit No-895, dtd- 01/11/2025 that now onwards I shall be known as **SAKYA SINGH SATAPATHY** for all future purposes.

AFFIDAVIT
I, Venkatasatyanarayana, S/o- Late Sanyasi Reddi, resident of Qtr No-C-141, Phase-1, Nalco Nagar, Maitri Vihar, Rail Vihar Road, PO- S.E Rly. Proj. Complex, Chandrasekharpur, Bhubaneswar, Dist- Khordha, Odisha-751023, declare by this affidavit No- 299, dtd 01.11.2025 that now onwards I shall be known as **Venkata Satyanarayana Reddi** for all future purposes.

ବିଶେଷ ସୂଚନା
ଏତଦ୍ୱାରା ହୀରାକୁଦ ସେଚାଞ୍ଚଳ ଅଧିନସ୍ଥ ସମସ୍ତ ଚାଷୀ ଭାଇ ଓ ଭଉଣୀ ମାନଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ, ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଓ ଚଳିତ ଖରିଫ ଧାନ ଅମଳ ପାଇଁ ଆସନ୍ତା ତା.୦୭-ନଭେମ୍ବର-୨୦୨୫ରିଖରେ ସମସ୍ତ କେନାଲକୁ ଜଳଯୋଗାଣ ବନ୍ଦ କରାଯିବ ଏବଂ ବିଭିନ୍ନ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବା ନିମନ୍ତେ ଚଳିତ ଋତୁରେ ବରଗଡ ମୁଖ୍ୟ କେନାଲ ନଭେମ୍ବର-୦୮ ଠାରୁ ଡିସେମ୍ବର-୩୧ ପର୍ଯ୍ୟନ୍ତ ବନ୍ଦ ରହିବା ନିମନ୍ତେ ସ୍ଥିର କରାଯାଇଅଛି । ଏଣୁ ବରଗଡ ମୁଖ୍ୟ କେନାଲ ସେଚାଞ୍ଚଳ ଅଧିନସ୍ଥ ସମସ୍ତ ଚାଷୀ ଭାଇଭଉଣୀ ମାନଙ୍କୁ କେନାଲ ବନ୍ଦ ର ଅବଧିକୁ ଦୃଷ୍ଟିରେ ରଖି ଚଳିତ ଖରିଫ ଓ ଆସନ୍ତା ରବି ଚାଷ ନିମନ୍ତେ ବିହିତ ଯୋଜନା ପ୍ରସ୍ତୁତ କରିବା ପାଇଁ ଅନୁରୋଧ କରାଗଲା ।
ନିବେଦକ
ଅଧିକ୍ଷଣ ଯନ୍ତ୍ରୀ
ବରଗଡ ଜଳସେଚନ ବିଭାଜନ,
ବରଗଡ

ଅଭିଯୁକ୍ତ ବ୍ୟକ୍ତିଙ୍କ ଉପସ୍ଥିତି ଆବଶ୍ୟକତା ସମ୍ପର୍କିତ ଘୋଷଣା
ଦଣ୍ଡ ପ୍ରକ୍ରିୟା ସଂହିତା ଧାରା ୮୨ ଅନୁସାରେ
ଯେଉଁଥିରେ ମୋ ପାଖରେ ଏହା ଅଭିଯୋଗ ଅଣାଯାଇଛି ଯେ, ଅଭିଯୁକ୍ତ ଅଜୟ କୁମାର ଯାଦବ, ପିତା- ରାମ ନାରାୟଣ ଯାଦବ, ଘର ନମ୍ବର ୧୩୩, ଗଳି ନମ୍ବର-୧୩, ତୁରିଆ ମହଲ୍ଲା, ତୁଗଲକାବାଦ, ଜୟପୁର, ନୂଆଦିଲ୍ଲୀ, ତାଙ୍କ ଉପରେ FIR ନମ୍ବର ୪୨୯/୨୦୨୦, ଧାରା ୩୮୧ IPC, ଥାନା- ନେବ ସରାଇ, ଦକ୍ଷିଣ ଜିଲ୍ଲା, ନୂଆଦିଲ୍ଲୀ ଅନୁସାରେ ଅପରାଧ କରିବା କିମ୍ବା ଅପରାଧର ସନ୍ଦେହ ରହିଛି ।
ଏହା ଦେଖାଯାଇଛି ଯେ ତାଙ୍କ ଗିରଫ ପାଇଁ ୱାରେଣ୍ଟ ଜାରି ହୋଇଛି କିନ୍ତୁ ଅଜୟ କୁମାର ଯାଦବ ମିଳୁନାହାନ୍ତି, ଏବଂ ଏହା ମୋ ସନ୍ତୁଷ୍ଟି ପାଇଁ ପ୍ରମାଣ ହୋଇଛି ଯେ ସେ ପଳାଇ ଯାଇଛନ୍ତି (କିମ୍ବା ନିଜକୁ ଲୁଚାଇ ରଖିଛନ୍ତି) ଯାହା ଦ୍ୱାରା ଗିରଫ ୱାରେଣ୍ଟ ର ସେବା ଠାରୁ ବଞ୍ଚି ଯାଇପାରିବେ ।
ଏହି ଘୋଷଣା ଦ୍ୱାରା ସୂଚିତ କରାଯାଉଛି ଯେ ଅଜୟ କୁମାର ଯାଦବ, ଉକ୍ତ FIR ନମ୍ବର ୪୨୯/୨୦୨୦, ଧାରା ୩୮୧ IPC, ଥାନା ନେବ ସରାଇ, ଦକ୍ଷିଣ ଜିଲ୍ଲା, ନୂଆଦିଲ୍ଲୀ ରେ ଅଭିଯୁକ୍ତ, ସେ ୦୬.୧୨.୨୦୨୫ ରେ କିମ୍ବା ତା' ପୂର୍ବରୁ ଏହି ଅଦାଲତ ସମ୍ମୁଖରେ ଉପସ୍ଥିତ ହୋଇ ଅଭିଯୋଗର ଉତ୍ତର ଦେବେ ।
ଆଦେଶାନୁସାରେ
ମିସ୍ ନିଧି ସିଂ
ନ୍ୟାୟିକ ମ୍ୟାଜିଷ୍ଟ୍ରେଟ୍ ପ୍ରଥମ ଶ୍ରେଣୀ-୦୩,
ଦକ୍ଷିଣ ଜିଲ୍ଲା, କକ୍ଷ ନମ୍ବର ୨୧୨,
ସାକେତ ଅଦାଲତ, ନୂଆଦିଲ୍ଲୀ
DP/14542/SD/2025
(Court Matter)

# ଗଛ କାଟିବା ନେଇ କଲେଜରେ ଉତ୍ତେଜନା

ନୀଳଗିରି,୧।୧୧, (ସମିସ)



ନୀଳଗିରି ବ୍ଲକ୍ ବରହମପୁର ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପରିସରରେ ଥିବା ୪୫୪ଟି ୟୁକାଲିପଟାସ୍ ଗଛକୁ ନିଲାମ କରିବାକୁ ଯାଉଥିବାବେଳେ ଖବରପାଇ ବାଉଁଶପାଳ ମୌଜାର ଶହେରୁ ଉର୍ଦ୍ଧ୍ୱ ପୁରୁଷ ଓ ମହିଳା ଉକ୍ତ ନିଲାମ ବନ୍ଦ କରିବା ସହ ଉକ୍ତ ଗଛକୁ ଗ୍ରାମବାସୀ ନେବାପାଇଁ ଅଡି ବସିଥିଲେ। ଏଥିସହିତ ଗେଟ୍ ସାମ୍ନାରେ ଧାରଣାରେ ବସିଥିଲେ। ଫଳରେ ବରହମପୁର ପୁଲିସ ସମେତ ଏକ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିବା ଦେଖାଯାଇଥିଲା। ସୂଚନା ମୁତାବକ କଲେଜ ପଛପଟ ଜାଗାରେ ବହୁବର୍ଷ ପୂର୍ବରୁ ସରକାରୀ ଅନୁଦାନରେ ଗଛ ଲାଗିଥିବା ବେଳେ ସ୍ଥାନୀୟ ବାସିନ୍ଦା ଏହାର ଦେଖାରଖା କରୁଥିଲେ। ମାତ୍ର କିଛିବର୍ଷ ପୂର୍ବରୁ ଉକ୍ତ ଜମି କଲେଜ ନାମରେ ରେଜିଷ୍ଟ୍ରିଭୁକ୍ତ ହୋଇଥିବାରୁ ଏହାଏବେ କଲେଜ କବ୍ଜାରେ ରହିଛି। ତେବେ ଏହି ଜାଗାରେ ଥିବା ଗଛ ବିକ୍ରି ପାଇଁ ବିଜ୍ଞାପନ ଦିଆଯିବାରୁ ଖବରପାଇ ସ୍ଥାନୀୟ ବାସିନ୍ଦା ବିରୋଧ କରିବା ସହିତ ନିଲାମ ରଦ୍ଦକରି ସେମାନଙ୍କୁ ଗଛଗୁଡ଼ିକ ସରକାରୀ ଦରରେ ଦେବାକୁ ଅଡ଼ି ବସିଥିଲେ। ଫଳରେ କିଛି ସମୟପାଇଁ ଅପ୍ରୀତିକର ପରିସ୍ଥିତି ଦେଖିବାକୁ ମିଳିଥିଲା। ପରେ ନୀଳଗିରି ତହସିଲଦାର ସୋନମ୍ ଦାସ ଘଟଣାସ୍ଥଳରେ ପହଞ୍ଚି ଉଭୟପକ୍ଷଙ୍କୁ ଡାକି ସମାଧାନ ପାଇଁ ଚେଷ୍ଟା କରିଥିଲେ। ଶେଷରେ ଆଜିର ନିଲାମକୁ ବାତିଲ କରାଯାଇଥିଲା।


# ୩ ମନ୍ଦିରରୁ ଚୋର ନେଇଗଲେ ଅଳଙ୍କାର ଓ ହୁଣ୍ଡି ଅର୍ଥ



ଖଇରା,୧।୧୧(ସମିସ): ବାଲେଶ୍ୱର ଜିଲା ଖଇରା ଥାନା ଅଧୀନରେ ଥିବା ୨୪ପଞ୍ଚାୟତରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡୁଛି। ପୁଲିସକୁ ଖୋଲା ଚ୍ୟାଲେଞ୍ଜ ଅପରାଧୀମାନେ ବିଭିନ୍ନ କାଣ୍ଡ ଘଟାଉଛନ୍ତି। ପୁଲିସ ତଦନ୍ତର କିଛି ଘଣ୍ଟା ପରେ ପୁଣି ଖଇରା ଗଗନଧୂଳି ପଞ୍ଚାୟତର ୩ ମନ୍ଦିରରୁ ଅଳଙ୍କାର ଚୋରି କରି ଦୁର୍ବୃତ୍ତମାନେ ପୁଲିସ ଓ ଜନସାଧାରଣଙ୍କ ନିଦ ହଜାଇ ଦେଇଛନ୍ତି। ଖଇରା ଥାନା ଅଧୀନରେ ଅସୁରକ୍ଷିତ ମଣୁଥିବା ୨୪ ପଞ୍ଚାୟତର ଅଧିବାସୀ ଖଇରାରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି ସଜାଡ଼ିବାକୁ ଏସ୍‌ପି, ଡିଆଜିଙ୍କ ନିକଟରେ ଦାବି କରିଛନ୍ତି। ଚୋରମାନେ ୩ ଦିନ ତଳେ ମହତୀପୁର ଓ ସୁଣ୍ଢିରା ପଞ୍ଚାୟତର ୬ଟି ମନ୍ଦିରରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଓ ହୁଣ୍ଡିବାକ୍ସକୁ ଲୁଟି ନେଇଥିଲେ। ଚୋର ଧରିବା ଲକ୍ଷ୍ୟରେ ଶୁକ୍ରବାର ଜିଲ୍ଲାରୁ ସନ୍ଧାନୀ କୁକୁର ଅଣାଯାଇ ତଦନ୍ତ କରାଯାଇଥିଲା। ଏଥିରେ ଜନସାଧାରଣ ସାମାନ୍ୟ ଆଶ୍ୱସ୍ତ ହୋଇଥିଲେ। ହେଲେ ଚୋରମାନଙ୍କୁ ଏଭଳି ତଦନ୍ତ କିଛି ଫରକ ପକାଇନଥିଲା। ଶୁକ୍ରବାର ରାତିରେ ଦୁର୍ବୃତ୍ତମାନେ ଗଗନଧୂଳି ପଞ୍ଚାୟତ ଅଧୀନ ଗଣ୍ଡୁଆ ଗ୍ରାମର ବଳିବାସୁଳି ମନ୍ଦିର ଓ ରଫାୟାତପୁର ଗ୍ରାମର ଲକ୍ଷ୍ମୀନାରାୟଣ ମନ୍ଦିର ଓ ଜଗନ୍ନାଥ ମନ୍ଦିରରୁ ଠାକୁରଙ୍କର ସମସ୍ତ ପିନ୍ଧା ଅଳଙ୍କାର ଓ ହୁଣ୍ଡିରେ ଥିବା ଦାନଅର୍ଥ ନେଇ ପଳାଇଛନ୍ତି। ତେବେ ଏ ପର୍ଯ୍ୟନ୍ତ ଜଣେ ହେଲେ କେହି ଧରାପଡିନାହାନ୍ତି। ଏ ସମ୍ପର୍କରେ ନୀଳଗିରି ଏସ୍‌ଡିପିଓ ପ୍ରମୋଦ ମଲ୍ଲିକଙ୍କ ପ୍ରତିକ୍ରିୟା ନେବାରେ ଚୋର ଧରିବା ପାଇଁ ପୁଲିସର ପ୍ରୟାସ ଜାରି ରହିଛି ବୋଲି କହିଥିଲେ। ତେବେ ବାହାରୁ ଆସି ଖଇରା ଅଞ୍ଚଳରେ ରହି ଶ୍ରମିକ ଭାବେ କାମ କରୁଥିବା ଓ ଫେରି କରୁଥିବା ବ୍ୟକ୍ତିଙ୍କର ଏଥିରେ ସଂପୃକ୍ତି ଥିବା ସନ୍ଦେହ କରାଯାଉଛି।

# କାଠ ଚାଲାଣ ବେଳେ ବନ ବିଭାଗର ଚଢ଼ଉ

ଜଳେଶ୍ୱର,ଜଳେଶ୍ୱର ବ୍ଲକ,୧।୧୧ (ସମିସ): ରାଇବଣିଆର ସର୍ଦାରବନ୍ଧ ପଞ୍ଚାୟତର



ବିଶ୍ୱନାଥପୁର ଗାଁର ପାଣ୍ଡୁ ମୁର୍ମୁ ସରକାରୀ ଜାଗାକୁ ଜବର ଦଖଲ କରି ରଖିଥିଲେ। ସେଥିରେ ଥିବା ୫୦ରୁ ଉର୍ଦ୍ଧ୍ୱ ଆକାଶିଆ ଗଛକୁ ପଶ୍ଚିମବଙ୍ଗର କାଠ ବେପାରୀମାନଙ୍କୁ ବିକ୍ରି କରିଥିଲେ। ବେପାରୀମାନେ ଆଜି ଆସି ଯନ୍ତ୍ର ସାହାଯ୍ୟରେ ୫୦ରୁ ଅଧିକ ଗଛ କାଟି ଥିବାବେଳେ ଗ୍ରାମବାସୀ ସାଂସଦ ପ୍ରତାପଚନ୍ଦ୍ର ଷଡ଼ଙ୍ଗୀଙ୍କୁ ଜଣାଇଥିଲେ। ସାଂସଦ ଜିଲ୍ଲାପାଳଙ୍କୁ ଜଣାଇବାରୁ ଡିଏଫ୍‌ଓ ପ୍ରଫୁଲ୍ଲ ମଲ୍ଲିକ, ରେଞ୍ଜର ଜୟଶ୍ରୀ ମୁର୍ମୁ, ରାଇବଣିଆ ଥାନା ଅଧିକାରୀ ଲୋପାମୁଦ୍ରା ପଣ୍ଡା ସଦଳବଳ ରାତିରେ ଘଟଣାସ୍ଥଳକୁ ଯାଇ କାଠ ଜବତ କରିଥିବା ଜଣାପଡ଼ିଛି।

# ରାଇବଣିଆ ପୁଲିସ ପକ୍ଷରୁ ଗଣଦୌଡ଼



ଜଳେଶ୍ୱର ବ୍ଲକ୍,୧।୧୧(ସମିସ): ଶୁକ୍ରବାର ସକାଳେ ଜଳେଶ୍ୱର ବ୍ଲକ୍ ରାଇବଣିଆ ଥାନା ପକ୍ଷରୁ ସର୍ଦ୍ଦାର ବଲ୍ଲଭ ଭାଇଙ୍କ ୧୫୦ ତମ ଜନ୍ମ ତିଥିରେ ଗଣ ଦୌଡ଼ ଅନୁଷ୍ଠିତ ହୋଇଛି। ଏହି ଗଣଦୌଡ଼ରେ ରାଇବଣିଆ ଥାନା ଅଧିକାରିଣୀ ଲୋପାମୁଦ୍ରା ପଣ୍ଡାଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିଲା। ଏହି ଗଣ ଦୌଡ଼ରେ ରାଇବଣିଆ ଅଞ୍ଚଳର ପାଖାପାଖି ପଚାଶରୁ ଉର୍ଦ୍ଧ୍ୱ ଯୁବକ ସାମିଲ ଥିଲେ। ଏହି ଦୌଡ ରାଇବଣିଆ ଥାନା ଠାରୁ ବାହାରି ରାଜନଗର ଗ୍ରାମ ପର୍ଯ୍ୟନ୍ତ ଦୀର୍ଘ ୬ କିଲୋ ମିଟର ପର୍ଯ୍ୟନ୍ତ ଦୌଡ଼ି ଥିଲେ। ଦୌଡ଼ରେ ଉପସ୍ଥିତ ଥିଲେ ଏସ୍‌ଆଇ ରାମେଶ୍ୱର ସୋରେନ, ଚନ୍ଦନ ମହାନ୍ତି, କାଳନ୍ଦୀ ସାହୁ ଏବଂ ଅନ୍ୟ ଥାନା କର୍ମଚାରୀ।

# ବାଲିଆପାଳ ଲାୟନ୍ସ କ୍ଲବ ପକ୍ଷରୁ ପିସ୍ ପୋଷ୍ଟର ପ୍ରତିଯୋଗିତା




ବାଲିଆପାଳ,୧।୧୧(ସମସ): ବାଲିଆପାଳ ଲାୟନ୍ସ କ୍ଲବ୍ ପକ୍ଷରୁ ବାଲିଆପାଳ ବ୍ଲକ୍‌ର ଅସ୍ତି ଗ୍ରାମପଞ୍ଚାୟତ ଅନ୍ତର୍ଗତ କଣ୍ଟାଡ଼ିହା ପଦ୍ମଲୋଚନ ନୋଡାଲ ବିଦ୍ୟାଳୟ ପରିସରରେ ୧୧ରୁ ୧୩ ବର୍ଷର ଛାତ୍ର ଛାତ୍ରୀଙ୍କ ମଧ୍ୟରେ ପୃଥିବୀରେ ଶାନ୍ତିର ବାର୍ତ୍ତା ବହନ କରୁଥିବା ପିସ୍ ପୋଷ୍ଟର ପ୍ରତିଯୋଗିତ ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ପୁଷ୍ପାଞ୍ଜଳି ଗିରି ପ୍ରଥମ, ଶୁଭଶ୍ରୀ ସାହୁ ଦ୍ୱିତୀୟ ଓ ତାପସୀ ଜେନା ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେମାନଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଲାୟନ୍ସ କ୍ଲବର ସଭାପତି ଅମିତ କୁମାର ପଟ୍ଟନାୟକଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କ୍ଲବ୍‌ର ସମ୍ପାଦକ ତାରାକାନ୍ତ ଜେନା, ବରିଷ୍ଠ ସଦସ୍ୟ ଝାଡ଼େଶ୍ୱର ପ୍ରଧାନ, ଜେଡସି ତରୁଣ କୁମାର ମହାପାତ୍ର, ଭୁବନ ମୋହନ ପିଳା, ନବୀନ କୁମାର ପାତ୍ର, ଡ. ଗୟାରାମ ଗଙ୍ଗାଇ, ଗୋପାଳ ଚନ୍ଦ୍ର ଜେନା ଏବଂ ଅଜୟ କୁମାର ସାହୁ ପ୍ରମୁଖ ଯୋଗଦେଇ ଥିବା ବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପବନ କୁମାର ଦେ, ଶିକ୍ଷକ ଅନନ୍ତ କୁମାର ଦାସ,ଶିକ୍ଷୟିତ୍ରୀ ରାଜଶ୍ରୀ ଜେନା,ସୁଜାତା ରଣା,ଜ୍ୟୋତିରେଖା ସାହୁ ଓ ବସୁମତୀ ମହାଳିକ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ନାବାଳିକା ଅପହରଣ ଘଟଣାରେ ଅଭିଯୁକ୍ତ ଗିରଫ

ସୋର,୧।୧୧(ସମିସ): ସୋର ଥାନା ଟେଣ୍ଟେଇ ଅଞ୍ଚଳର ଜଣେ ନାବାଳିକାକୁ ଅପହରଣ କରିଥିବା ଅଭିଯୋଗରେ ଯୁବକକୁ ଗିରଫ କରି ସୋର ପୁଲିସ କୋର୍ଟ ଚାଲାଣ କରିଛି। ଅଭିଯୋଗ ଅନୁସାରେ ଟେଣ୍ଟେଇ ଅଞ୍ଚଳର ଜଣେ ନାବାଳିକାକୁ ସେହି ଗ୍ରାମର ଜଣେ ଯୁବକ ଗତ ଜୁନ ମାସରେ ଅପହରଣ କରିନେଇଥିଲେ। ଏ ବାବଦରେ ନାବାଳିକାଙ୍କ ପରିବାର ତରଫରୁ ସୋର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ମୂଳେ ପୁଲିସ ୪୩୪/୨୫ ରେ ଏକମାମଲା ରୁଜୁ କରି ଅଭିଯୁକ୍ତର ମୋବାଇଲ ନମ୍ବରକୁ ଟ୍ରାକିଙ୍ଗ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତେବେ ଅଭିଯୁକ୍ତ ଜଣଙ୍କ କେରଳରେ ଥିବା ଜଣାପଡ଼ିବା ପରେ ପୁଲିସର ଏକ ଟିମ କେରଳ ଗ୍ରସ୍ତ କରି ଅଭିଯୁକ୍ତ ଟେଣ୍ଟେଇ ଗ୍ରାମର ଜଗବନ୍ଧୁ ମଳିକ (୨୬)କୁ ଗିରଫ କରିବା ସହିତ ନାବାଳିକାକୁ ଉଦ୍ଧାର କରି ସୋର ଥାନାକୁ ଆଣିଥିଲେ। ଆଜି ସନ୍ଧ୍ୟାରେ ସୋର ମେଡ଼ିକାଲରେ ଜଗବନ୍ଧୁର ଡାକ୍ତରୀ ମାଇନା ପରେ ପୁଲିସ ତାକୁ କୋର୍ଟ ଚାଲାଣ କରିବା ସହିତ ନାବାଳିକାକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଜ୍ଞାନମେଳା



ବାଲିଆପାଳ୧।୧୧(ସମସ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ଗୋଷ୍ଠୀ ଶିକ୍ଷା ଅଧୀନସ୍ଥ ବାଲିଆପାଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ବାର୍ଷିକ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇ ଯାଇଛି। ଏହି ବିଜ୍ଞାନ ମେଳାରେ ପ୍ରଥମ ଶ୍ରେଣୀ ଠାରୁ ଅଷ୍ଟମ ଶ୍ରେଣୀ ମଧ୍ୟରେ ଚାରୋଟି ବିଭାଗରେ ୧୩୪ ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ପ୍ରଥମରୁ ଦ୍ୱିତୀୟ ଶ୍ରେଣୀ ମଧ୍ୟରେ ଅନୁଷ୍ଠିତ ବିଜ୍ଞାନ ପ୍ରଦର୍ଶନୀରେ ଆର୍ଯ୍ୟସ୍ମିତା ଜେନା ପ୍ରଥମ, ସ୍ମୃତିପ୍ରଭା ପ୍ରାମାଣିକ ଦ୍ୱିତୀୟ, ସରୋଜ କୁମାର ପ୍ରଧାନ ତୃତୀୟ, ସ୍ଥାନ ଅଧିକାର କରିଥିବା ବେଳେ ତୃତୀୟ ଓ ଚତୁର୍ଥ ଶ୍ରେଣୀ ପାଇଁ ହୋଇଥିବା ବିଜ୍ଞାନ ପ୍ରଦର୍ଶନୀରେ ଆଦନ ପଣ୍ଡା ପ୍ରଥମ, ରାଜେନ୍ଦ୍ର ଧଳ ଦ୍ୱିତୀୟ, ସାଇସ୍ମାନ ଜେନା ତୃତୀୟ। ସେହିପରି ପଞ୍ଚମ, ଷଷ୍ଠ ଓ ସପ୍ତମ ମଧ୍ୟରେ ଇପ୍ସିତା ଭୂୟାଁ ପ୍ରଥମ, ଶ୍ରଦ୍ଧା ସମ୍ପୂର୍ଣ୍ଣ ସାହୁ ଦ୍ୱିତୀୟ, ପ୍ରଣବ କୁମାର ବିଶ୍ୱାଳ ତୃତୀୟ ସ୍ଥାନ ଅଧିକାର କରିଥିଲ ଅଷ୍ଟମ ଶ୍ରେଣୀ ପାଇଁ ଅନୁଷ୍ଠିତ ସ୍ୱତନ୍ତ୍ର ବିଜ୍ଞାନ ପ୍ରଦର୍ଶନୀରେ ସାଇଆର୍ୟ୍ୟଜିତ ପରିଡ଼ା ପ୍ରଥମ ପବିତ୍ର ଗିରି ଦ୍ୱିତୀୟ ଶାଶ୍ୱତ ଦାସ ଓ ଶୁଭଙ୍କର ବନ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି ପ୍ରଦର୍ଶନୀରେ ବିଚାରକ ଭାବେ ଜଗାଇ ହାଇସ୍କୁଲ ବିଜ୍ଞାନ ଶିକ୍ଷକ ପବିତ୍ର ପଣ୍ଡା, ସୁବର୍ଣ୍ଣରେଖା ହାଇ ସ୍କୁଲର ଅରବିନ୍ଦ ବେହେରା, ଉଦୟନରୟାଣ ହାଇସ୍କୁଲର ରାଜ ରୋସନ ବାଗ, ଡାଙ୍ଗରପଦା ହାଇସ୍କୁଲର ପୂର୍ଣ୍ଣେନ୍ଦୁ ଦାସ, ରାଇପୁର ୟୁପି ସ୍କୁଲର ରଞ୍ଜନ କୁମାର ମହାନ୍ତି,ରାମପ୍ରସାଦ ହାଇସ୍କୁଲର ଜଗନ୍ନାଥ ଭଞ୍ଜ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କ ବିଜ୍ଞାନରେ ଦକ୍ଷତା ପରିମାପ କରି ପ୍ରଥମ ଦ୍ୱିତୀୟ ତୃତୀୟ ସ୍ଥାନନିରୂପଣ କରିବା ସହିତ ଏହି ପରି ବିଜ୍ଞାନ ପ୍ରଦର୍ଶନୀ ଦ୍ୱାରା ଛାତ୍ରଛାତ୍ରୀଙ୍କ ବୈଜ୍ଞାନିକ ଚିନ୍ତାଧାରା ଅଭିବୃଦ୍ଧି ହେବା ସହିତ ଅନ୍ତର୍ନିହିତ ଜିଜ୍ଞାସୁ ଜ୍ଞାନର ପରିସୀମା ବଢ଼ି ଥାଏ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟା ସନ୍ଧ୍ୟାରାଣୀ ଜେନା, ସଭାପତି ପଞ୍ଚାନନ ପଣ୍ଡା, ସମ୍ପାଦକ ଦେବବ୍ରତ ଦଣ୍ଡପାଟ, ରିହାଜ ଖାଁ, ଶୁଭ୍ରାଂଶୁ ସେଖର ଦେ, ବିବେକାନନ୍ଦ ବେହେରାଙ୍କ ସହିତ ସମସ୍ତ ଗୁରୁମା ଓ ଗୁରୁଜୀଙ୍କ ପରିଚାଳନା ବିଜ୍ଞାନ ମେଳା ସମାପନ ହୋଇଥିଲା।

# ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଜଳେଶ୍ୱର ବ୍ଲକ,୧।୧୧(ସମିସ): ସରକାରୀ ଉପ୍ରା ବିଦ୍ୟାଳୟ ରାଜନଗର, ଓଲମରାର ପ୍ରଧାନ ଶିକ୍ଷକ ବୃନ୍ଦାବନ ସେଠୀଙ୍କର ଅବସରକାଳୀନ ସମ୍ବର୍ଦ୍ଧନା ସଭା ଶୁକ୍ରବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶୁଭାଂଶୁ ଶେଖର ପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ସତ୍ୟବ୍ରତ କାପୁଡ଼ି ପ୍ରଧାନ ଶିକ୍ଷକ ଶ୍ରୀ ସେଠୀଙ୍କର ଶିକ୍ଷକତା ଜୀବନ ସମ୍ପର୍କରେ ଆଲୋକ ପାତ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରଦୀପ ଘଡ଼େଇ ଓ ଆଲୁମ୍ନି କମିଟିର ସଭାପତି ଅଜିତ୍ ଅଠା ଶ୍ରୀ ସେଠୀଙ୍କର ଆଦର୍ଶ ଶିକ୍ଷକତା ଜୀବନ ସମ୍ପର୍କରେ ଆଲୋକପାତ କରିବା ସହିତ ଉପଢ଼ୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାଳୟ ସହକାରୀ ଶିକ୍ଷକ ରବୀନ୍ଦ୍ର ନାଥ ପାତ୍ର, ସୁଶାନ୍ତ କୁମାର ଘୋଷ, କୁଆଁର ହେମ୍ବ୍ରମ୍, ସସ୍ମିତା ହେମ୍ବ୍ରମ୍, ଜୟଶ୍ରୀ ସେନାପତି, ରଶ୍ମିତା ହେମରମ୍ ଓ ବିଦ୍ୟାଳୟର ଛାତ୍ର ଛାତ୍ରୀ ତଥା ଗ୍ରାମବାସୀ ବିଦାୟୀ ପ୍ରଧାନ ଶିକ୍ଷକଙ୍କୁ ଶୋଭାଯାତ୍ରାରେ ତାଙ୍କ ବାସଭବନ ପର୍ଯ୍ୟନ୍ତ ନେଇଯାଇଥିଲେ।

# ପୃଥକ ଦୁର୍ଘଟଣାରେ ଦୁଇ ମୃତ

ବାରିପଦା, ୧।୧୧(ସମିସ): ରାଗଧା କଲେଜ ଛକରେ ଶୁକ୍ରବାର ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ଜଣେ ଖେଳ ଶିକ୍ଷକଙ୍କ ମୃତ୍ୟୁ ଘଟିଚି। ମୃତ ଶିକ୍ଷକ ଜଣକ ହେଉଛନ୍ତି ବେତନଟୀ ଥାନା ନଙ୍ଗଳକଟା ଗ୍ରାମର ବାସୁଦେବ ମହାନ୍ତ (୫୦)। ସେ ସ୍କୁଟିଯୋଗେ ବାରିପଦାରୁ ଫେରୁଥିବା ବେଳେ ଏକ ଦ୍ରୁତଗାମୀ କାର ପଛପଟୁ ଧକ୍କା ଦେଇଥିଲା। ଫଳରେ ଗୁରୁତର ଆହାତ ହୋଇଥିଲେ। ତାଙ୍କୁ ରକ୍ତଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ବାରିପଦା ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଲୋକେ ଭର୍ତ୍ତି କରିଥିଲେ; ହେଲେ ଡାକ୍ତର ମୃତ ଘୋଷଣା କରିଥିଲେ। ସେ ମୋରଡା ବ୍ଲକର ଭାଲିଆଡିହାସ୍ଥିତ କେଜିବିଭି ସ୍କୁଲରେ କ୍ରୀଡା ଶିକ୍ଷକ ଭାବରେ କାର୍ଯ୍ୟରତ ଥିଲେ। ସେହିପରି ଅନ୍ୟ ଏକ ଘଟଣାରେ ବାଇକରେ ଯାଉଥିବା ବେଳେ କୁକୁର ପଶିଯିବାରୁ ଦୁର୍ଘଟଣା ଘଟି ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ବାରିପଦା ସଦର ଥାନା ଅନ୍ତର୍ଗତ କଇଁଫୁଲିଆ ଅଞ୍ଚଳର ହରି ମାଝୀ। ଏହି ଦୁର୍ଘଟଣା ମୁର୍ଗାବାଡ଼ି ସ୍ଥିତ ଗ୍ରାଣ୍ଡ ଗଳିରେ ଘଟିଥିଲା। ଗୁରୁତର ଅବସ୍ଥାରେ ହରିଙ୍କୁ ପିଆରଏମ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଂକଟାପନ୍ନ ହେବାରୁ କଟକ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି।

# ତାଲାବନ୍ଦ ଘରୁ ଅଳଙ୍କାର ଓ ଟଙ୍କା ଚୋରି

ବାରିପଦା, ୧।୧୧(ସମିସ): କିଛିଦିନ ବ୍ୟବଧାନ ପରେ ବାରିପଦା ସହରରେ ପୁଣି ଚୋର ଗ୍ୟାଙ୍ଗ ସକ୍ରିୟ ହୋଇଛନ୍ତି। ବିଜୟରାମଚନ୍ଦ୍ରପୁର ଅଞ୍ଚଳରେ ଏକ ତାଲା ବନ୍ଦ ଘରୁ ଚୋରି କରିଛନ୍ତି। ଏ ନେଇ ମିନତୀ ସୋରେନ ଭଞ୍ଜପୁର ଥାନାରେ ଅଭିଯୋଗ କରିଛନ୍ତି। ସେ ଏକ ଦଶାହ କାର୍ଯ୍ୟ ପାଇଁ ପରିବାର ଲୋକଙ୍କ ସହିତ ଶୁଳିଆପଦା ଯାଇଥିଲେ। ଏହାର ସୁଯୋଗ ନେଇ ଚୋର ଗ୍ୟାଙ୍ଗ ତାଳାବନ୍ଦ ଘରୁ ଚୋରି କରିଛନ୍ତି। ତାଲାବନ୍ଦ ଘରେ ଦୁର୍ବୃତ୍ତ ମାନେ ପଶି ଆଲମାରୀ ଭାଙ୍ଗି ବିଭିନ୍ନ ସୁନା ଅଳଙ୍କାର ଓ ୫୦ ହଜାର ଟଙ୍କା ଚୋରି କରିଛନ୍ତି। ଚୋରି ସୁନା ଅଳଙ୍କାର ମୂଲ୍ୟ ୩ଲକ୍ଷରୁ ଉର୍ଦ୍ଧ୍ୱ ହେବ। ସେ ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି।


● ରାଜ୍ୟସ୍ତରରେ ଦ୍ୱିତୀୟ ସ୍ଥାନ ପାଇଲେ ଶ୍ରୀୟଶ୍ରୀ ସାଇସ୍ମିତା

# ଜିଲ୍ଲା ଓ ଜୋନାଲ ସ୍ତରରେ ପାଇଥିଲେ ଶୀର୍ଷ ସ୍ଥାନ

ଜଳେଶ୍ୱର ବ୍ଲକ୍,୧।୧୧(ସମିସ): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ମ୍ୟୁନିସିପାଲଟି ଅଞ୍ଚଳର ଝିଅ ଶ୍ରୀୟଶ୍ରୀ ସାଇସ୍ମିତା କର କଳା ଉତ୍ସବ ୨୦୨୫ରେ ସଫଳତା ସହ ଜିଲ୍ଲା ଓ ଜୋନାଲ୍‌ସ୍ତରରେ ଶୀର୍ଷ ପଦକ ହାସଲ କରିଥିବାବେଳେ ଏବେ ରାଜ୍ୟ ସ୍ତରରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଶ୍ରୀୟଶ୍ରୀ ଜଳେଶ୍ୱର ବ୍ଲକ୍ ରାଇବଣିଆ ଥାନା ଅଧୀନରେ ଥିବା କାଳିକ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ରୀ। ଜଳେଶ୍ୱର ଅନ୍ତର୍ଗତ ସାନ୍ତିଆ ଗ୍ରାମର ସ୍ୱର୍ଗତ କେଶବ କୁମାର କର ଏବଂ କାଳିକ ପଞ୍ଚାୟତର ଗୋପାଳ ଚନ୍ଦ୍ର ଜେନାଙ୍କର ସେ ନାତୁଣୀ ତଥା ରାଜୀବ କୁମାର କର ଓ ବିଦ୍ୟୁତ୍ ଲତା କରଙ୍କର ସେ ସୁପୁତ୍ରୀ। ସେ କଳା ଉତ୍ସବ ୨୦୨୫ରେ ଅଂଶ ଗ୍ରହଣ କରି ତାଙ୍କର ଶ୍ରେଷ୍ଠ ନୃତ୍ୟ ଦକ୍ଷତା ଦ୍ୱାରା ଜିଲ୍ଲାରୁ ରାଜ୍ୟ ପର୍ଯ୍ୟନ୍ତ ସମ୍ମାନ ପାଇଛନ୍ତି। ଏବେ ସେ ଜଳେଶ୍ୱରରେ ଥିବା ନୃତ୍ୟଶିକ୍ଷା ଫାଉଣ୍ଡେସନରୁ ନୃତ୍ୟ ଅଧ୍ୟୟନ କରୁଛନ୍ତି। ତାଙ୍କର ନୃତ୍ୟ ଗୁରୁ ସୁଶାନ୍ତ କୁମାର ବେହେରା ହେଉଛନ୍ତି ତାଙ୍କର ମୁଖ୍ୟ ପ୍ରେରକ ଓ ପରିଚାଳକ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ତଥା ଶିକ୍ଷକ ଏବଂ ଗୁରୁଜନମାନଙ୍କ ଆଶୀର୍ବାଦ ଓ ମାର୍ଗଦର୍ଶନ ତାଙ୍କ ସଫଳତାର ମୁଖ୍ୟ ଭୂମିକା ନେଇଛି ବୋଲି ସେ କହିଛନ୍ତି। ଗତ ୨୨ ଏବଂ ୨୩ ରେ ରାଜ୍ୟସ୍ତରୀୟ କଳା ଉତ୍ସବ ଭୁବନେଶ୍ୱର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ୟୁନିଟ୍ ୬ ରେ ଆୟୋଜିତ ହୋଇଥିଲା। ସେଠାରେ କଟକ, ସମ୍ବଲପୁର, ଖୋର୍ଦ୍ଧା, କୋରାପୁଟ ଏବଂ ବରଗଡ଼ରୁ ଆସିଥିବା ନବମ, ଦଶମ, ଏକାଦଶ ଓ ଦ୍ୱାଦଶ ଛାତ୍ର ଛାତ୍ରୀଙ୍କ ସହ ପ୍ରତିଯୋଗିତା କରି ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ।

## ପୂର୍ତ୍ତ ବିଭାଗର ମନମାନି; ରାସ୍ତା ମରାମତି ନିମ୍ନମାନର

# କାମ ନ ସରୁଣୁ ରାସ୍ତାରୁ ଉଠିଲାଣି ପିଚୁ



ବାରିପଦା, ୧।୧୧(ସମିସ)

ପୂର୍ତ୍ତ ବିଭାଗ ପକ୍ଷରୁ ବାରିପଦା ସହରରେ ରାସ୍ତା ମରାମତି ହୋଇଥିବା ବେଳେ କାର୍ଯ୍ୟ ନ ସରୁଣୁ ରାସ୍ତାରୁ ପିଚୁ ଉଠିବା ଆରମ୍ଭ କଲାଣି। ସମ୍ପୃକ୍ତ ଠିକାଦାର ନିମ୍ନମାନର ରାସ୍ତା ମରାମତି କାର୍ଯ୍ୟ କରିଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସହର ମଧ୍ୟରେ ଥିବା ଅନେକ ରାସ୍ତା ପୂର୍ତ୍ତ ବିଭାଗ ଅଧୀନରେ ଥିବାବେଳେ ରକ୍ଷଣାବେକ୍ଷଣ ଅଭାବରୁ ତାହା ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଏ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପରେ ୧୫ ଦିନ ତଳେ ମରାମତି ଆରମ୍ଭ ହୋଇଥିଲା। ଛଉପଡ଼ିଆ-ବସଷ୍ଟାଣ୍ଡ-ଦାରୋଗାଡାହି ଗୋଲେଇ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାଶ୍ୱରେ ମରାମତି କରାଯାଇଛି; କିନ୍ତୁ ସମ୍ପୃକ୍ତ ଠିକା ସଂସ୍ଥା ନିମ୍ନମାନର କାମ କରିଥିବାରୁ ରାସ୍ତା ନଷ୍ଟ ହେବା ଆରମ୍ଭ ହୋଇଛି। ଅଳ୍ପ ଦିନରେ ରାସ୍ତାରେ ଗୋଟିଏ ଦୁଇଟି ସ୍ଥାନରେ ଖାଲ ହୋଇଥିବା ବେଳେ ପିଚୁ ଉଠିବାରେ ଲାଗିଲାଣି। ଉକ୍ତ ରାସ୍ତାଟି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କୋର୍ଟ ଓ ବସଷ୍ଟାଣ୍ଡକୁ ସଂଯୋଗ କରୁଛି। ପ୍ରତିଦିନ ବସ, ଟ୍ରକ ପରି ଭାରୀଯାନ ଆଦି ବହୁ ଯାନବାହନ ଚଳାଚଳ କରୁଛି; ହେଲେ ନିମ୍ନମାନର କାମ ହୋଇଥିବାରୁ ରାସ୍ତାରୁ ପିଚୁ ଉଠି ବଡ଼ ବଡ଼ ଗାଡ ସୃଷ୍ଟି ହୋଇଛି। ଜିଲ୍ଲା ମୁଖ୍ୟାଳୟରେ ମଧ୍ୟ ଅସନ୍ତୋଷ ଦେଖାଦେଇଛି। ସେହିପରି ସହରଣ ଅନ୍ୟ ରାସ୍ତାଗୁଡିକ ମଧ୍ୟ ନିମ୍ନମାନର ନିର୍ମାଣ ହୋଇଥିବାରୁ ପିଚୁ ଉଠିବାରେ ଲାଗିଛି। ଏନେଇ ନିର୍ବାହୀ ଯନ୍ତ୍ରୀ ରୋହନ ଗୌରବଙ୍କୁ ପଚାରିବାରୁ ରାସ୍ତାର ସ୍ଥିତି ଅନୁଧ୍ୟାନ କରି ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ଶଙ୍ଖାରୀ ମଧୁସୂଦନ ଉଚ୍ଚବିଦ୍ୟାଳୟରେ ବିଜ୍ଞାନମେଳା

ଚନ୍ଦନେଶ୍ୱର,୧।୧୧ (ସମିସ): ଭୋଗରାଇର ଶଙ୍ଖାରୀ ମଧୁସୂଦନ ସରକାରୀ ଉଚ୍ଚବିଦ୍ୟାଳୟରେ ଶନିବାର ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ଏହାକୁ ପ୍ରଧାନ ଶିକ୍ଷକ ସୁନୀଲ କୁମାର ଦତ୍ତ ଉଦ୍‌ଘାଟନ କରିଥିବାବେଳେ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକମାନଙ୍କ ତତ୍ତ୍ୱାବଧାନରେ ପିଲାମାନଙ୍କ ଦ୍ୱାରା, ୫୧ଟି ପ୍ରୋଜେକ୍ଟ ପ୍ରଦର୍ଶିତ କରାଯାଇଥିଲା।



ତେବେ ସିନିୟର ସେକେଣ୍ଡାରୀ ଗ୍ରୁପରୁ ୩ଟି ଓ ଜୁନିୟର ଗ୍ରୁପରୁ ୩ଟି ପ୍ରୋଜେକ୍ଟକୁ ବିଚାରକ ଭାବେ ଯୋଗ ଦେଇଥିବା ବ୍ଲକ ବିଜ୍ଞାନ ସଂଯୋଜକ ମହେଶ୍ୱର ଗିରି ଓ ପୂର୍ବତନ ପ୍ରଧାନ ଶିକ୍ଷକ ଦୀପକ କୁମାର ଜେନା ଚୟନ କରିଥିଲେ। ସିନିୟର ଗ୍ରୁପରୁ ହରିଚନ୍ଦନ ଦେ, ହରିଶଙ୍କର ପାତ୍ର, ହରେକୃଷ୍ଣ ପାତ୍ର ଓ ଜୁନିୟର ଗ୍ରୁପରୁ ଅଂଶୁମାନ ଜେନା, ଶରଣ୍ୟା ମହାନ୍ତି, ଅର୍ଣ୍ଣବ ପ୍ରଧାନଙ୍କୁ ବ୍ଲକ ସ୍ତରୀୟ ବିଜ୍ଞାନ ମେଳାକୁ ଚୟନ ସହିତ ପୁରସ୍କୃତ କରାଯାଇଛି। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ପରିଚାଳନା କମିଟି,ଶିକ୍ଷକ ଧ୍ରୁବଚରଣ ପ୍ରଧାନ, ଯଜ୍ଞେଶ୍ୱର ପୃଷ୍ଟି, ଲଳିତା ଆଇଚ, ହରେକୃଷ୍ଣ ଜେନା, ଅଳକା ଜେନା, ପଦ୍ମାବତୀ ଜେନା, ଦୀପକ କୁମାର ଦିଣ୍ଡା, ହିମାଂଶୁ ଶେଖର ଦାସ, ଦେବେନ୍ଦ୍ର ମଲ୍ଲିକ, ଜଗଦିଶ ଚନ୍ଦ୍ର କୁଣ୍ଡୁ, ପ୍ରଦୀପ୍ତ କଟୁଆଳ, ରାମକୃଷ୍ଣ ପାତ୍ର, କାଳି କୁମାର ଜେନା, ଗୌରସୁନ୍ଦର ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

# ସୋର ପବ୍ଲିକ ସ୍କୁଲରେ ବିଜ୍ଞାନ ମେଳା

ସୋର,୧।୧୧(ସମିସ): ସୋର ପବ୍ଲିକ ସ୍କୁଲରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାକୁ ସୋର ଅତିରିକ୍ତ ତହସିଲଦାର କୃଷ୍ଣମୋହନ ସିଂହ ଉଦ୍‌ଘାଟନ କରି ଆଜିର ସମାଜରେ ବିଜ୍ଞାନର ଉପଯୋଗିତାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ମହେଶ୍ୱର ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ



ସମ୍ପାଦକ ଶ୍ରୀଧର ପ୍ରସାଦ ବେହେରା, ଯୁଗ୍ମ ସମ୍ପାଦକ ପ୍ରଶାନ୍ତ କୁମାର ଦାସ, ଅନାମ ପ୍ରସାଦ ବାରିକ ଏବଂ ପ୍ରଦୀପ କୁମାର ଦାଶ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଜ୍ଞାନ ଶିକ୍ଷକ ଗୌରାଙ୍ଗ ଖୁଣ୍ଟିଆଙ୍କ ତତ୍ତ୍ୱାବଧାନ ୬୦ଟି ପ୍ରକଳ୍ପ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା। ପ୍ରକଳ୍ପଗୁଡ଼ିକୁ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଚନ୍ଦ୍ରଶେଖର ମିଶ୍ର, ଅଭିମନ୍ୟୁ ପଣ୍ଡା ମୂଲ୍ୟାୟନ କରିଥିଲେ। ଏଥିରେ ତିତିଗୋଟି ପ୍ରକଳ୍ପକୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଭାବେ ମନୋନୀତ କରାଯାଇଥିଲା। ଏଥି ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଶିକ୍ଷା କର୍ମଚାରୀ ସହାୟତା କରିଥିଲେ।

# ବେତନଟୀ ବ୍ଲକ୍‌ସ୍ତରୀୟ ସୁରଭି



ବେତନଟୀ,୧।୧୧(ସମିସ): ବେତନଟୀ ବ୍ଲକ ଅନ୍ତର୍ଗତ ସଠିଲୋ ହାଇସ୍କୁଲ ଓ ସଠିଲୋ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ବେତନଟୀ ବ୍ଲକ ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବେତନଟୀ ବ୍ଲକ ଶିକ୍ଷା ଅଧିକାରୀ ବିପ୍ଳବ କର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏହି ଉଦଘାଟନୀ ସମାରୋହରେ ଅନ୍ୟ ଅତିଥିଙ୍କ ମଧ୍ୟରେ ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ଅପର୍ଣ୍ଣା ସାହୁ, ପୂର୍ବତନ ବ୍ଲକ୍ ଶିକ୍ଷା ଅଧିକାରୀ ରମାକାନ୍ତ ମହାନ୍ତ, ସଠିଲୋ ହାଇସ୍କୁଲର ପ୍ରଧାନ ଶିକ୍ଷକ ନରହରି ମହାନ୍ତ, ସଠିଲୋ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିତା ଭୂୟାଁ ଉପସ୍ଥିତ ଥିଲେ। ୧୭ଟି କ୍ଲଷ୍ଟରରୁ ୩ଟି ବିଭାଗ ଯଥା ଜୁନିଅର, ସିନିୟର୍ ଓ ସିନିୟର୍ ସେକେଣ୍ଡାରୀର ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ବ୍ଲକ୍ ଶିକ୍ଷାଧିକାରୀ ବିପ୍ଳବ କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୟୁରଭଞ୍ଜ ଜିଲ୍ଲାର ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶଶିଧର ସିଂ ମୂଖ୍ୟ ଅତିଥି, ଓଷ୍ଟା ସଂଘ ର ଜିଲ୍ଲା ସଂପାଦକ କିଶୋର କୁମାର ଆଚାର୍ଯ୍ୟ ମୂଖ୍ୟ ବକ୍ତା , ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ଅପର୍ଣ୍ଣା ସାହୁ ଓ ପୂର୍ବତନ ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ରମାକାନ୍ତ ମହାନ୍ତ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତି ଛାତ୍ର,ଛାତ୍ରୀ ମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ସମସ୍ତ ବିଭାଗରୁ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ର ଛାତ୍ରୀ ମାନେ ଜିଲ୍ଲା ସ୍ତରୀୟ ସୁରଭି ରେ ଅଂଶ ଗ୍ରହଣ କରିବେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ସଠିଲୋ ହାଇସ୍କୁଲ ପ୍ରଥମ, ଦଳଦଳି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଦ୍‌?ତୀୟ ଓ ମେର୍ଦ୍ଦା ସରକାରୀ ହାଇସ୍କୁଲ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଶିକ୍ଷକ ସପନ କୁମାର ମହାପାତ୍ର, ସନ୍ତୋଷ କୁମାର ବେହେରା ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ରବୀନ୍ଦ୍ର କୁମାର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ସିଆରସିସି,ଗାଇଡ ଶିକ୍ଷକ, ଶିକ୍ଷୟିତ୍ରୀ ତଥା ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ବରିଷ୍ଠ ନାଗରିକ ମଞ୍ଚ ପୁନର୍ଗଠିତ; ସୁନୀଲ ଦାଶ ସଭାପତି

ବଡସାହି,୧।୧୧(ସମିସ): ବଡସାହି ବ୍ଲକ ବରିଷ୍ଠ ନାଗରିକ ମଞ୍ଚର ଏକ ବୈଠକ ସଭାପତି ସୁନୀଲ କୁମାର ଦାଶ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନୂତନ କମିଟି ଗଠନ କରାଯାଇଥିଲା। ସଭାପତି ଭାବେ ସୁନୀଲ କୁମାର ଦାଶ, କାର୍ଯ୍ୟକାରୀ ସଭାପତି ଭାବେ ଅଶୋକ କୁମାର ବେହେରା, ଉପ ସଭାପତି ଭାବେ ସୁମୋକୁମାରୀ ପାତ୍ର, ସାଧାରଣ ସମ୍ପାଦକ ଭାବେ ରତ୍ନାକର ପାତ୍ର, ସହ ସମ୍ପାଦକ ଭାବେ ସନ୍ତୋଷ କୁମାର ଦ୍ୱିବେଦୀ ଓ ଶ୍ୟାମସୁନ୍ଦର ସିଂହ, ସଂଗଠନ ସମ୍ପାଦକ ଭାବେ ସରୋଜ କୁମାର ବେହେରା ଓ ଅଜିତ କୁମାର ପଣ୍ଡା ଏବଂ କୋଷାଧକ୍ଷ୍ୟ ଭାବେ ପ୍ରଦୀପ କୁମାର ବେହରାଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା। ସେହିପରି କାର୍ଯ୍ୟକାରୀ କମିଟିକୁ ପ୍ରଦୀପ କୁମାର ପଣ୍ଡା, ସନ୍ତୋଷ କୁମାର ପଲେଇ, ସନାତନ ଜେନା, ବିଭୂତିଭୂଷଣ ମହାନ୍ତ, କମଳାକାନ୍ତ ପଲେଇ, ପ୍ରତାପ ଚନ୍ଦ୍ର ମହାନ୍ତ, ଅରୁଣ କୁମାର ପଣ୍ଡା, ଯତୀନ୍ଦ୍ର ଆଚାର୍ଯ୍ୟ, ଗୋକୁଳ ଚନ୍ଦ୍ର ମହାନ୍ତି, ସୁଶାନ୍ତ କୁମାର ପଣ୍ଡା ଓ ପ୍ରଭାସ କୁମାର ପାତ୍ର ମନୋନୀତ ହୋଇଛି। ଉପଦେଷ୍ଟା କମିଟିରେ ମନୋରଂଜନ ବଳା, ମହେଶ୍ୱର ସେନାପତି, ସୁବୋଧ କମ୍ଯାର ଦାସ, ଲକ୍ଷ୍ମୀଧର ସିଂ, ଶରତ ଚନ୍ଦ୍ର ଶତପଥୀ, ଧୀରେନ୍ଦ୍ର ନାଥ ବେହେରା, ରବିନାରାୟଣ ପଣ୍ଡା, ଆନନ୍ଦ ଶଙ୍କର ପାତ୍ର, ଜଗବନ୍ଧୁ ସାହୁ, ସୁବାସ ଚନ୍ଦ୍ର ଖଣ୍ଡା ଓ ପ୍ରତାପ ଚନ୍ଦ୍ର ଦାସ ଏବଂ କୋର କମିଟିରେ ସଭାପତି ସୁନୀଲ କୁମାର ଦାଶ, ରତ୍ନାକର ପାତ୍ର, ପ୍ରଦୀପ କୁମାର ବେହେରା, ସୁବୋଧ କୁମାର ଦାସ, ସୁବୋଧ କୁମାର ଦଣ୍ଡପାଟ, ମନୋରଂଜନ ବଳା, ଧୀରେନ୍ଦ୍ରନାଥ ବେହେରା, ସରୋଜ କୁମାର ବେହେରା ଓ ଅଶୋକ କୁମାର ବେହେରାଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଛି। ବୈଠକରେ ପୂର୍ବତନ ବ୍ଲକ୍ ଅଧକ୍ଷ ମନୋରଂଜନ ବଳା, ଅଶୋକ କୁମାର ବେହେରା, ଡାକ୍ତର ସୁବୋଧ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଦୀପ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ମୟୂରଭଞ୍ଜ ଆଇନ କଲେଜରେ ମୂଟ କୋର୍ଟ ସମ୍ମିଳନୀ




ବାରିପଦା, ୧।୧୧(ସମିସ): ମୟୂରଭଞ୍ଜ ଆଇନ ମହାବିଦ୍ୟାଳୟରେ ଶନିବାର ଏକ ମୂଟ କୋର୍ଟ ସମ୍ମିଳନୀ 'ନିଷ୍ଠୁରତା ଏବଂ ପ୍ରସ୍ଥାନର କାରଣରେ ଛାଡପତ୍ର' ସଂକ୍ରନ୍ତ ବିଷୟବସ୍ତୁ ଉପରେ ଏକ ସମ୍ମିଳନୀ ଉଦଘାଟିତ ହୋଇଯାଇଛି। ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଆଡଭୋକେଟ୍ ବିନୋଦ କୁମାର ବେହେରା ଯୋଗଦେଇଥିଲେ। ଅଧକ୍ଷ ଡଃ ରଞ୍ଜନ୍ କୁମାର ତରେଇ କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଉଜ୍ଜ୍ୱଳ ନିମନ୍ତେ ଓକିଲାତି ପେଷାର ନିୟମାବଳୀ ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ। ଉକ୍ତ ମୂଟ କୋର୍ଟ ସମ୍ମିଳନୀର ମୁଖ୍ୟଅତିଥି ବିନୋଦ କୁମାର ବେହେରା, ସୁପ୍ରିମ୍ କୋର୍ଟର ସିନିୟର ଆଡଭୋକେଟ୍ ମୁଖ୍ୟବକ୍ତା ଭାବେ ଛାତ୍ରଛାତ୍ରୀଙ୍କୁ ଭବିଷ୍ୟତରେ କେମିତି ଜଣେ ଆଦର୍ଶ ଓକିଲ ହୋଇପାରିବେ ସେ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଏବଂ ମୂଟ କୋର୍ଟ ଅଭ୍ୟାସ ଆବଶ୍ୟକତାର ମୂଳମନ୍ତ୍ର ତାଙ୍କ ବକ୍ତବ୍ୟରେ ଉପସ୍ଥାପନ କରିଥିଲେ। ଏଥିରେ ବିଚାରପତି ଭାବେ ସିନିୟର ଆସିଷ୍ଟାଣ୍ଟ ପ୍ରଫେସର୍ ଡଃ ବନମାଳୀ ବାରିକ୍, ଭକ୍ତଚରଣ ସୋରେନ, ଆସିଷ୍ଟାଣ୍ଟ ପ୍ରଫେସର୍ ସୁନୀଲ୍ କୁମାର ଜେନା, ଧୀରେନ୍ଦ୍ର ବେହେରା, ସୁଶ୍ରୀ ଏସ୍ ନାୟକ ଓ ଶ୍ରାଦ୍ଧା ସୋରେନ୍ ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ମୂଟ କୋର୍ଟ ଅଭ୍ୟାସ କରିବାକୁ ପ୍ରୋତ୍ସାହିତ କରିଥିଲେ। ଏଥିରେ ରିତିକ୍ କୁମାର ମହାନ୍ତ, ଶୁଭ୍ରାଂଶୁ ଶେଖର ଦତ୍ତ, ସନ୍ଧ୍ୟାରାଣୀ ବିନ୍ଧାଣୀ, ଦେବଜାନୀ ଦାଶ, ବୀଣାପାଣୀ ଟୁଡୁ ପ୍ରମୁଖ ବହୁ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଛାତ୍ର ରିତିକ୍ କୁମାର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

# ଭାରୋତ୍ତୋଳନ ଚାମ୍ପିଅନସିପ୍‌ରେ ଚମକିଲେ ମୟୂରଭଞ୍ଜର ୬ ପ୍ରତିଯୋଗୀ

ବାରିପଦା, ୧।୧୧(ସମିସ):




କଳିଙ୍ଗ ଷ୍ଟାଡିୟମ ପରିସରସ୍ଥ ବିଜୁପଟ୍ଟନାୟକ ୱେଟଲିଫ୍ଟ ହଲରେ ୪ ଦିନଧରି ଚାଲିଥିବା ୭୨ତମ ରାଜ୍ୟସ୍ତରୀୟ ଭାରୋତ୍ତୋଳନ ଚାମ୍ପିଅନସିପ୍‌ରେ ମୟୂରଭଞ୍ଜର ୬ ପ୍ରତିଯୋଗୀ କୃତିତ୍ୱ ହାସଲ କରିଛନ୍ତି। ଶକ୍ତିମାନ ଜିମ୍ନାସିୟମରୁ ୧୩ଜଣ ଭାରୋତ୍ତୋଳନକାରୀ ଯୋଗଦେଇଥିଲେ। ଟିମମ୍ୟାନେଜର ଅଭିଷେକ ମହାନ୍ତ ଏବଂ ସୁଷମା ରାୟଙ୍କ ନେତୃତ୍ୱରେ ୧୩ଜଣ ଖେଳାଳି ଭୁବନେଶ୍ୱର ଗସ୍ତ କରିଥିଲେ। ଏଥିରେ ବାଳକ ବାଳିକାଙ୍କୁ ନେଇ ଯୁବବର୍ଗ ଏବଂ ପୁରୁଷ ଏବଂ ମହିଳାଙ୍କୁ ନେଇ କନିଷ୍ଠ ଏବଂ ବରିଷ୍ଠ ବର୍ଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ବଛାବଛା ପ୍ରତିଯୋଗୀଙ୍କୁ ପଛରେ ପକାଇ ଶକ୍ତିମାନ ଜିମ୍ନାସିୟମର ୬ଜଣ କୃତିତ୍ୱ ହାସଲ କରିଛନ୍ତି। ଏହି ପ୍ରତିଯୋଗୀ ବିଭିନ୍ନ ବର୍ଗ ଏବଂ ବିଭାଗରେ ସର୍ବମୋଟ ୧୨ଟି ପଦକ ହାସଲ କରିଛନ୍ତି। ସିନିୟର ବିଭାଗର ୫୩ କିଲୋ ବର୍ଗରେ ଆନ୍ତର୍ଜାତୀୟ ଭାରୋତ୍ତୋଳନକାରୀ ସ୍ନେହା ସୋରେନ ସ୍ନାଚ୍ ୮୩କେଜି ଏବଂ କ୍ଲିନ ଏଣ୍ଡ ଜାର୍କ ୧୧୦କେଜି ଏହିପରି ସଫଳତାର ସହିତ ମୋଟ ୧୯୩ କେଜି ଭାରୋତ୍ତୋଳନ କରି ସ୍ୱର୍ଣ୍ଣପଦକ ହାସଲ କରିବା ସହିତ ଚାମ୍ପିଅନ ହୋଇଛନ୍ତି। ସେହିଭଳି ୫୩ କିଲୋ ବର୍ଗରେ ୬୨କେଜି ସ୍ନାଚ୍ ଏବଂ ୭୮କେଜି ସ୍କ୍ରିନ ଏଣ୍ଡ ଜାର୍କ ଏହିପରି ମୋଟ ୧୪୦କେଜି ଭାରତ୍ତୋଳନ କରି ଯୁବ ଏବଂ ଜୁନିୟର ବିଭାଗରେ ଦୁଇଟି ସ୍ୱର୍ଣ୍ଣପଦକ ହାସଲ କରିଥିବା ବେଳେ ସିନିୟର ବିଭାଗରେ ଗୋଟିଏ ରୌପ୍ୟପଦକ ହାସଲ କରିଛନ୍ତି। ସେହିଭଳି ଆଲିଶା ବେହେରା ୬୩କେଜି ବର୍ଗରେ ୭୫କେଜି ସ୍ନାଚ୍ ଏବଂ ୯୦କେଜି ସ୍କ୍ରିନ ଏଣ୍ଡ ଜାର୍କ ଏହିପରି ମୋଟ ୧୬୫ କେଜି ଭାରତ୍ତୋଳନ କରି ଯୁବ, ଜୁନିୟର ଏବଂ ସିନିୟର ବିଭାଗରେ ମୋଟ ୩ଗୋଟି ରୌପ୍ୟପଦକ ହାସଲ କରିଛନ୍ତି। ଦେବସ୍ମିତା ସିଂ ମଧ୍ୟ ୪୮କିଲୋଗ୍ରାମ ବର୍ଗରେ ୫୪କେଜି ସ୍ନାଚ୍ ଏବଂ ୬୯କେଜି ସ୍କ୍ରିନ ଏଣ୍ଡ ଜାର୍କ ମୋଟ ୧୨୩ କେଜି ଭାରତ୍ତୋଳନ କରି ଯୁବବିଭାଗରେ ରୌପ୍ୟ ଏବଂ ଜୁନିୟର ବିଭାଗରେ କାଂସ୍ୟପଦକ ହାସଲ କରିଛନ୍ତି। ତନୁଶ୍ରୀ ସିଂ ମଧ୍ୟ ୪୮କିଲୋଗ୍ରାମ ବର୍ଗରେ ୪୬କେଜି ସ୍ନାଚ୍ ଏବଂ ୫୬ କେଜି ସ୍କ୍ରିନ ଏଣ୍ଡ ଜାର୍କ ମୋଟ ୧୦୨ କେଜି ଭାରତ୍ତୋଳନ କରି ଯୁବବର୍ଗରେ କାଂସ୍ୟପଦକ ହାସଲ କରିଛନ୍ତି। ଅନ୍ୟତମ ପ୍ରତିଯୋଗୀ ହରିଶଙ୍କର ମହାନ୍ତ ୬୦କିଲୋଗ୍ରାମ ବର୍ଗରେ ୧୦୦କେଜି ସ୍ନାଚ୍ ଏବଂ ୧୧୫ କେଜି ସ୍କ୍ରିନ ଏଣ୍ଡ ଜାର୍କ ସହିପରି ମୋଟ ୨୧୫କେଜି ଭାରତ୍ତୋଳନ କରି ଯୁବ ଏବଂ ଜୁନିୟର ବିଭାଗରେ ଯୁବବର୍ଗରେ କାଂସ୍ୟପଦକ ହାସଲ କରିଛନ୍ତି। ଅନ୍ୟତମ ପ୍ରତିଯୋଗୀ ହରିଶଙ୍କର ମହାନ୍ତ ୬୦କିଲୋ ବର୍ଗରେ ୧୦୦କେଜି ସ୍ନାଚ୍ ଏବଂ ୧୧୫ କେଜି କ୍ଲିନ ଏଣ୍ଡ ଜାର୍କ ସହିପରି ମୋଟ ୨୧୫କେଜି ଭାରତ୍ତୋଳନ କରି ଯୁବ ଏବଂ ଜୁନିୟର ବିଭାଗରେ ଗୋଟିଏ ଲେଖାଏଁ କରି ମୋଟ ୨ଟି କାଂସ୍ୟପଦକ ହାସଲ କରିଛନ୍ତି।

# ତ୍ରିଦିବସୀୟ ଗୋପାଷ୍ଟମୀ ଉତ୍ସବ ଉଦଯାପିତ

କରଞ୍ଜିଆ,୧।୧୧(ସମିସ): କରଞ୍ଜିଆ ସଂକଳ୍ପ ସେବାଟ୍ରଷ୍ଟ ପକ୍ଷରୁ ଚାଲିଥିବା ୩ ଦିବସୀୟ ଗୋପାଷ୍ଟମୀ ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବ ପାଇଁ ଗୋ ଶାଳାରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଯଜ୍ଞ କାର୍ଯ୍ୟରେ ସରୋଜ କୁମାର କର ଓ ପତ୍ନୀ ଇପ୍ସିତା ରଥ, ତାପସ ଦାସ ଓ ତାଙ୍କ ପତ୍ନୀ ମୁଖ୍ୟ କର୍ତ୍ତା ହୋଇଥିବାବେଳେ କମଳ ଲୋଚନ ଦାସ ପତ୍ନୀ ନିରୁପମା ଦାସ ଓ ଭୋଳନାଥ ମହାନ୍ତ ପତ୍ନୀ ଭାଗ୍ୟଲକ୍ଷ୍ମୀ ମହାନ୍ତ ସହଯୋଗ କରିଥିଲେ। ଯଜ୍ଞରେ ପୂଜକ ଭାବେ ପଣ୍ଡିତ ଅଗ୍ନିହୋତ୍ରୀ ଭୈରବାନନ୍ଦ ସରସ୍ୱତୀ ପୂଜା କାମ ନିର୍ବାହ କରିଥିଲେ। ତିନିଦିନ ଧରି ଯଜ୍ଞ କାର୍ଯ୍ୟକୁ ସଂକଳ୍ପ ସେବାଟ୍ରଷ୍ଟର ସଭାପତି ଧରଣୀ ଧର ପ୍ରଧାନ, ସମ୍ପାଦକ ଲୁନା ମିଶ୍ର, କୋଷାଧକ୍ଷ ସୁଧାଂଶୁ ପାତ୍ର, ଅନୁଜ ଶର୍ମା, ମହେଶ ଲାଖଟିଆ, ଚତୁର୍ଭୁଜ ଗ୍ରହଚାର୍ଯ୍ୟ ପ୍ରମୁଖ ପରିଚାଳନା କରିଥିଲେ। ବିଭିନ୍ନ ଦିବସରେ ଅତିଥିଭାବେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ, କୃପାସିନ୍ଧୁ ମହାନ୍ତ, ମଦନ ମହନ୍ତ ପ୍ରମୁଖ ଯୋଗଦେଇ ଗୋ ସେବା କରିଥିଲେ। ରାତିରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ଆସନ୍ତାକାଲି ଗୋ ମାତା ବିସର୍ଜନ ହେବେ ବୋଲି ସଭାପତି ସୂଚନା ଦେଇଛନ୍ତି।



# ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା



ବଡସାହି,୧।୧୧(ସମିସ): ବଡ଼ସାହି ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଏମ. ଇ.ସ୍କୁଲ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଡ଼ସାହି ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ମନୋଜ କୁମାର ସେଠୀ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ବଡ଼ସାହି ବିଧାୟକ ସନାତନ ବିଜୁଳି, ମୁଖ୍ୟବକ୍ତା କୃଷି ବିଜ୍ଞାନ କେନ୍ଦ୍ର ମୟୂରଭଞ୍ଜର ବୈଜ୍ଞାନିକ ଡ ସଂଘମିତ୍ରା ପଟ୍ଟନାୟକ, ସମ୍ମାନିତ ଅତିଥି ଭାବରେ ବ୍ଲକ ଅଧକ୍ଷା ମିନତୀ ସିଂ , ଉପାଧକ୍ଷ କାଞ୍ଚନ କୁମାର ପ୍ରଧାନ, ବଡ଼ସାହି ସରପଞ୍ଚ ବୁଧୁରାମ ସିଂ, ଓୟୁଏଟିର ସହକାରୀ ପ୍ରଫେସର ଡା. ଅନିଲ କୁମାର ନାୟକ, କେନ୍ଦୁଝର ସହକାରୀ ମତ୍ସ୍ୟ ଅଧିକାରୀ ବୀରେନ ନାୟକ, ମୟୂରଭଞ୍ଜ ଜିଲ୍ଲା ମତ୍ସ୍ୟ ଅଧିକାରୀ ମାନସ ରଞ୍ଜନ ସାହୁ ଓ ବାରିପଦା ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଦୀପକ କୁମାର ପରିଡ଼ା ଯୋଗ ଦେଇଥିଲେ। କ୍ଷୁଦ୍ର ଚାଷୀଠାରୁ ଆରମ୍ଭ କରି ବଡ ବଡ ଚାଷୀ କିପରି ସ୍ୱାବଲମ୍ବୀ ହୋଇପାରିବେ ଏବଂ କ'ଣ ସବୁ ସୁବିଧାର ରହିଛି ଅତିଥିମାନେ ଆଲୋଚନା କରିଥିଲେ। ଏହି କାର୍ଯକ୍ରମରେ ଚାଷୀମାନଙ୍କ ରେଜିଷ୍ଟ୍ରେସନ ସହିତ ପ୍ରାଣୀ ସମ୍ପଦ ବିକାଶ ବିଭାଗରୁ ୩, ମତ୍ସ୍ୟ ବିଭାଗରୁ ୩, ମିଶନ ଶକ୍ତିରୁ ୩, କୃଷି ବିଭାଗରୁ ୧, ଉଦ୍ୟାନ କୃଷିରୁ ୧, ଓମଫେଡରୁ ଗୋଟିଏ ଷ୍ଟଲ ଖୋଲାଯାଇଥିଲା। ଏହି ଅବସରରେ ୮ ଜଣ ସଫଳ ଚାଷୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ୪ ଜଣ ଚାଷୀଙ୍କୁ ସବସିଡି ଚେକ୍ ବଣ୍ଟନ କରାଯାଇଥିଲା। ସେହିପରି ମତ୍ସ୍ୟ ବିଭାଗ ପକ୍ଷରୁ ୬ ଜଣ ଚାଷୀଙ୍କୁ ଗୋ-ଏ ହେଡ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ପ୍ରାଣୀ ଚିକିତ୍ସା ଅଧିକାରୀ ଡା.ମନୋଜ କୁମାର ସେଠୀ ଧନ୍ୟବାଦ ଅର୍ପଣ କରି ଥିଲେ।

# ଟ୍ରକ୍ ଚୋରି ଉଦ୍ୟମ ପଣ୍ଡ; ୩ ଗିରଫ

ମୋରଡା/ରାସଗୋବିନ୍ଦପୁର,୧।୧୧(ସମିସ): ରାସଗୋବିନ୍ଦପୁର ପୁଲିସ ଶନିବାର ଏକ ଟ୍ରକକୁ ଚୋରି ପାଇଁ ଉଦ୍ୟମ କରୁଥିବା ୩ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବାରିପଦା ଟାଉନ ଥାନା ଅଞ୍ଚଳର ଭିକି ପଲେଇ, ହରପ୍ରସାଦ ଦାସ ଏବଂ ବାଙ୍ଗିରିପୋଷି ଥାନା ଅଞ୍ଚଳର ଶ୍ୟାମସୁନ୍ଦର ସେଠୀ। ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀଙ୍କ ସୂଚନା ମୁତାବକ ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅଧୀନ ରାଜଘାଟ ଗ୍ରାମର ବୁଲବୁଲ ନାମକ ଜଣେ ବ୍ୟକ୍ତି ଟ୍ରକ ପଟ୍ରୋଲ ପମ୍ପ ନିକଟରେ ଥିବା ବେଳେ ଚୋରି ହୋଇଯାଇଥିଲା। ପରେ ସେ ଜଳେଶ୍ୱର ଥାନାରେ ଆଜି ଅଭିଯୋଗ କରିବା ପରେ ଏକ ମାମଲା ରୁଜୁ ହୋଇଥିଲା। ତେବେ ଟ୍ରକରେ ଲୋକେସନ ଟ୍ରାକିଂ ଡିଭାଇସ ଲଗା ଯାଇଥିବାରୁ ଗାଡ଼ିଟି ରାସଗୋବିନ୍ଦପୁର ଥାନା ଅଞ୍ଚଳକୁ ଯାଉଥିବାର ଜଣାପଡିଥିଲା। ଜଳେଶ୍ୱର ଥାନାରୁ ଏ ବାବଦରେ ରାସଗୋବିନ୍ଦପୁର ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀଙ୍କୁ ଜଣାଇବା ପରେ ପୁଲିସ ବଜାର ନିକଟରେ ଟ୍ରକକୁ କାବୁ କରିବା ସହିତ ୩ ଜଣଙ୍କୁ ଗିରଫ କରିଥିଲା। ତେବେ ଟ୍ରକଟିକୁ ଏସକୋର୍ଟ ଦେଇ ଆଣୁଥିବା ଅନ୍ୟ ୩ ଜଣ ବ୍ୟକ୍ତି ବାଇକ ଯୋଗେ ଖସି ପଳାଇଥିଲେ।

# ଶବ ବ୍ୟବଚ୍ଛେଦ ଗୃହ ବିପଦସଙ୍କୁଳ



ତେଲକୋଇ, ୧।୧୧(ସମିସ): ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ଶବ ବ୍ୟବଚ୍ଛେଦ ଗୃହ ଭାଙ୍ଗିରୁଜି ଜରାଜୀର୍ଣ୍ଣ ଓ ଅସୁରକ୍ଷିତ ଅବସ୍ଥାରେ ରହିଛି। ଫଳରେ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରମାନେ ଉକ୍ତ ଗୃହରେ ବିପଦପୂର୍ଣ୍ଣ ଭାବେ ଶବ ବ୍ୟବଚ୍ଛେଦ ନ କରିବାକୁ ବିଭାଗୀୟଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି। ଯେ ପର୍ଯ୍ୟନ୍ତ ଶବ ବ୍ୟବଚ୍ଛେଦ ଗୃହର ମରାମତି ସହ ଆନୁଷଙ୍ଗିକ ବ୍ୟବସ୍ଥା ନ ହୋଇଛି ସେ ପର୍ଯ୍ୟନ୍ତ ବ୍ୟବଚ୍ଛେଦ ହୋଇପାରିବନି ବୋଲି ଦାବି କରିଛନ୍ତି। ବ୍ୟବଚ୍ଛେଦ ଗୃହର ଚତୁପାର୍ଶ୍ୱ କାନ୍ଥ ଫାଟି ଆଁ କରିଥିବା ବେଳେ ଛାତରୁ ପାଣି ଗଳୁଛି। ବିଦ୍ୟୁତ୍ ସଂଯୋଗ ହୋଇ ନଥିବା ବେଳେ ପାଣିର ବ୍ୟବସ୍ଥା ନାହିଁ। ଘରର କବାଟ ଭାଙ୍ଗି ଯାଇଥିବାରୁ ଘର ଭିତରେ ସରୀସୃପ ରହୁଥିବା ନଜିର ରହିଛି। ତତ୍ତୁପାର୍ଶ୍ୱ ସଫାସୁତୁରା ରହୁ ନଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଏପରିସ୍ଥଳେ ପାଚେରି ସହ ନୂତନ ବ୍ୟବଚ୍ଛେଦ ଗୃହ ନିର୍ମାଣ ଓ ଆନୁଷଙ୍ଗିକ ବ୍ୟବସ୍ଥା କରାଗଲେ ଶବ ବ୍ୟବଚ୍ଛେଦ ସେବା ଯୋଗାଇ ଦିଆଯିବ ବୋଲି କୁହାଯାଇଛି।

# ଶିଶୁ ବିକାଶ ପ୍ରକଳ୍ପର ସ୍ୱତନ୍ତ୍ର କାର୍ଯ୍ୟକ୍ରମ



କେନ୍ଦୁଝର, ୧।୧୧(ସମିସ): କେନ୍ଦୁଝର ସଦର ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଶନିବାର ସୁଭଦ୍ରା ୨ୟ ପର୍ଯ୍ୟାୟ ଆବେଦନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଯେଉଁମାନଙ୍କର ବୟସ ୧/୪/୨୦୨୫ ବେଳକୁ ୨୧ ବର୍ଷ ବୟସରେ ପହଞ୍ଚିଛନ୍ତି ସେମାନେ ସୁଭଦ୍ରା ଯୋଜନାର ଲାଭ ପାଇପାରିବେ। ୨୦ରୁ ଅଧିକ ମହିଳା ଆବେଦନ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମୀତା ନାଏକ, ପ୍ରୋଗ୍ରାମ ଅଫିସର ବାସନ୍ତୀ ମହାନ୍ତ, ସଦର ସିଡିପିଓ ସ୍ୱର୍ଣ୍ଣଲତା ବେହେରା, ମମତା ଯୋଜନା ଭାରପ୍ରାପ୍ତ ଡିପିସି ଶୁଭେନ୍ଦୁ ନାଥ, ହେଲ୍ପଡେସ୍କର ପ୍ରତ୍ୟାସା ସାହୁ, ଶୁଭସ୍ମିତା ଦାଶଙ୍କ ସମେତ ସମସ୍ତ ସେକ୍ଟର ସୁପରଭାଇଜର ଏବଂ ଅନେକ ସୁଭଦ୍ରା ହିତାଧିକାରୀ ଉପସ୍ଥିତ ଥିଲେ।

# ବିର୍ସା ମୁଣ୍ଡା ଜୟନ୍ତୀ ପାଳନ ପ୍ରସ୍ତୁତି

ବିଶୋଇ,୧।୧୧(ସମିସ): ବିଶୋଇ ବଜାର ସ୍ଥିତ ବିର୍ସା ମୁଣ୍ଡା ଛକରେ ୧୫୧ତମ ବିର୍ସା ମୁଣ୍ଡା ଜୟନ୍ତୀ ପାଳନ ପାଇଁ ଶନିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ କରୁଣା ସାଗର ମାର୍ଣ୍ଡିଙ୍କ ଆବାହକକ୍ରମେ ତଥା ଜୟନ୍ତୀ ପାଳନ କମିଟି ସଭାପତି ସୁବାଷ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କମିଟିର ସମ୍ପାଦକ ଶ୍ୟାମସୁନ୍ଦର ନାଏକ, ଖଡ଼ମବେଡ଼ା ସରପଞ୍ଚ ସୋମବାରି ସିଂ, ଏନ.ବି ପୋଖରିଆ ସରପଞ୍ଚ ଡ଼ମାନ ମୁର୍ମୁ, ସୁରାଇ ହାଁସଦା, ଧନେଶ୍ୱର ମହାନ୍ତ, ନଟବର ସିଂ, କଳାକାର ମୁଣ୍ଡା, ବାଦଲ ସିଂ, କାଳୀଚରଣ ବାସ୍କେ ପ୍ରମୁଖ ଉପସ୍ଥିତ ରହି ଜୟନ୍ତୀ ସମାରହ ପାଳନର ଆଭିମୁଖ୍ୟ ସମ୍ବନ୍ଧରେ ଆଲୋଚନା କରିଥିଲେ। ଜୟନ୍ତୀ ଦିନ ବିଶୋଇ ଜଗନ୍ନାଥ ମନ୍ଦିରରୁ ଏକ ମଶାଲ ଶୋଭାଯାତ୍ରା ବାହାରି ବଜାର ଛକ ଠାରେ ଥିବା ବିର୍ସା ମୁଣ୍ଡା ପ୍ରତିମୂର୍ତ୍ତିସ୍ଥଳରେ ପହଞ୍ଚି। ଅତିଥିମାନେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ବିର୍ସା ମୁଣ୍ଡାଙ୍କ ଜୀବନୀ ଉପରେ ଆଲୋଚନା କରାଯିବ। ଶେଷରେ ବିଶୋଇ ଛକରେ ପାରମ୍ପରିକ ନୃତ୍ୟଗୀତ କାର୍ଯ୍ୟକ୍ରମ ଆସର କରାଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

# ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ରେ ସମୀକ୍ଷା




କରଞ୍ଜିଆ, ୧।୧୧(ସମିସ): ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଏକ ସମୀକ୍ଷା ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। କରଞ୍ଜିଆ ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଗାଁରେ ମହିଳା ନିଜସ୍ୱ ଉଦ୍ୟମରେ ଯାହା କରୁଛନ୍ତି ସେ ସମ୍ପର୍କରେ ଅଧିକାରୀଙ୍କୁ ଅବଗତ କରନ୍ତୁ ଏବଂ ବିକାଶ ଦିଗରେ ମିଳିତ ପ୍ରୟାସ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସଭାରେ ସମୀକ୍ଷା ପୁସ୍ତିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଡ଼ିଏଫଓ ବୈଦ୍ୟନାଥ ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଉପ ପ୍ରକଳ୍ପ ନିର୍ଦ୍ଦେଶକ ଯଶୋବନ୍ତ ବେରିହା ଯୋଗଦେଇ ପ୍ରକଳ୍ପର ଆଭିମୁଖ୍ୟ, ବର୍ତ୍ତମାନ ସ୍ଥିତି, ପ୍ରକଳ୍ପ ଅସହାୟଙ୍କୁ ଯୋଗାଇ ଦେଉଥିବା ସହାୟତା ଉପରେ ମତ ରଖିଥିଲେ। ସମ୍ମାନିତ ଅତିଥି ଭାବେ ସାଂସଦ ପ୍ରତିନିଧି ଆଶିଷ କୁମାର ମହାନ୍ତ ଯୋଗଦେଇ ଉଜୁଡା ଜଙ୍ଗଲର ପୁନଃରୁଦ୍ଧାର, ଜଙ୍ଗଲ ଉପରେ ନିର୍ଭରଶୀଳ ବନବାସୀଙ୍କ ଜୀବିକାରେ ବିକାଶ ଦିଗରେ ପ୍ରକଳ୍ପ କାମ କରୁଥିବା କହିଥିଲେ।କ୍ଷ ମାତ୍ର ପ୍ରକଳ୍ପ ସମୟ ସରି ଆସୁଥିବାରୁ ଆଗକୁ କିପରି ଏ କାର୍ଯ୍ୟ ଜାରି ରହିବ ସେ ଦିଗରେ ବିଧିବଦ୍ଧ ପ୍ରସ୍ତୁତି କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କରଞ୍ଜିଆ ବିଡ଼ିଓ ପ୍ରଦ୍ୟୁମ୍ନ ନାୟକ, ସିଡିପିଓ ମଞ୍ଜୁଳା ବେହେରା, ରରୁଆଁ ବିଡ଼ିଓ ପ୍ରେମାନନ୍ଦ ବେହେରା, ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ସୁରେନ୍ଦ୍ର ଢେଲକା, ଏଏଚଓ ଅମୃତାଂଶୁ ନାୟକ, ହିଲ ଖଡିଆ ମାଙ୍କଡ଼ିଆ ସ୍ୱତନ୍ତ୍ର ଅଧିକାରୀ ହେମାଙ୍ଗିନୀ ଅଗସ୍ତି, ଡାକ୍ତର ପ୍ରଦୀପ କୁମାର ସାହୁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମକୁ ଏସଏମଏସ ନିଶିକାନ୍ତ ଜେନା ଓ ସରୋଜ ରଞ୍ଜନ ସାହୁ ପରିଚାଳନା କରିଥିଲେ। ଶେଷରେ ଶରତ କୁମାର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

# ମଡେଲ ଅଙ୍ଗନବାଡ଼ି ପରିଦର୍ଶନ କଲେ ଓଏସ୍‌ଡି ଅଧିକାରୀ

ମୋରଡା,୧।୧୧(ସମିସ): ମୋରଡା ବ୍ଲକ ଅଧୀନ ଚଢେଇଗାଁ ପଞ୍ଚାୟତର ଡାଳଗାଁରେ ନିର୍ମିତ ହୋଇଥିବା ମଡେଲ ଅଙ୍ଗନୱାଡି କେନ୍ଦ୍ରକୁ କିଛିଦିନ ତଳେ ଉଦଘାଟନ କରିଥିଲେ ମନ୍ତ୍ରୀ। ଶନିବାର ମୋରଡ଼ା ବ୍ଲକ ଗସ୍ତରେ ଅଫିସର ଇନ ସ୍ପେଶାଲ ଡ୍ୟୁଟି ବା ଓଏସ୍‌ଡି ଦାୟିତ୍ୱରେ ସାଗର ପାଲୋ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ତାଙ୍କ ସହିତ ମୋରଡ଼ା ବିଡ଼ିଓ ଅଣାକାର ନାଏକ, ସହକାରୀ ଯନ୍ତ୍ରୀ ସୁଶାନ୍ତ କୁମାର ନାଏକ ଏବଂ ଏବିଡ଼ିଓ ସମେତ କନିଷ୍ଠ ଯନ୍ତ୍ରୀ ଅନୀଲ ମହାପାତ୍ର ଉପସ୍ଥିତ ଥିଲେ।

## ଏମପିସି ହାଇସ୍କୁଲ ଆଲୁମନି ଓ ପରିଚାଳନା କମିଟିର ବୈଠକ

# ଲାଇବ୍ରେରୀ ନିର୍ମାଣ ସ୍ଥାନ ପରିବର୍ତ୍ତନ ନେଇ ବିଡିଓଙ୍କ ସହ ଆଲୋଚନା

ବେତନଟୀ,୧।୧୧(ସମିସ):



ବେତନଟୀ ମହାରାଜା ପ୍ରତାପ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ଆଲୁମିନି କମିଟି, ଏସଏମସି କମିଟି ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ଶନିବାର ପୂର୍ବାହ୍ନରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷକ ଅର୍ଜୁନ ସିଂଙ୍କ ପରିଚାଳନାରେ ଆୟୋଜିତ ବୈଠକରେ ସ୍କୁଲ ସମ୍ବନ୍ଧୀୟ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା ହୋଇଥିଲା। ପ୍ରଥମେ ସ୍କୁଲ ଆଲୁମିନି କମିଟି ସଭାପତି ସ୍ୱର୍ଗତ କୈଳାସ ଚନ୍ଦ୍ର ଅଗ୍ରୱାଲ ଏବଂ ଆଲୁମିନି କୋର କମିଟି ସଦସ୍ୟ ଲକ୍ଷ୍ମୀକାନ୍ତ ମହାନ୍ତଙ୍କ ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। କମିଟି ପୁନର୍ଗଠନ ପାଇଁ ନୂତନ ସଭାପତି ଭାବେ ଜୟନ୍ତ କୁମାର ପଟ୍ଟନାୟକ ଓ ଉପସଭାପତି ଭାବେ ରାମେଶ୍ୱର ମିଶ୍ରଙ୍କ ନାମକୁ ସମସ୍ତେ ପ୍ରସ୍ତାବ ଦେଇଥିଲେ। ସ୍କୁଲ ଜାଗାରେ ବହୁ ଦୋକାନ ଗଢି ଉଠିଥିବାବେଳେ ଜବର ଦଖଲ ମୁକ୍ତ ପାଇଁ ଦାବିପତ୍ର ଦିଆଯିବା ନେଇ ନିଷ୍ପତ୍ତି ହୋଇଛି। ସ୍କୁଲ ପଡିଆ ମଧ୍ୟରେ ୧୦ଲକ୍ଷ ଟଙ୍କାର ଲାଇବ୍ରେରୀ ଗୃହ ନିର୍ମାଣ କାମକୁ ବିରୋଧ କରାଯାଇ କିଛି ଦିନ ପୂର୍ବରୁ କାମକୁ ଆଲୁମିନି କମିଟି ବନ୍ଦ କରିଥିଲା। ଏଣୁ ବୈଠକରେ ବସିଥିବା ସମସ୍ତ ସଦସ୍ୟମାନେ ପଡିଆ ଯାଇ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ସ୍ଥାନ ନିରୀକ୍ଷଣ କରିଥିଲେ। ନିର୍ମାଣ ସ୍ଥାନ ପରିବର୍ତ୍ତନ କରାଯିବା ନେଇ ବିଡ଼ିଓ ସୁଶାନ୍ତ କୁମାର ସୂତାରଙ୍କ ସହିତ ଆଲୋଚନା କରିଥିଲେ। ଶ୍ରୀ ସୂତାର ପରିବର୍ତ୍ତନ ସ୍ଥାନ ଯାଇ ବୁଲି ଦେଖିବେ ବୋଲି ମତ ରଖିଥିଲେ। ବୈଠକରେ ଆଲୁମିନି ସଭାପତି ଜୟନ୍ତ ପଟ୍ଟନାୟକ, ଉପସଭାପତି ସର୍ବେଶ୍ୱର ମିଶ୍ର, ଏସ ଏମ ସି ସଭାପତି ତପନ କୁମାର ପରିଡା, ଗଦାଧର ମିଶ୍ର, ମଳୟ ଦାସ, ଜନମନ ବେହେରା, ସୁଧୀର ଖଣ୍ଡେଲୱାଲ, ସୁଶାନ୍ତ ବଳା, କିଶୋର ନାୟକ, ସୁନ୍ଦର ମୋହନ ମହାନ୍ତ, ସୁନୀଲ ଖଣ୍ଡେଲୱାଲ, ଉଦିତ କୁମାର ପରିଡା, ଜ୍ଞାନରଞ୍ଜନ ବେହେରା, ଅନୁପ ଦଣ୍ଡପାଟ, ପ୍ରଶାନ୍ତ ନାଥ, ଲକ୍ଷ୍ମୀଧର ପାକଳ, ଶାନ୍ତନୁ ପଣ୍ଡା, ସତ୍ୟାକାମ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ସୀମା ଟପିଲାଣି ବାଲି ମାଫିଆଙ୍କ ଆତଙ୍କରାଜ

- ମହିଳା ବନରକ୍ଷୀଙ୍କୁ ଦୁର୍ବ୍ୟବହାର
- ଜବତ ଟ୍ରାକ୍ଟରକୁ ଛଡ଼ାଇନେଲେ
- ଘଟଗାଁ ଥାନାରେ ମାମଲାର ତଦନ୍ତ



ଡୁରୁମୁଙ୍ଗା, ୧।୧୧(ସମିସ): କେନ୍ଦୁଝର ଜିଲ୍ଲାରେ ବାଲି ମାଫିଆଙ୍କ ସୀମା ଟପିଗଲାଣି। କେଉଁଠି ଗ୍ରାମବାସୀଙ୍କୁ ଆକ୍ରମଣ କରୁଛନ୍ତି ତ ଆଉ କେଉଁଠି ଜଙ୍ଗଲ କାଟି ରାସ୍ତା ଚଉଡ଼ା କରିବା ସହ ପୁଲିସ ପ୍ରଶାସନକୁ ମଧ ଚାଲେଞ୍ଜ କରୁଛନ୍ତି। ଏସବୁ ଭିତରେ ବି ପ୍ରଶାସନ ସବୁ ଜାଣିଶୁଣି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନଥିବାରୁ ଅସନ୍ତୋଷ ବଢ଼ିବାରେ ଲାଗିଛି। ଜଙ୍ଗଲ ମଧ୍ୟରେ ଜଣେ ମହିଳା ବନରକ୍ଷୀଙ୍କୁ ମଧ୍ୟ ବାଲି ଚୋରି କରୁଥିବା କିଛି ଦୁର୍ବୃତ୍ତ ଛାଡ଼ି ନାହାନ୍ତି। ସୂଚନା ଅନୁସାରେ, ପାଟଣା ରେଞ୍ଜ ତଣ୍ଡ ବିଟ୍ ପିଚୁଲାବେଡ଼ା ସଂରକ୍ଷିତ ଜଙ୍ଗଲ ଭିତରେ ଥିବା ନାଳରୁ ଶୁକ୍ରବାର ସନ୍ଧ୍ୟାରେ ଟ୍ରାକ୍ଟର୍ ଯୋଗେ ବାଲି ଚୋରାଚାଲାଣ କରାଯାଉଥିଲା। ଏହି ଖବର ପାଇ ପାଟଣା ରେଞ୍ଜର ବନ ବିହାରୀ ସର୍ଦ୍ଦାରଙ୍କ ନିର୍ଦ୍ଦେଶରେ ତୋଣ୍ଡ ବିଟ୍ ବନରକ୍ଷୀ ଦେବଜାନୀ ମହାନ୍ତ ଏବଂ ସ୍କ୍ୱାଡ କୈଳାସ ମହାନ୍ତ ଘଟଣାସ୍ଥଳକୁ ଯାଇଥିଲେ। ସେଠାରେ ଓଡି୦୯ଜେ ୩୨୭୧/୩୨୭୨ ଡାଲା ନମ୍ବର ବିଶିଷ୍ଟ ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରିଥିଲେ। ଏହି ସମୟରେ ତୋଣ୍ଡ ଗ୍ରାମର ପ୍ରହ୍ଲାଦ ପଲେଇ ଏବଂ ତାଙ୍କର ୫ ଜଣ ସାଥୀ, ମହିଳା ବନରକ୍ଷୀ ଦେବଜାନୀ ମହାନ୍ତଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଦୁର୍ବ୍ୟବହାର ଓ ଠେଲାପେଲା କରିଥିଲେ। ବାଲି ଖାଲି କରି ଟ୍ରାକ୍ଟର ଗାଡି ନେଇ ଘଟଣାସ୍ଥଳରୁ ଫେରାର୍ ହେବା ପାଇଁ ଚେଷ୍ଟା କରିଥିଲେ। ଏହାକୁ ବନରକ୍ଷୀ ବିରୋଧ କରିବାରୁ ତାଙ୍କ ତଣ୍ଡ ବିଟ୍ ଘରେ ଏକୁଟିଆ ଥିବା ବେଳେ ଗଣଦୁଷ୍କର୍ମ କରିବାର ଧମକ ଦିଆଯାଇଛି। ଏପଟେ ମାଫିଆମାନେ ଏହି ବାଲି ଗାଡ଼ିରୁ ସେଠାରେ ବାଲି ଢ଼ାଳି ଦେଇ ଚମ୍ପଟ୍ ମାରିଥିଲେ। ଏନେଇ ମହିଳା ବନରକ୍ଷୀ ଘଟଗାଁ ଥାନାରେ ଅଭିଯୋଗ କରିଛନ୍ତି। ଗାଡି ଛଡ଼ାଇନେଉଥିବା ସମୟର ଏକ ଭିଡିଓ ଏବେ ଭାଇରାଲ୍ ହେଉଛି। ମହିଳା ବନରକ୍ଷୀଙ୍କର ଅଭିଯୋଗ ପରେ ଘଟଗାଁ ଥାନାରେ ୫୦୮/୨୫ରେ ଏକ ମାମଲା ରୁଜୁ ହେବା ସହ ଏସ୍ଆଇ ଗାଙ୍ଗିଆ ଲାକ୍ରା ଘଟଣାର ତଦନ୍ତ କରୁଛନ୍ତି। ଦୋଷୀ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଘଟଗାଁ ଥାନାଧିକାରୀ ଶୁଭ୍ରାନ୍ତ ଜେନା କହିଛନ୍ତି।

# ୧୧୦ ଏକରରେ ଲାଗିଲେଣି ମାଟିଆଗୁଣ୍ଡି ପୋକ

ଚମ୍ପୁଆ,୧।୧୧(ସମିସ): ଚଳିତବର୍ଷ ଚମ୍ପୁଆ ବ୍ଲକ ଅଧୀନରେ ଥିବା ୨୨ଟି ପଞ୍ଚାୟତର ଚାଷୀଙ୍କ ପାଇଁ କାଳ ସାଜିଲାଣି ମାଟିଆଗୁଣ୍ଡି ପୋକ। ଦରପାଚିଲା ଧାନ ଚାଷକୁ ଉଜାଡ଼ି ଦେଲେଣି ଏହି ମାଟିଆଗୁଣ୍ଡି ପୋକ। କୃଷି ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ବର୍ତ୍ତମାନ ଚମ୍ପୁଆ ବ୍ଲକରେ

## ତଦାରଖ କଲା କୃଷି ବିଭାଗ

୧୧୦ ଏକର ଜମିରେ ଏହି ମାଟିଆଗୁଣ୍ଡି ପୋକ ଲାଗିଥିବା ଜଣାଯାଇଛି। ବିଶେଷ ଭାବରେ ଅକ୍ଟବରରେ ଏହି ପୋକର ବଂଶ ବିସ୍ତାର ହୋଇଥିବା ବେଳେ ଚାଷୀ ତା' ନିଜ ଧାନ କ୍ଷେତରେ ସୁରକ୍ଷା ପାଇଁ ଚିନ୍ତିତ ହୋଇପଡିଛନ୍ତି। ଅଭିଯୋଗ ପରେ କୃଷି ବିଭାଗ ପକ୍ଷରୁ ସହକାରୀ କୃଷି ଅଧିକାରୀ ରମାମଣି ସାହୁ, ବ୍ଲକ କୃଷି ଅଧିକାରୀ ସାରଦା ହାଁସଦା ପ୍ରମୁଖଙ୍କ କରଞ୍ଜିଆ, ରାଇଗୁଡି ଆଦି ଅଞ୍ଚଳରେ ମାଟିଆଗୁଣ୍ଡି ପୋକ ଲାଗିଥିବା ଚାଷ ଜମି ପରିଦର୍ଶନ କରିବା ସହିତ ଚାଷିଙ୍କୁ ଏହାର ପ୍ରତିକାର ବିଷୟରେ ପରାମର୍ଶ ଦେଇଛନ୍ତି। ଚାଷୀ ମାଟିଆଗୁଣ୍ଡି ପୋକ ଦାଉରୁ ନିଜ କଷ୍ଟ ଉପାର୍ଜିତ ଧାନ ଚାଷକୁ ସୁରକ୍ଷା ଦେବାକୁ ଯାଇ ଏକପ୍ରକାର ବିଫଳ ହେଉଥିବା ଦେଖାଯାଇଛି। କିଛି ଦିନ ତଳେ ସାମାନ୍ୟ ସ୍ଥାନରେ ଏହି ପୋକ ଲାଗିଥିବା ବେଳେ ଦିନକୁଦିନ ଏହି ପୋକର ପ୍ରାଦୁର୍ଭାବ ବଢିବାରେ ଲାଗିଛି। କୃଷି ବିଭାଗ ପକ୍ଷରୁ ମାଟିଆଗୁଣ୍ଡି ପୋକ ଦାଉରୁ ନିଜ ଚାଷ ଜମିକୁ ରକ୍ଷା କରିବା ପାଇଁ ପରାମର୍ଶ ଦିଆଯାଉଥିଲେ ମଧ ସେତେଟା ସୁଫଳ ମିଳିପାରୁ ନାହିଁ। ଏହି ପୋକ ହଜାର ହଜାର ସଂଖ୍ୟାରେ ଧାନ କ୍ଷେତରେ ଏକ



ନିର୍ଦ୍ଦିଷ୍ଟ ସ୍ଥାନରେ ରହି ଧାନ ଗଛଗୁଡିକର ରଶ ଶୋଷି ନେବା ସହିତ ଗଛଗୁଡ଼ିକୁ ଶୁଷ୍କ କରିପକାଉଛନ୍ତି। ଫଳରେ ଧାନ ବିଲରେ ଚକଡାଚକଡା ସ୍ଥାନରେ ଫସଲ ନଷ୍ଟ ହେବାରେ ଲାଗିଛି। ଅନ୍ୟପକ୍ଷରେ ଏହି ପୋକ ଚକଡ଼ା ଆକାରରେ ଲାଗୁଥିବାରୁ ଏହାକୁ କେତେକ ଚକଡା ପୋକ ଆଖ୍ୟା ଦେଇଛନ୍ତି।

# ମୟୂରଭଞ୍ଜରେ ଖୋଲିଲା ୧୨ଟି ନୂତନ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ

ବାରିପଦା, ୧।୧୧(ସମିସ): ଜମିବାଡି ସଂକ୍ରାନ୍ତୀୟ ସମସ୍ୟାର ସମାଧାନ ପାଇଁ ମୟୂରଭଞ୍ଜ ଜିଲ୍ଲାରେ ଅଧିକ ୧୨ଟି ତହସିଲ କାର୍ଯ୍ୟାଳୟରେ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ ଖୋଲିଛି। ଶନିବାର ପହିଲାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭିଡିଓ କନଫରେନ୍ସ ଜରିଆରେ ଏହି ୧୨ଟି ନୂତନ ସବ ରେଜିଷ୍ଟ୍ରାର କାର୍ଯ୍ୟାଳୟକୁ ଉଦଘାଟନକରିଛନ୍ତି। ସେଗୁଡିକହେଲାରରୁଆଁ, ଶୁକ୍ରୁଲି, ଠାକୁରମୁଣ୍ଡା, ମୋରଡା, ବିଜାତଳା, ବିଶୋଇ, କୁସୁମୀ, ଜାମଦା, ତିରିଂ, ଶାମାଖୁଣ୍ଟା, ସାରସକଣା ଓ ଶୁଳିଆପଦା ସବରେଜିଷ୍ଟାର କାର୍ଯ୍ୟାଳୟ। ସମ୍ପୃକ୍ତ ତହସିଲ କାର୍ଯ୍ୟାଳୟ ମାନଙ୍କରେ ଉଦଘାଟନଠାରୁ କାର୍ଯ୍ୟକ୍ଷମ ହୋଇଛି। ଫଳରେ ଜନସାଧାରଣ ଇ-ରେଜିଷ୍ଟ୍ରେସନ ମାଧ୍ୟମରେ ନିଜର କାର୍ଯ୍ୟ କରିପାରିବେ। ସୂଚନାଯୋଗ୍ୟ, ଜିଲାର ୨୬ଟି ତହସିଲ ମଧ୍ୟରୁ ୯ ଟି ସବ ରେଜିଷ୍ଟାର କାର୍ଯ୍ୟାଳୟ ରହିଥିବା ବେଳେ ନୂତନ ୧୨ଟି ମିଶି ୨୧ଟି କାର୍ଯ୍ୟାଳୟ କାର୍ଯ୍ୟାରମ୍ଭ କରିଲା। ପରବର୍ତ୍ତୀ ସମୟରେ ଆଉ ନୂତନ ୫ଟି ସବରେଜିଷ୍ଟ୍ରାର ଅଫିସ ଖୋଲିବ ବୋଲି ଜଣାପଡିଛି। ଏହାଦ୍ୱାରା ସ୍ଥାନୀୟ ତହସିଲ ଅଞ୍ଚଳର ଜନସାଧାରଣ ବେଶ ଉପକୃତ ହୋଇପାରିବେ। ରାଜସ୍ୱ ସମ୍ପର୍କିତ ସମସ୍ୟା ଦୂର ହେବା ସହ ଜମିବାଡି କିଣାବିକା, ଦାନ, ଲିଜ୍, ବନ୍ଧକ ଆଦି କାର୍ଯ୍ୟ ସୁରୁଖୁରୁରେ ହୋଇପାରିବ। ଲିଲ ପ୍ରସ୍ତୁତ ସମୟରେ ଷ୍ଟାମ୍ପ ଡ୍ୟୁଟି ଓ ଫି ଆଦାୟ ହେବା ସହିତ ଜମି ସମ୍ପର୍କିତ ବ୍ୟାଙ୍କରେ ବନ୍ଧକ ଥିବା ତଥ୍ୟ ଜଣାପଡିବ। ଜମିର ପ୍ରତିଲିପି ପ୍ରଦାନ ଓ ରେକର୍ଡ ଯାଞ୍ଚ ହେବା ସହ ଦଲିଲର ପ୍ରକାର ନିର୍ଦ୍ଧାରଣ ଓ ଷ୍ଟାମ୍ପ ଡ୍ୟୁଟିର ମୂଲ୍ୟାଙ୍କନ କରାଯାଇ ପାରିବ। ବିବାହ ରେଜିଷ୍ଟ୍ରେସନଠାରୁ ଆରମ୍ଭ କରି ଇ-ରେଜିଷ୍ଟ୍ରଶନ ମାଧ୍ୟମରେ ସମସ୍ତ କାର୍ଯ୍ୟ ସହଜରେ ହୋଇପାରିବ।

**ଜଡ଼ିଦା ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବର ପ୍ରତିବାଦ**

# ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ

ଉଦଳା,୧।୧୧(ସମିସ): ଉଦଳା ବ୍ଲକ ଜଡିଦା ପଞ୍ଚାୟତର ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ପାଇଁ ଶତାଧିକ ମହିଳା ଏବଂ ପୁରୁଷ ଉପଜିଲ୍ଲାପାଳଙ୍କୁ ଭେଟିବା ସହିତ ବିକ୍ଷୋଭ କରିଥିଲେ। ଏହା ରାଜନୈତିକ ଉଦ୍ଦେଶ୍ୟ ରଖି ଆଗତ ହୋଇଥିବା ଅନାସ୍ଥା ବିରୋଧରେ ଏକ



ଦାବିପତ୍ର ପ୍ରଦାନ କରାଯାଇଛି। ଆଗତ ଅନାସ୍ଥା ରାଜନୈତିକ ଉଦ୍ଦେଶ୍ୟ ଭିତ୍ତିକ ଓ ଭିତ୍ତିହୀନ ବୋଲି ଅଭିଯୋଗ କରିଛନ୍ତି ପଞ୍ଚାୟତବାସୀ। ମିନତୀ ମଢେଇ ଆଜକୁ ୨ବର୍ଷ ହେବ ଜଡିଦା ସରପଞ୍ଚ ଭାବରେ ସେବା ଦେଇ ଆସୁଥିବା ବେଳେ ସରକାରଙ୍କ ନିୟମ ବ୍ୟବସ୍ଥା ଭିତରେ ସମସ୍ତ ୱାର୍ଡର ବିକାଶମୂଳକ କାମ ମଧ କରୁଛନ୍ତି। ବ୍ୟକ୍ତିଗତ ସମସ୍ୟା ଠାରୁ ଆରମ୍ଭ କରି ସମୂହ ସମସ୍ୟା ସବୁ ସମୟରେ ପଞ୍ଚାୟତବାସୀଙ୍କ ସହ ସେ ଛିଡା ହେଉଥିବା କହିଛନ୍ତି ଲୋକେ। ଗରିବ ଦୁଃଖୀ ନିରାଶ୍ରୟ ଓ ସରକାରୀ ଯୋଜନାରେ ଆସୁଥିବା ଅର୍ଥକୁ ଜନସଚେତନ ହେଉ କିମ୍ବା ଯୁବକଙ୍କ ପାଇଁ କ୍ରୀଡା ଉପକରଣ ହେଉ କିମ୍ବା ସାମାଜିକ ବନୀକରଣଠାରୁ ଆରମ୍ଭ କରି ପିଇବା ପାଣିର ସୁବିଧା, ରାସ୍ତାର ଉନ୍ନତି କରଣ ନିମନ୍ତେ ସମସ୍ତ ୱାର୍ଡର ଅଧିବାସୀଙ୍କୁ ଯୋଗାଯୋଗ କରି ତାହାର ସଫଳ ରୂପାୟନ କରିଥାନ୍ତି। ସରପଞ୍ଚ ମହିଳା ହିସାବରେ ବ୍ୟବହାର ଅତ୍ୟନ୍ତ ମର୍ଜିତ। ସେ ଲଗାତର ଦୁଇଥର ହେଲା ସରପଞ୍ଚ ନିର୍ବାଚିତ ହୋଇ ଆସୁଛନ୍ତି। ଆଜି ପର୍ଯ୍ୟନ୍ତ ସରପଞ୍ଚଙ୍କୁ ଦୁର୍ନୀତି ଛୁଇଁ ପାରିନାହିଁ। ଅଭିଯୋଗ ଅନୁଯାୟୀ ଗ୍ରା.ପ.ର କିଛି ୱାର୍ଡ ମେମ୍ବର ତାଙ୍କ ବିରୋଧରେ ଅନାସ୍ଥା ଆଣିବା ପାଇଁ ଅଭିଯୋଗ ଦାଖଲ କରିଛନ୍ତି। ଏହା ରାଜନୈତିକ ଉଦ୍ଦେଶ୍ୟ ନେଇ କରାଯାଉଛି ବୋଲି କହିଛନ୍ତି ଲୋକେ। କିଛି ନ୍ୟସ୍ତସାର୍ଥ ବ୍ୟକ୍ତି ସରପଞ୍ଚଙ୍କ ନିକଟରୁ ଅଧିକ ସ୍ୱାର୍ଥ ଚାହୁଁ ଥିବା ଏବଂ ଏଥିରେ ସରପଞ୍ଚ ଏକମତ ନ ହେବାରୁ ଏଭଳି ଅଭିଯୋଗ ଆସିଛି ବୋଲି ପଞ୍ଚାୟତବାସୀ କହିଛନ୍ତି। ତେଣୁ ସରପଞ୍ଚଙ୍କ

## ପଞ୍ଚାୟତର ଶତାଧିକ ମହିଳା, ପୁରୁଷ ସାମିଲ

ବିରୋଧରେ ଯେଉଁ ଅଭିଯୋଗ ଆସିଛି ତାହାର ବିଧିବଦ୍ଧ ତଦନ୍ତ କରାଯାଇ ଉଚିତ ନ୍ୟାୟ ପ୍ରଦାନ କରିବାକୁ ଦାବି ହୋଇଛି। ସୂଚନାଯୋଗ୍ୟ ଯେ ଦୁଇଦିନ ପୂର୍ବରୁ ୧୧ ଜଣ ୱାର୍ଡ ମେମ୍ବର ଉନ୍ନୟନ ମୂଳକ କାର୍ଯ୍ୟ ଆଦୌ କରୁନଥିବା ଅଭିଯୋଗ କରି ଅନାସ୍ଥା ଆଗତ କରିଥିଲେ। ପ୍ରଫୁଲ୍ଲ କୁମାର ପାତ୍ର, ପ୍ରବୀର କୁମାର ରାଉତ, ଭାସ୍କର ବେହେରା, ଭାସ୍କର ପାତ୍ର, ଗୌରାଙ୍ଗ ଦାସ, ସଞ୍ଜିତା ପାତ୍ର, ସୁକାନ୍ତୀ ପାତ୍ର, ଅଶୋକ ବିଶ୍ୱାଳ ସମେତ ଶତାଧିକ ଗ୍ରାମବାସୀ ବିକ୍ଷୋଭରେ ସାମିଲ ହୋଇଥିଲେ।

# 'ମୋନ୍ଥା' ପ୍ରଭାବରେ ଭାଙ୍ଗିଲା ଛାତ୍ରୀନିବାସ ପାଚେରି



ବିଜାତଳା, ୧।୧୧(ସମିସ): ବିଜାତଳା ବ୍ଲକ ମାଣିକପୁର ପଞ୍ଚାୟତଓଷାଦେବୀ ହାଇସ୍କୁଲର ଛାତ୍ରୀ ନିବାସ ପାଚେରି "ମୋନ୍ଥା" ପ୍ରଭାବରେ ଭାଙ୍ଗିଯାଇଛି। ଏହି ଛାତ୍ରୀ ନିବାସରେ ୧୦୦ ଛାତ୍ରୀ ରୁହନ୍ତି। ପାଚେରି ଭାଙ୍ଗିଯିବା ଫଳରେ ଛାତ୍ରୀମାନେ ସୁରକ୍ଷିତ ମଣୁନାହାନ୍ତି। ରାତିରେ ଏହି ଅଞ୍ଚଳରେ ହାତୀର ଭୟ ରହୁଛି ଏବଂ ଅସାମାଜିକଙ୍କ ପ୍ରତି ଡର ରହୁଛି। ହାଇସ୍କୁଲର ପ୍ରଧାନଶିକ୍ଷକ ସୁରେନ୍ଦ୍ର ରାଜ ଏ ନେଇ ମାଣିକପୁର ସରପଞ୍ଚ ସୁଶାନ୍ତ କୁମାର ମୁଣ୍ଡା ଏବଂ ସମିତି ସଭ୍ୟା ରୂପିମଣି ଟୁଡୁ ଜଣାଇଛନ୍ତି। ଆସନ୍ତାକାଲି ବିଜାତଳା ବିଡିଓଙ୍କୁ ଲିଖିତ ଭାବରେ ଜଣାଇବେ ବୋଲି ସେ କହିଛନ୍ତି।

- ନାବାଳିକା ଗଣଦୁଷ୍କର୍ମ ଘଟଣାର ପ୍ରତିବାଦ

# ୧୦ରେ ମାସା ଆର୍ମିର ମୟୂରଭଞ୍ଜ ବନ୍ଦ ଡକରା



ରାଇରଙ୍ଗପୁର/ବହଳଦା,୧।୧୧(ସମିସ): ମୟୂରଭଞ୍ଜ ଆଦିବାସୀ ଛାତ୍ର ସଂଗଠନ ତରଫରୁ ଆଦିବାସୀ ଦୁଇ ନାବାଳିକାକୁ ଗଣଦୁଷ୍କର୍ମ ଘଟଣାର ପ୍ରତିବାଦରେ ଆସନ୍ତା ୧୦ ତାରିଖରେ ମୟୂରଭଞ୍ଜ ବନ୍ଦ ଡକରା ସଫଳ କରାଇବା ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରାସଗୋବିନ୍ଦପୁର ନିକଟ ନଳଗଜା ଅଞ୍ଚଳରେ ଯାତ୍ରା ଦେଖି ଫେରୁଥିବା ବେଳେ ଦୁଇ ଆଦିବାସୀ ନାବାଳିକା ଛାତ୍ରୀଙ୍କୁ ଗଣଦୁଷ୍କର୍ମ କରାଯାଇଥିଲା। ଏହାର ପ୍ରତିବାଦରେ ମୟୂରଭଞ୍ଜ ଆଦିବାସୀ ଛାତ୍ର ସଂଗଠନ ମାସା ଆର୍ମି ପକ୍ଷରୁ ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡିଙ୍କ ଆହ୍ୱାନ କ୍ରମେ ବନ୍ଦ ଡକରା ଦିଆଯାଇଛି। ଏହାକୁ ସଫଳ କରିବା ପାଇଁ ବାମନଘାଟି ଉପଖଣ୍ଡ ରାଇରଙ୍ଗପୁର ଓ ବହଳଦାଠାରେ ମାସା ଆର୍ମି ବାମନଘାଟି ସଂଗଠନ ପକ୍ଷରୁ ବାମନଘାଟି ସଭାପତି ଦାସ୍ମାତ ସରେନଙ୍କ ନେତୃତ୍ୱରେ ପ୍ରସ୍ତୁତି ବୈଠକ ହୋଇଥିଲା। ବୈଠକରେ ସଂଗଠନର ସମ୍ପାଦକ କାହ୍ନୁ ମୁର୍ମୁ, ଲକ୍ଷ୍ମଣ ମାଝୀ, ଭୀମ ମାରାଣ୍ଡି, ଗୋପିନାଥ ମୁର୍ମୁ, ଶ୍ରୀରାମ ମାଝୀ, ଗାଇଚନ ମୁର୍ମୁ, ନାରନ ମାରାଣ୍ଡି, ମୁକେଶ କିସ୍କୁ ପ୍ରମୁଖ ଉପସ୍ଥିତ ରହି ବନ୍ଦ ସଫଳ ପାଇଁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି।

# ରାଜ୍ୟସ୍ତରୀୟ ରଗ୍‌ବୀ ଫୁଟ୍‌ବଲ ପ୍ରତିଯୋଗିତାରେ ୪୮ କ୍ରୀଡ଼ାବିତ୍ ସାମିଲ




ବାରିପଦା, ୧।୧୧(ସମିସ): ଓଡିଶା ରାଜ୍ୟସ୍ତରୀୟ ରଗବୀ ଫୁଟବଲ ପ୍ରତିଯୋଗିତା ୨ ତାରିଖରୁ ୪ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ସ୍ଥିତ ଆଇଆରସି ଭିଲେଜ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହେବ। ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ମାର୍ଗଦର୍ଶନରେ ଓ ଜିଲ୍ଲା ଶାରୀରିକ ଶିକ୍ଷା ପରିଦର୍ଶକ ଭାଗିରଥି ମଲ୍ଲିକଙ୍କ ତତ୍ତ୍ୱାବଧାନରେ ମୟୂରଭଞ୍ଜ ଜିଲ୍ଲାରୁ ୪୮ ଜଣ ଖେଳାଳି ଯୋଗଦେବେ। ବାଳକ ଟିମ ମ୍ୟାନେଜର ଭାବେ ପିଇଟି ପ୍ରକାଶଚନ୍ଦ୍ର ସୋଏ ଓ ବାଳିକା ଟିମ ମ୍ୟାନେଜର ଭାବେ ପିଇଟି ଉର୍ମିଳା ମୁଣ୍ଡାଙ୍କ ନେତୃତ୍ୱରେ ୧୭ ବର୍ଷରୁ କମ ବାଳକ ବିଭାଗରେ ଶ୍ରୀକାନ୍ତ ସିଂ, କାଶୀନାଥ ଟୁଡୁ, ଦଶରଥ ମାଝୀ, ରାମଚନ୍ଦ୍ର ହେମ୍ବ୍ରମ, ବାଦଲ ନାୟକ, ରାମଚନ୍ଦ୍ର ହେମ୍ବ୍ରମ, ହୃଦାନନ୍ଦ ସିଂ, ଶରତ ଦେହୁରୀ, ସୁକୁଲ ବାସ୍କେ, ଯଦୁ ଗୋଡ଼ସାରା, ଫାଗୁ ମୁର୍ମୁ, ରହିଦାସ ସିଂ ଓ ବାଳିକା ବିଭାଗ ରେ ସୁମିତ୍ରା ମୁର୍ମୁ, ସୁଦଶାନା କ୍ରିଷ୍ଟା ନାଏକ, ଦୁଲାରୀ ହାଁସଦା, ଜୟନ୍ତୀ ବାସ୍କେ, ଶୁଭଦ୍ରା ସୋରେନ, ସାଲଗେ ମୁର୍ମୁ, ସବିତା ସୋରେନ, ପାଏଲ ହାଁସଦା, ସନ୍ଧ୍ୟା ସୋରେନ, ସୀତା ମାରାଣ୍ଡି, ସୁଲେନା ହେମ୍ବ୍ରମ, ପଦ୍ମାବତୀ ସିଂ। ବାଳକ ଟିମ ମ୍ୟାନେଜର ପିଇଟି କ୍ରିଷ୍ଟା ଟୁଡୁ ଓ ବାଳିକା ଟିମ ମ୍ୟାନେଜର ପିଇଟି ଆଶାଲତା ମୁର୍ମୁଙ୍କ ନେତୃତ୍ୱରେ ୧୪ ବର୍ଷରୁ କମ ବାଳକ ବିଭାଗରେ ବିକ୍ରମ ଦାଶ, ସୂର୍ଯ୍ୟ ପ୍ରକାଶ ନାଏକ, ବିଜୁ ମାରାଣ୍ଡି, ସିମନ ମୁର୍ମୁ, ବିଷ୍ଣୁପଦ ମହାନ୍ତ, ରାଜେନ ହାଁସଦା, ମୁନା ସିଂ, ବାରିଶା ମାରାଣ୍ଡି, ଶଙ୍ଖଚରଣ ଟୁଡୁ, ସାଇବା ମାରାଣ୍ଡି, ଅତନୁ ପାଣି, ଆନନ୍ଦ କାରୁଆ ଓ ବାଳିକା ବିଭାଗ ରେ ହୀରା ମୁର୍ମୁ, ସୁଗି ହେମ୍ବ୍ରମ, ମିନାକ୍ଷୀ ଟୁଡୁ, ସଲମା ହେମ୍ବ୍ରମ, ମୀନା ମାରାଣ୍ଡି, ସାବିତ୍ରୀ ମାରାଣ୍ଡି, ବାଲେ ହୋ, ନମିତା ହୋ, ହିସି ମାଝୀ, ଲକ୍ଷ୍ମୀ ମାରାଣ୍ଡି, ଡୁଡୁ ମାରାଣ୍ଡି, ରଞ୍ଜିତା ସିଂ ଯୋଗ ଦେବେ। ଏନେଇ ଏମକେସି ସରକାରୀ ଉଚ୍ଚ ବିଦ୍ୟାଳୟ, ବାରିପଦାରେ ଏକ ଭବ୍ୟ ସମ୍ବର୍ଦ୍ଧନା ସଭାରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ, ଏମକେସି ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ବାସନ୍ତୀ ଟୁଡୁ, ଶିକ୍ଷକ ଦୀପକ ରାମ ପ୍ରମୁଖ କ୍ରୀଡ଼ାବିତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ମଉଦା–ଅଡ଼ାଳପଙ୍କ ରାସ୍ତା ଶୋଚନୀୟ

**ଦୁଇ ଜିଲ୍ଲାର ୧୮ ଟି ଗାଁର ଲୋକ ହଟହଟା**

ହାଟଡିହୀ,୧।୧୧(ସମିସ): କେନ୍ଦୁଝର ଜିଲ୍ଲା ହାଟହିହୀ ବ୍ଲକ୍ ମଉଦା-ଅଡାଳପଙ୍କ ମଧ୍ୟରେ ମାତ୍ର ଦେଢ଼ କିମି ରାସ୍ତାର ଅବସ୍ଥା ଅତି ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତା ଉପରେ କେନ୍ଦୁଝର ଓ ଭଦ୍ରକ ଜିଲ୍ଲାର ମଉଦା, ଜନ୍ତାଳପଦି, ରଘୁନାଥପୁର, ପଦାରୁଖା, ନାହା, ମିଠିଗାଁ, ବେରୁଣପଦି, ଭଡ଼ରାଗଡ଼ିଆ, ଅଁଳାଗଡ଼ିଆ, କଖାରୁଗଡ଼ିଆ, ସୋସୋ, ଅଡାଳପଙ୍କ ଆଦି ୧୮ଟି ଗାଁର ଲୋକେ ନିର୍ଭର କରୁଛନ୍ତି। ଆର୍‌ଡି ବିଭାଗ ଅଧୀନରେ ରାସ୍ତାଟି ରହିଛି। ଗଲା ବର୍ଷାରେ ରାସ୍ତାଟି ସମ୍ପୂର୍ଣ୍ଣ ଧୋଇଯାଇଛି। ଏବେ ସୁଦ୍ଧା ଏହି ରାସ୍ତାର ମରାମତି କିମ୍ବା ନୂତନ ଅଦ୍ୟନାଦରେ ନିର୍ମାଣ ପାଇଁ ବିଭାଗ ପକ୍ଷରୁ କୌଣସି ତତ୍ପରତା ପ୍ରକାଶ ପାଇନାହିଁ। ସେନେଇ ଅନିଶ୍ଚିତତା ମଧ୍ୟ ଲାଗି ରହିଛି। ଏହାମଧ୍ୟରେ ଦୁଇଟି ଜିଲ୍ଲାର ଶତାଧିକ ଲୋକ ରାସ୍ତାରେ ଯାତାୟାତ ବେଳେ ହନ୍ତସନ୍ତ ହେଉଛନ୍ତି। ଏହାର ପ୍ରତିକାର ପାଇଁ କୌଣସି ଠୋସ୍ ପଦକ୍ଷେପ, ପ୍ରଶାସନିକ ସ୍ତରରେ ଦେଖାଯାଇନାହିଁ। ରାସ୍ତାବସ୍ଥା ଶୋଚନୀୟ ହୋଇଥିବାରୁ ଯାତାୟାତରେ ସମସ୍ୟା ହେଉଛି। ରାସ୍ତାରେ ହୋଇଥିବା ଖାଲରେ ବର୍ଷାପାଣି ଜମିଛି। କିଛିଦିନ ତଳେ ଏହି ରାସ୍ତା ନିର୍ମାଣ ହୋଇଥିଲା। ଭାରୀଯାନ ଚଳାଚଳ ଯୋଗୁଁ ରାସ୍ତାଟି ଖାଲଖମାରେ ଭର୍ତ୍ତି ହୋଇଯାଇଛି। ଚାରିଚକିଆ କି ବାଇକ ତ ଦୂରର କଥା, ସାଧାରଣ ଲୋକଟିଏ ସାଇକଲରେ ମଧ ଯାଇପାରୁନି। ବେରୁଣପଦିଠାରେ ଥିବା ସ୍କୁଲକୁ ନିୟମିତ ଶହ ଶହ ଛାତ୍ରଛାତ୍ରୀ ଏହି ରାସ୍ତା



ଦେଇ ଯାତାୟାତ କରୁଥିବା ବେଳେ ସେମାନେ ନାନା ଅସୁବିଧା ଭୋଗୁଛନ୍ତି। ଏ ଅଞ୍ଚଳକୁ ଆମ୍ବୁଲାନ୍ସଟିଏ ବି ଯିବାକୁ ରାଜି ହେଉନି। ଏହାର ମରାମତି ପାଇଁ ଅଞ୍ଚଳବାସୀ ଦାବି କରିଆସୁଥିଲେ ବି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଉନାହାନ୍ତି ବୋଲି ମଉଦା ଗ୍ରାମର ହୃଷୀକେଶ ସାହୁ, ଦୁର୍ଯ୍ୟୋଧନ ଜେନା, ସଦାନନ୍ଦ ନାୟକ, ସନ୍ତୋଷ ଘଡ଼େଇ, ଯବାନ କୁମାର ନାୟକ, ଶେଖର ରାଉତ, ହେମନ୍ତ କୁମାର ବାରିକ ପ୍ରମୁଖ ଅଭିଯୋଗ କରିଛନ୍ତି।

**ଅବ୍ୟବସ୍ଥା ଭିତରେ ଖୋଲିଲା ଅଭୟାରଣ୍ୟ**

# ବିକାଶକୁ ଗୁରୁତ୍ୱ ଦେଉନି ବିଭାଗ; ମୁହଁ ମୋଡ଼ୁଛନ୍ତି ପର୍ଯ୍ୟଟକ

ନୀଳଗିରି,୧।୧୧(ସମିସ): ନୀଳଗିରି ଉପଖଣ୍ଡ କୁଲଡିହା ଅଭୟାରଣ୍ୟ ପ୍ରତ୍ୟେକ ବର୍ଷ ପରି ଚଳିତବର୍ଷ ଜୁନ୍ ୧୫ରୁ ବନ୍ଦ ରହିଥିବାବେଳେ ନଭେମ୍ବର ୧ ଶନିବାରରୁ ଖୋଲିଛି। ପ୍ରଥମ ଦିନରେ ବୁଲିବାକୁ ଆସିଥିବା ପର୍ଯ୍ୟଟକମାନେ ଅଭୟାରଣ୍ୟର କେସିପୁର ପଞ୍ଚାୟତ ବାଲିଆନାଳ ଫାଟକ ନିକଟରେ ପହଞ୍ଚିଥିଲେ। ପ୍ରଥମ ପର୍ଯ୍ୟଟକ ଭାବେ ମୟୂରଭଞ୍ଜ ଜିଲ୍ଲା ଉଦଳା ଅଞ୍ଚଳର ସୋମନାଥ ଦତ୍ତ ତାଙ୍କର ଚାରି ପରିବାର, ଦ୍ୱିତୀୟ ପର୍ଯ୍ୟଟକ ଭାବେ ପଞ୍ଚଲିଙ୍ଗେଶ୍ୱର ଅଞ୍ଚଳର ରାମଚନ୍ଦ୍ର ଟୁଡୁଙ୍କର ଦୁଇ ଜଣ ମୋଟ ୬ ଜଣ ପର୍ଯ୍ୟଟକ ଆସିଥିଲେ। ଏହି ୬ଜଣଙ୍କୁ ବନବିଭାଗ ପକ୍ଷରୁ ପୁଷ୍ପଗୁଚ୍ଛ ଦେଇ ଚନ୍ଦନ ଲଗାଇବା ପରେ ମିଠା ଖୁଆଇ ସ୍ୱାଗତ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଜିଲ୍ଲା ବନଖଣ୍ଡ ଅଧିକାରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଫିତା କାଟିଥିବାବେଳେ, ବାଲେଶ୍ୱର ଏସିଏଫ୍ ସଭୋନ ଦିଗନ୍ତ ଚାନ୍ଦ ଗେଟ୍ ଖୋଲିଥିଲେ। କୁଲଡିହା ରେଞ୍ଜର ସୁବ୍ରତ୍ କୁମାର ବେହେରା, ଫରେଷ୍ଟର ସହ ଫରେଷ୍ଟଗାର୍ଡ ଓ ସବୁଜବାହିନୀ ପ୍ରମୁଖ ଉପସ୍ଥିତ ଥିଲେ। ଚଳିତ ବର୍ଷ କୁଲଡିହା ଅଭୟାରଣ୍ୟରେ କୌଣସି ବିକାଶମୂଳକ କାର୍ଯ୍ୟ ବନବିଭାଗ ହାତକୁ ନେଇ ନଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଅଭୟାରଣ୍ୟ ଖୋଲିଲା, ହେଲେ ଅଭୟାରଣ୍ୟ



ଭିତରେ ଥିବା ରାସ୍ତା ମରାମତି ହୋଇପାରିନି କି ଅନ୍ୟ ବିକାଶ କାର୍ଯ୍ୟ ମଧ କରାଯାଇନି। ଦୀର୍ଘ ପ୍ରାୟ ୪ ବର୍ଷ ତଳୁ ଅଭୟାରଣ୍ୟ ଭିତରେ ଥିବା ରାସ୍ତା ମରାମତି ହୋଇଥିଲା। କେତେକ ସ୍ଥାନରେ ବର୍ଷା ପାଣି ସ୍ରୋତରେ ରାସ୍ତା ନାଳରେ ପରିଣତ ହୋଇଯାଇଛି। ଯାହା ପର୍ଯ୍ୟଟକଙ୍କ ପାଇଁ ବିପଦ ସୃଷ୍ଟି କରୁଛି। ସେହିପରି ଗୋହିରାଭୋଳ ନିକଟରେ ଥିବା 'ରିସିଆ ପ୍ରକୃତି ନିବାସ' ପାଖରେ ପର୍ଯ୍ୟଟକଙ୍କ ବୋଟିଂ ସକାଶେ ରିସିଆ ଡ୍ୟାମ ଭିତରେ ବୋଟିଂ କରିବାର ବ୍ୟବସ୍ଥା ରହିଥିଲା। ଏବେ ବୋଟିଂ ବ୍ୟବସ୍ଥା ମଧ ବନ୍ଦ ହୋଇ ପଡ଼ିଛି। ପ୍ରକୃତି ନିବାସରେ କିଛି ସୋଲାର ସିଷ୍ଟମ ଅଚଳ ହୋଇ ପଡ଼ିଛି। ଏଠାରେ ପର୍ଯ୍ୟଟକ ୱେବ୍‌ସାଇଟ୍‌ରୁ ଜଣେ ବ୍ୟକ୍ତି ପାଇଁ ୪୦ଟଙ୍କା, କ୍ୟାମେରା ପାଇଁ ୫୦ଟଙ୍କା, ଚାରିଚକିଆ ଯାନ ପାଇଁ ୧୦୦ଟଙ୍କା ଓ ନେଚର୍ସ କ୍ୟାମ୍ପରେ ରାତ୍ରିଯାପନ ପାଇଁ ୩ ହଜାର ଟଙ୍କା ଧାର୍ଯ୍ୟ କରାଯାଇଛି। ଏତେ ଟଙ୍କା ଖର୍ଚ୍ଚାନ୍ତ କରି ଏଠାକୁ ଆସିବାକୁ ପର୍ଯ୍ୟଟକଙ୍କ ପାଇଁ ବନବିଭାଗ ଉନ୍ନତ ବ୍ୟବସ୍ଥା କରିନାହିଁ। ପ୍ରତ୍ୟେକ ବର୍ଷ ପ୍ରଥମ ଦିନରେ ଓଡ଼ିଶା ସହିତ ପଶ୍ଚିମବଙ୍ଗରୁ ହିଁ ଅଧିକ ସଂଖ୍ୟକ ପର୍ଯ୍ୟଟକ କୁଲଡିହାକୁ ଧାଇଁ ଆସିଥାନ୍ତି। କିନ୍ତୁ ଆଜି ପ୍ରଥମ ଦିନରେ ମାତ୍ର ୬ ଜଣ ପର୍ଯ୍ୟଟକ ଆସିଥିବା ଜଣାପଡ଼ିଛି। ଯାହା ଅତ୍ୟନ୍ତ ନିରୁତ୍ସାହଜନକ। ଏପରିକି କୁଲଡିହା ଅଭୟାରଣ୍ୟ ସହିତ ବହୁ ବର୍ଷଧରି ଜଡ଼ିତ ଥିବା ଓ ବହୁ ବଙ୍ଗୀୟ ପର୍ଯ୍ୟଟକଙ୍କୁ ଏଠାକୁ ଟୁରିଷ୍ଟ ଗାଇଡ୍ ହିସାବରେ ଆଣୁଥିବା ମନୋରଞ୍ଜନ ଦାସଙ୍କୁ ମଧ ଡାକିଥିଲେ। କୁଲଡିହା ଅଭୟାରଣ୍ୟରୁ ପର୍ଯ୍ୟଟକ ମୁହଁ ମୋଡ଼ୁଥିବା ନେଇ କୁଲଡିହା ରେଞ୍ଜର ସୁବ୍ରତ୍ କୁମାର ବେହେରାଙ୍କ ମତାମତ ନେବାରୁ ସେ କହିଥିଲେ ଯେ ଯାହା ବି ଅବ୍ୟବସ୍ଥା ରହିଛି ଏଷ୍ଟିମେଟ୍ କରି ସରକାରଙ୍କୁ ଜଣାଇଛୁ, ଫଣ୍ଡ ଆସିଲେ

## ପ୍ରଥମ ଦିନରେ ବୁଲିଲେ ମାତ୍ର ୬ ପର୍ଯ୍ୟଟକ

କାମକରିବୁ। ସୂଚନା ଥାଉ କି ବାଲେଶ୍ୱର ସହରରୁ ପ୍ରାୟ ୩୦କିମି ଏବଂ ନୀଳଗିରିଠାରୁ ୧୨ କିମି ଦୂରରେ ଏହି କୁଲଡିହା ଅଭୟାରଣ୍ୟ ରହିଛି। ୨୭୨.୭୫ ବର୍ଗ କି.ମି. ପରିବ୍ୟାପ୍ତ ଏହି କୁଲଡିହା ଅଭୟାରଣ୍ୟ ଭିତରେ ବାଘ, ଭାଲୁ, ହାତୀ, ଠେକୁଆ, ସମ୍ବର, ହରିଣ, ବଜ୍ରକାପ୍ତା, ମୟୂର ଇତ୍ୟାଦି ବନ୍ୟପ୍ରାଣୀ ଓ ବିଭିନ୍ନ ପ୍ରଜାତିର ଦେଶୀ ଏବଂ ବିଦେଶୀ ପକ୍ଷୀ ଦେଖାଯାଆନ୍ତି। ରାତ୍ର ରହଣୀ ନିମନ୍ତେ "ରିଷିଆ ପ୍ରକୃତି ନିବାସ'ରେ ୯ଟି ତମ୍ବୁ ଘରେ ଶୌଚାଳୟ, ଆଲୋକ ବ୍ୟବସ୍ଥା ଏବଂ ବୋଟିଂ ଆଦିର ବ୍ୟବସ୍ଥା ପୂର୍ବରୁ ରହିଥିଲା। ଏହା ସହ ଗଡ଼ସିମୁଳିଆ ଓ ମେଛକୁଣ୍ଡ ଜଳପ୍ରପାତ ପର୍ଯ୍ୟଟକଙ୍କୁ ବେଶ ଆକୃଷ୍ଟ କରୁଥିଲା



# ଖଳନାୟକ ଭୂମିକାରେ 'ଶୁଭମ୍'

ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଚକ୍ରାନ୍ତ' ଜାନୁଆରୀରେ ଶୁଭମୁକ୍ତି ପାଇଁ ପ୍ରସ୍ତୁତ ହୋଇସାରିଛି । ତେବେ ମୁଖ୍ୟ ଆକର୍ଷଣ ହେଲା ଫିଲ୍ମରେ ଖଳନାୟକ ଚରିତ୍ରରେ ନବାଗତ ଅଭିନେତା ଶୁଭମ୍ ପାଢ଼ୀ ଏଣ୍ଟ୍ରି କରିଛନ୍ତି । ଶୁଭମ ପୂର୍ବରୁ ଦୁଇଟି ଫିଲ୍ମ 'କେମିତି କହିବି ମୁଁ' ଓ 'ଶ୍ରୀମାନ ଶ୍ରୀଯୁକ୍ତ'ରେ ଅଭିନୟ କରିସାରିଛନ୍ତି । ତେବେ ଓଲିଉଡ୍‌ରେ ଖଳନାୟକର ଅଭାବ ଥିବା ବେଳେ ଆଉ ଜଣେ ନୂଆ ଖଳନାୟକ ଶୁଭମ୍‌ଙ୍କର ଏଣ୍ଟ୍ରି ନିଶ୍ଚିତ ଏହି ଅଭାବକୁ ପୂରଣ କରିବ । ଯାହାକି ଆଗାମୀ ଦିନ ପାଇଁ ଶୁଭ ଖବର । ଲକ୍ଷେଶ୍ୱର ପ୍ରଡକସନ୍ ବ୍ୟାନରରେ ପ୍ରସ୍ତୁତ ତଥା ସୌରଭ ପାଢ଼ୀଙ୍କ ପ୍ରଯୋଜିତ ଏହି ନୂଆ ଓଡ଼ିଆ ଚଳଚ୍ଚିତ୍ରରେ ଭୂମିକାଙ୍କ ସହିତ ନାୟକ ମଣ୍ଟୁ ନଜର ଆସୁଛନ୍ତି । 'ଚକ୍ରାନ୍ତ'ର ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା ଭାର କାନ୍ଧେଇଛନ୍ତି ନିର୍ଦ୍ଦେଶକ ପିନୁ ନାୟକ । କାହାଣୀ ରଚନା କରିଛନ୍ତି ଦିଶା ପାଢ଼ୀ ଏବଂ ସଂଳାପ ରଚନା କରିଛନ୍ତି ଜିତେନ୍ଦ୍ର କୁମାର ବରାଳ । ଗୀତ ଡ. ନିର୍ମଳ ନାୟକ ଏବଂ ଡ. ରଘୁନାଥ ସାହୁ ରଚନା କରିଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଅଭିଜିତ ମଜୁମଦାର । ଚିତ୍ରତ୍ତୋଳନ ଦାୟିତ୍ୱରେ ସୁଦର୍ଶନ ସେନାପତି ଅଛନ୍ତି । ହରିହର ମହାପାତ୍ର, ଚୌଧୁରୀ ଜୟପ୍ରକାଶ ଦାସ, ପ୍ରଦ୍ୟୁମ୍ନ ଲେଙ୍କା, ଧରିତ୍ରୀ ଖଣ୍ଡୁଆଳ, ସୁରଭି, ସୌମ୍ୟ ଶତପଥୀ, ଶୁଭମ ପାଢ଼ୀ, ସୁମନ ମହାନ୍ତି, କୁସୁମ ତ୍ରିପାଠୀ, ପ୍ରମୋଦ ରାଉତ, ତୁଷାର, ଉମାକାନ୍ତ, ନିରଞ୍ଜନ ନିରୁଆ, ପୁଣ୍ୟତୋୟା ମିଶ୍ର ଏବଂ କ୍ରିଷ୍ଟାରାଣୀ ଦାଶ ପ୍ରମୁଖ ଏଥିରେ ଅଭିନୟ କରୁଛନ୍ତି । ରହସ୍ୟ ଓ ରୋମାନ୍ସରେ ଭରା ଏଇ ଫିଲ୍ମଟି ସମ୍ପୂର୍ଣ୍ଣ ମନୋରଞ୍ଜନର ଖୋରାକ ଯୋଗାଇବ । ସିନେମାଟିରେ ଭରପୂର କମେଡ଼ି ମଧ୍ୟ ଅଛି । ଏହି ଫିଲ୍ମରେ ଗାଁ ପରିବେଶ ତଥା ମାଟିର ବାସ୍ନା ଅନୁଭବ କରି ହେବ । ■

ପରଦା ପଛର କାହାଣୀ



# 'ମୋଗାମ୍ବୋ' ପାଇଁ ସାତ ଦିନରେ କଷ୍ଟ୍ୟୁମ୍ ତିଆରି

ହିନ୍ଦୀ ସିନେମାରେ ଅନେକ ଫିଲ୍ମ ରହିଛି, ଯେଉଁଥିରେ ଅଭିନେତାଙ୍କଠୁ ଅଧିକ ଖଳନାୟକ ଚରିତ୍ର ଲୋକପ୍ରିୟ ହୋଇଛନ୍ତି । ସେଭଳି ଜଣେ ପ୍ରସିଦ୍ଧ ଖଳନାୟକ ଚରିତ୍ର ମଧ୍ୟରେ 'ମୋଗାମ୍ବୋ' ଅନ୍ୟତମ । ଏହି ଚରିତ୍ରଟିରେ ପ୍ରସିଦ୍ଧ କଳାକାର ଅମରିଶ୍ ପୁରୀ ଅଭିନୟ କରିଥିଲେ । ୧୯୮୭ ମସିହାରେ ମୁକ୍ତିଲାଭ କରିଥିଲା 'ମିଷ୍ଟର ଇଣ୍ଡିଆ' ଫିଲ୍ମ । ଏହି ସିନେମାରେ ଅମରିଶ୍ ପୁରୀଙ୍କ ସମେତ ଅନିଲ୍ କପୁର୍, ଶ୍ରୀଦେବୀ ଓ ସତୀଶ୍ କୌଶିକ୍‌ଙ୍କ ଲୋକପ୍ରିୟ କଳାକାରମାନେ ଚମତ୍କାର ଅଭିନୟ କରିଥିଲେ । ନିକଟରେ କଷ୍ଟ୍ୟୁମ୍ ଡିଜାଇନ୍‌ର ମାଧବ ଅଗସ୍ତୀ ଫିଲ୍ମର ଲୋକପ୍ରିୟ ଚରିତ୍ର 'ମୋଗାମ୍ବୋ'ର କଷ୍ଟ୍ୟୁମ୍ ପଛର ରୋଚକୀୟ କଥା ପ୍ରକାଶ କରିଛନ୍ତି । ଏହାକୁ ସେ ତାଙ୍କ ପୁସ୍ତକ 'ଷ୍ଟିଚିଂ ଷ୍ଟାରଡମ୍ : ଫର୍ ଆଇକନ୍ସ, ଅନ୍ ଆଣ୍ଡ ଅଫ୍‌ସ୍କ୍ରିନ୍'ରେ ବର୍ଣ୍ଣନା କରିଛନ୍ତି । ଏହି ପୁସ୍ତକରେ ସେ ଉଲ୍ଲେଖ କରିଛନ୍ତି – ଫିଲ୍ମ ନିର୍ଦ୍ଦେଶକ ଶେଖର୍ କପୁର୍ ଓ ନିର୍ମାତା ବୋନି କପୁର୍ ତାଙ୍କ ଦୋକାନକୁ ଆସିଥିଲେ । ଆଉ ତାଙ୍କୁ କହିଥିଲେ "ଆମକୁ ଖଳନାୟକ ପୋଷାକ ଆବଶ୍ୟକ, ଯେଉଁଥିରେ ଉଭୟ ବିଦେଶୀ ଏକଛତ୍ରବାଦୀ ଶାସନ ଓ ଦେଶୀ ଜମିଦାରୀର ସ୍ପର୍ଶ ଥିବ ।" ଏଥିପାଇଁ ମଧାବ ବିଦେଶୀ ଖବରକାଗଜ, ପତ୍ରିକା ଏବଂ ଫିଲ୍ମ ଇତିହାସର ପୁସ୍ତକ ଉପରେ ଗବେଷଣା କରିଥିଲେ । ଅନେକ ପେପର୍ କଟିଂ କରିବା ପରେ ଶେଷରେ ସେ ମୋଗାମ୍ବୋ ପାଇଁ କଷ୍ଟ୍ୟୁମ୍ ଡିଜାଇନ କରିଥିଲେ । ଏହି ପୋଷାକ ପ୍ରସ୍ତୁତ କରିବା ପାଇଁ ତାଙ୍କୁ ସାତ ଦିନ ସମୟ ଲାଗିଥିଲା । ଏହାକୁ ଦେଖି ଫିଲ୍ମ ପ୍ରଯୋଜକ ବୋନି କପୁର୍ ବେଶ୍ ଖୁସି ହୋଇଥିଲେ । ପୋଷାକ ପ୍ରସ୍ତୁତ କରିବାକୁ ମାଧବ ପାରିଶ୍ରମିକ ବାବଦକୁ ୨୫ ହଜାର ଟଙ୍କା ନେଇଥିଲେ । କିନ୍ତୁ ବୋନି କପୁର୍ ତାଙ୍କ ସୃଜନଶୀଳତା ଦେଖି ଖୁସି ହୋଇ ମାଧବଙ୍କୁ ଆହୁରି ୧୦ ହଜାର ଟଙ୍କା ଅଧିକ ଦେଇଥିଲେ । ଶେଷରେ ଏହି ପୋଷାକକୁ ଦେଖି ଅମରିଶ୍ କହିଥିଲେ 'ମୋଗାମ୍ବୋ ଖୁସ୍ ହୁଆ...' । ■



# ଅନୀସଙ୍କ ଫିଲ୍ମରେ ଅକ୍ଷୟ

ବଲିଉଡ୍‌ର ଲୋକପ୍ରିୟ ଅଭିନେତା ଅକ୍ଷୟ କୁମାରଙ୍କୁ ଅନୀସ ବଜ୍‌ମିଙ୍କର ଆଗାମୀ ସିନେମାରେ ଦେଖିବାକୁ ମିଳିବ । ପୂର୍ବରୁ ଦୁହେଁ 'ଥ୍ୟାଙ୍କ ୟୁ', 'ୱେଲକମ୍' ଭଳି ସିନେମାରେ କାମ କରିସାରିଛନ୍ତି । ତେଣୁ ଏବେ ଏହି ଯୋଡ଼ିଙ୍କୁ ପୁଣି ଥରେ ଏକ ନୂଆ ଫିଲ୍ମରେ ଦେଖିବାକୁ ମିଳିବ । ତେବେ ଫିଲ୍ମଟିର ବିଶେଷତ୍ୱ ହେଉଛି ଏହା ଡବଲ୍ ରୋଲ୍ ଉପରେ ଆଧାରିତ । ଅକ୍ଷୟ ଏହି ସିନେମାରେ ମୁଖ୍ୟ ଚରିତ୍ରରେ ନଜର ଆସିବେ । ତେବେ ଏହା ଡବଲ ରୋଲ୍ ଉପରେ ଆଧାରିତ କୌଣସି କମେଡ଼ି ସିନେମା ନୁହେଁ, ବରଂ ଏହା ଏକ ନୂଆ ପାରିବାରିକ ଡ୍ରାମା ଉପରେ ପର୍ଯ୍ୟବସିତ । ଅନ୍ୟପଟେ ପୂର୍ବରୁ କୁହାଯାଉଥିଲା ଅନୀସ ରାମ ଏବଂ ଶ୍ୟାମ ନାମକ ଫିଲ୍ମ ନିର୍ମାଣ କରୁଛନ୍ତି । ଏହା ଏକ ଡବଲ୍ ରୋଲ୍ ଫିଲ୍ମ ହେବ । ଯେଉଁଥିପାଇଁ ପ୍ରଥମେ କାର୍ତ୍ତିକ ଆର୍ଯ୍ୟନ, ରଣବୀର କପୁର, ରଣବୀର ସିଂହ ସାମିଲ ହେବା ନେଇ ଚର୍ଚ୍ଚା ହେଉଥିଲା । ହେଲେ ଏବେ ସିନେମା ଲାଗି ଅକ୍ଷୟ ମନୋନୀତ ହୋଇଛନ୍ତି । ଏବେ ଏହା ପ୍ରି-ପ୍ରଡକସନ ପର୍ଯ୍ୟାୟରେ ଅଛି ଏବଂ ଏହାର ସୁଟିଂ ୨୦୨୬ରେ ଆରମ୍ଭ ହେବ । ଅନ୍ୟପଟେ ଫିଲ୍ମ ନିର୍ମାତା ଫିଲ୍ମ ସହ ଜଡ଼ିତ ଅନ୍ୟ ତଥ୍ୟ ଗୋପନ ରଖିଛନ୍ତି । ■

# 'ଜେମ୍‌ସ ଅଫ୍ ଓଡ଼ିଶା ୨୦୨୫'ର ବିଜୟିନୀ ଶ୍ରଦ୍ଧା

ଛତ୍ରପୁର ନିକଟ ତାମ୍ପରାଠାରେ 'ଜେମ୍‌ସ ଅଫ୍ ଓଡ଼ିଶା ଇଣ୍ଡିଆ ୨୦୨୫'ର ଦୁଇ ଦିବସୀୟ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି । ଏହି ଉଦ୍‌ଯାପନୀ ଉତ୍ସବରେ ଡକ୍ଟର ସୁନୀତା ୱାଧବନ, ଶ୍ରୀମତୀ ସୁଧା ଚନ୍ଦ୍ରାଣୀ ଖାତ୍ରୀ, ଡକ୍ଟର ଭୁବନେଶ୍ୱରୀ ଦେୱାଙ୍ଗନ, ପ୍ରତିଷ୍ଠାତ୍ରୀ ଶ୍ରୀମତୀ ଅନିତା ମଣ୍ଡଳ, ଆୟୋଜକ ଉମାଶଙ୍କର ଦାସ ପ୍ରମୁଖ ଉପସ୍ଥିତ ଥିଲେ । ସେଲିବ୍ରିଟି ବିଚାରକ ଭାବେ ଅଭିନେତା ହରିହର ଦାସ, ଅଭିନେତ୍ରୀ ସୂର୍ଯ୍ୟମୟୀ ମହାପାତ୍ର ଏବଂ ବ୍ରାଣ୍ଡ ଅମ୍ବାସଡ଼ର ଭାବେ ଅର୍ଚ୍ଚିତା ସାହୁ, ଉପସ୍ଥାପନାରେ ଶୁଭୋଜିତ ପଣ୍ଡା, ଉପଦେଷ୍ଟା ଭାବେ ଟିଭି ଏବଂ ମିଡ଼ିଆ ପ୍ଲାନର କ୍ରିଏଟିଭ୍ ହେଡ୍ ପ୍ରଣୟ ଜେଠୀ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ୨ଟି ଭାଗରେ ବିଭକ୍ତ କରାଯାଇଛି । ରାଣୀ ଏବଂ ଦିବ୍ୟାଙ୍ଗ ମାନଙ୍କ ପାଇଁ ଶ୍ରୀଶକ୍ତି । ରାଣୀ ବର୍ଗରେ ସମ୍ବଲପୁରର ଝିଅ ଶ୍ରଦ୍ଧା ପ୍ରଧାନ ବିଜୟୀ ହୋଇଥିବା ବେଳେ ଭୁବନେଶ୍ୱରର ଡାକ୍ତର ମୋନାଲିସା ମିଶ୍ର ପ୍ରଥମ ରନର୍ ଅପ୍ ଏବଂ ସବିତାରାଣୀ ମଲ୍ଲିକ ଦ୍ୱିତୀୟ ରନର ଅପ୍ ହୋଇଛନ୍ତି । ସେହିପରି ଶ୍ରୀଶକ୍ତି ବର୍ଗରେ ଛତିଶଗଡ଼ର ମହିମା ସହାରେ ଏବଂ ତେଷା ୱିନର ହୋଇଥିବା ବେଳେ ମାଳତୀ ଜଇଶ୍ୱାଲ ଏବଂ ଭୈରବୀ ପ୍ରଥମ ରନର ଅପ୍ ଏବଂ ବ୍ରହ୍ମପୁରର ଜଣେ ଭିନ୍ନକ୍ଷମ ଝିଅ ରଞ୍ଜନା ନାହାକ ଦ୍ୱିତୀୟ ରନର୍ ଅପ୍ ହୋଇଛନ୍ତି । ପ୍ରତ୍ୟେକ ନାରୀର ଇଚ୍ଛା ଥାଏ ହେଲେ କୌଣସି କାରଣରୁ ସେ ତାର ସ୍ୱାଧୀନ ଚିନ୍ତାଧାରାକୁ ଆଗକୁ ଆଣିବାରେ ସକ୍ଷମ ହୋଇନଥାଏ । ତାହାକୁ ଲୋକ ଲୋଚନକୁ ଆଣିବା ପାଇଁ ଏବଂ ସେମାନଙ୍କ ଲୁକ୍କାୟିତ ପ୍ରତିଭାକୁ ଆଗକୁ ବଢ଼ାଇବା ପାଇଁ ଭୁବନେଶ୍ୱରର ଜେମ୍ସ ଅଫ୍ ଓଡ଼ିଶା ଆରମ୍ଭ କରିଥିଲା ଏହି ପ୍ରୟାସ । ରାଜ୍ୟ ଭିତର ଏବଂ ରାଜ୍ୟ ବାହାରୁ ଛତିଶଗଡ଼, ଗୋଆ, ମୁମ୍ବାଇ ଏବଂ ବେଙ୍ଗାଲୁରୁର ବିଭିନ୍ନ ବର୍ଗର ମହିଳା, ଯୁବତୀ, ଏପରିକି ଦିବ୍ୟାଙ୍ଗମାନଙ୍କୁ ଗତ ୨ମାସ ଧରି ପ୍ରଶିକ୍ଷକଙ୍କ ଦ୍ୱାରା ଯୋଗ, ବିୟୁଟି ସହ ଅନ୍ୟାନ୍ୟ ଇଭେଣ୍ଟରେ ତାଲିମ ଦିଆଯାଇଥିଲା । ତେବେ ଜୁରୀମାନଙ୍କ ଦ୍ୱାରା ମନୋନୀତ କୃତୀ ପ୍ରତିଯୋଗୀମାନେ ଫାଇନାଲ୍ ରାଉଣ୍ଡରେ ଭାଗ ନେଇଥିଲେ । ■







# 'ମହାକାଳୀ'ରେ ଭୂମି

ଫିଲ୍ମ ନିର୍ଦ୍ଦେଶକ ପ୍ରଶାନ୍ତ ବର୍ମା ତାଙ୍କ ଆଗାମୀ ସିନେମା 'ମହାକାଳୀ'କୁ ନେଇ ଦୀର୍ଘ ଦିନ ହେବ ଚର୍ଚ୍ଚାରେ ଅଛନ୍ତି । ଏହି ସିନେମାରେ ଅକ୍ଷୟ ଖାନ୍ନା ଦୈତ୍ୟ ଗୁରୁ ଶୁକ୍ରାଚାର୍ଯ୍ୟ ଚରିତ୍ରରେ ନଜର ଆସିବେ । ତେବେ ଏବେ ସିନେମାର ମୁଖ୍ୟ ଚରିତ୍ର ଉପରୁ ପରଦା ହଟିଛି । ପ୍ରଶାନ୍ତ ପ୍ରଥମ ମହିଳା ସୁପରହିରୋ ଭାବେ ଭୂମି ସେଟ୍ଟିଙ୍କୁ ପରିଚିତ କରାଇଛନ୍ତି । ଭୂମି ୨୦୨୧ ମସିହାରେ କନ୍ନଡ଼ ସିନେମା 'ଇକ୍କତ'ରୁ ନିଜ ସିନେମା କ୍ୟାରିୟର ଆରମ୍ଭ କରିଥିଲେ । ସିନେମାର ପ୍ରଥମ ପୋଷ୍ଟର୍ ମଧ୍ୟ ରିଲିଜ୍ କରାଯାଇଛି । ଏଥିରେ ଭୂମିଙ୍କ ଦମ୍‌ଦାର ତଥା ମହାବତାର ଲୁକ୍ ସାମ୍ନାକୁ ଆସିଛି । ଯାହାକୁ ଲୋକେ ପସନ୍ଦ ମଧ୍ୟ କରିଛନ୍ତି । ତେବେ ସିନେମାର ୫୦ ପ୍ରତିଶତରୁ ଅଧିକ ଭାଗ ସୁଟିଂ ପୂରା ହୋଇଗଲାଣି । ଏବେ ହାଇଦ୍ରାବାଦରେ ବିଶେଷ ଭାବେ ନିର୍ମିତ ଏକ ଭବ୍ୟ ସେଟ୍‌ରେ ଏହାର ସୁଟିଂ ଜାରି ରହିଛି । ତେବେ ସିନେମାର ନାଁରୁ ଏକଥା ଏକପ୍ରକାର ସ୍ପଷ୍ଟ ହେଉଛି ଯେ, ଏହା ଦେବୀ କାଳୀଙ୍କ କାହାଣୀ ସହିତ ଜଡ଼ିତ । ଏହାର କାହାଣୀ ବି ପ୍ରଶାନ୍ତ ବର୍ମା ଲେଖିଛନ୍ତି । ■

ସାକ୍ଷାତକାର



# "ଭିନ୍ନ ଭିନ୍ନ ଚରିତ୍ରରେ କାମ କରିବାକୁ ଭଲ ଲାଗେ"

ତୃପ୍ତି ମିରାମ୍ବିକା, ଅଭିନେତା

ନୃତ୍ୟର ଅଙ୍ଗଭଙ୍ଗୀ ମାଧ୍ୟମରେ ସେ ନିଜ ମନର ଭାବନାକୁ ପ୍ରକାଶ କରୁଥିଲେ । ନିଜର ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ ରଖିବାକୁ ନୃତ୍ୟ ପରିବେଷଣ କରୁଥିଲେ । ପିଲାଟି ଦିନରୁ ଅଭିନେତ୍ରୀ ହେବାକୁ ସ୍ୱପ୍ନ ଦେଖୁଥିଲେ କଟକର ତୃପ୍ତି ମିରାମ୍ବିକା । ନୃତ୍ୟକଳା କ୍ଷେତ୍ରରେ ପାରଦର୍ଶିତା ପ୍ରଦର୍ଶନ କରିବା ସହିତ ବଡ଼ ପରଦା ମଧ୍ୟ ଅଭିନେତ୍ରୀ ଭାବେ ଖ୍ୟାତି ଅର୍ଜନ କରିଛନ୍ତି । ପ୍ରାୟ ୫ରୁ ୬ଟି ସିନେମାରେ ମୁଖ୍ୟ ନାୟିକାଭାବେ ଅଭିନୟ କରିଛନ୍ତି ତୃପ୍ତି । ଖୁବ୍ ଶୀଘ୍ର ତାଙ୍କ ଅଭିନୀତ 'ଦର୍ପଣ' ଏବଂ 'ମଙ୍ଗଳପୁର ଡାଏରୀ' ସିନେମା ରିଲିଜ୍ ହେବ । ତେବେ ଏହି ଅଭିନେତ୍ରୀଙ୍କ ଅଭିନୟ ଯାତ୍ରା କେମିତି ରହିଥିଲା ଜାଣିବା ତାଙ୍କ ମୁହଁରୁ ।

**ଆପଣ ଜଣେ ଓଡ଼ିଶୀ ନୃତ୍ୟଶିଳ୍ପୀ । ନାୟିକା ହେବାର ରାଜ୍?**

● ପିଲାଟି ଦିନରୁ ଓଡ଼ିଶୀ ନୃତ୍ୟ କରୁଥିଲି । ମଞ୍ଚରେ ମୁଁ ନୃତ୍ୟ ପରିବେଷଣ କରିଛି । ବହୁତ ସମ୍ମାନ ମିଳିଛି ମୋତେ । ସ୍କୁଲରେ ଛୋଟ ଛୋଟ ଅଭିନୟ କରୁଥିଲି । ତେଣୁ ଅଭିନେତ୍ରୀ ହେବାର ଇଚ୍ଛା ଥିଲା । 'ମହାଦେବୀ' ଧାରାବାହିକରେ ମୁଖ୍ୟ ନାୟିକା ଭାବେ ଅଭିନୟ କରିଛି । ସିନେମାରେ କାମ କରିବାକୁ ଅଡିସନ୍ ଦେଇ ପ୍ରଥମ ଚଳଚ୍ଚିତ୍ର 'ପ୍ରୀତି ବନ୍ଧନ' କରିଥିଲି । ମୋ ବିପକ୍ଷରେ ଥିଲେ ସମ୍ବିତ । ଏହା ପରେ ଏକାଧିକ ସିନେମାରେ ମୁଁ ଭିନ୍ନ ଭିନ୍ନ ଚରିତ୍ରରେ କାମ କରିଛି । ଆଉ ଦର୍ଶକଙ୍କ ଭଲ ପାଇବା ପାଇଛି ।

**ପ୍ରଥମେ କ୍ୟାମେରାକୁ କେମିତି ସାମ୍ନା କଲେ?**

● ନୃତ୍ୟ ମାଧ୍ୟମରେ ଭିନ୍ନ ଭିନ୍ନ ଅଭିନୟ କରିବାକୁ ପଡ଼େ । ହେଲେ କ୍ୟାମେରାକୁ ସାମ୍ନା କରିବା ସମୟରେ ମୁଁ ପୂରା ନୂଆ ଥିଲି । ଭୟ ବି ଲାଗୁଥିଲା । ହେଲେ ସମସ୍ତ ଗୁରୁଜନଙ୍କ କଥାକୁ ଶୁଣି କ୍ୟାମେରାକୁ ସାମ୍ନା କରିଥିଲି । ସମୟକ୍ରମେ ମୋର ଅଭ୍ୟାସ ହୋଇଗଲା ।

**ଆଗାମୀ ଯୋଜନା ବିଷୟରେ କିଛି କୁହନ୍ତୁ?**

● ଓଲିଉଡ୍ ଫିଲ୍ମ ଇଣ୍ଡଷ୍ଟ୍ରିରେ ଭିନ୍ନ ଭିନ୍ନ ଚରିତ୍ରରେ କାମ କରିବା ମୋ ପାଇଁ ସୌଭାଗ୍ୟର ବିଷୟ । ପୂର୍ବରୁ ଅମ୍ଳାନ ସାର୍‌ଙ୍କ ସହିତ 'ସମୟ କହିବ କିଏ କାହାର' କରିଥିଲି । ଏହି ସିନେମାକୁ ଦର୍ଶକ ବହୁତ ଭଲପାଇବା ଦେଇଥିଲେ । ଏହାବାଦ୍ ୫ରୁ ୬ଟି ସିନେମାରେ କାମ କରିଛି । ଆଗକୁ ମୋର ସିନେମା 'ଦର୍ପଣ' ରିଲିଜ୍ ହେବ । ଏଥିରେ ସ୍ପିରିଚୁଆଲ ଗୀତ ରହିଛି । ଘଞ୍ଚ ଜଙ୍ଗଲ, ବିଳମ୍ବିତ ରାତିରେ ସୁଟିଂ ହୋଇଛି ସିନେମାଟି । ମୋତେ ଡାହାଣୀ ଲାଗୁଛି, ଯେତେବେଳେ ହୋସ୍ ଆସୁଛି ମୁଁ ଠାକୁରଙ୍କୁ ଡାକୁଛି । ସିନେମା ପାଇଁ ପୂରା ଟିମ୍ ପରିଶ୍ରମ କରିଛୁ । ଓଲିଉଡ୍ ଇଣ୍ଡଷ୍ଟ୍ରିରେ ଭୂତପ୍ରେତକୁ ନେଇ ତିଆରି ହେଉଥିବା 'ଦର୍ପଣ'କୁ ଦର୍ଶକ ନିଶ୍ଚୟ ଭଲ ପାଇବା ଦେବେ । ଠିକ୍ ସେହିପରି 'ମଙ୍ଗଳପୁର ଡାଏରୀ'ରେ ମୁଁ ଓଡ଼ିଶୀ ନୃତ୍ୟଶିଳ୍ପୀ ଚରିତ୍ର ନିଭାଉଛି । ଏବେ ଏହି ଫିଲ୍ମର ସୁଟିଂ ଚାଲିଛି । ଏହା ଏକ ସସପେନ୍ସ ଥ୍ରିଲର । ଏଥିରେ ଅମ୍ଳାନ ଅଛନ୍ତି । ତେବେ ଦୁଇଟି ସିନେମାର ମୁଁ ମୁଖ୍ୟ ନାୟିକା ।

**ପଢ଼ା ସହ ଅଭିନୟ କରିବାରେ କେବେ ସମସ୍ୟା ହୋଇନି?**

● ବର୍ତ୍ତମାନ ଏମ୍‌ବିଏ ପଢୁଛି । ନିଜ କାମ ଭିତରୁ ସମୟ କାଢ଼ି ପାଠ ପଢ଼େ । ସୁଟିଂ ନଥିଲେ କ୍ଲାସ୍ କରେ । ଅନ୍‌ଲାଇନ୍‌ରେ ବି ପଢ଼େ । ପଢ଼ାରେ କେବେ ଅବହେଳା କରିନି କି କରିବିନି । ସେମିତି ଯେଉଁ ଚରିତ୍ର ମିଳୁଛି ତାହାକୁ ଶତ ପ୍ରତିଶତ ଦେବାକୁ ଚେଷ୍ଟା କରେ । ଚରିତ୍ରକୁ ନିଖୁଣ ଭାବେ ଫୁଟାଇବାକୁ ମୁଁ ଦର୍ପଣ ସାମ୍ନାରେ ଅଭ୍ୟାସ କରେ । ଭିନ୍ନ ଭିନ୍ନ ଭାଷାଭାଷୀର ସିନେମା ଦେଖି ସମସ୍ତ ଚରିତ୍ରକୁ ଅନୁକରଣ କରେ । ଏଲାଇନ୍‌ରେ ଥିବା ଯାଏଁ ମୁଁ ଅଭ୍ୟାସ କରୁଥିବି ।

**ଅଭିନୟକୁ ବାଦ୍ ଦେଲେ କ'ଣ କରନ୍ତି?**

● ଅଭିନୟ ନୃତ୍ୟକୁ ବାଦ୍ ଦେଲେ, ପେଣ୍ଟିଂ କରେ । ମୁରୁଜ ପକାଏ । ନୂଆ ନୂଆ ସ୍ଥାନକୁ ବୁଲିବାକୁ ଭଲ ଲାଗେ ।

**ଆପଣଙ୍କ ଡ୍ରିମ୍ ରୋଲ?**

● ପ୍ରତ୍ୟେକ କଳାକାର ନିଜ ଜୀବନରେ ସବୁ ଚରିତ୍ରରେ ଅଭିନୟ କରିବାକୁ ଇଚ୍ଛା ରଖନ୍ତି । ମୁଁ ମଧ୍ୟ ଭିନ୍ନ ଭିନ୍ନ ଚରିତ୍ରରେ କାମ କରିବାକୁ ସ୍ୱପ୍ନ ଦେଖିଛି । ହେଲେ ଆକ୍ସନ୍ ସିନେମା କାମ କରିବାକୁ ମୋର ବହୁତ ଇଚ୍ଛା ଅଛି । ଯାହା ବି ରୋଲ୍ ମିଳିବ ତାହାକୁ ସୁରୁଖୁରୁରେ କରିବି ।

**ଅଭିନୟ ଜଗତରେ ଟିକି ରହିବାକୁ ହେଲେ କ'ଣ କରିବା ଦରକାର?**

● ନିଜ ଉପରେ ବିଶ୍ୱାସ ରଖନ୍ତୁ । ନିଜ ଦକ୍ଷତାକୁ ଚିହ୍ନନ୍ତୁ । ନିଜ କାମକୁ ଭଲ ପାଆନ୍ତୁ । ଗୁରୁଜନଙ୍କ କଥା ମାନି ଚାଲିବା ଭଲ । ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ କଠିନରୁ କଠିନ ପରିଶ୍ରମ କରନ୍ତୁ । ■

କ୍ରୀଡ଼ା
ସକାଳ
THE SAKALA
www.sakalaepaper.com

# ମହିଳା ବିଶ୍ୱକପ୍ କ୍ରିକେଟ: ଭାରତ-ଦକ୍ଷିଣ ଆଫ୍ରିକା ଗ୍ରାଣ୍ଡ ଫାଇନାଲ ଆଜି

ନଭି ମୁମ୍ବଇ,୧।୧୧(ଏଜେନ୍ସି):

୨୦୨୪ ମହିଳା ଟି-୨୦ ବିଶ୍ୱକପ୍ କ୍ରିକେଟ ଫାଇନାଲରେ ଇଂଲଣ୍ଡ କିମ୍ବା ଅଷ୍ଟ୍ରେଲିଆ ଖେଳି ନ ଥିଲେ। ଏବେ ୨୦୨୫ ମହିଳା ଦିନିକିଆ ବିଶ୍ୱକପ୍ କ୍ରିକେଟରେ ସମାନ କଥା। ଆସନ୍ତାକାଲି ବା ରବିବାର ଏଠାରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ମହିଳା ଦିନିକିଆ ବିଶ୍ୱକପ୍ କ୍ରିକେଟର ଫାଇନାଲ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟର ୧୩ତମ ସଂସ୍କରଣରେ ପ୍ରଥମଥର ଇଂଲଣ୍ଡ କିମ୍ବା ଅଷ୍ଟ୍ରେଲିଆ ଫାଇନାଲ ଖେଳିବାକ ଯୋଗ୍ୟତା ଅର୍ଜନ କରିନାହାନ୍ତି। ସେମିଫାଇନାଲରେ ଦକ୍ଷିଣ ଆଫ୍ରିକା ୧୨୫ ରନ୍‌ରେ ଇଂଲଣ୍ଡକୁ ଓ ଭାରତ ୫ ୱିକେଟରେ ୭ଥର ଏବଂ ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆକୁ ପରାସ୍ତ କରି ବିଶ୍ୱ ମହିଳା କ୍ରିକେଟର ସର୍ବଶ୍ରେଷ୍ଠ ଟ୍ରଫି ଜିତିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଦକ୍ଷିଣ ଆଫ୍ରିକାର ଏହା ପ୍ରଥମ ଓ ଭାରତର ତୃତୀୟ ଫାଇନାଲ। ୨୦୦୫ ଓ ୨୦୧୭ରେ ଭାରତ ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। ଏହାର ଅର୍ଥ ଆସନ୍ତାକାଲି ଫାଇନାଲରେ ଯେଉଁ ଦଳ ବିଜୟୀ ହେବ ସେହି ଦଳ ପ୍ରଥମଥର ମହିଳା ଦିନିକିଆ ବିଶ୍ୱକପ୍ ଚାମ୍ପିଅନ ହେବ। ଏଣୁ ଉଭୟ ଦଳ ମଧ୍ୟରେ ଏହି ଫାଇନାଲ ମୁକାବିଲାଟି ବେଶ ରୋମାଞ୍ଚକର ହେବ ବୋଲି ନିଃସନ୍ଦେହରେ କୁହାଯାଇପାରେ।





**ସମ୍ଭାବ୍ୟ ଖେଳାଳି ଦଳ**

**ଭାରତ:** ସ୍ମୃତି ମନ୍ଧାନା, ଶେଫାଳି ବର୍ମା, ଜେମିମା ରୋଡ୍ରିଗ୍ସେଜ୍, ହରମନପ୍ରୀତ କୌର (ଅଧିନାୟିକା), ଦୀପ୍ତି ଶର୍ମା, ରିଚା ଘୋଷ (ୱିକେଟରକ୍ଷକ), ଅମନଜ୍ୟୋତ୍ କୌର, ରାଧା ଯାଦବ/ ସ୍ନେହ ରାଣା, ଶ୍ରୀ ଚରଣି, କ୍ରାନ୍ତି ଗୌଡ଼ ଓ ରେଣୁକା ଠାକୁର।

**ଦକ୍ଷିଣ ଆଫ୍ରିକା:** ଲୌରା ୱଲଭାର୍ଟ (ଅଧିନାୟିକା/ୱିକେଟରକ୍ଷକ), ତାଜମିନ ବ୍ରିଟ୍ସ, ଆନେକେ ବୋଶ୍/ ମାସାବାତା କ୍ଲାସ୍, ସୁନ ଲ୍ୟୁସ୍, ମାରିଜାନ କାମ୍, ସିନାଲୋ ଜାଫ୍ତା (ୱିକେଟରକ୍ଷକ), ଆନେରି ଡେରେକସନ, ଚୋଲେ ଟ୍ରାୟନ, ନାଦିନ ଡି କ୍ଲେର୍କ, ଆୟାବୋଙ୍ଗା ଖାଖା, ନୋନକୁଲେକୋ ମାଲ୍‌ବା।

## କେମିତି ଖେଳିଛନ୍ତି ପ୍ରତିଦ୍ୱନ୍ଦ୍ୱୀ

ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ଚତୁର୍ଥ ତଥା ଶେଷ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଥିଲା। ଦଳ ରାଉଣ୍ଡ ରବିନ ଲିଗ୍ ପର୍ଯ୍ୟାୟରେ ସେମିଫାଇନାଲରେ ପ୍ରବେଶ କରିଥିବା ଅନ୍ୟ ୩ଦଳଠାରୁ କ୍ରମାଗତ ମୁକାବିଲାରେ ପରାଜିତ ହୋଇଥିଲା। କିନ୍ତୁ ପରବର୍ତ୍ତୀ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡକୁ ବିରାଟ ବ୍ୟବଧାନରେ ହରାଇବା ପରେ ଭାରତକୁ ସେମିଫାଇନାଲ ଟିକଟ ମିଳିଥିଲା। ସେମିଫାଇନାଲରେ ଭାରତ ମହିଳା ଦିନିକିଆ କ୍ରିକେଟରେ ରେକର୍ଡ ୩୩୯ ରନ୍‌କୁ ଚେଜ୍ କରି ବିଶ୍ୱରେକର୍ଡ କରିବା ସହ ଫାଇନାଲରେ ପ୍ରବେଶ କରିଥିଲା। ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକା କ୍ରମାଗତ ୫ଟି ମ୍ୟାଚ୍‌ରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଏହି ଦଳ କିନ୍ତୁ ଇଂଲଣ୍ଡ ବିପକ୍ଷରେ ମାତ୍ର ୬୯ ଓ ଅଷ୍ଟ୍ରେଲିଆ ବିପକ୍ଷରେ ୯୭ ରନ୍‌ରେ ଆଉଟ ହୋଇଥିଲା। ଭାରତ ଓ ବାଂଲାଦେଶ ସ୍ପିନରଙ୍କ ବିପକ୍ଷରେ ଦଳ ବିପର୍ଯ୍ୟୟର ଶିକାର ହୋଇଥିଲେ ମଧ୍ୟ ଦୁଇ ଅଲରାଉଣ୍ଡର ନାଦିନ ଡି କ୍ଲେର୍କ ଓ ଚୋଲେ ଟ୍ରାୟନ ଦଳର ପରାଜୟକୁ ବିଜୟରେ ପରିବର୍ତ୍ତନ କରିଦେଇଥିଲେ। ସେମିଫାଇନାଲରେ ଦଳ ପରଫେକ୍ଟ ଅଲରାଉଣ୍ଡ ଖେଳ ପ୍ରଦର୍ଶନ କରି ଇଂଲଣ୍ଡକୁ ଶୋଚନୀୟ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ଏଣୁ ଉଭୟ ଦଳ କିଛି ଦର୍ଶନୀୟ ଓ ପ୍ରତିଦ୍ୱନ୍ଦ୍ୱିତାମୂଳକ ଖେଳ ପ୍ରଦର୍ଶନ କରି ଟାଇଟଲ ଲଢ଼େଇରେ ଅବତୀର୍ଣ୍ଣ ହୋଇଛି।

## ୱଲଭାର୍ଟ ଓ କାପ୍‌ଙ୍କୁ ଭାରତର ଭୟ

ଏହି ଟୁର୍ଣ୍ଣାମେଣ୍ଟରେ ବ୍ୟକ୍ତିଗତଭାବେ ଯେଉଁ ଦୁଇ ଖେଳାଳି ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି ସେମାନେ ହେଉଛନ୍ତି ଦକ୍ଷିଣ ଆଫ୍ରିକାର। ଦଳର ଅଧିନାୟକ ତଥା ଓପନର ଲୌରା ୱଲଭାର୍ଟ ଓ ମାରିଜାନ କାପ୍। ଏହି ବିଶ୍ୱକପ୍‌ରେ ଜଣେ ମାତ୍ର ଫାଷ୍ଟ ବୋଲର ଘଣ୍ଟାପ୍ରତି ୧୩୦ କିଲୋମିଟରରୁ ଅଧିକ ବେଗରେ ବୋଲିଂ କରିଛନ୍ତି। ସେ ହେଉଛନ୍ତି ଦକ୍ଷିଣ ଆଫ୍ରିକାର ଫାଷ୍ଟ ବୋଲର ମାରିଜାନ କାପ୍। ସେ ଭାରତର ଟପ୍ ଅର୍ଡର ବ୍ୟାଟରଙ୍କୁ ବାନ୍ଧି ରଖିବାରେ କାପ୍‌ଙ୍କର ବେଶ ଦକ୍ଷତା ରହିଛି। ଅନ୍ୟ ପକ୍ଷରେ ୱଲଭାର୍ଟ ଇଂଲଣ୍ଡ ବିପକ୍ଷ ସେମିଫାଇନାଲରେ ୧୬୯ ରନ୍‌ର ଇନିଂସ ଖେଳିବା ସହ ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ୪୭୦ ରନ୍ କରିଛନ୍ତି। ଏମାନଙ୍କ ବ୍ୟତୀତ ଦଳରେ ଅନ୍ୟ ଖେଳାଳିମାନେ ମଧ୍ୟ ଏକାକୀ ମ୍ୟାଚ୍ ଜିତାଇବାର ଦକ୍ଷତା ରଖିଛନ୍ତି। ଅନ୍ୟତମ ଓପନର ତାଜମିନ ବ୍ରିଟ୍ସ, ଦୁଇ ଅଲରାଉଣ୍ଡର ନାଦିନ ଓ ଚୋଲେ ଭାରତକୁ ହରାଇଛନ୍ତି। ଭାରତୀୟ ଦଳରେ ଏକାଧିକ ତାରକା ଥିଲେ ମଧ୍ୟ ଓପନର ପ୍ରତୀକା ରାୱଲ ଆଘାତ ଜନିତ କାରଣରୁ ଦଳରୁ ବାଦ୍ ପଡ଼ିଛନ୍ତି ଓ ତାଙ୍କ ସ୍ଥାନରେ ଶେଫାଳି ବର୍ମାଙ୍କୁ ସୁବର୍ଣ୍ଣ ସୁଯୋଗ ମିଳିଛି। ବିସ୍ଫୋରକ ବ୍ୟାଟିଂ ଲାଗି ଜଣାଶୁଣା ଶେଫାଳି ଯଦି ଏହାର ଫାଇଦା ଉଠାନ୍ତି ତେବେ ତାଙ୍କ କ୍ୟାରିୟର ସଜାଡି ନେବେ। ଭଲ ଫର୍ମରେ ଥିବା ଉପଅଧିନାୟିକା ସ୍ମୃତି ମନ୍ଧାନା ଓ ଅଧିନାୟିକା ହରମନପ୍ରୀତ୍ କୌରଙ୍କଠାରୁ ବଡ଼ ଇନିଂସ ଆଶା କରାଯାଉଛି। ସେମିରେ ନଂ. ୩ରେ ବ୍ୟାଟିଂ କରି ଜେମିମା ଶତକ ସହ ଭାରତର ରେକର୍ଡ ରନ୍ ଚେଜ୍ କରି ଜିତାଇଛନ୍ତି।

## ଫିଲ୍ଡିଂକୁ ନେଇ ଭାରତର ଚିନ୍ତା

ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ୩୫ଟି କ୍ୟାଚ୍ ନେଇଛି। କିନ୍ତୁ ସର୍ବାଧିକ ୧୮ଟି କ୍ୟାଚ୍ ଡ୍ରପ୍ କରିଛି। ଦଳର ସଫଳତା ହେଉଛି ୬୬ ଶତକଡ଼ା ଓ ଖରାପ କରିଥିବା ଦଳମାନଙ୍କ ମଧ୍ୟରେ ଭାରତର ସ୍ଥାନ ଦ୍ୱିତୀୟ। ଏହା ବ୍ୟତୀତ ଏହି ଟୁର୍ଣ୍ଣାମେଣ୍ଟରେ ଯୁଗ୍ମ ସର୍ବାଧିକ ୩ଟି ଷ୍ଟମ୍ପିଂ ମିସ୍ କରିଥିଲାବେଳେ ସର୍ବାଧିକ ୬ଥର ଓଭରଥ୍ରୋ କରିଛି। ଦଳର ମିସ୍‌ଫିଲ୍ଡ ୭୪ଥର ହୋଇଛି। ଭାରତକୁ ଟାଇଟଲ ଜିତିବାକୁ ହେଲେ ବ୍ୟାଟିଂ ଓ ବୋଲିଂ ସହ ତୃତୀୟ ଗୁରୁତ୍ୱପୂର୍ଣ୍ଣ ବିଭାଗ ଫିଲ୍ଡିଂରେ ମଧ୍ୟ ଉନ୍ନତି କରିବାକୁ ପଡ଼ିବ।

## ସ୍ପିନର ନେବେ ଗୁରୁତ୍ୱପୂର୍ଣ୍ଣ ଭୂମିକା

ଦୁଇ ଦେଶ ମଧ୍ୟରେ ଖେଳାଯାଇଥିବା ଦିନିକିଆ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଭାରତ ୨୦ଟିରେ ଓ ଦକ୍ଷିଣ ଆଫ୍ରିକା ୧୩ଟିରେ ବିଜୟୀ ହୋଇଛି। କୌଣସି ଦଳ ଏକତରଫା ମ୍ୟାଚ୍ ଜିତିନାହାନ୍ତି। ଦିନିକିଆ ବିଶ୍ୱକପ୍‌ରେ ଉଭୟଙ୍କ ମଧ୍ୟରେ ୬ଥର ଭେଟାଭେଟି ହୋଇଛନ୍ତି। ଏହା ମଧ୍ୟରୁ ଭାରତ ୫ଥର ଓ ୨୦୨୨ରେ ଦକ୍ଷିଣ ଆଫ୍ରିକା ମାତ୍ର ଥରେ ବିଜୟୀ ହୋଇଛି। ଚଳିତ ବିଶ୍ୱକପ୍‌ରେ ମଧ୍ୟ ଭାରତ ପରାଜିତ ହୋଇଛି। ସେହିପରି ଗତ ୩ଟି ଭିନ୍ନ ଭିନ୍ନ ବିଶ୍ୱକପ୍‌ରେ ଦକ୍ଷିଣ ଆଫ୍ରିକାଠାରୁ ଭାରତ ପରା ଜିତ ହୋଇଛି। ଭାରତର ୮୦ ଭାଗ ବିଜୟ ସ୍ପିନରଙ୍କ ପ୍ରଦର୍ଶନ ଯୋଗୁ ସମ୍ଭବ ହୋଇଛି। ଫାଇନାଲ ଜିତିବାକୁ ହେଲେ ଭାରତର ସ୍ପିନରମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ। ଦକ୍ଷିଣ ଆଫ୍ରିକାର ଏହି ଗୋଟିଏ ଦୁର୍ବଳତାରୁ ରାଧା ଯାଦବ, ଶ୍ରୀ ଚରଣି ଓ ଦୀପ୍ତି ଶର୍ମା ଫାଇଦା ଉଠାଇଲେ ଭାରତକୁ ଟାଇଟଲ ମିଳିବା ରାସ୍ତା ପରିଷ୍କାର ହୋଇଯିବ। ଅବଶ୍ୟ ଭାରତୀୟ ଦଳ ସ୍ପିନରମାନଙ୍କୁ ଭଲ ଖେଳିଛନ୍ତି। କିନ୍ତୁ ଦକ୍ଷିଣ ଆଫ୍ରିକା ପେସରଙ୍କୁ ମୁକାବିଲା କରିପାରିଲେ ଦଳକୁ ଶ୍ରେଷ୍ଠ ସଫଳତା ମିଳିପାରିବ।

## ବର୍ଷା ହେଲେ ରିଜର୍ଭ ଡେ'

ଫାଇନାଲ ଲାଗି ଉଭୟ ଦଳ ଜୋରଦାର ପ୍ରସ୍ତୁତି କରିଥିଲେ ମଧ୍ୟ ନଭି ମୁମ୍ବଇରେ ଦିନ ସାରା ସ୍ୱଳ୍ପ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। କିନ୍ତୁ ରାତିରେ କମ୍ ବର୍ଷା ହେବ ବୋଲି କୁହାଯାଇଛି। ଖେଳ ଅପରାହ୍ଣ ୩ଟାରୁ ଆରମ୍ଭ ହେବ। ଏଣୁ ପଛରେ ବ୍ୟାଟିଂ କରିଥିବା ଦଳକୁ ଏଠାରେ ଫାଇଦା ମିଳିବ। ବର୍ଷା ଯୋଗୁ ଯଦି ଖେଳ ସମ୍ଭବ ନ ହୁଏ, ତେବେ ରିଜର୍ଭ ଡେ ଅର୍ଥାତ୍ ସୋମବାର ଖେଳାଯିବ। ଯେଉଁଠାରୁ ଖେଳ ବନ୍ଦ ରହିବ ସେହିଠାରୁ ରିଜର୍ଭ ଡେ'ରେ ଖେଳ ହେବ ବୋଲି ଆଇସିସି ପକ୍ଷରୁ ସ୍ପଷ୍ଟ କରାଯାଇଛି।

**ଖେଳ ଆରମ୍ଭ : ଅପରାହ୍ଣ ୩ଟା**
**ପ୍ରସାରଣ : ଷ୍ଟାରସ୍ପୋର୍ଟ୍ସ ନେଟ୍‌ୱର୍କ**
**ଲାଇଭ୍ ଷ୍ଟ୍ରିମିଂ : ଜିଓହଟ୍‌ଷ୍ଟାର**

# ଭାରତ-ଅଷ୍ଟ୍ରେଲିଆ ୩ୟ ଟି-୨୦ ଆଜି

ହୋବାର୍ଟ, ୧।୧୧ (ଏଜେନ୍ସି): ଅଷ୍ଟ୍ରେଲିଆ ଗସ୍ତରେ ଥିବା ଭାରତୀୟ ପୁରୁଷ କ୍ରିକେଟ୍ ଦଳ ଟି-୨୦ ସିରିଜର ତୃତୀୟ ମୁକାବିଲାରେ ରବିବାର ଘରୋଇ ଦଳକୁ ଭେଟିବ। ସ୍ଥାନୀୟ ବେଲେରିଭ ଓଭାଲ ଗ୍ରାଉଣ୍ଡରେ ଏହି ମ୍ୟାଚ୍ ଅପରାହ୍ଣ ୧ଟା ୪୫ ମିନିଟରେ ଆରମ୍ଭ ହେବ। ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ସିରିଜର ଏହି ୩ୟ ଟି-୨୦ ଉଭୟ ଦଳ ପାଇଁ ବେଶ୍ ଗୁରୁତ୍ୱବହନ କରୁଛି। ପୂର୍ବରୁ କାନବେରାରେ ଖେଳାଯାଇଥିବା ପ୍ରଥମ ମୁକାବିଲା ବର୍ଷା ଲାଗି ବାତିଲ ହୋଇଥିଲା। ଏହାପରେ ଶୁକ୍ରବାର ମେଲବୋର୍ଣ୍ଣରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚକୁ ଘରୋଇ ଅଷ୍ଟ୍ରେଲିଆ ୪୦ ବଲ୍ ଓ ୪ ୱିକେଟ୍ ବଳକା ଥାଇ ବିଜୟୀ ହୋଇଥିଲା। ଫଳରେ ସିରିଜରେ ଅଷ୍ଟ୍ରେଲିଆ ଏବେ ୧-୦ରେ ଅଗ୍ରଣୀ ରହିଛି। ମିଚେଲ ମାର୍ଶଙ୍କ ନେତୃତ୍ୱାଧୀନ ଘରୋଇ ଅଷ୍ଟ୍ରେଲିଆ ବିଜୟଧାରା ବଜାୟ ରଖିବା ଲକ୍ଷ୍ୟରେ ରହିଛି। ଯଦି ଅଷ୍ଟ୍ରେଲିଆ ଏହି ମୁକାବିଲାରେ ବିଜୟୀ ହୁଏ ତେବେ ଭାରତର ସିରିଜ ଜିତିବାର ଆଶା ମଉଳିଯିବ। ଶେଷ ଦୁଇ ଟି-୨୦ରେ ଭାରତ ବିଜୟୀ ହେଲେ ସିରିଜ ଡ୍ର ରହିବ ନ ହେଲେ ଅଷ୍ଟ୍ରେଲିଆ ବାଜିମାତ୍ କରିନେବ। ଏଭଳିସ୍ଥଳେ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱାଧୀନ ଭ୍ରମଣକାରୀ ଭାରତୀୟ ଦଳ ପାଇଁ ଏହି ତୃତୀୟ ଟି-୨୦ ବେଶ୍ ଗୁରୁତ୍ୱବହନ କରୁଛି। ମେଲବୋର୍ଣ୍ଣରେ ଅଷ୍ଟ୍ରେଲିଆ ଦ୍ରୁତ ବୋଲିଂ ଆଗରେ ଯେପରି ଭାରତୀୟ ବ୍ୟାଟର୍ ଆତ୍ମସମର୍ପଣ କଲେ ତାହା ଏବେ ଟିମ୍ ମ୍ୟାନେଜମେଣ୍ଟ ପାଇଁ ଚିନ୍ତାର କାରଣ ପାଲଟିଛି।

**ତୃତୀୟ ଟି-୨୦**
**ସ୍ଥାନ- ହୋବାର୍ଟ**
**ମ୍ୟାଚ ଆରମ୍ଭ: ଅପରାହ୍ଣ ୧ଟା ୪୫**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟୱର୍କ**

# ହସ୍ପିଟାଲରୁ ବାହାରିଲେ ଆୟର

ସିଡ୍‌ନୀ, ୧।୧୧ (ଏଜେନ୍ସି): ଭାରତୀୟ କ୍ରିକେଟର୍ ଶ୍ରେୟସ ଆୟରଙ୍କୁ ନେଇ ଖୁସି ଖବର ଆସିଛି। ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ଦିନିକିଆରେ ଫିଲ୍ଡିଂ ସମୟରେ ଛାତିରେ ଗୁରୁତର ଆଘାତ ଲାଗି ସିଡ୍‌ନୀରେ ଚିକିତ୍ସିତ ହେଉଥିବା ଆୟରଙ୍କୁ ଶନିବାର ହସ୍ପିଟାଲରୁ ରିଲିଜ କରାଯାଇଛି। କ୍ୟାଚ୍ ଧରିବାକୁ ଯାଇ ଆୟରଙ୍କ ପଞ୍ଜରାରେ ଆଘାତ ଲାଗି ଆଭ୍ୟନ୍ତରୀଣ ରକ୍ତକ୍ଷରଣ ହୋଇଥିଲା। ଯେଉଁଥି ପାଇଁ ସିଡ୍‌ନୀ ଏକ ହସ୍ପିଟାଲରେ ତାଙ୍କର ଜରୁରୀ ଅସ୍ତ୍ରୋପଚାର କରାଯାଇଥିଲା। ତାଙ୍କୁ ଏବେ ରିଲିଜ କରାଯାଇଥିବା ନେଇ ବିସିସିଆଇ ପକ୍ଷରୁ ସୂଚନା ଦିଆଯାଇଛି। ବିସିସିଆଇ ପକ୍ଷରୁ ଆହୁରି ମଧ୍ୟ କୁହାଯାଇଛି ଯେ ଆୟରଙ୍କ ସ୍ୱାସ୍ଥ୍ୟବସ୍ଥା ଏବେ ସ୍ଥିର ରହିଛି। ସେ ଧିରେ ଧିରେ ସୁସ୍ଥ ହେଉଛନ୍ତି। ବିସିସିଆଇର ମେଡିକାଲ ଟିମ୍ ସହ ସିଡ୍‌ନୀର ଏକ ଡାକ୍ତରୀ ଦଳ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ନଜର ରଖିଛି। ସେ ଏବେ ସିଡ୍‌ନୀରେ ରହିବେ। ଯେବେ ବିମାନରେ ବସିବା ଲାଗି ଉପଯୁକ୍ତ ହେବେ ସେତେବେଳେ ତାଙ୍କୁ ଭାରତ ଅଣାଯିବ ବୋଲି ବିସିସିଆଇ ପକ୍ଷରୁ କୁହାଯାଇଛି।

# ନିରାଶ କଲେ ଓଡ଼ିଶା ବୋଲର; ଆନ୍ଧ୍ର ୨୨୨/୩

**ବାରବାଟୀ ରଣଜୀ**

ଭୁବନେଶ୍ୱର, ୧।୧୧ (ସମିସ): ଘରୋଇ ଓଡ଼ିଶା ଓ ଆନ୍ଧ୍ର ପ୍ରଦେଶ ମଧ୍ୟରେ ଚଳିତ ରଣଜୀ ଟ୍ରଫି ମୁକାବିଲାର ତୃତୀୟ ରାଉଣ୍ଡ ପର୍ଯ୍ୟାୟ ମୁକାବିଲା ଶନିବାରଠାରୁ ବାରବାଟୀ ଷ୍ଟାଡିୟମରେ ଆରମ୍ଭ ହୋଇଛି। ଏହି ମ୍ୟାଚର ପ୍ରଥମ ଦିବସରେ ଘରୋଇ ଓଡ଼ିଶା ବୋଲର ନିରାଶ କରିଛନ୍ତି। ଟସ୍ ଜିତି ବ୍ୟାଟିଂ କରିଥିବା ଭ୍ରମଣକାରୀ ଆନ୍ଧ୍ର ପ୍ରଦେଶ ପ୍ରଥମ ଦିବସ ଖେଳ ଶେଷବେଳକୁ ୬୮ ଓଭରରେ ୩ ୱିକେଟ ହରାଇ ୨୨୨ ରନ ସଂଗ୍ରହ କରିଛି। ଖରାପ ଆଲୋକ ଯୋଗୁ ପ୍ରଥମ ଦିବସରେ ୨୨ ଓଭର ଖେଳ ସମ୍ଭବ ହୋଇପାରି ନ ଥିଲା।


ଭ୍ରମଣକାରୀ ଆନ୍ଧ୍ର ପ୍ରଦେଶ ପାଇଁ ଦୁଇ ଓପନର୍ ଶ୍ରୀକର ଭରତ ଓ ଅଭିଷେକ ରେଡ୍ଡୀ ଦମ୍‌ଦାର ଆରମ୍ଭ କରିଥିଲେ। ଉଭୟ ଓପନିଂ ୱିକେଟ୍ ଯୋଡ଼ିରେ ୧୬୧ ରନ ସଂଗ୍ରହ କରି ଘରୋଇ ଦଳର ବୋଲରଙ୍କୁ ନିରାଶ କରିଥିଲେ। ଭାରତୀୟ ଟେଷ୍ଟ ଦଳର ୱିକେଟ୍‌କିପର ଦାୟିତ୍ୱ ସମ୍ଭାଳିଥିବା ଶ୍ରୀକର ୯୩ ରନ କରି ଅଳ୍ପକେ ଶତକରୁ ବଞ୍ଚିତ ହୋଇଥିଲେ। ୧୨୯ ବଲର ଏହି ପାଳିରେ ସେ ୧୦ ଚୌକା ଓ ୩ଟି ଛକା ମାରିଥିଲେ। ଶ୍ରୀକରଙ୍କୁ ଆଉଟ୍ କରି ସମ୍ବିତ ବରାଳ ଓଡ଼ିଶାକୁ ପ୍ରତୀକ୍ଷିତ ବ୍ରେକ୍ ଥ୍ରୁ ଦେଇଥିଲେ। ଏହାପରେ ଦଳୀୟ ସ୍କୋର ୨୦୧ ରନ ହୋଇଥିବାବେଳେ ଓଡ଼ିଶାକୁ କ୍ରମାଗତ ୨ଟି ସଫଳତା ମିଳିଥିଲା। ଅନ୍ୟତମ ଓପନର୍ ଅଭିଷେକ ୭୬ ରନ କରି ପ୍ରଥମେ ବାଦଲ ବିଶ୍ୱାଳଙ୍କ ଶିକାର ବନିଥିଲେ। ଏହାପରେ କ୍ରିଜକୁ ଆସିଥିବା ଅଧିନାୟକ ରିକି ଭୁଇ ମଧ୍ୟ ୫ଟି ବଲ୍ ସାମ୍ନା କରି ନ ଥିଲେ ମଧ୍ୟ ଖାତା ଖୋଲି ନ ପାରି ସମ୍ବିତଙ୍କ ବଲରେ ଏଲ୍‌ବିଡବ୍ଲ୍ୟୁ ହୋଇଯାଇଥିଲେ। ତେବେ ସେକ୍ ରଶିଦ ଓ କିର୍ଦାନ୍ତ କରଣ ସିନ୍ଧେ ଦଳକୁ ଆଉ କ୍ଷତି ହେବାକୁ ଦେଇ ନ ଥିଲେ। ଖେଳ ଶେଷବେଳକୁ ରଶିଦ ୨୫ ଓ ସିନ୍ଧେ ୧୬ ରନ କରି ଖେଳୁଛନ୍ତି। ଘରୋଇ ଓଡ଼ିଶା ପାଇଁ ମଧ୍ୟଗତିର ଦ୍ରୁତ ବୋଲର ସମ୍ବିତ ସବୁଠୁ ସଫଳ ବୋଲର ରହି ୨ଟି ଓ ବାଦଲଙ୍କୁ ଗୋଟିଏ ୱିକେଟ୍ ମିଳିଥିଲା। ଏହି ମ୍ୟାଚରେ ଖେଳି ୱିକେଟ୍ କିପର ସୌରଭ ଗୌଡ଼ା ଓଡ଼ିଶା ପାଇଁ ପ୍ରଥମଶ୍ରେଣୀ କ୍ରିକେଟ୍‌ରେ ପଦାର୍ପଣ କରିଛନ୍ତି। ଓଡ଼ିଶା ପ୍ରଥମ ମ୍ୟାଚରେ ବରୋଦା ନିକଟରୁ ୭ ୱିକେଟ୍‌ରେ ପରାସ୍ତ ହୋଇଥିବାବେଳେ ଦ୍ୱିତୀୟ ମୁକାବିଲାରେ ୟୁପି ବିପକ୍ଷରେ ଗୋଟିଏ ପଏଣ୍ଟ ପାଇଛି।

## ଭାରତୀୟ ଟେନିସରେ ଏକ ଯୁଗର ଅନ୍ତ

# ୪୫ ବର୍ଷରେ ଅବସର ନେଲେ ବୋପନ୍ନା

ବେଙ୍ଗାଲୁରୁ, ୧।୧୧ (ଏଜେନ୍ସି): କିମ୍ବଦନ୍ତୀ ଟେନିସ ଖେଳାଳି ରୋହନ ବୋପନ୍ନା ଶେଷରେ ତାଙ୍କର ଦୁଇ ଦଶନ୍ଧିର ଜ୍ୱାଜଲ୍ୟମୟ କ୍ୟାରିୟରରେ ପୂର୍ଣ୍ଣଚ୍ଛେଦ ଟାଣି ଶନିବାର ଅବସର ଘୋଷଣା କରିଛନ୍ତି। ବୋପନ୍ନାଙ୍କ ଅବସର ସହ ଭାରତୀୟ ଟେନିସରେ ଏକ ଯୁଗର ଅବସାନ ଘଟିଛି। ବେଙ୍ଗାଲୁରୁ ଜନ୍ମିତ ୪୫ ବର୍ଷୀୟ ବୋପନ୍ନା ଶେଷଥର ଲାଗି ଗତ ୨୮ ତାରିଖରେ କାଜାଖସ୍ତାନର ଆଲେକ୍ସଜାଣ୍ଡର ବଲ୍‌ବିକଙ୍କୁ ସାଥୀ କରି ପ୍ୟାରିସ ମାଷ୍ଟର୍ସ ଟୁର୍ଣ୍ଣାମେଣ୍ଟ ଖେଳିଥିଲେ। ଯେଉଁଥିରେ ସେ ରାଉଣ୍ଡ-୩୨ରୁ ହାରି ବିଦାୟ ନେଇଥିଲେ।

ସାମାଜିକ ଗଣମାଧ୍ୟମ ଇନଷ୍ଟାଗ୍ରାମରେ ବୋପନ୍ନା ତାଙ୍କ ଅବସର ବାର୍ତ୍ତାରେ କହିଛନ୍ତି, 'ତୁମର ଜୀବନକୁ ଏପରି ଅର୍ଥ ଦେଇଥିବା ଜିନିଷକୁ ତୁମେ କିଭଳି ଅଲ୍‌ବିଦା କରିପାରିବ। ଅବିସ୍ମରଣୀୟ ୨୦ ବର୍ଷର ଯାତ୍ରା ପରେ ଏବେ ସମୟ ଆସିଯାଇଛି। ଅଫିସିଆଲ୍ ଭାବେ ମୁଁ ମୋ ର୍‌ୟାକେଟ୍ ଝୁଲାଇଦେଉଛି। ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବା ମୋ ଜୀବନର ସବୁଠୁ ବଡ଼ ସମ୍ମାନ ଥିଲା।'



### ୪୩ ବର୍ଷରେ ନଂ-୧ ଖେଳାଳି

ଗତବର୍ଷ ପ୍ରାରମ୍ଭରେ ବୋପନ୍ନା ୪୩ ବର୍ଷ ବୟସରେ ବିଶ୍ୱର ଏକ ନମ୍ବର ପୁରୁଷ ଡବଲ୍ସ ଖେଳାଳି ମାନ୍ୟତା ପାଇଥିଲେ। ଅଷ୍ଟ୍ରେଲିଆନ ଓପନ୍ କ୍ୱାର୍ଟର ଫାଇନାଲରେ ବିଜୟ ହାସଲ କରିବା ପରେ ସେ ଏହି ସଫଳତା ପାଇଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ସେ ମାଥ୍ୟୁ ଏବଡେନଙ୍କୁ ସାଥୀ କରି ଅଷ୍ଟ୍ରେଲିଆନ ଓପନ ଟ୍ରଫି ଜିତିଥିଲେ। ଫଳରେ ଓପନ୍ ଏରାରେ ବୟୋଜ୍ୟେଷ୍ଠ ଖେଳାଳି ଭାବେ ଗ୍ରାଣ୍ଡସ୍ଲାମ ଟାଇଟଲ୍ ଜିତିବାର ରେକର୍ଡ ବୋପନ୍ନାଙ୍କ ନାମରେ ଲିପିବଦ୍ଧ ହୋଇଥିଲା। ଏଥିପୂର୍ବରୁ ବୋପନ୍ନା ତାଙ୍କର ପ୍ରଥମ ଗ୍ରାଣ୍ଡସ୍ଲାମ ଟ୍ରଫି ୨୦୧୭ରେ ଫ୍ରେଞ୍ଚ ଓପନ୍ ମିକ୍ସଡ ଡବଲ୍ସରେ ହାସଲ କରିଥିଲେ।

### ଅଳ୍ପକେ ଅଲିମ୍ପିକ ପଦକରୁ ବଞ୍ଚିତ

ତିନିଥର (୨୦୧୨, ୨୦୧୬ ଓ ୨୦୨୪) ଅଲିମ୍ପିକ ଖେଳିବାର ସୌଭାଗ୍ୟ ଲାଭ କରିଥିବା ବୋପନ୍ନା ଅଳ୍ପକେ ପଦକ ଜିତିବାରୁ ବଞ୍ଚିତ ହୋଇଥିଲେ। ୨୦୧୬ ରିଓ ଅଲିମ୍ପିକ୍ସରେ ସାନିଆ ମିର୍ଜାଙ୍କୁ ସାଥୀ କରି ଖେଳିଥିବା ରୋହନ ମିକ୍ସଡ ଡବଲ୍ସରେ ୪ର୍ଥ ସ୍ଥାନ ହାସଲ କରିଥିଲେ। ବୋପନ୍ନା ୨୦୧୯ରେ 'ଅର୍ଜୁନ' ଓ ୨୦୨୪ରେ 'ପଦ୍ମଶ୍ରୀ' ପୁରସ୍କାର ଜିତିଥିଲେ।

# ଖେତବର, ନିର୍ମଳା ଜିତିଲେ ରାଜ୍ୟ ସ୍କୁଲଚେସ୍



ଭୁବନେଶ୍ୱର,୧।୧୧(ସମିସ): ଓଡ଼ିଶା ରାଜ୍ୟ ସ୍କୁଲ ସ୍ପୋର୍ଟ୍ସ ଆସୋସିଏସନ ଆନୁକୂଲ୍ୟରେ ୬୯ତମ ରାଜ୍ୟ ସ୍କୁଲ ସମୂହର ୧୭ ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାର ବାଳକ ବିଭାଗରେ ଭୁବନେଶ୍ୱରର ଖେତବର ମାଝୀ ଓ ବାଳିକା ବିଭାଗରେ ମଧ୍ୟ ଭୁବନେଶ୍ୱରର ନିର୍ମଳା କୁଲୁ ଚାମ୍ପିଅନ ହୋଇଛନ୍ତି। ବାଳକ ବିଭାଗରେ ଭୁବନେଶ୍ୱରର ଚେମ୍ବୁରୁ ହେମ୍ବ୍ରମ୍, ପୁରୀର ଆଦିତ୍ୟ ପଟ୍ଟନାୟକ, ଗଞ୍ଜାମର ବିଶାଳଜ୍ୟୋତି ପଣ୍ଡା ଓ କେନ୍ଦୁଝରର ଆଶୁତୋଷ ଖୁଣ୍ଟିଆ ଦ୍ୱିତୀୟରୁ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ବାଳିକା ବିଭାଗରେ ଗଞ୍ଜାମର ପ୍ରତ୍ୟୁଷାରାଣୀ କର, କଟକର ଜୟୀତା ବେହେରା, ସୁନ୍ଦରଗଡର ଭାଗ୍ୟଶ୍ରୀ ସିଂ ଓ କଳାହାଣ୍ଡିର ବବିତା ବେହେରା ଦ୍ୱିତୀୟରୁ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ପ୍ରଥମରୁ ପଞ୍ଚମ ସ୍ଥାନ ଅଧିକାର କରିଥିବା ଖେଳାଳିମାନେ ସର୍ବଭାରତୀୟ ୧୭ ବର୍ଷରୁ କମ୍ ସ୍କୁଲ ଚେସରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ପ୍ରତିଯୋଗିତା ତ୍ରିପୁରାର ଅଗରତାଲାରେ ଚଳିତମାସ ଖେଳାଯିବ। ଆର୍ବିଟର ଦେବାଶିଷ ପାଣିଗ୍ରାହୀ ଏହି ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଆର୍ବିଟର ସୌମ୍ୟକାନ୍ତ ସାହୁ, ବିଭୁଦତ୍ତ ରଥ, ଶ୍ରବଣ ପ୍ରଧାନ ଓ ସନ୍ତୋଷ ସାହୁ ତାଙ୍କୁ ସହାୟତା କରିଥିଲେ। ଖୋର୍ଦ୍ଧାର ବିଜେବି ହାଇସ୍କୁଲରେ ଏହି ପ୍ରତିଯୋଗିତା ୨ ଦିନ ଧରି ଆୟୋଜିତ ହୋଇଥିଲା। ଖେଳ ଶେଷରେ ଶାରିରୀକ ଶିକ୍ଷା ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଜ୍ୟୋତିପ୍ରସାଦ ପରିଡ଼ା ମୁଖ୍ୟ ଅତିଥି, ବିଏସ୍‌ଇର ନିର୍ଦ୍ଦେଶକ ବୀରେନ୍ଦ୍ର କୋରକୋରା, ଜିଲ୍ଲା ଶିକ୍ଷାଅଧିକାରୀ ସୋନାମିକା ରାୟ, ସହକାରୀ ଜିଲ୍ଲା ଶିକ୍ଷାଅଧିକାରୀ ପ୍ରଜ୍ଞାପାରମିତା ଜେନା ଅନ୍ୟତମ ଅତିଥିଭାବେ ଯୋଗଦେଇଥିଲେ।

# ଟାର୍ଗେଟ୍- ୨୭୫; ଭାରତ-ଏ ୧୧୯/୪

ବେଙ୍ଗାଲୁରୁ, ୧।୧୧ (ଏଜେନ୍ସି): ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା-ଏ ଓ ଭାରତ-ଏ ମଧ୍ୟରେ ଏଠାରେ ଚାଲିଥିବା ପ୍ରଥମ ଅନ୍‌ଅଫିସିଆଲ୍ ଟେଷ୍ଟ ରୋଚକସ୍ଥିତିରେ ପହଞ୍ଚିଛି। ୨୭୫ ରନର ଟାର୍ଗେଟ୍‌କୁ ପିଛା କରିଥିବା ଭାରତ-ଏ ଶନିବାର ତୃତୀୟ ଦିବସ ଷ୍ଟମ୍ପ ସୁଦ୍ଧା ୪ ୱିକେଟ୍ ହରାଇ ୧୧୯ ରନ ସଂଗ୍ରହ କରିଛି। ଆହତ ସମସ୍ୟାରୁ ସୁସ୍ଥ ହୋଇ ପ୍ରତ୍ୟାବର୍ତ୍ତନ କରିଥିବା ଅଧିନାୟକ ଋଷଭ ପନ୍ତ ୬୪ ରନ ଓ ଆୟୂଷ ବଦୋନୀ କୌଣସି ରନ ନ କରି କ୍ରିଜରେ ଅପରାଜିତ ରହିଛନ୍ତି। ରବିବାର ମ୍ୟାଚର ଅନ୍ତିମ ତଥା ୪ର୍ଥ ଦିବସ। ଭାରତକୁ ବିଜୟ ଲାଗି ବଳକା ୬ ୱିକେଟ୍‌ରେ ଆଉ ୧୫୬ ରନ ଆବଶ୍ୟକ। ୭୫ ରନରେ ଆଗୁଆ ଥିବା ଦ. ଆଫ୍ରିକା-ଏ ଶନିବାର ଦ୍ୱିତୀୟ ପାଳିରେ ୧୯୯ ରନ କରିଥିଲା।

GROOM WANTED
for Business Enturpuneer
Brahmin cast
Bride:- 25year, 5.4 feet,
Post Graduate, Father
Established Industrialist
of Eastern India /
Contact- 8984661780

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS